ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨/୨୦୧୮ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, September 2/ 2018 | ★★

୧୪ଶ ଭାଗ ୨୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ବିଫଳତାକୁ ଭୟ ନାହିଁ: ତାପସୀ

ମୁଁ ବିଫଳତାକୁ ଭୟ କରେନାହିଁ। ମୋର କଳା ପ୍ରଦର୍ଶନ ପରଦାରେ ପ୍ରତିଫଳିତ ହୁଏ ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।

୦୨

ଦ୍ରୁତ ବିକାଶ ଜାରି ରହିବ

ବିଶ୍ୱରେ ଦ୍ରୁତ ଅର୍ଥନୀତି ଭାବେ ଭାରତର ଅଗ୍ରଗତି ଜାରି ରହିବ। ତେବେ ଆଗାମୀ ତ୍ରୈମାସିକଗୁଡିକରେ ବିକାଶ ହାର ପ୍ରଭାବିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି।

୦୪

ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା
ରାଜ୍ୟର ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍
ମତ୍ସ୍ୟଜୀବୀ ପରିବାର ପାଇଁ ଗୃହ ନିର୍ମାଣ
ପରିବାରର ମେଧାବୀ ପିଲାଙ୍କୁ ଶିକ୍ଷା ସହାୟତା
ମତ୍ସ୍ୟଜୀବୀଙ୍କୁ ଦୁର୍ଘଟଣାଜନିତ ବୀମା ସହାୟତା
ସ୍ୱାବଲମ୍ବୀ ମହିଳା ମତ୍ସ୍ୟଜୀବୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା
ମତ୍ସ୍ୟ ବ୍ୟବସାୟ ପାଇଁ ବଜାର ଏବଂ କୋଲ୍ଡ ଚେନ୍ ସହାୟତା
ପାରମ୍ପରିକ ମତ୍ସ୍ୟଚାଷକୁ ପ୍ରୋତ୍ସାହନ ପାଇଁ 'ମୋ ମତ୍ସ୍ୟ ପୋଖରୀ' ଯୋଜନା

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର



@Naveen_Odisha CMO.Odisha @CMO_Odisha
15001/13/0187/1819
DADLS-90

■ ଭୋଟର ତାଲିକା ସଂଶୋଧନ ଆରମ୍ଭ

ବଞ୍ଚିତ ହେବେନି ଯୋଗ୍ୟ

ଭୁବନେଶ୍ୱର,୧।୯(ବ୍ୟୁରୋ)

କୌଣସି ଜଣେ ହେଲେ ଯୋଗ୍ୟ ବ୍ୟକ୍ତି ମତଦାନ ଅଧିକାରରୁ ବଞ୍ଚିତ ହେବେନାହିଁ। ଏହି ଲକ୍ଷ୍ୟ ରଖି ଭାରତର ନିର୍ବଚାନ କମିଶନ (ଇସିଆଇ) ଶନିବାରଠାରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା–୨୦୧୯ ଆରମ୍ଭ କରିଛନ୍ତି। ଏହା ଆସନ୍ତା ଅକ୍ଟୋବର ୩୧ ଯାଏ ଚାଲିବ। ଚୂଡାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ ତାରିଖରେ ପ୍ରକାଶ କରାଯିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଶନିବାର ଏହି ସୂଚନା ଦେଇଛନ୍ତି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁରେନ୍ଦ୍ର କୁମାର କହିଛନ୍ତି ଯେ, ସମସ୍ତ ଯୋଗ୍ୟ ବ୍ୟକ୍ତି ଯେଉଁମାନଙ୍କୁ ୧୮ ବର୍ଷ ହୋଇଥିବ, ସେମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ସେଥିପାଇଁ ରାଜ୍ୟର ସମସ୍ତ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଭୋଟର ତାଲିକାରେ ନିଜ ନାମ ସଂଯୋଗ କରିବାକୁ ଚାହୁଁଥିବା ବ୍ୟକ୍ତି ନିର୍ଦ୍ଧାରିତ ଫର୍ମରେ ସେପ୍ଟେମ୍ବର ପହିଲାରୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଆସନ୍ତା ନଭେମ୍ବର ୩୦ ମଧ୍ୟରେ ଆବେଦନକାରୀ ଆପତ୍ତି ଅଭିଯୋଗ କରିପାରିବେ। ସେହି ସମୟରେ

- ଅକ୍ଟୋବର ୩୧ ଯାଏ ଆବେଦନ
- ୨୦୧୯ ଜାନୁୟାରୀ ୪ରେ ପ୍ରକାଶ ପାଇବ ଚୂଡାନ୍ତ ତାଲିକା
- ଭୁଲ ତଥ୍ୟ ଦେଲେ ଜେଲ, ଜରିମାନା
- ଅଧିକାରୀ ତ୍ରୁଟି କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଫର୍ମ–୭ ଏବଂ ନାମ ସଂଶୋଧନ ପାଇଁ ଫର୍ମ–୮ରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

୨୦୧୮ ଫେବୃୟାରୀରେ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ୩୫ ହଜାର ୮୯୭ ମତଦାନ କେନ୍ଦ୍ର ଥିବାବେଳେ ସେଥିରୁ ୨୯୪ ବୁଥ୍‌କୁ ଅନ୍ୟ ବୁଥ୍‌ରେ ମିଶାଯାଇଛି କିମ୍ବା ଉଚ୍ଛେଦ କରାଯାଇଛି। ୨୦୦୪ ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି। ଏବେ ରାଜ୍ୟରେ ସମୁଦାୟ ୩୭ ହଜାର ୬୦୭ ପୋଲିଂ ବୁଥ୍ ରହିଛି। ୨୦୧୯ ଚିଠା ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ୩ କୋଟି ୧୨ ଲକ୍ଷ ୫୨ ହଜାର ୩୩୩ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ କୋଟି ୫୧ ଲକ୍ଷ ୩୬ ହଜାର ୦୩୬ ଜଣ ମହିଳା, ୧ କୋଟି ୬୧ ଲକ୍ଷ ୧୪ ହଜାର ୨୦୦ ପୁରୁଷ ଓ ୨୦୯୭ ଜଣ ଅନ୍ୟାନ୍ୟ ମତଦାତା ଅଛନ୍ତି। ବୁଥ୍‌ସ୍ତରରେ ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶ କରିବା ପାଇଁ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏ ପ୍ରତିନିଧି ନିଯୁକ୍ତି କରିବାକୁ ଦଳଗୁଡ଼ିକୁ ଅନୁରୋଧ କରାଯାଇଛି। ସଚେତନତା ସୃଷ୍ଟି କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ଅନୁରୋଧ କରାଯାଇଛି। ଯେଉଁ ମତଦାତାମାନେ ଦୁଇଟି ସ୍ଥାନରେ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିଥିବେ, ସେମାନେ ଯେକୌଣସି ଗୋଟିଏ ଜାଗାରୁ ନିଜର ନାମ ☞ପୃଷ୍ଠା–୪

ଭାରତକୁ ଆଉ ଦୁଇ ସ୍ୱର୍ଣ୍ଣ

କାକର୍ତ୍ତା,୧।୯(ପି.ଟି.) **ଏସିଆନ ଗେମ୍ସ**

ଚଳିତ ଏସିଆନ ଗେମ୍ସର ୧୪ତମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଆଉ ଦୁଇଟି ସ୍ୱର୍ଣ୍ଣ ସହ ୪ଟି ପଦକ ହାସଲ କରିଛନ୍ତି। ଉଭୟ ଯୁବ ଓ ବୟସ୍କ ପ୍ରତିଯୋଗୀମାନେ ଶନିବାର ଦମ୍‌ଦାର ପ୍ରଦର୍ଶନ କରି ଭାରତର ପଦକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟାଇଛନ୍ତି। ବକ୍ସିଂରେ ଅମିତ ପଙ୍ଘାଲ ଓ ବ୍ରିଜ୍‌ରେ ପ୍ରଣବ ବର୍ଦ୍ଧନ ଏବଂ ଶିବନାଥ ସରକାର ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୪୯ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ତାରକା ବକ୍ସର ଅମିତ ଅଲିମ୍ପିକ୍ସ ତଥା ଏସିଆନ ଚାମ୍ପିୟନ ଉଜ୍‌ବେକିସ୍ତାନର ହାସାନବଏ ଡୁସମାଟୋଭଙ୍କୁ ଫାଇନାଲରେ ☞ପୃଷ୍ଠା–୪

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଲଞ୍ଚ ହେଲା ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ

ନୂଆଦିଲ୍ଲୀ,୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି)ର ଶୁଭାରମ୍ଭ କରିଛନ୍ତି। ବ୍ୟାଙ୍କିଙ୍ଗ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଇପିପିବିକୁ ଗଠନ କରାଯାଇଛି। ଏହି ବ୍ୟାଙ୍କ ଜରିଆରେ ଟଙ୍କା ଜମା ରଖିବା, ଆଦାନପ୍ରଦାନ, ସରକାରଙ୍କ ଡିବିଟି କାର୍ଯ୍ୟକ୍ରମ ଅଧୀନରେ ସବ୍‌ସିଡି ଆଦି ପ୍ରଦାନ, ବିଲ୍ ଆଦି ପୈଠ କରିବା, ଏଣ୍ଟରପ୍ରାଇଜ ଏବଂ ମର୍ଚ୍ଚାଣ୍ଟ ପେମେଣ୍ଟ ସୁବିଧା ମିଳିପାରିବ। ସ୍ଥାନୀୟ ତାଲକୋଟରା ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଇପିପିବି ଯୋଗୁ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ।

■ଜମନକିରା ଆନ୍ଧ୍ରବ୍ୟାଙ୍କ ଡକାୟତି ଘଟଣା

କଲିକତାରୁ ୩ ଗିରଫ

ଗିରଫ ୩ ଡକାୟତ।

ସମ୍ବଲପୁର,୧।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜମନକିରାସ୍ଥିତ ଆନ୍ଧ୍ରବ୍ୟାଙ୍କ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। କଲିକତାର ଏକ ହୋଟେଲରୁ ପୋଲିସ ମୁଖ୍ୟ ଅଭିଯୁକ୍ତ ଉତ୍ତରପ୍ରଦେଶ ଗାଜିପୁର ଜିଲା ଭରଖୋଲ ଥାନା ଶ୍ରୀପୁର ଗ୍ରାମର ଗଙ୍ଗାସାଗର ରାୟ (୪୫), ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଦୁଲୁଣ୍ଡା ଗ୍ରାମର ବୁଦ୍ଧଦେବ ବିଶ୍ୱାଳ (୩୪) ଓ ବରଗଡ଼ ଜିଲା ଅମ୍ବାଭୋନା ଗ୍ରାମର ରାକେଶ ବେହେରା (୨୩)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧ଲକ୍ଷ ୭୫ ହଜାର ଟଙ୍କା, ୩ ☞ପୃଷ୍ଠା–୪

୩ରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ସମ୍ବଲପୁର,୧।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲଗ୍ନ ଚଳିତ ମାସ ୩ ତାରିଖରେ ଧାର୍ଯ୍ୟ କରାଯିବ। ଝାଡୁଆପଡ଼ା ବ୍ରହ୍ମପୁର ମନ୍ଦିର ପରିସରରେ ପଣ୍ଡିତମାନେ ଲଗ୍ନ ଧାର୍ଯ୍ୟ କରିବା ପରମ୍ପରା ରହିଛି। ଏଥିରେ ଶ୍ରୀବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତ ଓ ଜ୍ୟୋତିଷମାନେ ସାମିଲ ହେବେ। ଲଗ୍ନ ଧାର୍ଯ୍ୟ ପରେ ଝୁଲଣ ମଣ୍ଡପରେ ଉପବିଷ୍ଟ ଠାକୁରଙ୍କ ସମ୍ମୁଖରେ ଲଗ୍ନ ପାଠ କରାଯିବ। ଏହାପରେ ବ୍ରହ୍ମପୁରା ଠାକୁର ଓ ସମଲେଇଙ୍କଠାରେ ଲଗ୍ନ ପ୍ରଦାନ କରିବା ନୀତି ରହିଛି। ଶନିବାର ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ କମିଟି ପ୍ରବକ୍ତା ଅଭିଷେକ ବିଶ୍ର ଏକ ଖବରଦାତା ସମ୍ମିଳନୀରେ ଏହା ସୂଚୀତ କରିଛନ୍ତି।

ଜଷ୍ଟିସ୍ ଗୋଗୋଇ ହେବେ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧।୯ (ଆଇଏଏନ୍‌ଏସ୍)

ସୁପ୍ରିମକୋର୍ଟର ପରମ୍ପରା ରକ୍ଷାକରି ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଶନିବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନାମ ସୁପାରିସ କରିଛନ୍ତି। ସିଜେଆଇ ମିଶ୍ରଙ୍କ ପରେ ଜଷ୍ଟିସ୍ ଗୋଗୋଇ ହେଉଛନ୍ତି ସର୍ବୋଚ୍ଚ ଅଦାଲତର ବରିଷ୍ଠତମ ବିଚାରପତି। କେନ୍ଦ୍ର ସରକାର ଉକ୍ତ ସୁପାରିସକୁ ଅନୁମୋଦନ କରିବା ପରେ ଅକ୍ଟୋବର ୩ରେ ଜଷ୍ଟିସ୍ ଗୋଗୋଇ ସିଜେଆଇ ଭାବେ ଶପଥଗ୍ରହଣ କରିବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ☞ପୃଷ୍ଠା–୪

- ନାମ ସୁପାରିସ କଲେ ଜଷ୍ଟିସ୍ ଦୀପକ ମିଶ୍ର
- ଅକ୍ଟୋବର ୩ରେ ନୂଆ ସିଜେଆଇଙ୍କ ଶପଥ ଗ୍ରହଣ

ଆଜିର ସମ୍ପାଦକୀୟ

ନ୍ୟାୟର ଗତି କୁଆଡ଼େ

ଆଜିର ମନ୍ତବ୍ୟ

ଟେକ୍ନୋଲୋଜି ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସକ୍ଷମ କରିବ।

–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

ବିଧାୟକ ହେବା ପୂର୍ବରୁ ମୋ ପାଖରେ କୌଣସି ସକ୍ରିୟ ବ୍ୟାଙ୍କ ଆକାଉଣ୍ଟ ନ ଥିଲା। କାରଣ ବ୍ୟାଙ୍କରେ ରଖିବା ପାଇଁ ମୋ ପାଖରେ ସେତିକି ଅର୍ଥ ନ ଥିଲା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ସଂକ୍ଷେପରେ

ସୁପ୍ରିମକୋର୍ଟରେ ଇତିହାସର ପୁନରାବୃତ୍ତି
ସମସ୍ତ ମହିଳା ବିଚାରପତିଙ୍କ ଖଣ୍ଡପୀଠ

ନୂଆଦିଲ୍ଲୀ, ୧।୯(ପି.ଟି.): ନିଜେ ସୃଷ୍ଟି କରିଥିବା ଇତିହାସର ପୁନରାବୃତ୍ତି ଘଟାଇବାକୁ ଯାଉଛନ୍ତି ସୁପ୍ରିମ୍‌କୋର୍ଟ। ସେପ୍ଟେମ୍ବର ୫ରେ ସମସ୍ତ ମହିଳା ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରିବେ। ଉକ୍ତ ଖଣ୍ଡପୀଠରେ ଜଷ୍ଟିସ୍ ଆର୍. ବାନୁମଥୀ, ଇନ୍ଦିରା ବାନାର୍ଜୀ ସଦସ୍ୟତା କରିବେ। ୨୦୧୩ରେ ପ୍ରଥମ ଥର ପାଇଁ ଏକ ମାମଲାର ବିଚାର ଲାଗି ମହିଳା ଖଣ୍ଡପୀଠ ଗଠିତ ହୋଇଥିଲା। ଏଥିରେ ସଦସ୍ୟ ଥିଲେ ଜଷ୍ଟିସ୍ ଜ୍ଞାନ ସୁଧା ମିଶ୍ର ଏବଂ ରଞ୍ଜନା ପ୍ରକାଶ ଦେଶାଇ। ଗତ ଅଗଷ୍ଟରେ ଜଷ୍ଟିସ୍ ବାନାର୍ଜୀ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ଏକ ରେକର୍ଡ ସୃଷ୍ଟି ହୋଇଥିଲା। ପ୍ରଥମ କରି ସର୍ବୋଚ୍ଚ ଅଦାଲତରେ ଏକକାଳୀନ ତିନି ମହିଳା ବିଚାରପତି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଜଷ୍ଟିସ୍ ବାନୁମଥୀ ହେଉଛନ୍ତି ବରିଷ୍ଠତମ ମହିଳା ବିଚାରପତି। ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଭାବେ ନିଯୁକ୍ତି ପାଇ ଗୌରବ ଆଣିଥିଲେ ଜଷ୍ଟିସ୍ ଫାତିମା ବିବି। ସ୍ୱାଧୀନ ଭାରତରେ ଜଷ୍ଟିସ୍ ବାନାର୍ଜୀ ହେଉଛନ୍ତି ସର୍ବୋଚ୍ଚ ଅଦାଲତର ଅଷ୍ଟମ ମହିଳା ବିଚାରପତି।

୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୧।୯(ପି.ଟି.): ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଶନିବାର ସୁରକ୍ଷା ବାହିନୀଙ୍କ ସହ ଗୁଳିବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଜିଲାର ଦାନା ଅଞ୍ଚଳରେ ସେନା ଅପରେଶନ୍ ଆରମ୍ଭ କରିଥିଲା। ଆତଙ୍କବାଦୀଙ୍କୁ ନିପାତ କରିବା ପରେ ଅପରେଶନ୍ ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଶ୍ରୀନଗରସ୍ଥିତ ସେନା ମୁଖପାତ୍ର କଲୋନେଲ ରାଜେଶ କାଲିଆ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଗାଡ଼ି ବିକିବେ ଇମ୍ରାନ

ଇସ୍‌ଲାମାବାଦ, ୧।୯(ପି.ଟି.): ରାଜକୋଷର ଅଯଥା ଖର୍ଚ୍ଚ କାଟ୍ ଅଭିଯାନରେ ଆଉ ପାଦେ ଆଗେଇଛନ୍ତି ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ରହିଥିବା ବଳକା ବିଳାସପୂର୍ଣ୍ଣ ଗାଡ଼ିମୋଟର ବିକ୍ରି କରିବା ଲାଗି ଇମ୍ରାନ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୭ରେ ଗାଡ଼ିଗୁଡ଼ିକର ନିଲାମ ହେବ। ଗାଡ଼ିଗୁଡ଼ିକ ମଧ୍ୟରେ ରହିଛି ୮ଟି ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ, ୨୦୧୪ ମଡେଲ୍‌ର ୩ କାର୍, ୩ଟି ୫୦୦୦ସିସି ଏସ୍‌ୟୁଭି ଏବଂ ୨ଟି ୩୦୦୦ ସିସି ଏସ୍‌ୟୁଭି, ୨୦୧୬ ମଡେଲ୍‌ର ୪ ମର୍ସିଡିଜ୍ ବେଞ୍ଜ କାର୍, ୧୬ଟି ଟୋୟୋଟା କାର୍, ୪ ବୁଲେଟ୍ ପ୍ରୁଫ୍ ଲ୍ୟାଣ୍ଡ କ୍ରୁଜର୍ ଏବଂ ଆହୁରି ଅନେକ।

ଇତିହାସର ଆଇନାରେ

ସେପ୍ଟେମ୍ବର ୨ର ପ୍ରମୁଖ ଘଟଣା

୧୯୬୮ ସେପ୍ଟେମ୍ବର ୨ରେ ନାଇଜେରିଆରେ ଗୃହଯୁଦ୍ଧ ଚାଲିଥିବା ବେଳେ ଅପରେଶନ୍ ଓଏୟୁ ଆରମ୍ଭ ହୋଇଥିଲା। ନାଇଜେରିଆର ୩ଟି ମେରାଇନ୍ କମାଣ୍ଡୋ ଡିଭିଜନ୍(୩ଏସଡିଓ) ଓ ଦକ୍ଷିଣ ପୂର୍ବ ନାଇଜେରିଆର ୧୨ ଡିଭିଜନ୍ ବାଏଫ୍ରାନ୍ ସୈନିକଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏଥିରେ ଦୁଇପକ୍ଷରୁ ୨୫,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା।

୨୦୦୯ ସେପ୍ଟେମ୍ବର ୨ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କର ମୃତ୍ୟୁ ହୋଇଥିଲା। କୁରନୋଲଠାରୁ ୭୪ କିଲୋମିଟର ଦୂର ରୁଦ୍ରକୋଣ୍ଡା ପାହାଡରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ପ୍ରାଣ ହରାଇଥିଲେ। କଂଗ୍ରେସ ନେତା ରେଡ୍ଡୀ ୨୦୦୪ରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ରାଜ୍ୟର ୧୪ତମ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଭୂଗୋଳ ବଦଳାଇବାକୁ ସୌଦି ଆରବର ଉଦ୍ୟମ

ରିୟାଧ, ୧।୯

ଉପସାଗରୀୟ କ୍ଷେତ୍ରର ଭୂଗୋଳ ପରିବର୍ତ୍ତନ କରିବାକୁ ଯୋଜନା କରୁଛି ସୌଦି ଆରବ। ପଡ଼ୋଶୀ କାତାର ଉପଦ୍ୱୀପକୁ ଏକ ଦ୍ୱୀପରେ ପରିଣତ କରିବାକୁ ସୌଦିଆରବ ପ୍ରସ୍ତୁତି ଶେଷକରି ଦେଇଛି। ସୌଦି ଆରବ ଏବଂ କାତାର ମଧ୍ୟରେ କୂଟନୈତିକ ବିବାଦ ଲାଗିରହିଥିବାବେଳେ ଦୁଇଦେଶ ମଝିରେ ଏକ କେନାଲ ଖନନ ଲାଗି ଉପସାଗରୀୟ ସାମ୍ରାଜ୍ୟର ସରକାର ଯୋଜନା କରୁଛି। ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲ୍‌ମାନଙ୍କ ବରିଷ୍ଠ ଉପଦେଷ୍ଟା ସୌଦ୍ ଅଲ୍-କାହତାନୀ ଶନିବାର ଏ ନେଇ ସୂଚନା ଦେଇଛନ୍ତି। କାହତାନୀ କହିଛନ୍ତି, ପ୍ରସ୍ତାବିତ କେନାଲ ଖନନ ପ୍ରକଳ୍ପକୁ 'ସାଲ୍‌ୱା ଦ୍ୱୀପ ପ୍ରକଳ୍ପ' ନାମ ରଖାଯାଇଛି। ଯୋଜନା ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଅନୁମତି ମିଳିନାହିଁ। ଅନୁମତି ମିଳିଲେ ତୁରନ୍ତ ଏହା

କାତାରକୁ ଦ୍ୱୀପରେ ପରିଣତ କରିବାକୁ ଯୋଜନା

କାର୍ଯ୍ୟକାରୀ କରାଯିବ। ଐତିହାସିକ ସାଲ୍‌ୱା ପ୍ରୋଜେକ୍ଟ ଭୂଗୋଳ ପରିବର୍ତ୍ତନ କରିଦେବ। ଏହା ସୌଦି ମୁଖ୍ୟ ଭୂଖଣ୍ଡରୁ କାତାରକୁ ଛିନ୍ନ କରିବ ବୋଲି କାହତାନୀ କହିଛନ୍ତି। ପ୍ରସ୍ତାବିତ କେନାଲ ୬୦ କିଲୋମିଟର ଦୀର୍ଘ ଏବଂ ୨୦୦ ମିଟର ଓସାର ରହିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଆତଙ୍କବାଦକୁ ସମର୍ଥନ ଏବଂ ଇରାନ ସହ ଅତି ଘନିଷ୍ଠ ହେବା ଅଭିଯୋଗରେ ୨୦୧୭ରେ ସୌଦି ଆରବ, ୟୁଏଇ, ବାହାରିନ୍ ଏବଂ ଇଜିପ୍ଟ କାତାରଠାରୁ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲେ। ଏହାପରେ ଉପସାଗରୀୟ କ୍ଷେତ୍ରରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। କିନ୍ତୁ ସମସ୍ତ ଅଭିଯୋଗକୁ କାତାର ପକ୍ଷରୁ ଖଣ୍ଡନ କରାଯାଇଥିଲା।

■ ଗୁପ୍ତ ଚିଠିରୁ ପ୍ରମାଣ ମିଳିଥିବା ଦାବି

କଂଗ୍ରେସର ମାଓବାଦୀ ଲିଙ୍କ୍

ନୂଆଦିଲ୍ଲୀ, ୧।୯

କେନ୍ଦ୍ର ସରକାରଙ୍କ ବିରୋଧରେ ମାଓବାଦୀଙ୍କ ସାଂଘାତିକ ଷଡ଼ଯନ୍ତ୍ରର ଆଉ ଏକ ଚାଞ୍ଚଲ୍ୟକର ପ୍ରମାଣ ସାମ୍ନାକୁ ଆସିଛି। କର୍ମୀଙ୍କ ପରେ ଏବେ ରାଜନେତାଙ୍କ ମାଓବାଦୀ ଲିଙ୍କ୍ ପ୍ରକାଶ ପାଇଛି। କଂଗ୍ରେସ ଦଳ ସହ ମାଓବାଦୀଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଛି। ସିପିଆଇ (ମାଓବାଦୀ) ଗୋଷ୍ଠୀର ସହରୀ ଶାଖାର ଶୀର୍ଷସ୍ତରର କମ୍ରେଡ୍‌ମାନେ ଦୁଇଜଣ କଂଗ୍ରେସ ନେତାଙ୍କ ସହ ସାକ୍ଷାତ୍ କରିଥିବା ସୂତ୍ରରୁ ପ୍ରକାଶ। ଭୀମା- କୋରେଗାଓଁ ହିଂସା ଘଟଣାର ତଦନ୍ତ ବେଳେ

ପୋଲିସକୁ ଏ ନେଇ ପ୍ରମାଣ ମିଳିଥିବା ଜଣାପଡ଼ିଛି। ପୋଲିସ ଏ ବିଷୟରେ କିଛି ସ୍ପଷ୍ଟ କରି ନ ଥିଲେ ସୁଦ୍ଧା ମାଓବାଦୀଙ୍କ ସହ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ସମ୍ପର୍କିତ କିଛି ଚିଠି ହସ୍ତଗତ ହୋଇଥିବା କେତେକ ଜାତୀୟ ଗଣମାଧ୍ୟମରେ ଦାବି କରାଯାଇଛି। ଗୃହବନ୍ଦୀ ହୋଇଥିବା କର୍ମୀଙ୍କୁ ହାଜତକୁ ଅଣାଯିବା ପରେ କଂଗ୍ରେସ ନେତାଙ୍କୁ ପୋଲିସ ସମନ୍ କରିପାରେ ବୋଲି କୁହାଯାଉଛି। ସୂତ୍ର ଅନୁଯାୟୀ, ମାଓବାଦୀମାନେ ନଭେମ୍ବର ୨୦୧୭ରୁ ମେ ୨୦୧୮ଯାଏ ଅନବରତ କଂଗ୍ରେସର କେତେଜଣ ନେତାଙ୍କ ସମ୍ପର୍କରେ ରହିଥିଲେ। କଂଗ୍ରେସ ନେତା ଏବଂ ମାଓବାଦୀଙ୍କ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇରେ ଅନେକ ବୈଠକ ହୋଇଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ପାଇଁ ମାଓବାଦୀଙ୍କୁ ଆର୍ଥିକ ଏବଂ ଆଇନଗତ ସହଯୋଗ ଲାଗି ଏଥିରେ ଆଲୋଚନା ହୋଇଥିଲା। ତେବେ ଏହି ଆଲୋଚନା କୌଣସି ସଶସ୍ତ୍ର ସଂଘର୍ଷ କିମ୍ବା ସରକାରଙ୍କୁ ଗାଦିଚ୍ୟୁତ କରିବା ନେଇ ହୋଇ ନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟ ମଧ୍ୟରେ ଗୁପ୍ତ ଆଲୋଚନା କରିବା ଲାଗି ସମ୍ପୃକ୍ତ ଦୁଇ କଂଗ୍ରେସ ନେତା ପ୍ରୋକ୍ସି ମୋବାଇଲ ନମ୍ବର ବ୍ୟବହାର କରୁଥିବା ରିପୋର୍ଟରେ କୁହାଯାଇଛି।

ମାଓବାଦୀ ସହରମୁହାଁ

ନୂଆଦିଲ୍ଲୀ, ୧।୯: ଘଞ୍ଚ ଜଙ୍ଗଲ ତଥା ବିଚ୍ଛିନ୍ନ ଗ୍ରାମାଞ୍ଚଳରେ ସକ୍ରିୟ ରହିଥିବା ମାଓବାଦୀ ଏବେ ସହରକୁ ପ୍ରବେଶ କରିସାରିଲେଣି। କେନ୍ଦ୍ର ସରକାରଙ୍କ ମାଓବାଦୀ ନିରୋଧୀ ଅଭିଯାନ ଯୋଗୁ ସେମାନେ ସହରମୁହାଁ ହୋଇ ଏବେ ଜନମତକୁ ପ୍ରଭାବିତ କରିବାରେ ଲାଗିଛନ୍ତି। ସହରୀ ଭାରତରେ

ସେମାନେ ନିଜର ବିଚାରାଧାରା ପ୍ରସାର କରିବା ଆରମ୍ଭ କରିଛନ୍ତି ବୋଲି ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପ୍ରକାଶ କରିଛନ୍ତି। ରାଜନାଥ କହିଛନ୍ତି, ପୂର୍ବରୁ ୧୨୬ଟି ଜିଲା ମାଓବାଦରେ ପ୍ରଭାବିତ ଥିଲା। ବର୍ତ୍ତମାନ ଏହା ୧୦-୧୨ ମଧ୍ୟରେ ସଙ୍କୁଚିତ ହୋଇଛି। ଏଣୁ ବର୍ତ୍ତମାନ ମାଓବାଦୀମାନେ ଏକ ନୂଆ ରଣନୀତି ଆପଣାଇଛନ୍ତି। ମାଓବାଦୀଙ୍କ ସହରମୁହାଁ ନୀତି ବିଷୟରେ ଗୋଇନ୍ଦା ସୂଚନା ହସ୍ତଗତ ହୋଇଛି ବୋଲି ରାଜନାଥ କହିଛନ୍ତି। ଭୀମା-କୋରେଗାଓଁ ହିଂସା ଘଟଣାରେ ୫ ମାନବାଧିକାର କର୍ମୀଙ୍କ ଗିରଫଦାରିକୁ ରାଜନାଥ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି।

ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସୁଗମ ପର୍ଯ୍ୟବେକ୍ଷକ

ରାୟପୁର, ୧।୯

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ନିର୍ବାଚନ କମିଶନ (ଇସି)। ଦିବ୍ୟାଙ୍ଗ ଓ ନିହାତି ସହଯୋଗ କାମନା କରୁଥିବା ଅନ୍ୟ ଭୋଟରଙ୍କ ପାଇଁ ପ୍ରଥମ ଥର ଲାଗି ସୁଗମ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଶନିବାର ରାୟପୁରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍। ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟକ ଦିବ୍ୟାଙ୍ଗଙ୍କୁ ସାମିଲ କରିବା ଏବଂ ମତଦାନ ବେଳେ ସେମାନଙ୍କୁ ସହଯୋଗ କରିବା ନିମିତ୍ତ ସୁଗମ ପର୍ଯ୍ୟବେକ୍ଷକଙ୍କୁ ଇସି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଏମାନେ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରିବା ସହ ଭୋଟକେନ୍ଦ୍ରରେ ପହଞ୍ଚିବା ଲାଗି ସେମାନଙ୍କୁ ହ୍ୱିଲ୍‌ଚେୟାର ଯୋଗାଇଦେବେ।

ଚଳିତବର୍ଷ ଶେଷଭାଗ ଆଡ଼କୁ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ହେବ। ଏଥିଲାଗି ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ କମିଶନଙ୍କ ପୂରା ଟିମ୍ ଏହି ରାଜ୍ୟକୁ ଦୁଇଦିନ ଗସ୍ତ କରି ବିଭିନ୍ନ ଦଳ ସହ ଆଲୋଚନା କରିଛନ୍ତି। ଏହାପରେ ଶନିବାର ସିଇସି ରାୱତ୍ କହିଛନ୍ତି ଯେ, ନିର୍ବାଚନରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯିବ। ଯେଉଁ ସ୍ଥାନରେ ଇଣ୍ଟରନେଟ ସେବା ଉପଲବ୍ଧ ହେବ ସେଠାରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବ। ସୁରୁଖୁରରେ ନିର୍ବାଚନ କରାଇବା ପାଇଁ ସବୁ ସ୍ତର ଉପରେ ପର୍ଯ୍ୟବେକ୍ଷଣ କରିବାରେ ଏହା ବେଶ୍ ସହାୟକ ହେବ। ଖାଲି ସେତିକି ନୁହେଁ, ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଭୋଟବେଳେ ପୋଲିଂ ପାର୍ଟିଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ହେବ। ଇଭିଏମ୍ ମେଶିନ ସହ ନିର୍ବାଚନ ଅଧିକାରୀମାନେ ଯେପରି ଫେରନ୍ତି ସେଥିପାଇଁ ହେଲିକପ୍ଟର ମୁତୟନ ହେବ ବୋଲି ରାୱତ୍ କହିଛନ୍ତି। ଛତିଶଗଡ଼ ବିଧାନସଭା ନିର୍ବାଚନ ତାରିଖକୁ ଘୁଞ୍ଚାଇ ୨୦୧୯ ଲୋକ ସଭା ନିର୍ବାଚନ ସହିତ କରାଯିବ ବୋଲି ଯେଉଁ ଚର୍ଚ୍ଚା ଜୋର୍ ଧରିଛି, ତାହାକୁ ସିଇସି ଖଣ୍ଡନ କରିଛନ୍ତି।

ଫୁରସତ

ସ୍ପେସ୍ ଷ୍ଟେଶନ୍‌ରେ ଛିଦ୍ର

ୱାଶିଂଟନ୍: କ୍ୟାବିନ୍ ଚାପ ହ୍ରାସପାଇବା କାରଣରୁ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଛିଦ୍ର ସୃଷ୍ଟି ହୋଇଛି। ମହାକାଶଚାରୀମାନେ ଏଥିଯୋଗୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା ନାସା ପକ୍ଷରୁ ଏକ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଆଇଏସ୍‌ଏସ୍‌ରେ ୩ଟି ସ୍ପେସ୍‌ଶିପ୍ ସଂଯୁକ୍ତ ରହିଛି। ସେଗୁଡ଼ିକ ହେଉଛି ପ୍ରୋଗ୍ରେସ ୭୦ ରିସପ୍ଲାଏ ଶିପ୍, ସୋୟୁଜ ଏମ୍‌ଏସ୍-୦୮ ଏବଂ ଏମ୍‌ଏସ୍-୦୯ କ୍ରିଉ ଶିପ୍। ବୁଧବାର ରାତିରେ ଫ୍ଲାଇଟ୍ କଣ୍ଟ୍ରୋଲରମାନେ ରସିଆନ୍ ସୋୟୁଜ୍ ସ୍ପେସ୍‌କ୍ରାଫ୍ଟ ଦୁଇଟି ମଧ୍ୟରୁ ଗୋଟିଏରେ ଏକ ଛିଦ୍ର ଦେଖିବାକୁ ପାଇଥିଲେ। କ୍ୟାବିନ୍ ଚାପ ସାମାନ୍ୟ ହ୍ରାସ ପାଇବା କାରଣରୁ ଉକ୍ତ ଛିଦ୍ର ସୃଷ୍ଟି ହୋଇଥିବା ନାସା ବୈଜ୍ଞାନିକ ମାର୍କ ଗାର୍ସିଆ ଗୁରୁବାର ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫ୍ଲାଇଟ୍ କଣ୍ଟ୍ରୋଲରମାନେ ଗୁରୁବାର ରାତିରେ ଏହାକୁ ଦେଖିବା ପରେ କୌଣସି ବିପଦ ନାହିଁ ବୋଲି ନିଶ୍ଚିତ ହୋଇଥିଲେ।

ଉତ୍ତମ ସ୍ୱାସ୍ଥ୍ୟ, ସମ୍ପଦ ପାଇଁ ନଡ଼ିଆ

ରାୟପୁର: ବିଶ୍ୱ ନାରିକେଳ ଦିବସର ବାର୍ତ୍ତା ହେଉଛି- 'ଉତ୍ତମ ସ୍ୱାସ୍ଥ୍ୟ, ସମ୍ପଦ ଏବଂ ସନ୍ତୋଷ ପାଇଁ ନାରିକେଳ।' ପ୍ରତିବର୍ଷ ସେପ୍ଟେମ୍ବର ୨ରେ ବିଶ୍ୱ ନାରିକେଳ ଦିବସ ପାଳନ କରାଯାଏ। ଏସିଆନ୍ ପ୍ୟାସିଫିକ୍ କକୋନଟ୍ କମ୍ୟୁନିଟି (ଏପିସିସି)ର ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ଏହା ପାଳିତ ହୁଏ। ଏପିସିସି ହେଉଛି ଏକ ଆନ୍ତଃ-ସରକାରୀ ସଂଗଠନ। ଏଥିରେ ବିଶ୍ୱର ୧୮ଟି ରାଷ୍ଟ୍ର ସଦସ୍ୟଭୁକ୍ତ ଅଛନ୍ତି। ୧୯୬୮ ଡିସେମ୍ବର ୨୨ରେ ବ୍ୟାଙ୍କକ୍‌ଠାରେ ଏସିଆନ୍ କୋକୋନଟ୍ କମ୍ୟୁନିଟି ଗଠନ କରାଯିବା ସହିତ ଏ ସଂକ୍ରାନ୍ତୀୟ ଏକ ଚୁକ୍ତିନାମାରେ ଭାରତ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ସ୍ୱାକ୍ଷର କରିଥିଲେ। ଏହାପରେ ଅନ୍ୟ

ରାଷ୍ଟ୍ରଗୁଡିକ ସଦସ୍ୟ ହୋଇଥିଲେ। ଏହାର ମୁଖ୍ୟ କାର୍ଯ୍ୟାଳୟ ଜାକର୍ତ୍ତା। ସର୍ବାଧିକ ଅର୍ଥନୈତିକ ପ୍ରଗତି ହାସଲ ଲାଗି ଏସୀୟ ପ୍ୟାସିଫିକ୍ ଅଞ୍ଚଳରେ ନାରିକେଳ ଉନ୍ନୟନ କାର୍ଯ୍ୟକ୍ରମକୁ ଆଗେଇନେବା, ସମନ୍ୱିତ ଏବଂ ସୁସଂଗତ ଭାବରେ କାର୍ଯ୍ୟ କରିବା ଏହି ଦିବସର ଲକ୍ଷ୍ୟ। ଏପିସିସିର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂ ଛତିଶଗଡର ରାୟପୁରସ୍ଥିତ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟରେ ବିଶ୍ୱ ନାରିକେଳ ଦିବସ-୨୦୧୮ ଉଦ୍‌ଘାଟନ କରିବେ। ଛତିଶଗଡ ସରକାରଙ୍କ ଉଦ୍ୟାନକୃଷି ବିଭାଗର ସହଯୋଗରେ କୋକୋନଟ୍ ଡେଭଲପମେଣ୍ଟ ବୋର୍ଡ ଏହି ଦିବସ ପାଳନ କରୁଛି। ପାଖାପାଖି ୫୦୦ ନଡିଆ ଚାଷୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ନଡିଆ ଚାଷ, ନଡିଆର ବିଭିନ୍ନ ଉତ୍ପାଦ ପାଇଁ ବ୍ୟବହାର ହେଉଥିବା ସର୍ବଶେଷ ଜ୍ଞାନକୌଶଳ ସମ୍ପର୍କରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୦.୫	୨୩.୬
ଚାନ୍ଦବାଲି	୩୦.୬	୨୩.୯
କଟକ	୩୧.୪	୨୨.୮
ପାରାଦ୍ୱୀପ	୩୦.୨	୨୪.୪
ଭୁବନେଶ୍ୱର	୩୦.୫	୨୩.୬
ଗୋପାଳପୁର	୩୧.୬	୨୫.୮
ପୁରୀ	୩୦.୦	୨୩.୬
ଅନୁଗୋଳ	୩୦.୧	୨୨.୦
ବାରିପଦା	୩୨.୪	୨୬.୪
ଝାରସୁଗୁଡ଼ା	୩୦.୬	୨୪.୯
କେନ୍ଦୁଝର	୩୧.୨	୨୩.୨
ସମ୍ବଲପୁର	୩୦.୩	୨୩.୦
ସୁନ୍ଦରଗଡ଼	---	୧୮.୦
ହୀରାକୁଦ	୩୦.୬	୨୧.୪
ତାଲଚେର	୩୦.୬	୨୫.୧
ଭବାନୀପାଟଣା	୩୧.୦	୨୫.୪
ବଲାଙ୍ଗୀର	୩୦.୫	୨୪.୫
କୋରାପୁଟ	୨୩.୦	୨୦.୨
ଫୁଲବାଣୀ	---	୨୦.୨
ଚି

ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

Ratikant Mohapatra
Odissi Artiste

PLEDGE 'PLASTIC-FREE' ODISHA

#PlasticFreeOdisha ଧରିତ୍ରୀ DHARITRI TEAM

02 OCTOBER

ସଂକ୍ଷେପରେ

ଆଜି ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ

- ଚକାପାଦ ଚଳଚଞ୍ଚଳ
- ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା

ଶଙ୍କରାଖୋଲ,୧।୯(ଡି.ଏନ.ଏ.): କନ୍ଧମାଳ ଜିଲା ଚକାପାଦଠାରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମରେ ରବିବାର ଜନ୍ମାଷ୍ଟମୀ ପାଳନ କରାଯିବ। ଏଥିପାଇଁ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯିବା ସହ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଲକ୍ଷ୍ମଣାନନ୍ଦଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଆଶ୍ରମ ପରିସରରେ ପହଞ୍ଚି ସ୍ୱାମୀଜୀଙ୍କ ଶ୍ରାଦ୍ଧ ଦିବସ କିପରି ପାଳନ କରାଯିବ ତା'ର ତଦାରଖ କରିଛନ୍ତି। ଆୟୋଜନ ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାମିଜୀଙ୍କର ଶ୍ରାଦ୍ଧ ଦିବସକୁ ଦୃଷ୍ଟିରେ ରଖି କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଟିକାବାଲି ତେଙ୍ଗେଡାପଥର ଛକ, ଶଙ୍କରାଖୋଲ, ଜଲେଶପଟ୍ଟା ଓ ଚକାପାଦକୁ ବିଭିନ୍ନ ପଟୁ ପ୍ରବେଶ କରୁଥିବା ଯାନବାହନ ଟିକାବାଲି ଓ ଚକାପାଦ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଚକାପାଦର ଅତିରିକ୍ତ ଏସ୍‌ପି ଉତ୍ପଳ କୁମାର ଦାସ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନା ଅଧିକାରୀ ସତ୍ୟଭାମା ବେହେରାଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ରହି ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି। ଚକାପାଦ ନିକଟ ବରିଡିକିଆ ଗ୍ରାମରେ ଜନ୍ମାଷ୍ଟମୀ ପାଇଁ ଶନିବାର କଳସଯାତ୍ରା ଶେଷ ହୋଇଥିବାବେଳେ ହନୁମାନ ଚାଲିଶା ପାଠ ଚାଲିଛି।



ହକି ଦଳର ୪ ଝିଅଙ୍କୁ କୋଟିଏ ଲେଖାଏ

ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୯(ବ୍ୟୁରୋ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ମହିଳା ହକି ଦଳରେ ପ୍ରତିନିଧିତ୍ୱ କରିଥିବା ସମସ୍ତ ଓଡ଼ିଆ ଖେଳାଳିଙ୍କ ପାଇଁ ଶନିବାର କୋଟିଏ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛନ୍ତି। ହକି ତାରକା ସୁନୀତା ଲାକ୍ରା, ନମିତା ଟପ୍ପୋ, ନୀଲିମା ମିଞ୍ଜ ଏବଂ ଦୀପ ଗ୍ରେସ ଏକ୍କା ପ୍ରତ୍ୟେକ କୋଟିଏ ଟଙ୍କା ଲେଖାଏ ପୁରସ୍କାର ପାଇବେ। ଭାରତୀୟ ମହିଳା ହକି ଦଳ ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ପାଇଥିଲା। ଦୀର୍ଘ ୨୦ ବର୍ଷର ବ୍ୟବଧାନ ପରେ ମହିଳା ଦଳ ଏହି ସଫଳତା ଲାଭ କରିଛି। ଏସିଆନ୍ ଗେମ୍ସ-୨୦୧୮ ସଂସ୍କରଣରେ ପୁରୁଷ ହକି ଦଳ ପଡୋଶୀ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ଜିତିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସଂଶୋଧିତ ନୀତି ଅନୁଯାୟୀ ଏସିଆନ୍ ଗେମ୍ସ ପଦକ ବିଜେତା ପ୍ରଶିକ୍ଷକମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ପଦକ ବିଜେତା ପାଉଥିବା ଅର୍ଥ ରାଶିର ୨୦ % ଅର୍ଥ ପୁରସ୍କାର ଭାବେ ପ୍ରଦାନ କରାଯିବ।

■ ଆମେରିକା ଭିଜା ଦୁର୍ନୀତି ମାମଲା

ଓଡ଼ିଆ ସିଇଓ ଗିରଫ

ନ୍ୟୁୟର୍କ,୧।୯

ଆମେରିକାରେ ଡାଇଭେନ୍ସି ଓ ଆଜିମେଟ୍ରି ନାମରେ ଦୁଇଟି କମ୍ପାନୀରେ ସିଇଓ ଥିବା ଓଡ଼ିଆ ଯୁବକ ପ୍ରଦ୍ୟୁମ୍ନ କୁମାର ସାମଲଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଜାଲ୍ କାଗଜପତ୍ର ଜରିଆରେ ୨୦୦ ଜଣ ବିଦେଶୀଙ୍କୁ ଏଚ୍-୧ବି ଓ ଅନ୍ୟ ଭିଜା ଦେବାରେ ସହାୟତା କରିଥିବା ଅଭିଯୋଗ ହୋଇଛି। ଗତ ଏପ୍ରିଲରେ ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ସେ ଫେରାର ହୋଇଯାଇଥିଲେ। ଗତ ସପ୍ତାହରେ ସିଆଟଲ ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୱାଶିଂଟନରେ ସେ ୨୦୧୦ ଓ ୨୦୧୧ରେ ଦୁଇଟି କମ୍ପାନୀ ଖୋଲି ବେଞ୍ଚ ଆଣ୍ଡ ସ୍ପିର୍ ସ୍କିମ ଜରିଆରେ ଭିଜା ପ୍ରଦାନ କରିବାରେ ସହାୟତା କରିଥିଲେ। ସିଆଟଲ ନିକଟରେ ବେଲେଭ୍ୟୁ ଠାରେ ଡିଭେନ୍ସି ଏବଂ ଆଜିମେଟ୍ରି ନାମକ କମ୍ପାନୀରେ ସେ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଭାବେ କାର୍ଯ୍ୟ କରିଥିଲେ। ନିଯୁକ୍ତି ନ ଦେଇ ବିଦେଶୀ ଆଇଟି ପ୍ରଫେଶନାଲଙ୍କ ଠାରୁ ଅର୍ଥ ଆଦାୟ କରୁଥିଲେ ବୋଲି ଶ୍ରୀ ସାମଲଙ୍କ ବିରୋଧରେ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ୨୦୧୫ରେ ଭିଜା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଦୁଇ କମ୍ପାନୀ ଆମେରିକାର ବଡ଼ ବଡ଼ କର୍ପୋରେଟକୁ ସଫ୍ଟୱେର ପ୍ରଫେଶନାଲ ଯୋଗାଉଥିଲା।

■ ବନ୍ଦ ହେଲା ୫ ଗେଟ୍

ହୀରାକୁଦ ଡ୍ୟାମ ଜଳସ୍ତର ୬୨୩.୪୧ ଫୁଟ

ସମ୍ବଲପୁର,୧।୯(ବ୍ୟୁରୋ)

ହୀରାକୁଦ ଡ୍ୟାମର ଜଳସ୍ତର ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୩. ୪୧ଫୁଟ ରହିଛି। ଡ୍ୟାମ ଉପର ମୁଣ୍ଡରେ ଗତ ଶୁକ୍ରବାର ଅପେକ୍ଷା ଶନିବାର ବର୍ଷା କମିଛି । ଏଣୁ ଡ୍ୟାମକୁ ଜଳ ପ୍ରବେଶ ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ୫ ସ୍ଲୁଇସ୍ ଗେଟ ବନ୍ଦ କରାଯାଇଛି। ଡ୍ୟାମ ବାମ ପାର୍ଶ୍ୱ ୭ ଓ ଡାହାଣ ପାର୍ଶ୍ୱ ୩ ସ୍ଲୁଇସ୍ ଗେଟ) ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୩୪ କ୍ୟୁସେକ୍ ଜଳ ଡ୍ୟାମକୁ ପ୍ରବେଶ କରୁଛି । ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୦ ସ୍ଲୁଇସ ଗେଟ୍ ସହ ବରଗଡ଼, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ୍ ମାଧ୍ୟମରେ ୧, ୭୫, ୯୧୪ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୨୫.୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କୁଚିଣ୍ଡାରେ ୩.୨, ବାମରାରେ ୮.୭, ରେଢ଼ାଖୋଲ ରେ ୩.୦, ମାନେଶ୍ୱରରେ ୧.୦, ନାକତିଦେଉଳ, ଧନକଉଡ଼ା ଓ ଜମନକିରାରେ ଯଥାକ୍ରମେ ୫.୦, ୩.୪, ଜମନକିରା ୧.୪ ମିମି ବର୍ଷା ହୋଇଛି । ଯୁଯୁମୁରା ଓ ରେଙ୍ଗାଲି ଅଞ୍ଚଳରେ ବର୍ଷା ହୋଇ ନଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି ।

ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଉତ୍ତର ଭାରତରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୩ ଓ ୪ ତାରିଖରେ ବର୍ଷା ପରିମାଣ ହ୍ରାସ ପାଇବ। ପୁଣି ୫ ଓ ୬ ତାରିଖରେ ବର୍ଷା ବଢିବା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

DHABALESWAR DEGREE COLLEGE, MOHANGIRI
At/P.O.: Mohangiri, Via/P.S.- M.Rampur, Dist.- Kalahandi, Odisha, PIN - 766102
ADVERTISEMENT
Applications are invited from the eligible candidates for following posts.

Sl. No.	Name of the Post	No. of Post	Educational Qualification
1	Lect. in Political Science	1	M.A. with M.Phil and/or Ph.D. with 55% marks
2	Demonstrator in Education	1	B.A. Education (H)
3	Data Entry Operator (DEO)	1	Graduate with PGDCA or BCA
4	Peon	1	+2 Pass
5	Night Watcher-cum-Sweeper	1	10th Pass

Eligible candidates are requested to apply within 15 days of this publication along with complete Bio-data and photo copies of all testimonials.
Sd./- Secretary
Dhabaleswar Degree College, Mohangiri
Mob. No.: 8917578937, 9438155769

■ ମୋମୋ ଚ୍ୟାଲେଞ୍ଜ: କ୍ରାଇମବ୍ରାଞ୍ଚର ପରାମର୍ଶ

ପରିବାର ଲୋକେ ପିଲାଙ୍କ ଗତିବିଧି ଉପରେ ନଜର ରଖନ୍ତୁ

ଅଜଣା ନମ୍ବରଠାରୁ ଦୂରେଇ ରୁହନ୍ତୁ

କଟକ ଅଫିସ,୧।୯

'ବ୍ଲୁ ହ୍ୱେଲ' ପରେ ଏବେ ଚିନ୍ତା ବଢ଼ାଇଛି 'ମୋମୋ ଚ୍ୟାଲେଞ୍ଜ' ଖେଳ। ସୋସିଆଲ ମିଡିଆରେ ଏଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରି ଅଳ୍ପବୟସ୍କ ଯୁବପିଢ଼ି ବିପଜ୍ଜନକ କାମ ସାଙ୍ଗକୁ ଆତ୍ମହତ୍ୟା କରୁଛନ୍ତି। ରାଉରକେଲାର ଛାତ୍ର ଏସ୍. ଚେତନ କୁମାର 'ମୋମୋ ଚ୍ୟାଲେଞ୍ଜ' ଗ୍ରହଣ କରି ଚେନ୍ନାଇର ଏକ ୬ ମହଲା କୋଠା ଉପରୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ପରିପ୍ରେକ୍ଷୀରେ ମୋମୋ ଚ୍ୟାଲେଞ୍ଜଠାରୁ କିପରି ଦୂରେଇ ରହିବେ ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଶନିବାର ଏକ ଆଡଭାଇଜରି ଜାରି କରଯାଇଛି।

କୁହାଯାଉଛି ଯେ, ମୋମୋ ଚ୍ୟାଲେଞ୍ଜ ବିଶେଷ କରି ହ୍ୱାଟ୍ସଆପ୍ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚୁଛି। ଅଜଣା ନମ୍ବରରୁ ସେଥିରେ ଏକ ୱେବ୍‌ସାଇଟର ଲିଙ୍କ୍ ଥିବା ମେସେଜ୍ ଆସୁଛି। ଉକ୍ତ ଲିଙ୍କ୍ ମାଧ୍ୟମରେ ଜଣେ ଏହି ଖେଳ ଖେଳିପାରିବ। ସେଥିରେ କେତେକ ବିପଜ୍ଜନକ କାର୍ଯ୍ୟ କରିବାକୁ ଟାସ୍କ ଦିଆଯାଉଛି, ଯେଉଁଥିରେ ଆତ୍ମହତ୍ୟା ଶେଷ ଟାସ୍କ ହୋଇଥାଏ ବୋଲି କୁହାଯାଉଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ, ଅଜଣା ନମ୍ବରରୁ ଯଦି ମେସେଜରେ କୌଣସି ଲିଙ୍କ୍ ଆସୁଛି, ତାହାକୁ ତୁରନ୍ତ ଡିଲିଟ୍ କରିଦିଅନ୍ତୁ। ଅଜଣା ନମ୍ବରରୁ କେହି ଆପଣଙ୍କ ସହ କଥା ହେବାକୁ ଚାହିଁଲେ ତାକୁ ଅଣଦେଖା କରନ୍ତୁ। ଯଦି କୋଣସି ନମ୍ବରରୁ ଆପଣଙ୍କୁ ମେସେଜ ମାଧ୍ୟମରେ ଖେଳିବାକୁ କୁହାଯାଇଛି ତେବେ ସେହି ନମ୍ବରକୁ ବ୍ଲକ କରିଦେବାକୁ ପରାମର୍ଶ ଦିଆଯାଇଛି।

ଯୁବ ପିଢ଼ି ବିଶେଷ କରି ୧୬ରୁ ୨୨ ବର୍ଷର ପିଲାମାନେ ଏହି ଖେଳ ପ୍ରତି ଆକୃଷ୍ଟ ହେଉଥିବାରୁ ପରିବାର ଲୋକଙ୍କୁ ଏଥିପାଇଁ ସଚେତନ ରହିବାକୁ କୁହାଯାଇଛି। ଯଦି କୋଣସି ପିଲା ଅନଲାଇନ୍‌ରେ ବିଶେଷକରି ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି, ପିଲାମାନଙ୍କର ବ୍ୟବହାରରେ ଯଦି ପରିବର୍ତ୍ତନ ହେଉଛି, ମୋବାଇଲ ଫୋନ ସ୍କିନ୍‌ର ଛବିକୁ ବାରମ୍ବାର ପରିବର୍ତ୍ତନ କରୁଛନ୍ତି, ଆକସ୍ମିକ ଭାବେ ନୂତନ ଫୋନ୍ ନମ୍ବର ଅବା ଇ-ମେଲ ଆଇଡି ବ୍ୟବହାର କରୁଛନ୍ତି ତାହାହେଲେ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ପରବାର ଲୋକଙ୍କ ପରାମର୍ଶ ଦିଆଯାଇଛି। ଏସବୁ ଲକ୍ଷଣ ପିଲାଙ୍କଠାରେ ଦେଖାଦେଲେ ତୁରନ୍ତ ତାଙ୍କୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ମଧ୍ୟ କୁହାଯାଉଛି। ସ୍କୁଲ, କଲେଜ ଯାଉଥିବା ପିଲାମାନେ ଫାଙ୍କା ସମୟରେ କ'ଣ କରୁଛନ୍ତି ତାହା ଉପରେ ଶିକ୍ଷକମାନଙ୍କଠାରୁ ପଚାରି ବୁଝନ୍ତୁ। ପିଲାମାନଙ୍କ ସହିତ ସବୁବେଳେ ରହିବା ସହ ସେମାନଙ୍କ ଅସୁବିଧାଗୁଡିକରେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଛି।

କୌଣସି ପିଲା ମୋମୋ ଚ୍ୟାଲେଞ୍ଜ ଗେମ୍ ଖେଳୁଥିବା ଯଦି ଅନ୍ୟ କେହି ଜାଣିବାକୁ ପାଉଛନ୍ତି ତାହାହେଲେ ପିଲାର ପରିବାର, ଶିକ୍ଷକଙ୍କୁ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି ଶିକ୍ଷକମାନଙ୍କ ପାଇଁ ନିର୍ଦ୍ଦେଶାମାନା ଜାରି କରାଯାଇଛି। ସ୍କୁଲରେ ପିଲାମାନଙ୍କ ଉପରେ ନଜର ରଖିବା ସହ ସେମାନଙ୍କ ମୋବାଇଲ ଫୋନ୍ ଯାଞ୍ଚ କରିବାକୁ କୁହାଯାଇଛି। କୌଣସି ପିଲା ମୋମୋ ଖେଳ ସହ ସମ୍ପୃକ୍ତ ଥିଲେ ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ପିଲାମାନେ ଯେଭଳି କୌଣସି ହିଂସାତ୍ମକ କାର୍ଯ୍ୟକଳାପରେ ଜଡିତ ନ ରହିବେ ସେଥିପାଇଁ ସେମାନଙ୍କୁ ପରାମର୍ଶ ଦେବାକୁ କୁହାଯାଇଛି।

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
01.09.2018
Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	62	109	119
CTC	62	109	119
DKL	62	109	119
BDK	61	107	117
BLS	61	107	117
ANG	62	109	119

Eggs Retail Price- 43/-Dozen
Issued in the Interest of Consumers
*Conditions Apply

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

GANDHI INSTITUTE
Balangir, Sambalpur
9348898852
9777988870
Admission Going On
B.ED
Andhra University
Dear Students, 2017-19 First Semester Result Announced...
Congratulation to All Passout Students and those who have not cleared the papers; Do not get panicked. You have another Chance to clear your Back Papers.
Topper of 1st Semester:
Miss. Priyanka Lahoti
Sambalpur
www.gandhiinstitute.in

ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ
ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

HIGH POWER RING WORM OINTMENT SCABIDOL TARUN AYURVEDIC PHARMACEUTICALS
ତରୁଣ ଆୟୁର୍ବେଦିକ ଫାର୍ମାସୀର
ହାଇପାୱାର
ସ୍କେବିଡଲ୍®

ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଦୀପ୍ତି ରଞ୍ଜନ ପରିବାରବର୍ଗ

ସୋନି ପରିବାରବର୍ଗ

ସୋନାଲିକା ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କିଛି ତଥ୍ୟ

ଚଳିତ ବର୍ଷ ଜୁନ ୧ ପରବର୍ତ୍ତୀ ସମୟରେ ବର୍ଷା ସାଧାରଣ ସ୍ତର ଠାରୁ ୭% ନିମ୍ନରେ ରହିଛି। ଏହି ସମୟରେ ଦେଶର ପ୍ରମୁଖ ୯୧ ଜଳ ଭଣ୍ଡାରରେ ଗତ ବର୍ଷ ତୁଳନାରେ ୨୮% ଅଧିକ ଜଳ ରହିଛି।
– ସରକାରଙ୍କ ପ୍ରଦତ୍ତ ତଥ୍ୟ

ବିଏସ୍‌କେୱାଇ: ୮,୫୦୦ ସରକାରୀ, ୨୦୮ ଘରୋଇ ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା

ଭୁବନେଶ୍ୱର, ୧୯ (ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ହିତାଧିକାରୀଙ୍କୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ସହିତ ଜିଲାମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ମାଗଣାରେ ଚିକିତ୍ସା ସୁବିଧା ମିଳିବ। ରାଜ୍ୟରେ ଥିବା ୮୫୦୦ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୨୦୮ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହିଛି।

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଓଡ଼ିଶା ସରକାର ସାମିଲ ନ ହୋଇ ନିଜସ୍ୱ ଯୋଜନା ବିଏସ୍‌କେୱାଇ ନିଜସ୍ୱ ଯୋଜନା କରିଛନ୍ତି। ଏହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଛି। ଉଭୟ ସରକାର ନିଜର ଯୋଜନା ସମ୍ପର୍କିତ ଉପକାରିତାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୋଜନାରେ ରାଜ୍ୟର ୭୦ ଲକ୍ଷ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କୁ ୭ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡଧାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ ହଜାରରୁ କମ୍ ଏବଂ ସହରାଞ୍ଚଳରେ ବାର୍ଷିକ ୬୦ ହଜାରରୁ କମ୍ ଆୟକାରୀ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ତେବେ ୭୦ ଲକ୍ଷ ପରିବାର ବ୍ୟତୀତ ଅନ୍ୟମାନଙ୍କୁ ମଧ୍ୟ ମେଡିକାଲ କଲେଜଗୁଡ଼ିକରେ ପାଥୋଲୋଜିକାଲ ଏବଂ ରୋଗ ନିରୂପଣ ପରୀକ୍ଷା, କର୍କଟ ରୋଗ ସେବା, ଏମ୍‌ଆରଆଇ, ସିଟି ସ୍କାନ, ଡାୟାଲିସିସ୍ ଭଳି ସୁବିଧାଗୁଡିକୁ ଦେୟମୁକ୍ତ କରାଯାଇଛି। ନିରାମୟରେ ବିନାମୂଲ୍ୟରେ ରାଜ୍ୟ ସରକାର ଔଷଧ ଯୋଗାଇ ଦେଉଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏତଦ୍‌ବ୍ୟତୀତ ରାଜ୍ୟର ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲାମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଲୋକଙ୍କୁ ବାର୍ଷିକ ଆୟସୀମା ଆଧାରରେ ଏହି ଯୋଜନାରେ ମାଗଣା ଚିକିତ୍ସା ସୁବିଧା ମିଳିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ସକାଳୁ ସକାଳୁ ବନ୍ଧୁମାନଙ୍କ ସହ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ଆଦର, ସମ୍ମାନର ଅଧିକାରୀ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ ଏବଂ ସମସ୍ୟା ମଧ୍ୟ ସମାଧାନ ହୋଇଯିବ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

ବୃଷ

ପ୍ରିୟଜନଙ୍କ ସାନ୍ନିଧ୍ୟଲାଭ କରି ଆନନ୍ଦ ଅନୁଭବ କରିବେ। ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

ମିଥୁନ

ଦୈହିକ ଅସୁସ୍ଥତା ସାମୟିକ ଦେଖାଦେଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିପାରିବେ। ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେଇପାରେ। ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କୌଣସି କାମରେ ପ୍ରତୀକ୍ଷାଜନିତ ବିଳମ୍ବକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ।

କର୍କଟ

କାର୍ଯ୍ୟବ୍ୟସ୍ତତା କାରଣରୁ ଘରର କାମ କରିବାକୁ ସମୟ ପାଇପାରିବେ ନାହିଁ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଚିନ୍ତା ସାୟାହ୍ନେ ଦୂର ହେବ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ବନ୍ଧୁ ଗହଣରେ ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ। ଆପଣଙ୍କ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କରିବେ।

ସିଂହ

ରବି ଓ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତି ପ୍ରତ୍ୟେକ କାର୍ଯ୍ୟକୁ ସମସ୍ୟା ବହୁଳ କରାଇବ। ନିଜର କେତେକ କାମକୁ ପରିବାରର ସଦସ୍ୟମାନେ ମଧ୍ୟ ବିରୋଧ କରିବେ। ଅବଶ୍ୟ ଉତରାଫାଲ୍ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ। ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ।

କନ୍ୟା

ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

ତୁଳା

ଆଜି ଚନ୍ଦ୍ର ଅଷ୍ଟମସ୍ଥ ହେତୁ ଆର୍ଥିକ ଅଭିବୃଦ୍ଧିରେ କୌଣସି ଅସୁବିଧା ହେବନାହିଁ। ମାତ୍ର ଦିନଟିରେ ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ର, ସଙ୍ଗୀତ ସମାରୋହ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

ବିଛା

ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ହେତୁ ବିଭିନ୍ନ ଦିଗରୁ ସୁଖ, ସୁବିଧାର ମାର୍ଗ ଉନ୍ମୁକ୍ତ ହୋଇପାରିବ। ଅବଶ୍ୟ ଶନିଙ୍କ ପ୍ରଭାବରୁ ଧନିଷ୍ଠା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଅର୍ଥସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ବ୍ୟବସାୟ, ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକର ଆଶଙ୍କା କରାଯାଇପାରେ।

ଧନୁ

ଆଜି ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପରୀତ ରାଜଯୋଗ ପ୍ରଭାବରୁ ସମସ୍ୟା ଆସିଲେ ମଧ୍ୟ କାର୍ଯ୍ୟ ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ। ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ହାସଲ କରିପାରିବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ସାମ୍ବାଦିକତା, କଳା, କ୍ରୀଡ଼ା,ସାହିତ୍ୟ, ଚଳଚ୍ଚିତ୍ରରେ ସମ୍ମାନିତ ହେବେ।

ମକର

ଆଜି ଚନ୍ଦ୍ରଙ୍କ ଶୁଭତ୍ୱ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ । କିନ୍ତୁ ବୁଧ ସପ୍ତମଭାବରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

କୁମ୍ଭ

ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବା ସହ ନିଜର ସ୍ଥିତିକୁ ସୁଦୃଢ କରିପାରିବେ। ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

ମୀନ

ଆଜି ବନ୍ଧୁମାନଙ୍କ ସହ କୌଣସି ନୂତନ କର୍ମାରମ୍ଭ ସକାଶେ ଲାଗି ପଡିବେ। ଆଧ୍ୟାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇ ପାରନ୍ତି। ସାମୟିକ ଭାବରେ ପରିବାରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ଭାଦ୍ରବ କୃଷ୍ଣ ସପ୍ତମୀ ରାତ୍ରି, ଘ୯ ।୦୦ମି. ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ(ସ୍ମାର୍ତମତ), ଖୁଦୁରୁକୁଣୀ ଓଷା ଆରମ୍ଭ, ସେପ୍ଟେମ୍ବର ୨ ତାରିଖ ରବିବାର, ବିଶ୍ୱ ନାରିକେଳ ଦିବସ, ରାଶି ନକ୍ଷତ୍ର-କୃତିକା/ବୃଷ, ମେଷ ରାଶିର ଘାତବାର,ବିଛା ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬ ।୫୨ମି. ମଧ୍ୟେ ଘ୪ ।୫୬ମି. ଗତେ, ଘ୬ ।୧୭ମି. ମଧ୍ୟେ ଅମୃତବେଳା । ଦିବା ଘ୮ ।୨୯ମି. ଗତେ ଘ୧୦ ।୦୬ମି. ମଧ୍ୟେ ରାହୁକାଳ ।

ଦ୍ରୁତ ଅର୍ଥନୀତି ଭାବେ ଭାରତ ଆଗେଇ ଚାଲିବ

ବେଙ୍ଗାଲୁରୁ, ୧।୯– ଆଗାମୀ ତ୍ରୈମାସିକ ଗୁଡିକରେ ଦେଶର ବିକାଶ ହାର ପ୍ରଭାବିତ ହେବ। ଏହାସତ୍ତ୍ୱେ ବିଶ୍ୱରେ ଦ୍ରୁତ ଅର୍ଥନୀତି ଭାବେ ଭାରତର ଅଗ୍ରଗତି ଜାରି ରହିବ ବୋଲି ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଆର୍ଥିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବାର୍ଷିକ ଆଧାରରେ ବେସ୍ ରିଡିଂ ବୃଦ୍ଧି ପାଇବା ଯୋଗୁ ଅଭିବୃଦ୍ଧି ପ୍ରଭାବିତ ହେବ। ତଥାପି ଦେଶ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିବ। ଶୁକ୍ରବାର କେନ୍ଦ୍ର ସରକାର ଜିଡିପି ହାର ପ୍ରକାଶ କରିଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଏପ୍ରିଲ-ଜୁନରେ ଜିଡିପି ହାର ୮.୨% ରହିଥିବା ପ୍ରକାଶ ପାଇବା ପରେ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଏହି ହାର ବଜାୟ ରହି ନ ପାରେ ବୋଲି ଆଶଙ୍କାବ୍ୟକ୍ତ କରିଥିଲେ। ଏହା ଉପରେ ନିଜ ପ୍ରତିକ୍ରିୟାରେ ସାନ୍ୟାଲ କହିଥିଲେ ଯେ, ପ୍ରଥମ ତ୍ରୈମାସିକରେ ୮.୨% ଜିଡିପି ହାର ରହିବା ଅସାଧାରଣ ମନେ ହେଉଛି।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

ଖଲ୍ଲି କର୍ଣ୍ଣର

@ ଅନନ୍ତ

@ ଆରିଶ

@ ଅନାମ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗୋଳାଇଲି ସଜ ଦହି
ହାତ ବାଳୁବନ୍ଧ ଗୁନ୍ଥିବି ବୋଲି
ପାଟରାଣୀ ସଙ୍ଗେ ସହୀ ।

ଯାହାଠାରୁ ଯାହାର କିଛି ଫାଇଦା ବା ଲାଭ ପାଇବାର ଆଶାଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଇଥାଏ। ହାତରେ ବାଳୁବନ୍ଧ ବାନ୍ଧିବା ଆଶାରେ ପାଟରାଣୀଙ୍କ ସହ ସମ୍ବନ୍ଧ ବଢ଼େଇ ରଖିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଗୁରୁବଚନ କି କରିବ
ଯାହାର ଯେମନ୍ତ ସ୍ୱଭାବ ।

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପର। ମଣିଷ ତା'ର ପ୍ରକୃତିକୁ କଦାପି ଛାଡ଼ି ପାରି ନ ଥାଏ। ଏପରି କି ଯେତେ ବୁଝାଇଲେ ବା ଆକଟ କଲେ ମଧ୍ୟ ଲାଭ କିଛି ହୋଇ ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

ପରଲୋକରେ ବାଲିଆପାଳ ଗାନ୍ଧୀ

ବାଲିଆପାଳ, ୧।୯(ଡି.ଏନ.ଏ.)

ବାଲିଆପାଳ ଗାନ୍ଧୀ ଭାବେ ସୁପରିଚିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ହରେକୃଷ୍ଣ ପାତ୍ରଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ଶଯ୍ୟାଶାୟୀ ଥିଲେ। ଶନିବାର ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ବିଭିନ୍ନ ବର୍ଗର ଲୋକେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଅପରାହ୍ଣରେ ଗୁନାପୁର ମୁକ୍ତିଦ୍ୱାର ଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ପ୍ରଦୀପ ପାତ୍ର ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ଅସ୍ତି ପଞ୍ଚାୟତ ଡାଲୁଆ-୧ଗ୍ରାମରେ ୧୯୩୫ ମାର୍ଚ୍ଚ ୮ତାରିଖରେ ହରେକୃଷ୍ଣ ଜନ୍ମଗ୍ରହଣ କରିଥିଲେ। ତାଙ୍କର ମାତା ରାଧାମଣୀ ଓ ପିତା କିଶୋରାମ ଗାନ୍ଧୀବାଦୀ ଥିଲେ। ହରେକୃଷ୍ଣ ହାଇସ୍କୁଲରେ ପଢୁଥିବାବେଳେ ଆଚାର୍ଯ୍ୟ ବିନୋବା ଭାବେଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ବିନୋବାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସାରା ଭାରତ ବର୍ଷରେ ପଦଯାତ୍ରା କରିଥିଲେ । ୧୯୬୫ ବେଳକୁ ବିନୋବା ଭାବେ ବାଲିଆପାଳ ଆସି ଏଠାରେ ଆୟୋଜିତ ପଦଯାତ୍ରାରେ ଯୋଗ ଦେଇଥିଲେ। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ସେ ଉଦ୍‌ବୋଧନ ଦେଇଥିଲେ। ବିନୋବାଙ୍କ ମୃତ୍ୟୁ ପରେ ହରେକୃଷ୍ଣ ଗାଁକୁ ଫେରି ରଚନାତ୍ମକ କାର୍ଯ୍ୟ

ଡାକ୍ତର ହରେକୃଷ୍ଣ ପାତ୍ର

ଚଳାଇ ବାଲିଆପାଳଠାରେ ଏକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସର୍ବୋଦୟ ଆନ୍ଦୋଳନର ନେତୃତ୍ୱ ନେଇ ସେ ଜିଲା ସଙ୍ଗଠନର ସଭାପତି ଦାୟିତ୍ୱ ତୁଲାଇଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶକୁ ପାଥେୟ କରି ସେ ସବୁବେଳେ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ହରେକୃଷ୍ଣ ଗାନ୍ଧୀ ଓ ବିନୋବାଙ୍କ ଆଦର୍ଶ ପ୍ରଚାର କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ସେ ପ୍ରତ୍ୟକ୍ଷ ଭାବେ କେବେ ରାଜନୀତି ସହିତ ସମ୍ପୃକ୍ତ ହୋଇନାହାନ୍ତି। ବାଲିଆପାଳ ଗଣ ଉନ୍ନୟନ ପରିଷଦ, ସୁବର୍ଣ୍ଣରେଖା ସାଂସ୍କୃତିକ ପରିଷଦ, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ସମ୍ଭାଳନ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରୁ ଗଭୀର ଶୋକ ବ

ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

ଭୁବନେଶ୍ୱରରେ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା

କଲିକତାରୁ ଯୋଗଦେଇଥିବା ସଙ୍କେତ ଭରଦ୍ୱାଜ।

(ଫଟୋ–ବିକାଶ)

ଭୁବନେଶ୍ୱର, ୧ ।୯(ବ୍ୟୁରୋ)– ସମାଜରେ ଆମର ବଞ୍ଚିବାର ଅଧିକାର ରହିଛି। ସାଧାରଣ ଲୋକଙ୍କ ଭଳି ଆମକୁ ମଧ୍ୟ ସାମାଜିକ ଅଧିକାର ମିଳିବା ଉଚିତ। ଅନ୍ୟମାନଙ୍କ ଭଳି ଆମକୁ ବି ସମ୍ମାନ ମିଳୁ। କାରଣ ଆମେ ମଧ୍ୟ ନାଗରିକ। ଏସବୁ ବାର୍ତ୍ତା ନେଇ ଭୁବନେଶ୍ୱରରେ ଶନିବାର ଅନୁଷ୍ଠିତ ହୋଇଥିଲା ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା। ଏହି ପଦଯାତ୍ରାରେ 'ଏଲ୍‌ଜିବିଟିଆଇକ୍ୟୁଏ+' ଗୋଷ୍ଠୀର ପ୍ରାୟ ୩୦୦ଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ 'ସମଲିଙ୍ଗୀ ମହିଳା ଓ ପୁରୁଷ', 'ଉଭୟ ମହିଳା, ପୁରୁଷଙ୍କ ସହ ସମ୍ପର୍କ ରଖୁଥିବା ବ୍ୟକ୍ତି', ଟ୍ରାନ୍ସଜେଣ୍ଡର ବ୍ୟକ୍ତି, ଇଣ୍ଟରସେକ୍ସ ଏବଂ ଅନ୍ୟାନ୍ୟ ଯୌନ ସଂଖ୍ୟାଲଘୁ ବ୍ୟକ୍ତିମାନେ, ଯେଉଁମାନେ କି ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଅନ୍ୟ ରାଜ୍ୟଗୁଡ଼ିକରୁ ଆସିଥିଲେ। ଏହି ସ୍ୱାଭିମାନ ପଦଯାତ୍ରା ଅପରାହ୍ନ ୩ଟାରୁ ରାଜମହଲ ଛକଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ ଦେଇ ବିଗ୍‌ବଜାର ନିକଟ ଶୁଭମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଶେଷ ହୋଇଥିଲା। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ପଦଯାତ୍ରାରେ ଅଂଶଗ୍ରହଣ କରି 'ଏଲ୍‌ଜିବିଟିଆଇକ୍ୟୁଏ+' ଗୋଷ୍ଠୀଙ୍କୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ସମାଜରେ ଉତ୍‌ପୀଡ଼ନ ସହ୍ୟ କରି ଅନ୍ୟ ଗୋଷ୍ଠୀକୁ ରାସ୍ତା ଦେଖାଇଥିବା ବ୍ୟକ୍ତିତ୍ୱ ତଥା ନେତାମାନଙ୍କୁ ସ୍ମରଣ କରି ଏକ ମହମ ପ୍ରଜ୍ୱଳନ ସଭା ଅନୁଷ୍ଠିତ ହୋଇଥିଲା।

ସଖା, ସାଥୀ ଓ ପରିଚୟ କଲେକ୍ଟିଭ୍ ଆଦି ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ସମ୍ପର୍କରେ ସାଥୀ ସଂସ୍ଥାର ବିଶ୍ୱଭୂଷଣ ପଟ୍ଟନାୟକ କୁହନ୍ତି, ସ୍ଥୁମାନ ସେକ୍ସୁଆଲିଟିକୁ ସେଲିବ୍ରେଶନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ୨୦୦୯ରେ ଯେତେବେଳେ ଆମେ ଏହାକୁ ଆରମ୍ଭ କରିଥିଲୁ ସେତେବେଳେ ଏହି କମ୍ୟୁନିଟିରୁ ବହୁତ କମ୍ ଅଂଶଗ୍ରହଣ କରିଥିଲେ। କାରଣ ସମାଜକୁ ଭୟ କରି ସାମ୍ନାକୁ ଆସୁ ନ ଥିଲେ। ଦିନକୁ ଦିନ ଲୋକେ ଏହାକୁ ଜାଣିଲେଣି, ଚିନ୍ତାଧାରା ମଧ୍ୟ ବଦଳିଲାଣି। ତେଣୁ ଏହାକୁ ପାଳନ କରିବା ପାଇଁ ସେମାନେ ଆଗକୁ ଆସୁଛନ୍ତି।

ସଖା ସଂସ୍ଥାର ମୀରା ପରିଡ଼ା କୁହନ୍ତି, ଆମମାନଙ୍କ ପାଇଁ ଏହା ବଡ଼ ସୁଯୋଗ ଅଟେ। ସମାଜକୁ ଜଣାଇବାକୁ ଅଛି ଯେ, ଆମମାନଙ୍କର ମଧ୍ୟ ଅସ୍ତିତ୍ୱ ଅଛି। ଏବର୍ଷ ଏହି ପଦଯାତ୍ରା ବହୁ ଗୁରୁତ୍ୱ ବହନ କରୁଛି। କାରଣ ନିକଟରେ ଧାରା ୩୭୭କୁ ନେଇ ଏକ ଜଜ୍‌ମେଣ୍ଟ ଶେଷ ହୋଇଛି, କେବଳ ଶୁଣାଣି ବାକି ରହିଛି ଏବଂ ଟ୍ରାନ୍ସଜେଣ୍ଡର ବିଲ୍ ମଧ୍ୟ ପୁଣିଥରେ ରିଭିଜିଶନ୍ ହେଉଛି। ତେଣୁ ସମାଜରେ ଆମ ପ୍ରତି ଯେଉଁ ତାଚ୍ଛଲ୍ୟ ମନୋଭାବ ଥିଲା ସେଥିପ୍ରତି ଏହା ଏକ ଜବାବ ଅଟେ।

ରେନ୍‌ବୋ ଯେଉଁଭଳିଭାବେ ବିଭିନ୍ନ ରଙ୍ଗର, ସ୍ଥୁମାନ ସେକ୍ସୁଆଲିଟି ମଧ୍ୟ ସେହିଭଳି ବିଭିନ୍ନ ରଙ୍ଗର। ତାକୁ କିଭଳି ଆତ୍ମସମ୍ମାନର ସହ ପାଳନ କରାଯିବ ସେଥିପାଇଁ ଏହାର ନାମ 'ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା' ରହିଛି ବୋଲି ବିଶ୍ୱଭୂଷଣ ପଟ୍ଟନାୟକ କହିଛନ୍ତି। ଚଳିତବର୍ଷ ଓଡ଼ିଶାରେ ଏହି ପଦଯାତ୍ରାର ଷଷ୍ଠ ସଂସ୍କରଣ ଥିଲା। ୨୦୦୯, ୨୦୧୦, ୨୦୧୧ରେ ଭୁବନେଶ୍ୱରରେ ଏବଂ ୨୦୧୨ରେ ଭବାନୀପାଟଣାରେ ଏହି ସ୍ୱାଭିମାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଟ୍ରାନ୍ସଜେଣ୍ଡରମାନଙ୍କ ସ୍ୱାଭିମାନ ଯାତ୍ରା ଭୁବନେଶ୍ୱରରେ କରାଯାଇଥିଲା। ଶନିବାର ଭୁବନେଶ୍ୱରରେ ଏହି ପଦଯାତ୍ରା ହୋଇଥିବାବେଳେ କିଛିଦିନ ହେଲା କବିତା ପାଠ, ଯୌନ ସଂଖ୍ୟାଲଘୁମାନଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଥିବା ଚଳଚ୍ଚିତ୍ର ପ୍ରଦର୍ଶନୀ ଓ ବିଭିନ୍ନ ବିଶାରଦମାନଙ୍କ ସହ ଆଲୋଚନା ସଭା ଆୟୋଜନ କରାଯାଇଥିଲା।

'ଗରିବଙ୍କୁ ଡିଜିଟାଲ ସାକ୍ଷର କରିବ ଡାକବ୍ୟାଙ୍କ'

କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ମହିଳାଙ୍କୁ ଆଇପିପିବି ଲୋଗୋ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧ ।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତୀୟ ଡାକ ବିଭାଗ ଅଧୀନରେ ଶନିବାର ଦେଶବ୍ୟାପୀ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଆରମ୍ଭ ହୋଇଛି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ଓଡିଶା ଡାକ ପରିମଣ୍ଡଳ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ କହିଥିଲେ ଯେ, ଶନିବାର ଓଡିଶାରେ ଏକସଙ୍ଗେ ୩୦ ଜିଲାର ସଦର ମହକୁମା ପ୍ରଧାନ ଡାକଘର ସମେତ ସୁନ୍ଦରଗଡ ଜିଲାର ରାଉରକେଲା, ଗଞ୍ଜାମର ଭଞ୍ଜନଗର ଏବଂ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର (୩୩ଟି) ଶାଖା ଏବଂ ୧୬୫ଟି ଡାକଘରେ ଆଇପିପିବି ଖୋଲାଯାଇଛି । ୩୧ ଡିସେମ୍ବର ୨୦୧୮ସୁଦ୍ଧା ରାଜ୍ୟର ଅବଶିଷ୍ଟ ୮୦୫୦ ଡାକଘରେ ଏହି ସେବା ଉପଲବ୍ଧ ହେବ। ୧୩୬୭ ଜଣ ଡାକପିଅନ ଏବଂ ୭୦୦୯ ଜଣ ଡାକ ବିତରକଙ୍କ ମାଧ୍ୟମରେ ଦୂଆର–ମୁହଁରେ ବ୍ୟାଙ୍କ୍ ସେବା ଯୋଗାଇ ଦେବା କେନ୍ଦ୍ର ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରଧାନ କହିଛନ୍ତି।

ସେହିପରି ଔଦ୍ୟୋଗିକ କ୍ରାନ୍ତିର ଅନନ୍ୟ ଦିଗ ହେଲା ଇଣ୍ଟରନେଟ୍‌ର ପ୍ରସାର। ଭାରତୀୟ ଡାକ ବିଭାଗ ନିଜସ୍ୱ ପେମେଣ୍ଟ ସେବା ମାଧ୍ୟମରେ ଡିଜିଟାଲ ସେବାକୁ ତୃଣମୂଳସ୍ତରରେ ପହଞ୍ଚାଇବ। ଗ୍ରାମୀଣ ଡାକ ସେବକ ଓ ପୋଷ୍ଟମ୍ୟାନମାନେ ଡିଜିଟାଲ ସାକ୍ଷରତା ବଢ଼ାଇବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ । ସେମାନେ ସବୁଠାରୁ ବିଶ୍ୱସନୀୟ ଏବଂ ଆସ୍ଥାର ପ୍ରତୀକ। ଓଡ଼ିଶାର ୪୫୦୦ରୁ ଅଧିକ ପଞ୍ଚାୟତ ଏବେ ମଧ୍ୟ ବ୍ୟାଙ୍କ୍ ସେବାରୁ ବଞ୍ଚିତ। ଡାକଘର ପେମେଣ୍ଟସ୍ ବ୍ୟାଙ୍କ୍ ଗରିବ ଲୋକଙ୍କୁ ଡିଜିଟାଲ ସାକ୍ଷର କରିବା ସହ ସେମାନଙ୍କୁ ନୂତନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରିବ ବୋଲି କେନ୍ଦ୍ରମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

ଏହି ପରିପ୍ରେକ୍ଷୀରେ ସେ ବିମୁଦ୍ରୀକରଣ ପ୍ରସଙ୍ଗକୁ ନେଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ସୁନା ଚାମଚରେ ଖାଇ ବଢ଼ିଥିବା ବଡବଡିଆମାନେ ଏବେ ବିମୁଦ୍ରୀକରଣକୁ ନିନ୍ଦା କରୁଛନ୍ତି। ହେଲେ ଏହା ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ବୁଝିପାରୁ ନାହାନ୍ତି। ଏହି ପ୍ରକ୍ରିୟା ଦେଶରେ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ସହିତ ଟିକସ ଫାଙ୍କିକୁ ରୋକିବାରେ ବିଶେଷ ଭାବେ ସହାୟକ ହୋଇଛି। ଲୁଚାଛପାରେ ରଖାଯାଇଥିବା ବଡ ବଡ ନୋଟ୍ ଏବେ ବ୍ୟାଙ୍କ୍ ବ୍ୟବସ୍ଥା ମଧ୍ୟକୁ ଆସିଛି। ଜନସାଧାରଣ ଘର ଅପେକ୍ଷା ବ୍ୟାଙ୍କ୍‌ରେ ଅର୍ଥ ଜମା ରଖିବାକୁ ପସନ୍ଦ କରୁଥିବା ଧର୍ମେନ୍ଦ୍ର କହିଛନ୍ତି।

ସମାରୋହରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ସୁକନ୍ୟା ସମୃଦ୍ଧି ଅଭିଯାନ ଜରିଆରେ ମାନ୍ୟତା ବିଶ୍ୱାଳ ଓ ଆରାଧନା ରାଜକୁମାରୀ ନାମକ ଦୁଇ ଶିଶୁଙ୍କୁ ପାସବୁକ୍ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ପଦ୍ମଶ୍ରୀ କୁମକୁମ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କାମିଲା ପ୍ରାରମ୍ଭିକ ଉଦ୍‌ବୋଧନ ଦେବା ସହ ଆଇପିପିବି ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇପିପିବି ଏକ ସ୍ୱେଶାଲ କଭର (ସ୍ୱତନ୍ତ୍ର ଲଫାପା) ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

'କୌନ୍ ବନେଗା କରୋଡ଼ପତି' ନାଁରେ ହେଉଛି ଠକେଇ
ସତର୍କ ସୂଚନା ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ୍,୧ ।୯– ଲୋକପ୍ରିୟ ଶୋ 'କୌନ୍ ବନେଗା କରୋଡ଼ପତି' ନାଁରେ ଠକେଇ ହେଉଛି। ଦେଶରେ ବିଭିନ୍ନ ସ୍ଥାନରେ ଏଭଳି ଠକେଇ ହେଉଥିବାବେଳେ ଓଡ଼ିଶାରେ ଏନେଇ ଆଶଙ୍କା ରହିଛି। ତେଣୁ ଜନସାଧାରଣଙ୍କ ନିମନ୍ତେ କ୍ରାଇମବ୍ରାଞ୍ଚ ପକ୍ଷରୁ ଶନିବାର ସତର୍କ ସୂଚନା ଜାରି କରାଯାଇଛି। ମୋବାଇଲ ଫୋନକୁ 'କୌନ୍ ବନେଗା କରୋଡପତି' ଶୋରେ ଆପଣ ଲକ୍ଷାଧିକ ଟଙ୍କା ଜିତିଛନ୍ତି ବୋଲି ମେସେଜ ଆସୁଛି। ଏହି ପୁରସ୍କାର ରାଶି ନେବା ପାଇଁ ଆପଣଙ୍କୁ କିଛି ଟଙ୍କା ଜମା କରିବାକୁ କୁହାଯାଉଛି। ଟଙ୍କା ଜମା କରିବା ପରେ କୌଣସି ପୁରସ୍କାର ରାଶି ମିଳୁନାହିଁ। ଆମେରିକାର ଏରିଆ କୋଡ୍(୪୧୦)ରେ ବିଭିନ୍ନ ନମ୍ବରରୁ ଏହି ମେସେଜ ଆସୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ତେଣୁ ଏଭଳି ମେସେଜକୁ ଅଣଦେଖା କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।



ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିତାଲିବ। –ଶ୍ରୀମା

ନ୍ୟାୟର ଗତି କୁଆଡ଼େ

ଆକାର ପଟେଲ

ଭାରତରେ ବିଭିନ୍ନ ଲୋକଙ୍କ ମୁହଁରୁ ଅନେକ ସମୟରେ ଶୁଣାଯାଏ, 'ମୋର ନ୍ୟାୟପାଳିକା ଉପରେ ପୂର୍ଣ୍ଣବିଶ୍ୱାସ ଅଛି' ବା 'ଆଇନ ତା' ବାଟରେ ଯିବ'। କିନ୍ତୁ ମୋର ନ୍ୟାୟପାଳିକା ଉପରେ ବିଶ୍ୱାସ ନାହିଁ। ଭାରତରେ ଆଇନ ପ୍ରାୟତଃ ତା' ବାଟରେ ଯାଏ ନାହିଁ। ସରକାର ନାଗରିକଙ୍କୁ ହଇରାଣ କରନ୍ତି ଏବଂ ନ୍ୟାୟପାଳିକା ତା'ର ପ୍ରତିରୋଧ କରିପାରେ ନାହିଁ। ମୁଁ ବର୍ତ୍ତମାନ ଏ କଥା ବୁଝାଇବା ପାଇଁ ନିକଟରେ ଘଟିଥିବା ଏକ ଘଟଣାର ଉଦାହରଣ ଦେଉଛି। ନିକଟରେ ପାଞ୍ଚଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି, ଯାହାଙ୍କୁ ସରକାର ଓ ତାଙ୍କ ଗଣମାଧ୍ୟମ 'ସହରୀ ନକ୍ସଲ' ଆଖ୍ୟା ଦେଇଛନ୍ତି। ମୁଁ ପାଠକମାନଙ୍କୁ ଅନୁରୋଧ କରୁଛି, ଗଣମାଧ୍ୟମରୁ ପଢ଼ି ବା ଶୁଣି ସେମାନଙ୍କ ବିଷୟରେ କିଛି ମତାମତ ଦିଅନ୍ତୁ ନାହିଁ। କୌଣସି ବ୍ୟକ୍ତିଙ୍କୁ ଏପର ଭାବେ ଗିରଫ କରବା ଏକ ସଭ୍ୟ ଗଣତନ୍ତ୍ରରେ ଉଚିତ ନୁହେ କାରଣ ଏକ ସଭ୍ୟ ଗଣତନ୍ତ୍ରରେ ନାଗରିକମାନଙ୍କ ଅଧିକାରର ସୁରକ୍ଷା ପାଇଁ ନ୍ୟାୟପାଳିକା ରହିଛି। ସରକାର ଯାହା ଉପସ୍ଥାପନ କରିବେ, ସେଥିରେ କେବଳ ମୋହର ମାରିବା ସେମାନଙ୍କର କାମ ନୁହେଁ, ଯଦି ତାହା ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଥାଏ।

ମୁଁ ମାନୁଛି ଯେ, ଏହି ଘଟଣାରେ ନ୍ୟାୟପାଳିକା (ଦିଲ୍ଲୀ ହାଇକୋର୍ଟ) ସମସ୍ୟାକୁ ଲୋକଲୋଚନକୁ ଆଣିଛନ୍ତି। ହାଇକୋର୍ଟର ଏକ ଦୁଇଜଣିଆ ବେଞ୍ଚ ଉକ୍ତ ପାଞ୍ଚଜଣଙ୍କ ମଧ୍ୟରୁ ଗୌତମ ନୱଲଖାଙ୍କ ଗିରଫଦାରି ଓ ଟ୍ରାଞ୍ଜିଟ୍ ରିମାଣ୍ଡ ଘଟଣାର ଶୁଣାଣି କରୁଥିଲେ। ଏ ସମ୍ପର୍କରେ ଜଷ୍ଟିସ୍ ଏସ୍. ମୁରଲୀଧର ଯାହା ରାୟ ଦେଇଛନ୍ତି, ତାହା ସମସ୍ତେ ଜାଣିବା ଉଚିତ। ୧୦ ପୃଷ୍ଠାର ଏହି ରାୟ ଅନୁସାରେ ଅଗଷ୍ଟ ୨୮ ତାରିଖରେ ଗୌତମ ନୱଲଖାଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ପୋଲିସ ପାଖରେ କୌଣସି ସର୍ଚ୍ଚ ୱାରେଣ୍ଟ ନ ଥିବାରୁ ସେମାନଙ୍କୁ ଘରେ ପଶିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଏହାପରେ ପୋଲିସ ଫେରିଯାଇ ୱାରେଣ୍ଟ ଧରି ଆସିଲେ।

ଡିସେମ୍ବର ୩୧, ୨୦୧୭ରେ ଘଟିଥିବା ଏକ ଘଟଣା ସମ୍ପର୍କରେ ଦିଆଯାଇଥିବା ଏତଲା ହେଉଛି ମାମଲାର ଆଧାର। ଉକ୍ତ ଏଫ୍ଆଇଆର୍‌ରେ ଗୌତମଙ୍କ ନାମ ନାହିଁ। ଏପରି କି ସେ କଥିତ ମିଟିଂରେ ଉପସ୍ଥିତ ନ ଥିଲେ ବୋଲି କହିଛନ୍ତି। ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ଯାହା ଆତଙ୍କବାଦ ବିରୋଧରେ ବ୍ୟବହୃତ ହୁଏ) ଅନୁସାରେ ଯେଉଁ ଅଭିଯୋଗ ଅଣାଯାଇଛି, ତାହା ବି ମୂଳ ଏଫ୍ଆଇଆର୍‌ରେ ନ ଥିଲା। ଗିରଫ ପରେ ଗୌତମଙ୍କୁ ପୁଣେ ନିଆଯିବାର ଥିଲା। ଦିଲ୍ଲୀରେ ସାକେତର ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ (ସିଏମ୍ଏମ୍) ମନୀଷ୍ ଖୁରାନା ପୁଣେ ନେବା ଲାଗି ତାଙ୍କର ଟ୍ରାଞ୍ଜିଟ୍ ରିମାଣ୍ଡକୁ ଅନୁମତି ଦେଇଦେଲେ। ଟ୍ରାଞ୍ଜିଟ୍ ରିମାଣ୍ଡ ଦରଖାସ୍ତଟି ହିନ୍ଦୀରେ ଲେଖାଯାଇଥିଲା। କିନ୍ତୁ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଯେଉଁସବୁ କାଗଜପତ୍ର ଉପସ୍ଥାପନ କରାଯାଇଥିଲା, ସେସବୁ ଥିଲା ପ୍ରାୟତଃ ମରାଠୀରେ। ଦିଲ୍ଲୀ ହାଇକୋର୍ଟ କହିଛନ୍ତି– ''ଏ କାଗଜପତ୍ରରୁ ଅଭିଯୁକ୍ତଙ୍କ ନାମରେ ପ୍ରକୃତରେ କ'ଣ ମାମଲା ରହିଛି ବୁଝିବା କଷ୍ଟକର।'' ତା'ହେଲେ ପ୍ରଶ୍ନ ଉଠୁଛି ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବା ଲାଗି ମାଜିଷ୍ଟ୍ରେଟ୍ ଅନୁମତି ଦେଲେ କାହିଁକି? ପରଦିନ ମାମଲାର ଶୁଣାଣି କରିବାକୁ ହାଇକୋର୍ଟ ଆଦେଶ ଦେବା ସହ ତା' ଭିତରେ ପ୍ରଦତ୍ତ ଦଲିଲଗୁଡ଼ିକ ମରାଠୀରୁ ଅନୁବାଦ ହେବା ଆବଶ୍ୟକ ବୋଲି କହିଲେ। ପରଦିନ ସକାଳେ ପୋଲିସ ଓକିଲ କହିଲେ ଯେ, ଅନୁବାଦ କରିବାକୁ ଅଧିକ ସମୟ ଲାଗୁଛି ଏବଂ କୋର୍ଟ ଅପରାହ୍ଣ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଅପରାହ୍ଣ ୨ଟା ୧୫ରେ ଏଫ୍ଆଇଆର୍ କପି ସମେତ କିଛି ପୃଷ୍ଠାର ଅନୁବାଦ ଉପସ୍ଥାପନ କରାଗଲା, କିନ୍ତୁ ସେଥିରେ ଅନେକ ଅଂଶ ତଥାପି ମରାଠୀରେ ଥିଲା। ପୋଲିସ ଓକିଲ ଆଉ କିଛି ସମୟ ମାଗିବାରୁ କୋର୍ଟ ସମୟ ଦେଲେ ନାହିଁ।

କୋର୍ଟ କହିଲେ ଯେ, ଗିରଫଦାରି ତଥା ଟ୍ରାଞ୍ଜିଟ୍ ରିମାଣ୍ଡ ଲାଗି ଦିଆଯାଇଥିବା ଅନୁମତିର ଯଥାର୍ଥତାକୁ ନେଇ ସେମାନେ ଚିନ୍ତିତ। କୁହାଯାଉଛି ଯେ, ଏତଲାରେ ନୱଲଖାଙ୍କ ନାମ ନ ଥିଲା, ତା'ହେଲେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ସେମାନେ କି ପ୍ରମାଣ ଉପସ୍ଥାପନ କରିଥିଲେ? ଉପସ୍ଥିତ ମହାରାଷ୍ଟ୍ର ପୋଲିସକୁ ପ୍ରଶ୍ନ କରାଯାଇଥିଲା: ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଶୁଣାଣି ଚାଲିଥିବା ବେଳେ ସେ କେସ୍ ଡାଏରୀ ଦେଖିବାକୁ ଚାହିଁଥିଲେ କି? ପୋଲିସ ଉତ୍ତରରେ ନା ବୋଲି କହିଥିଲା। ଉକ୍ତ କେସ୍ ଡାଏରୀ ମଧ୍ୟ ମରାଠୀରେ ଲେଖାଯାଇଥିଲା। ଏହାପରେ ପୋଲିସ କହିଥିଲା ଯେ ଗୌତମ ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ। କିନ୍ତୁ ସେଇଠି ଥିଲା ବାସ୍ତବ ସମସ୍ୟା। ହାଇକୋର୍ଟ କହିଲେ ଯେ, ନିୟମ ଅନୁଯାୟୀ ଚାର୍ଜଶୀଟ୍ ହେବା ପୂର୍ବରୁ ନିୟମିତ ଜାମିନ୍ ମିଳିବା ଅତ୍ୟନ୍ତ କଷ୍ଟକର। ଏହାପରେ କୋର୍ଟ କହିଥିଲେ ଯେ, ଟ୍ରାଞ୍ଜିଟ୍ ରିମାଣ୍ଡର ବୈଧତା ଉପରେ ଶୁଣାଣି ଜାରି ରଖିବାର ଆଉ କୌଣସି ଯଥାର୍ଥତା ନାହିଁ। ଆମ ଜାଣିବାରେ ସୁପ୍ରିମ୍‌କୋର୍ଟ କୁଆଡ଼େ ପୁନଶ୍ଚ ଏ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖରେ କରିବେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ କି ରାୟ ଦେଉଛନ୍ତି, ତାହା ଦେଖିବାକୁ ଆମେ ଉତ୍ସୁକତାର ସହ ଅପେକ୍ଷା କରିଛୁ।

Email: aakar.patel@gmail.com

ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି ଯାତନାଦାଗ ଦେଇଛି ଚିରି।

(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku ସୁ–ଡୋ–କୁ

	2	E	1					0	6					
	8			5		9						7		
B	0	6					3			E				9
				B		2					C		3	
4	D				0	8			A		1			
0						C		9			6			
		C					8		9	1				B
E	3							A	7	0	B	2	C	
		A					D		8			6		3
		B	0		1				2					8
				0						6	3		7	
	1				4	3		B					9	
	B		8			D	7		4		2	3		A
				2	9			E	5				8	C
8				D	5					E	1	6	4	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

1	A	3	5	D	4	2	C	6	0	9	7	B	8	E
9	E	5	2	C	3	8	4	D	1	B	6	0	7	A
4	6	0	B	A	1	5	7	9	D	8	E	C	2	3
8	B	2	7	9	6	0	E	1	A	3	C	D	4	5
7	C	D	8	E	0	3	A	B	2	4	5	1	9	6
E	1	C	6	0	D	4	3	8	7	5	2	A	B	9
3	4	7	C	2	5	9	1	A	8	6	B	E	0	D
D	0	9	3	B	E	6	2	5	4	1	A	8	C	7
6	8	A	1	7	9	B	D	C	3	E	0	2	5	4
5	2	B	4	8	A	7	0	E	C	D	9	3	6	1
A	5	4	9	1	C	E	8	0	6	2	3	7	D	B
2	D	6	E	3	B	A	9	7	5	0	8	4	1	C
C	3	8	A	5	2	1	6	4	B	7	D	9	E	0
B	7	E	0	4	8	D	5	3	9	C	1	6	A	2
0	9	1	D	6	7	C	B	2	E	A	4	5	3	8

ଗତକାଲିର ଉତ୍ତର

ଚିତ୍ର–ଚରିତ୍ର

ନିରଞ୍ଜନ ପାତ୍ରୀ

ଜ୍ଞାନଦାତାଙ୍କ ଜ୍ଞାନ

ମାତାପିତା, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ପ୍ରତ୍ୟେକ ଶିଶୁ ଗୋଟିଏ ଗୋଟିଏ ଆଲୋକିତ ଆସନ୍ତାକାଲି। ଏମାନଙ୍କ ମଧ୍ୟରୁ ଆଉଥରେ ଆବିର୍ଭୂତ ହେବେ ଗାନ୍ଧୀ, ଗୋପବନ୍ଧୁ, ସୁଭାଷ, ବିବେକାନନ୍ଦ ଏବଂ ନୂଆକରି ସର୍ଜନା କରିବେ ଏକ ଶୁଦ୍ଧ ସମାଜର ସୁରଭିତ ସମ୍ବିଧାନ। ଏକ ଆକାଂକ୍ଷିତ ଆସନ୍ତାକାଲିର ଏମାନେ ହେବେ ଜଣେ ଜଣେ କୁଶଳୀ କର୍ମକାର। ମାତ୍ର ଏମାନଙ୍କୁ ଗଢିବେ କିଏ? କିଏ ହେବେ ଏଇ କର୍ମକାରଙ୍କ କାରିଗର?

କୁହାଯାଏ, ଗୋଟିଏ ଶିଶୁକୁ ଗଢ଼ିବା ପାଇଁ, ତାକୁ ଅବଶିଷ୍ଟ ପୃଥିବୀ ସହ ପରିଚିତ ହେବାକୁଠିକ୍ ଜ୍ଞାନ ଦେବା ପାଇଁ ଦୁଇଟି ମନ୍ଦିରର ଆବଶ୍ୟକତା ପଡିଥାଏ। ପ୍ରଥମଟି ପରିବାର ଓ ଦ୍ୱିତୀୟଟି ବିଦ୍ୟାଳୟ। ଦୁଇଟିଯାକର ସମ୍ବନ୍ଧ ଏତେ ବୈଶିଷ୍ଟ୍ୟପୂର୍ଣ୍ଣ ଯେ, ପରିବାରକୁ ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟକୁ ଦ୍ୱିତୀୟ ପରିବାର ଭାବେ ଗଣାଯାଇଥାଏ। ପରିବାର ଚାଲି ଶିଖାଉଥିଲା ବେଳେ ବିଦ୍ୟାଳୟ ଜୀବନପଥର ସନ୍ଧାନ ଦେଇଥାଏ। ସୁତରାଂ ପରିବାରର ସଂସ୍କାର ଓ ପରମ୍ପରା ସହିତ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଉପଲବ୍ଧ ଶିକ୍ଷା ଲାଭ କରି ବୟସର ବିଭିନ୍ନ ପାହାଚ ଅତିକ୍ରମ କରିବା ମଧ୍ୟରେ ଶିଶୁଟିଏ ଏକ ପୂର୍ଣ୍ଣ ଚେତନଶୀଳ ମଣିଷରେ ପରିଣତ ହୋଇଥାଏ ଓ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିଥାଏ।

ପରିବାରରୁ ଉପଲବ୍ଧ ଜ୍ଞାନକୁ ସଂସ୍କାର ନାମ ଦିଆଯାଇପାରେ। ସେ ପୁରୁଣା ଦିନକୁ ଆଉ ଖୋଜିଲେ ବି ମିଳିବ ନାହିଁ, ଯେତେବେଳେ ମା'ବାପାମାନେ ତାଙ୍କ ପିଲାଙ୍କୁ ସମତା, ସହନଶୀଳତା, ସହୃଦୟତା, ସହଭାଗିତା, ସାଧୁତା, ସତ୍‌ଚରିତ୍ର ବା ସମ୍ବେଦନା ଭଳି ସ୍ୱର୍ଗୀୟ ଗୁଣ ଶିକ୍ଷା ଦେଉଥିଲେ। କେବଳ ମା'ବାପା ନୁହନ୍ତି, ଏକ ସଂଯୁକ୍ତ ପରିବାରରେ ଏକା ଛାତ ତଳେ ରହୁଥିବା ଜେଜେ, ଜେଜେମା', କକା, ଖୁଡ଼ୀ ଓ ସେମାନଙ୍କ ପିଲାଛୁଆମାନେ ହିଁ ଥିଲେ ପରିବାରର ପରିଚୟ। ଯୁଗ୍ମ ପରିବାରର ସମ୍ମିଳିତ କୋଳାହଳ ମଧ୍ୟରେ ସୃଷ୍ଟି ହେଉଥିଲା ବିଶାଳ ବିଶ୍ୱର ଜୀବନ ସଙ୍ଗୀତ। ନିଜ ପାଖରେ ବା ଅତି ବେଶିରେ ନିଜ ମା'ବାପାଙ୍କ ପାଖରେ ପୃଥିବୀ ସରିଯାଇନାହିଁ ବୋଲି ପିଲାଟି ବୁଝୁଥିଲା। ଜଣେ ଅନ୍ୟ ଜଣକୁ ଟପି ଆଗକୁ ମାଡିଯିବାକୁ ମନେ କରୁଥିଲା ଚରମ ସ୍ୱାର୍ଥପରତା। ସେକାଳର ସେଇ ପଖାଳ ବଦଳରେ ଆଜିକାର ମା'ବାପାମାନେ ଯେଉଁ ଆଧୁନିକ ତବତରେ ରୁଚି ରଖୁଛନ୍ତି, ତାହାର ଫଳ ଆମ ସମସ୍ତଙ୍କ ଆଖି ଆଗରେ।

ନିଜ ମା'ବାପା, ଭାଇଭଉଣୀ ସମସ୍ତଙ୍କଠୁ ବିଚ୍ଛିନ୍ନ ହୋଇ ପତ୍ନୀଙ୍କୁ ନେଇ ବସା ବାନ୍ଧିଥିବା ପିତାର ପୁତ୍ରକନ୍ୟାମାନେ କେଉଁଠୁ ବା ଅର୍ଜନ କରନ୍ତେ ସହନଶୀଳତା, ସହଭାଗିତା ଓ ସହୃଦୟତାର ଜ୍ଞାନ। ବରଂ ବଡ଼ଲୋକ ହୋଇ ଗଢ଼ାହେବାର ସେମାନଙ୍କ ମା'ବାପାଙ୍କ ବ୍ୟାକୁଳ ପ୍ରବଣତା ଆଗରେ ଭାସିଯାଇ ଭଲ ଲୋକ ଭାବେ ଗଢି ତୋଳିବାର ଅବକାଶଠାରୁ ନିଜକୁ ଏମିତି ଦୂରେଇ ନେଇଥାନ୍ତି ଯେ ସମାଜ ପାଇଁ ଭଲ ନାଗରିକଟିଏ ହେବା ତ ଦୂରର କଥା, ଶେଷରେ ମା'ବାପାଙ୍କ ଭଲ ପୁଅଟିଏ ମଧ୍ୟ ହୋଇପାରନ୍ତି ନାହିଁ।

ଅଥଚ ଅତୀତରେ ଜଣେ ପିତାଙ୍କର ଏକ ଐତିହାସିକ ପତ୍ର ସ୍ପଷ୍ଟ ଭାବେ ସୂଚାଇଦିଏ ଯେ ପିଲାମାନେ କେଉଁ ଜ୍ଞାନର ଅଧିକାରୀ ହେବା ବାଞ୍ଛନୀୟ। ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ଥରେ ତାଙ୍କ ପୁତ୍ର ପଢୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପତ୍ରଟିଏ ଲେଖିଥିଲେ। ତହିଁରେ ଲେଖା ଥିଲା– ''ମହାଶୟ, ଶାସନ କାର୍ଯ୍ୟରେ ବ୍ୟସ୍ତ ରହି ପୁଅର ଶିକ୍ଷାଦୀକ୍ଷା ଦାୟିତ୍ୱ ନିଜେ ନେଇ ନ ପାରି ଆପଣଙ୍କ ହାତରେ ଦେଇଛି। ଆପଣ ତାକୁ ଯାହା ବି ଶିକ୍ଷା ଦିଅନ୍ତୁ, ମୋର ଆପତ୍ତି ନାହିଁ। କିନ୍ତୁ ତା' ସହିତ ମୋ ତରଫରୁ ଶିକ୍ଷାଟିଏ ଦେବେ ଯେ ଅସତ୍‌ମାର୍ଗରେ ଯାଇ ସଫଳ ହେବା ଅପେକ୍ଷା ସତ୍‌ମାର୍ଗରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର। ସହଜଲବ୍ଧ ସଫଳତାରେ ଆନନ୍ଦିତ ନ ହୋଇ କଷ୍ଟଲବ୍ଧ ବିଫଳତାରେ ଲୁହ ଗଡାଇଲେ ଲଜ୍ଜିତ ହେବାର କିଛି ନାହିଁ ବୋଲି ତାକୁ ଶିକ୍ଷା ଦେବେ।'' ଆଜିକାର ବାପାମାନେ ଏପରି କଥା ଭାବିପାରିବେ କି?

ଏ ତ ଗଲା ପ୍ରଥମ ମନ୍ଦିରର କଥା। ଏବେ ଦେଖିବା ଦ୍ୱିତୀୟ ମନ୍ଦିରର ପୂଜାରୀଙ୍କ କଥା। ବିଦ୍ୟାଳୟ ମନ୍ଦିରର ଏହି ଶିକ୍ଷକମାନଙ୍କୁ ଆମ ସମାଜ ଏତେ ମହତ୍ତ୍ୱ ଦିଏ ଯେ, ସେମାନଙ୍କୁ ସାଧାରଣ ମଣିଷ ନ ମଣି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସାକ୍ଷାତ୍ ସମନ୍ୱୟ ବୋଲି ମାନ୍ୟତା ଦିଏ। ଜଣେ ବିଦ୍ୟାର୍ଥୀର ଜୀବନରେ ତା' ମାତାପିତାଙ୍କ ପରେ କେବଳ ଶିକ୍ଷକ ହିଁ ଏକମାତ୍ର ଚରିତ୍ର, ଯାହାଙ୍କୁ ସେ ବିଶ୍ୱାସ କରେ ଓ ତାଙ୍କ ମୁଖନିଃସୃତ ବାଣୀକୁ ବେଦବାକ୍ୟ ପରି ମାନିନିଏ। ଅଜ୍ଞାନ ଅନ୍ଧକାରରେ ବୁଡି ରହିଥିବା ଲକ୍ଷ ଲକ୍ଷ ଶିଶୁଙ୍କୁ ଜ୍ଞାନାଲୋକରେ ଉଦ୍‌ଭାସିତ କରିବାକୁ ଯେଉଁ ନରରୂପୀ ନାରାୟଣମାନେ ଉଦ୍ଦିଷ୍ଟ ସେମାନେ କେମିତି ଅଭିଷିକ୍ତ ହୋଇଥାନ୍ତି ଏହି ପଦରେ? କେଉଁଠି ଓ କେମିତି ନିୟନ୍ତ୍ରିତ ହୋଇଥାଏ ଦେଶର ଭବିଷ୍ୟତ ନିର୍ମାଣ ପାଇଁ ନିୟୋଜିତ ହେଉଥିବା ଏହି କର୍ମକାରମାନଙ୍କ କର୍ମଶାଳା?

ଅଳ୍ପଦିନ ତଳେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ଭିଡିଓ ସର୍ବବ୍ୟାପ୍ତ ହୋଇଥିଲା, ଯାହା ବର୍ତ୍ତମାନ ପାଇଁ ଯେତିକି ଲଜ୍ଜାଜନକ, ଭବିଷ୍ୟତ ପାଇଁ ତତୋଽଧିକ ଚିନ୍ତାଜନକ। ଉତ୍ତରପ୍ରଦେଶର କୌଣସି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କର୍ମରତ ଜଣେ ଶିକ୍ଷୟିତ୍ରୀଙ୍କୁ ନିରୀକ୍ଷଣରେ ଆସିଥିବା ଜଣେ ଉଚ୍ଚପଦସ୍ଥ ଅଧିକାରୀ କେତୋଟି ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଲେ, ତାଙ୍କୁ କରିଥିଲା ତଟସ୍ଥ। ସ୍ତବ୍ଧଚକିତ ନିରୀକ୍ଷକ ମହୋଦୟ ଆଉ ଟକେ ତଳକୁ ଯାଇ ଶିକ୍ଷୟତ୍ରୀଙ୍କ ଇଂଲିଶରେ ଥିବା ନିମ୍ନତମ ମୌଳିକ ଜ୍ଞାନ ପରୀକ୍ଷା କରିବାକୁ ଦୁଇ ତିନୋଟି ଶବ୍ଦର ବନାନ ଲେଖିବାକୁ ନିର୍ଦ୍ଦେଶ ଦେଲେ। ମହୋଦୟା ବ୍ଲାକ୍‌ବୋର୍ଡରେ ଯାହା ଲେଖିଲେ ତାକୁ ଦେଖିଲା ପରେ ତାଙ୍କଠାରୁ ଏଯାବତ୍ ବର୍ଷ ବର୍ଷ ଧରି ଶିକ୍ଷା ଗ୍ରହଣ କରିଆସୁଥିବା ଛାତ୍ରୀଛାତ୍ରଙ୍କ ମା'ବାପାମାନେ ନିଜର ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିବେ।

ସୁନ୍ଦରପଦା କୁହା ମୌଜା Hitech Plaza ପାଖରେ ପ୍ଲଟ ବିକ୍ରିହେବ। (ଘରବାଡି ପଟ୍ଟା ମାଗଣା)। 9439364818, 9337766961. D-8134

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

3 bedroom flat 4000 sqft. full furnished including 4 car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527, 9123142997. D-8142

Luxurious ready to move 3BHK flat BJB Nagar, Bhubaneswar, only genuine buyer Contact Deepak: 9937329999. D-61495

ଝାରପଡା Jagannath nagar ରେ ଘରବାରି yellowzone plot immediate ଘରକରିବା ପାଇଁ ମିଳୁଛି। 8480447967. D-63081

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone plot ମିଳୁଅଛି। 7437853535. D-8143

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs. Contact: 9937059891, 8908292617. D-8140

4BHK duplex at Balianta/ (land-1400 construction-2100) @ 50 lakh residential gharabari land at Patrapada @ 2100, Malipada @ 1050, Nuagaon @ 800/1400, Hanspal @ 1700. Contact- M-Planets: 9861022055, 9938219397. D-8100

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-7917

ଉତ୍ତରାଞ୍ଚକରୁ 5km. ଦୂରରେ ଘରବାରି boundary road ସହିତ ମିଳୁଛି। 8480447967. D-63083

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1BHK & 2BHK flat sale at SBI Colony Kesura. 8480447967. D-63084

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Herbal full body massage by smart/ expert therapist. Contact: 8338067247. D-64128

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

Physiotherapy and Herbal massage by trained ladies/ Gents Therapist- 7008773793. D-63482

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Experience full body massage with us by experts. Enquiry: 7377048581. D-64129

Sampark ayurvedic massage club, fully relaxed/ refreshed by expert lady, home service available. Contact us: 9937637219. D-8139

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779. D-8141

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63597

3 bigroom, 2 toilet at Goutam Nagar, 2nd floor for office cum residence. Call: 9437033691. D-63834

Two 3BHK, one 2BHK house for residential office/ coaching centre at Patrapada, BBSR near NH. 9040830061. D-8086

Rent commercial space, 2300 sqft., ground + firstfloor, Bayamatha Road. Contact: 9437504102. D-47987

2BHK semifurnished 1000 sqft. house, rent- 7000/-, Old Town, Bhubaneswar. Contact: 9439649575, 9540468155. D-63360

2BHK new marble house, Nayapalli near DAV. Family- 9500/-. 9437481649. D-64121

Furnished airconditioned room near Lingaraj Temple, Bhubaneswar, Rs. 5,000/-. 9437388990. D-63362

3BR with separate drawing, dining, 2nd floor, rent- 9000/- Bramheswarpatna, Tankapani Road, Bhubaneswar. Contact: 9437199397. D-63366

3BHK first floor with terrace, garage available at Lewis Road, Bhubaneswar for rent. I deal for Govt./ Company Executive. Contact: 7978961726. D-63364

2200 sqft. adjacent to N.B. Tower CRP Square NH commercial for Bank financial Institution. Ph: 9437066125. D-8147



Class-III- X CBSE/ ICSE student for Math, Science English tuition. 9090864953. D-62783

AFFIDAVIT

By virtue of an affidavit I shall be treated as Laxmi Swain instead of Sabita Swain as both are one and same person i.e, myself which is to be rectified in all LIC Papers. Sd/- Laxmi Swain W/o Babula Swain, Kushapalli, Gamundi. D-8149

Birthday Wish

(Deetya)

Miss Sudeshna Das
D.O.B- 02 Sept, 2013

Wishes From: ଜେଜେବାପା, ଜେଜେମା, ଆଈ, ମାମା, ପାପା, କାକୁ, ମାମୁ, ପିଉସୀ, ପିଉସା, ମାଇଁ, ନାନୀ, ଝୁଗୁଲ୍, ସିମୁନ୍। ଧ-୮୦୯୧

ଜନ୍ମଦିନ ଶୁଭେଚ୍ଛା

(ସୋମୁ)

ଦେବାଶିଷ ଦେବାଙ୍ଗ

ଜନ୍ମଦିନ ଅବସରରେ ପ୍ରଭୁ ସୋମନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛୁ। ସହ: ବିପିନ କୁମାର ନରେନ୍ଦ୍ର, ମା– ତନୁୟୀ, ଜେଜେ, ଜେଜେମା, ବୋଉ, ଦାଦା, ଝୁଡ଼ୀ, ବନ୍ଧୁ ଓ ପରିବାରବର୍ଗ। ଧ-୮୦୫୦

ତୃତୀୟ ଜନ୍ମଦିନ ଶୁଭେଚ୍ଛା

(ଲୁବୁନ)

ରୁଦ୍ରନାରାୟଣ
କୁମାରଡିହ, ଧଉଳି, ଭୁବନେଶ୍ୱର

ଆଜି ତୁମର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରାନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ। ଶୁଭେଚ୍ଛୁ। ସହ: ଜେଜେ– ନିରଞ୍ଜନ ରାଉତରାୟ, ଜେଜେମା– ଶୈଳବାଳା ରାଉତରାୟ, ଅଜା, ଆଈ, ମାମୁ, ବାବା, ମାମା, ଦାଦା, ଖୁଡ଼ୀ, ବିବି ଓ ବନ୍ଧୁ ପରିବାରବର୍ଗ। ଧ-୭୩୩୬୧

ଜନ୍ମଦିନ ଶୁଭେଚ୍ଛା

(ଶଶୀ)

S.K. ସନ୍ତୋଷୀ ଶତପଥୀ
(ଅଭିନେତ୍ରୀ)
ନୀଳମଣିଦେଇପୁର ଶାସନ, ପଙ୍କପାଳ, ଯାଜପୁର

କାଳିଆ ସାଆନ୍ତ ଦିଅନ୍ତୁ ଶୁଭାଶିଷ ଢାଡି, ଜୀବନେ ଉଡାଅ ତୁମେ ବିଜୟ ବୈଯାନ୍ତି। ଆସିଲେ ଯେତେ ଝଡଝଞ୍ଜା ଯିବନି ହାରି, ତୁମ ଚଲାପଥେ ମା' କରନ୍ତୁ ପୁଷ୍ପବାରି। ଶୁଭେଚ୍ଛା ସହ: ଲୁସି ଭାଉଜ, PPL News Channel, ବନ୍ଧୁ ଓ ପରିବାରବର୍ଗ। ଧ-୮୧୪୫

ଜନ୍ମଦିନ ଶୁଭେଚ୍ଛା

ଆଦ୍ୟାଶା ପ୍ରିୟଦର୍ଶିନୀ

ତୋର ପଞ୍ଚମ ବାର୍ଷିକୀ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ। ବଡ଼ବାପା, ବଡ଼ମା, ଆଈ, ସାବି ଅପା, ପିଉସା, ସତୀ ଅପା, ଓମ୍ ଭାଇ, ସୁଇଟି, ବାବା, ମାମା ଓ କୁଟୁଭାଇ। ଧ-୮୧୪୮

ଷଷ୍ଠ ଜନ୍ମବାର୍ଷିକୀ ଶୁଭକାମନା



(କାହ୍ନା)

ସୌମ୍ୟଜିତ୍ ପ୍ରସାଦ
ଫ୍ଲାଟ ନମ୍ବର– ୭୪୦, ରୋକ୍ ଭବନ, କାଗମରା, ଭୁବନେଶ୍ୱର

ଆଜି ତୋର ଷଷ୍ଠ ଜନ୍ମବାର୍ଷିକୀ ଅବସରରେ ଭଗବାନ ଶ୍ରୀଶ୍ରୀ ସାଇକୃଷ୍ଣ ତୋତେ ଅପାର କରୁଣା ଓ ଆଶୀର୍ବାଦ ଦେଇ ତୋର ଚଲାପଥ ପୁଷ୍ପିତ, କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ କରନ୍ତୁ। ଅନେକ ଶୁଭାଶିଷ ସହ: ଜେଜେମା, ଆଈ, ପାପା, ମାମା, କୁନା ଭାଇ, କାହ୍ନା ଭାଇ, ଲିଟୁନ୍, ବାବା, ଖୁଡା, ମାମି ନାନା, ମାନସ ଅଙ୍କଲ, ଲିଜି ନାନା, ମାମୁ, ମାଇଁ ଓ ପରିବାରବର୍ଗ। ଧ-୮୧୩୮

CLASSIFIED BOOKING STATIONS

ANNAPURNA COMMUNICATION
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

JM GRAPHICS
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

MEDIA SOLUTION
VSS Nagar, Santosh Ku. Tripathy, Mob : 7735510493

M/S. SREE JAYADEV JAGANNATH PHOTOSHOP
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

BEEZY'S & ADD
Balakati, Khurda, Giridhari Lal Saranga, Mob : 9438302811

SUMIT COMMUNICATION
Hruda Nanda Behera, Plot No.- 983, Mancheswar, BBSR, Mob : 9938965727

AMAN ADDCARE
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

MARUTI STD
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

TAMANNA COMMUNICATION
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

S S ENTERPRISES
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

SAGAR COMMUNICATION
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

PANCHAMUKHI ADVERTISERS
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

MAA COMMUNICATION
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

JAGANNATH STUDIO
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

SAI TOUR TRAVEL
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

ORISSA RESEARCH FOUNDATION & EDUCATIONAL TRUST
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

AKANKSHYA COMMUNICATION
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

GHUNGUR COMMUNICATION
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

MUNNA COMMUNICATION
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

SUKHALATA SPARE HOUSE
217, CTC Road, BBSR, Prasant Dash, Mob: 9439339595

SAI COMMUNICATION
3A/H, BJB Nagar, BBSR, Lulu Rath, Mob: 9437030835, 2430835

DOOR SANCHAR P.C.O
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

TRAVEL SEBA
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

S. M. ADVERTISERS
Forest Park, BBSR, Pabitra Ku. Behera, Mob: 9658693280

ASWINI KUMAR PANDA
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

SIVASHAKTI XEROX & BOOK STORE
SBI Chhak, Mahatab Road, BBSR, Benudhar Mohapatra. Mob- 8763174232

M/S. S.R. SERVICES
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

SWAYAMVER
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

MAHADEV REALESTATE CONSULTANCY
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

MAHALAXMI VARIETY STORE
Badagada Brit Colony, J. K. Panigrahy, Mob : 9437941222

KANAN COMPUTERS
Samantrapur, Ramakanta Sasmal, Mob : 9437439164

ASSET PROPERTIES
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

MAA SARALA ENTERPRISERS
N-5/37, Nayapalli, BBSR, Tushar Pattnaik, 8018202611

BISHNUPRIYA COMMUNICATION
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

STUDIO MUNNA PHOTOGRAPHY
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

ANITA ADVERTISERS
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9337661113, 0674-2564277

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି
ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ଅଧ୍ୟାପିକା ସ୍ୱାତୀ ମହାନ୍ତି
ବି–୮, ମେଟ୍ରୋ ଟାୱାର, ଭୋଇ ନଗର, ଭୁବନେଶ୍ୱର ୨୨
ଆବିର୍ଭାବ: ୧୯।୦୪।୧୯୫୮
ତିରୋଧାନ: ୦୭।୦୯।୨୦୦୪ (ଜନ୍ମାଷ୍ଟମି)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।
ଲକ୍ଷ୍ମୀନୃସିଂହ ଓ ରୋନିତ୍।
ଧ-୬୧୦୨୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରକାଶ କୁମାର କର
ଆବିର୍ଭାବ: ୨୭।୦୨।୧୯୬୧
ତିରୋଧାନ: ୨୪।୦୮।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୩୪୮୩

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Dollar 71.00 (26)

Sensex (45.03)	38,645.07
Nifty (3.70)	11,680.50
Gold (₹ 10)	31,350.00
Silver (₹ 50)	38,350.00

ଖବର ଏଇ ସପ୍ତାହ

ଅଭିବୃଦ୍ଧି ୮.୨% ଛୁଇଁଲା

ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଉନ୍ନତିଧାରା ପରିଲକ୍ଷିତ ହୋଇଛି। ଏପ୍ରିଲ-ଜୁନ (ପ୍ରଥମ ତ୍ରୈମାସିକ)ସମୟରେ ଅଭିବୃଦ୍ଧି ୮.୨% ଛୁଇଁଛି। ଏହା ଗତ ୧୫ ତ୍ରୈମାସ ମଧ୍ୟରେ ସର୍ବାଧିକ। ବଜାରର ମାନୁଫାକଚରିଂ ଓ କୃଷି କ୍ଷେତ୍ରରେ ଉନ୍ନତି ଯୋଗୁ ଅର୍ଥନୀତିରେ ଏଭଳି ପରିବର୍ତ୍ତନ ଆସିଛି। ଶୁକ୍ରବାର ସରକାର ପ୍ରକାଶ କରିଥିବା ତଥ୍ୟରୁ ଏହି ସୂଚନା ମିଳିଛି। ଘରୋଇ ବଜାର ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିବା ବେଳେ ଏଭଳି ଅଭିବୃଦ୍ଧି ଧାରା ଭାରତର ସ୍ଥିତିକୁ ଆହୁରି ଦୃଢ଼ କରିଛି। ସମାନ ସମୟରେ ଚାଇନାର ଅଭିବୃଦ୍ଧି ହାର ୬.୬% ରହିଛି।

ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୬.୬%

ଜୁଲାଇରେ ୮ ପ୍ରମୁଖ କ୍ଷେତ୍ରର ଅଭିବୃଦ୍ଧି ୬.୬% ରହିଛି। କୋଇଲା, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡିକରେ ଉନ୍ନତ ପ୍ରଦର୍ଶନ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ଜୁଲାଇରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଷ୍ଟିଲ୍ , ସିମେଣ୍ଟ, ଇଲେକଟ୍ରିସିଟି ଭଳି ୮ ପ୍ରମୁଖ କ୍ଷେତ୍ରରେ ଅଭିବୃଦ୍ଧି ୭.୯% ରହିଥିଲା। ଜୁଲାଇ ୨୦୧୮ରେ କୋଇଲା, ରିଫାଇନେରି ପ୍ରଡକ୍ଟ, ସାର ଓ ସିମେଣ୍ଟ କ୍ଷେତ୍ରରେ ଅଭିବୃଦ୍ଧି ଯଥାକ୍ରମେ ୯.୭%, ୧୨.୩%, ୧.୩% ଏବଂ ୧୦.୮% ରହିଛି।

ଏଲ୍‌ପିଜି ଦର ବଢ଼ିଲା

ଶୁକ୍ରବାର ସବ୍‌ସିଡିଯୁକ୍ତ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ସିଲିଣ୍ଡର ଦାମ ୧.୪୯ ଟଙ୍କା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀରେ ଶୁକ୍ରବାର ମଧ୍ୟରାତ୍ରିରୁ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୪୯୮.୦୨ ଟଙ୍କାରୁ ୪୯୯.୫୧ଟଙ୍କାକୁ ବଢ଼ିଯାଇଛି। ସେହିପରି ଦିଲ୍ଲୀରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୩୦.୫୦ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଗୋଟିଏ ସିଲିଣ୍ଡର ଦାମ ବୃଦ୍ଧି ପାଇ ୮୨୯ ଟଙ୍କା ହୋଇଛି।

> ଦୀର୍ଘ ୬ବର୍ଷର ଆଲୋଚନା ପରେ ଆସନ୍ତା ନଭେମ୍ବରରେ ଭାରତ ସମେତ ୧୬ଟି ଦେଶର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ।
>
> – ଚାନ୍ ଚୁଙ୍ଗ ସିଙ୍ଗ, ବାଣିଜ୍ୟ ମନ୍ତ୍ରୀ ସିଙ୍ଗାପୁର

> ଭାରତ ଓ ଆସିଆନ ଦେଶସମୂହ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବଢ଼ିବାରେ ଲାଗିଛି। ଉଭୟ ପକ୍ଷ ମଧ୍ୟରେ ବାର୍ଷିକ ୮୦ ବିଲିୟନ ଡଲାର କାରବାର ହେଉଥିବା ବେଳେ ଏହାକୁ ୨୦୦ ବିଲିୟନ ଡଲାରକୁ ପହଞ୍ଚାଇବାକୁ ହେବ।
>
> – ରଶେଶ ଶାହ୍, ପ୍ରେସିଡେଣ୍ଟ, ଫିକ୍କି

ଦ୍ୱାରଦେଶରେ ପହଞ୍ଚିବ ଡାକ ବ୍ୟାଙ୍କ

ନୂଆଦିଲ୍ଲୀ,୧-୯

ବ୍ୟାଙ୍କିଙ୍ଗ ସେବାକୁ ଦ୍ୱାରଦେଶରେ ପହଞ୍ଚାଇବା ଲାଗି ଏନଡିଏ ସରକାରଙ୍କ ଲକ୍ଷ୍ୟ ଶନିବାର ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି)କୁ ଲଞ୍ଚ କରିଛନ୍ତି। ସାରା ଦେଶରେ ବିଛାଇ ହୋଇ ରହିଥିବା ପ୍ରାୟ ୧.୫୫ ଲକ୍ଷ ପୋଷ୍ଟ ଅଫିସ ଓ ୬୫୦ ବ୍ୟାଙ୍କ ଶାଖା,୩୨୫୦ ଆକ୍ସେସ ପଏଣ୍ଟ, ପ୍ରାୟ ୩ ଲକ୍ଷ ଡାକ ପିଅନ ଏବଂ ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ଦ୍ୱାରଦେଶରେ ପହଞ୍ଚାଯିବ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଅନ୍ୟ ବ୍ୟାଙ୍କ ଭଳି କାର୍ଯ୍ୟ କରୁଥିଲେ ହେଁ ଋଣ ପ୍ରଦାନର ବିପଦ(ଏନ୍‌ପିଏ ସମସ୍ୟା)ରୁ ଦୂରେଇ ରହି ଏହା ସୀମିତ କାର୍ଯ୍ୟକ୍ଷେତ୍ର ଭିତରେ ତା'ର ଦାୟିତ୍ୱ ତୁଲାଇବ। ଅନ୍ୟ ବ୍ୟାଙ୍କ ଭଳି ଆଇପିପିବିରୁ ଗ୍ରାହକଙ୍କୁ ଋଣ ଅଥବା କ୍ରେଡିଟ୍ କାର୍ଡ ମିଳିବ ନାହିଁ। ଅନ୍ୟ ବ୍ୟାଙ୍କ ଭଳି ଆଇପିପିବିରେ ଜଣେ ଗ୍ରାହକ ବ୍ୟକ୍ତିଗତ ଆକାଉଣ୍ଟରେ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ରଖିପାରିବ। ଯୋଗାଯୋଗ ମନ୍ତ୍ରୀ ମନୋଜ ସିହ୍ନା କହିଥିଲେ ଯେ, ଆଜିଠାରୁ ଆଇପିପିବି ଏହାର ସେବା ୬୫୦ ଶାଖା, ୩୨୫୦ ଆକ୍ସେସ ପଏଣ୍ଟ ଜରିଆରେ ଯୋଗାଇବ। ଯେକୌଣସି ବ୍ୟକ୍ତିଗତ ଆକାଉଣ୍ଟରେ ୧ ଲକ୍ଷ

୬୫୦ ଶାଖା, ୩୨୫୦ ଆକ୍ସେସ୍ ପଏଣ୍ଟ ଓ ୧.୫୫ ଲକ୍ଷ ପୋଷ୍ଟ ଅଫିସରେ ବ୍ୟାଙ୍କ ସେବା

ଟଙ୍କାରୁ ଅଧିକ ଜମା ରାଶି ରହିଲେ ଏହା ସ୍ୱତଃ ପୋଷ୍ଟ ଅଫିସ ସେଭିଙ୍ଗସ ଆକାଉଣ୍ଟରେ ପରିବର୍ତ୍ତିତ ହୋଇଯିବ। କେନ୍ଦ୍ର ସରକାରଙ୍କ ଶତପ୍ରତିଶତ ମାଲିକାନାରେ ଥିବା ଆଇପିପିବି ଡିପାର୍ଟମେଣ୍ଟ ଅଫ ପୋଷ୍ଟ ଅଧୀନରେ ଗଠନ କରାଯାଇଛି। ଟେକ୍ନୋଲୋଜିର ସହାୟତା ନିଆଯାଇ ଆଇପିପିବିରେ ଆଧାର ଇ-କେୱାଇସି ମାଧ୍ୟମରେ ଯେକୌଣସି ବ୍ୟକ୍ତିଙ୍କର ସେଭିଙ୍ଗସ ଆକାଉଣ୍ଟ ଖୋଲି ହେବ। ଏହାଛଡା କ୍ୟୁଆର୍ କୋଡ୍ ଓ ବାୟୋମେଟ୍ରିକ ଜରିଆରେ ସ୍ୱୀକୃତି ପ୍ରଦାନ, କାରବାର ଏବଂ ଦେୟ ପ୍ରଦାନକୁ ସୁନିଶ୍ଚିତ କରାଯିବ। ସ୍ମାର୍ଟଫୋନ ଓ ବାୟୋମେଟ୍ରିକ ମେଶିନ ସହାୟତାରେ ଗ୍ରାମୀଣ ଡାକସେବକ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାକୁ ପହଞ୍ଚାଇବେ। ପ୍ରାୟ ୧୭ କୋଟି ପୋଷ୍ଟାଲ ସେଭିଙ୍ଗସ ଆକାଉଣ୍ଟକୁ ଆଇପିପିବି ସହ ଯୋଡାଯିବ।

ସୁନ୍ଦରମ୍ ସର୍ଭିସେସ୍ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୧-୯

ଦେଶର ଜିଡିପି କ୍ଷେତ୍ରରେ ସେବା କ୍ଷେତ୍ରର ଅବଦାନ ୫୩% ରହିଥିବା ବେଳେ ମୋଟ ବଜାର କ୍ୟାପିଟାଲାଇଜେଶନ ୩୫% ରହିଛି। ଏହି କ୍ଷେତ୍ରରେ ପୁଞ୍ଜିବଜାରରେ ପଞ୍ଜୀକୃତ ସଂସ୍ଥାଗୁଡିକ ଲାଗି ସମ୍ପ୍ରସାରଣର ବିଶେଷ ସୁଯୋଗ ରହିଛି। ସେବା କ୍ଷେତ୍ରର ବର୍ଦ୍ଧିତ ଚାହିଦାକୁ ନଜରରେ ରଖି ପ୍ରମୁଖ ଫଣ୍ଡ ହାଉସ ସୁନ୍ଦରମ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ନୂଆ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) 'ସୁନ୍ଦରମ୍ ସର୍ଭିସେସ୍ ଫଣ୍ଡ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ ଏଣ୍ଡେଡ୍ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ହୋଇଥିବା ବେଳେ ଏହାର ସବସ୍କ୍ରିପ୍ସନ ଆରମ୍ଭ ହୋଇଛି। ସବସ୍କ୍ରିପ୍ସନର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଛି। ଏଥିରେ ସର୍ବନିମ୍ନ ୫୦୦୦ ଟଙ୍କା ନିବେଶ କରାଯାଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଘରୋଇ ବଜାରରେ ସେବା କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ସାଧନ କରୁଥିବା ବେଳେ ଲୋକଙ୍କ କ୍ରୟ ଶକ୍ତି , ସୋସିଆଲ ମୋବିଲିଟିରେ ଉନ୍ନତି ଏବଂ ସହରୀକରଣ ଧାରାରେ ବୃଦ୍ଧି ଘଟିଥିବା ସୁନ୍ଦରମ ମ୍ୟୁଚୁଆଲ ଫଣ୍ଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁନୀଲ ସୁବ୍ରମଣ୍ୟମ ସୂଚନା ଦେଇଛନ୍ତି। ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତରେ ସେବା କ୍ଷେତ୍ରର ସାଙ୍ଗଠନିକ ଧାରା ଉନ୍ନତ ରହିଛି। ଭାରତର ସର୍ଭିସ ଇଣ୍ଡେକ୍ସ ଗତ ଦଶନ୍ଧିରେ ୫ଏକ୍ସ ରିଟର୍ନ ପ୍ରଦାନ କରିଛି। ସେହିଭଳି ବିଶ୍ୱ ବଜାରରେ କଞ୍ଜ୍ୟୁମର ସର୍ଭିସ ଥିମ୍ ଭଲ ପ୍ରଦର୍ଶନ କରୁଛି ବୋଲି ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି।

ହ୍ୟାଣ୍ଡଲୁମ୍ ପ୍ରଡକ୍ଟର ଆଦୃତି ବଢୁଛି

ସମୟ ଥିଲା ଗୋଟିଏ ରାଜ୍ୟର ହସ୍ତତନ୍ତ ସାମଗ୍ରୀ ପାଇବାକୁ ହେଲେ ସେହି ରାଜ୍ୟ କିମ୍ବା କିଛି ବଛା ବଛା ସ୍ଥାନକୁ ଯିବାକୁ ପଡୁଥିଲା। ଏହା ସମୟ ସାପେକ୍ଷ ତଥା ବ୍ୟୟ ସାପେକ୍ଷ ହେଉଥିଲା। ଜଗତୀକରଣ ତଥା ବଜାର ସୁବିଧା ଉନ୍ନତ ହେବା ଯୋଗୁ ଏବେ କୌଣସି ରାଜ୍ୟର ବୁଣାକାରଙ୍କ ସାମଗ୍ରୀ ଲୋକମାନେ ନିଜ ସହରରେ ପାଇ ପାରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ପ୍ରଦର୍ଶନୀମାନ ଆୟୋଜନ ହେଉଛି। ଶୁକ୍ରବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି 'କଟନ ଫ୍ୟାବ ୨୦୧୮'। ଏଠାରେ ୧୫୦ ଷ୍ଟଲରେ ୨୩ ରାଜ୍ୟର ୧୫୦ ବୁଣାକାର ସେମାନଙ୍କ ହାତବୁଣା ସାମଗ୍ରୀର ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ଏହି କାରିଗରମାନଙ୍କୁ ଏକକ ପ୍ଲାଟଫର୍ମ ପ୍ରଦାନ କରିଛି ଉତ୍ତର ପ୍ରଦେଶର ଅଖିଳ ହଥ୍‌କରଘା , ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ସମିତି। ଏହାର ସମ୍ପାଦକ ଜାଭେଦ ଆଲାମ ମେଲା ଆୟୋଜନ ତଥା ହସ୍ତଶିଳ୍ପ କାରିଗରଙ୍କୁ ଉନ୍ନତୀକରଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ....

■ **ଓଡିଶା ବଜାରରେ ହ୍ୟାଣ୍ଡଲୁମ୍ ସାମଗ୍ରୀକୁ ନେଇ ଗ୍ରାହକଙ୍କ ରେସପନ୍ସ କିଭଳି ରହିଛି।**

❖ ଏଠାରେ ହ୍ୟାଣ୍ଡଲୁମ୍ ସାମଗ୍ରୀକୁ ନେଇ ଗ୍ରାହକଙ୍କ ମଧ୍ୟରେ ଭଲ ରେସପନ୍ସ ରହିଛି। ଚଳିତ ବର୍ଷ ଆମେ ୧୦ ବର୍ଷ ଲାଗି ଏଠାରେ ପ୍ରଦର୍ଶନୀ ଆୟୋଜନ କରୁଛୁ। ୨୩ ରାଜ୍ୟର ୧୫୦ ଶିଳ୍ପୀ ଏହି ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ଲୋକଙ୍କ ଚାହିଦା ରହିଥିବାରୁ ଏଠାରେ ପ୍ରତିବର୍ଷ ଆମେ ଏଭଳି ପ୍ରଦର୍ଶନୀ ଆୟୋଜନ କରୁଛୁ।

■ **ପାର୍ବଣ ସମୟ ଆସୁଥିବାରୁ ଚଳିତ ବର୍ଷ ମେଳାରେ ବ୍ୟବସାୟ ନେଇ କ'ଣ ଲକ୍ଷ୍ୟ ରଖିଛନ୍ତି?**

❖ ପୂର୍ବବର୍ଷଗୁଡିକ ଭଳି ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି। ପାର୍ବଣ ସମୟ ଆସୁଥିବାରୁ ଏଠାରେ ଗ୍ରାହକମାନେ ବିଭିନ୍ନ ରାଜ୍ୟର ସାମଗ୍ରୀ ସେମାନଙ୍କ ପସନ୍ଦ ମୁତାବକ ସିଧାସଳଖ କାରିଗରଙ୍କଠାରୁ ସୁଲଭ ମୂଲ୍ୟରେ ପାଇପାରିବେ। ଗତ ବର୍ଷ ୯୦ ଲକ୍ଷ ଟଙ୍କା ବ୍ୟବସାୟ ହୋଇଥିଲା। ଏହା ଚଳିତ ବର୍ଷ ୧ କୋଟି ଟପିବ ବୋଲି ଆଶା କରାଯାଉଛି।

■ **ହ୍ୟାଣ୍ଡଲୁମ୍ ପ୍ରଡକ୍ଟ କ୍ରୟ ନେଇ ଲୋକଙ୍କ ବ୍ୟବହାର ତଥା ଓଡିଶା ବଜାରକୁ ନେଇ କ'ଣ କହିବେ?**

❖ ହ୍ୟାଣ୍ଡଲୁମ ପ୍ରଡକ୍ଟ ପ୍ରତି ଲୋକଙ୍କ ଚାହିଦାରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ପୂର୍ବରୁ କୌଣସି ଗ୍ରାହକ ଯଦି ଅନ୍ୟ ରାଜ୍ୟର ସ୍ୱତନ୍ତ୍ର ଶାଢି, କପଡା, ବୁଣାକାର ସାମଗ୍ରୀ ଲାଭ କରିବାକୁ ଚାହୁଁଥିଲେ ଏହା ବ୍ୟୟସାପେକ୍ଷ ରହିଥିଲା। ମାତ୍ର ଏଭଳି ପ୍ରଦର୍ଶନୀ ଦ୍ୱାରା ଲୋକମାନେ ସେମାନଙ୍କ ପସନ୍ଦ ସାମଗ୍ରୀ ନିଜ ସହରରେ ପାଇ ପାରୁଛନ୍ତି। ଏହା ଦ୍ୱାରା କାରିଗରଙ୍କ ରୋଜଗାର ତଥା ଗ୍ରାହକଙ୍କୁ ସୁଲଭରେ ସାମଗ୍ରୀ ଉପଲବ୍ଧ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଠାକାର ଗ୍ରାହକଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟର ହ୍ୟାଣ୍ଡଲୁମ୍ ପ୍ରଡକ୍ଟ ନେଇ ବିଶେଷ ଆଗ୍ରହ ଦେଖିବାକୁ ପାଇଛୁ।

■ **ଓଡିଶାର ହ୍ୟାଣ୍ଡଲୁମ୍ ପ୍ରଡକ୍ଟ ସମ୍ପର୍କରେ କ'ଣ କହିବେ?**

❖ ଓଡିଶାର ହ୍ୟାଣ୍ଡଲୁମ୍ ପ୍ରଡକ୍ଟର ସ୍ୱତନ୍ତ୍ରତା ରହିଛି। ଆମ ପ୍ଲାଟଫର୍ମରେ ୨୦୦୦ କାରିଗର ସାମିଲ ଥିବା ବେଳେ ଏଠାରୁ ୨୦ରୁ ଅଧିକ ଶିଳ୍ପୀ ସାମିଲ ରହିଛନ୍ତି। କାରିଗରମାନେ ସେମାନଙ୍କ ଉତ୍ପାଦକୁ ଅନ୍ୟ ରାଜ୍ୟରେ ବିକ୍ରି ମଧ୍ୟ କରିପାରୁଛନ୍ତି।

■ **ହ୍ୟାଣ୍ଡଲୁମ ସହ ଜଡିତ କାରିଗରଙ୍କ ବିକାଶ ଦିଗରେ କି ପଦକ୍ଷେପ ନେଉଛନ୍ତି?**

❖ ଆମେ ଅଖିଳ ସୋସାଇଟି ଦ୍ୱାରା ଗତ ୨୦ ବର୍ଷ ଧରି କାରିଗରଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛୁ। ସେମାନଙ୍କ ପ୍ରଡକ୍ଟର ବିକ୍ରି ଲାଗି ମେଳାର ଆୟୋଜନ, ମାର୍କେଟିଂ ବ୍ୟବସ୍ଥା, ବୁଣାକାରଙ୍କୁ ପରାମର୍ଶ, ତାଲିମ, ଡିଜାଇନ୍ ସମ୍ପର୍କିତ ଜ୍ଞାନକୌଶଳ, ବୀମା ସୁବିଧା ଭଳି ବିଭିନ୍ନ ପଦକ୍ଷେପ ନେଉଛି। ଦେଶରେ ପ୍ରତିବର୍ଷ ୧୫ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ବିଦେଶରେ ଏଭଳି ପ୍ରଦର୍ଶନୀ ଆୟୋଜନ ନେଇ ଲକ୍ଷ୍ୟ ରହିଛି।

– ରିପୋର୍ଟ: ସତ୍ୟାନନ୍ଦ ନାୟକ

ଏଲ୍‌ଆଇସି ପକ୍ଷରୁ ୬୨ ବର୍ଷ ପୂର୍ତ୍ତି ପାଳନ

କଟକ/ଭୁବନେଶ୍ୱର,୧-୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ୬୨ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ଏହାର କଟକ, ଭୁବନେଶ୍ୱର ସମେତ ଅନ୍ୟ ମଣ୍ଡଳ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଲ୍‌ଆଇସିର କଟକ ମଣ୍ଡଳ ଅଧୀନରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଚଳନଶୀଳ ପଲିସି ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୪.୯୬ ଲକ୍ଷ ନୂଆ ପଲିସି ସହ ସର୍ବ ଭାରତୀୟସ୍ତରରେ ପଲିସି ସଂଖ୍ୟାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗତ ବର୍ଷ କଟକ ମଣ୍ଡଳ ୬୩୧.୪୧ କୋଟି ନୂତନ ପ୍ରିମିୟମ ଆୟ କରି ପୂର୍ବ ମଧ୍ୟ କ୍ଷେତ୍ରରେ ପ୍ରଥମ ସ୍ଥାନ ଏବଂ ସର୍ବଭାରତୀୟ ସ୍ତରରେ ୧୦ ନମ୍ବର ସ୍ଥାନରେ ରହିଛି। ମଣ୍ଡଳର ଭଦ୍ରକ ଶାଖା ପଲିସି କ୍ଷେତ୍ରରେ ସାରା ଦେଶରେ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଯାଜପୁର ଶାଖା ୫ମ ସ୍ଥାନ, ବାଲେଶ୍ୱର ସପ୍ତମ ଶାଖା ସ୍ଥାନରେ ରହିଥିବା କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ସୂଚନା ଦେଇଛନ୍ତି। ସେହିଭଳି ଭୁବନେଶ୍ୱର ମଣ୍ଡଳ ୨୦୧୭-୧୮ରେ ୧୦.୨୧ ଲକ୍ଷ ପଲିସି ସହ ୧୪୪୨ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ଚଳିତ ବର୍ଷ ୧୦.୫୪ ଲକ୍ଷ ନୂଆ ପଲିସି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୧୫୬୭ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ, ୨ ହଜାର ନୂଆ ଏଜେଣ୍ଟ ନିଯୁକ୍ତି ଲାଗି ଯୋଜନା ରହିଥିବା ସିନିୟର ଡିଭିଜନ ମ୍ୟାନେଜର ଏଲ୍.ପି. ଦାସ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

ସାପ୍ତାହିକ ସମୀକ୍ଷା

କ୍ରମାଗତ ଷଷ୍ଠ ସପ୍ତାହ ବଜାର ବୃଦ୍ଧି

ମୁମ୍ବାଇ,୧-୯

ନିବେଶକଙ୍କ ଆସ୍ଥା ପ୍ରକଟ ଯୋଗୁ ଷ୍ଟକ୍ ମାର୍କେଟ ବୃଦ୍ଧି ଜାରି ରହିଛି। କ୍ରମାଗତ ଷଷ୍ଠ ସପ୍ତାହ ଧରି ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ସପ୍ତାହ ଶେଷ ବେଳକୁ ସେନସେକ୍ସରେ ୩୯୩.୨୭ ପଏଣ୍ଟ ବୃଦ୍ଧି ପାଇ ୩୮,୬୪୫.୦୭ରେ ଏବଂ ନିଫ୍ଟି ୧୨୩.୪୦ ପଏଣ୍ଟ ବଢ଼ି ୧୧,୬୮୦.୫୦ରେ ବନ୍ଦ ହୋଇଛି। ଅଗଷ୍ଟ ଏଫ୍ ଆଣ୍ଡ ଓ କାରବାର ଏକ୍ସପାରୀ ହେବାକୁ ଥିବା ବେଳେ ପ୍ରାୟ ସମସ୍ତ ଷ୍ଟକ୍‌ରେ ର‍ୟାଲି ଯୋଗୁ ସେନସେକ୍ସ ବଢ଼ିଥିବା ଦେଖାଯାଇଥିଲା।

ନୂଆ ନିଯୁକ୍ତି

ଶ୍ରୀଧର ପାତ୍ର ନାଲ୍‌କୋର ଅର୍ଥ ନିର୍ଦ୍ଦେଶକ

ଭୁବନେଶ୍ୱର,୧-୯

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ନୂଆ ଅର୍ଥ ନିର୍ଦ୍ଦେଶକ ଭାବେ ଶ୍ରୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡର ଅର୍ଥ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦୀର୍ଘ ୩୦ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ଓଡିଶା ଖଣି ନିଗମ, ଇଣ୍ଡିଆନ୍ ରେୟାର ଆର୍ଥସ ଲିମିଟେଡ, ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ ଲିମିଟେଡ ଭଳି ସ୍ଥାନରେ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ନାଲ୍‌କୋ ଅଧକ୍ଷ ଚାନ୍ଦ ତାଙ୍କୁ ବୋର୍ଡକୁ ସ୍ୱାଗତ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଓ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟରୁ ଏଚ୍‌ଆରଡି ଡିଗ୍ରୀ ହାସଲ କରିଛନ୍ତି। ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସର ଜଣେ ସଦସ୍ୟ।

No. 08-W:-

ACCESS TO JUSTICE FOR ALL

ରାଷ୍ଟ୍ରୀୟ ଲୋକ ଅଦାଲତ

ତା୦୮।୦୯।୨୦୧୮ରିଖ (ଶନିବାର)

ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହାସହିତ କୌଣସି ବିବାଦ ରହିଛି କି ?

୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩. ତା୦୮।୦୯।୨୦୧୮ରିଖ (ଶନିବାର)ରେ ଉଚ୍ଚନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧ

ଧରିତ୍ରୀ DHARITRI

ଏସିଆନ୍ ଗେମ୍ସ

୧୪

ରବିବାର, ୨ ସେପ୍ଟେମ୍ବର, ୨୦୧୮

ସ୍ୱର୍ଣ୍ଣ ବିଜୟୀ ପ୍ରଣବ ବର୍ଦ୍ଧନ ଓ ଶିବନାଥ ସରକାର।

ବ୍ରିଜ୍‌ରେ ବର୍ଦ୍ଧନ, ସରକାରଙ୍କୁ ସ୍ୱର୍ଣ୍ଣ

ଜାକର୍ତ୍ତା, ୧।୯ (ପି.ଟି.): ଏସିଆନ ଗେମ୍ସରେ ଭାରତର ପ୍ରଣବ ବର୍ଦ୍ଧନ ଓ ଶିବନାଥ ସରକାର ବ୍ରିଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡି ଶନିବାର ଅନୁଷ୍ଠିତ ପୁରୁଷ ପେୟାର ଇଭେଣ୍ଟରେ ବିଜୟୀ ହୋଇ ସ୍ୱର୍ଣ୍ଣମ ସଫଳତା ହାସଲ କରିଛନ୍ତି। ଏଥିସହ ପ୍ରଣବ ଭାରତୀୟ ଦଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଭାବେ ପଦକ ଜିତିଛନ୍ତି। ୬୦ ବର୍ଷୀୟ ବର୍ଦ୍ଧନ ଓ ୫୬ ବର୍ଷୀୟ ସରକାର ୩୮୪ ପଏଣ୍ଟ ସ୍କୋର କରିଛନ୍ତି। ଉକ୍ତ ଭାରତୀୟ ଯୋଡି ଚାଇନାର ଲିକ୍ସିନ ୟାଙ୍ଗ ଓ ଗାଙ୍ଗ ଚେନଙ୍କୁ ହରାଇ ବାଜି ମାରିଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏହି ଚାଇନା ଯୋଡି ୩୭୮ ପଏଣ୍ଟ ସ୍କୋର କରିଥିଲେ। ଏସିଆନ ଗେମ୍ସରେ ବ୍ରିଜ ଏଥର ପଦାର୍ପଣ କରିଛି।

ଆୟୋଜକ ଇଣ୍ଡୋନେସିଆର ହେଙ୍କି ଲାସୁସ ଓ ଫ୍ରେଙ୍କୀ ଏଙ୍ଗୀ ମନୋପ୍ପୋ ୩୭୪ ସ୍କୋର କରିବା ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହଂକଂର ମାକ କ୍ୱୋକ ଫାଇ ଓ ଲାଇ ୱାଇ କିଟ ୩୭୩ ପଏଣ୍ଟ ସ୍କୋର କରିଥିଲେ।

ସୁମିତ ମୁଖାର୍ଜୀ ଓ ଦେବବ୍ରତ ମଜୁମଦାର ୩୩୩୩ ପଏଣ୍ଟ ସ୍କୋର କରି ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିପରି ସୁବାସ ଗୁପ୍ତା ଓ ସପନ ଦେଶାଇ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ମିକ୍ସଡ ପେୟାର ଇଭେଣ୍ଟରେ ଭାରତର ବାଚିରାଜୁ ସତ୍ୟନାରାୟନ ଓ କିରନ ନାଦାର ୩୩୩୩ ପଏଣ୍ଟ ସ୍କୋର କରି ପଞ୍ଚମ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେହିପରି ଅନ୍ୟତମ ଭାରତୀୟ ଯୋଡି ରାଜୀବ ଖଣ୍ଡେଲୱାଲ ଓ ହିମାନୀ ଖଣ୍ଡେଲୱାଲ ୩୨୯ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଛନ୍ତି। ମହିଳା ପେୟାର ଇଭେଣ୍ଟରେ ଭାରତର ହିମା ଦେଓରା ଓ ମାରିଆନେ କର୍ମାକର ୩୪୯ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଛନ୍ତି। ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ସହ ଓଭରାଲ ତୃତୀୟ ସ୍ଥାନରେ ରହିଛି।

ଭାରତ ପୂର୍ବରୁ ପୁରୁଷ ଟିମ ଓ ମିକ୍ସଡ ଟିମ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲା।

ବକ୍ସିଂରେ ଅମିତଙ୍କୁ ସ୍ୱର୍ଣ୍ଣ

ଜାକର୍ତ୍ତା, ୧।୯ (ପି.ଟି.)

ଚଳିତ ଏସିଆନ ଗେମ୍ସରେ ଅମିତ ପଙ୍ଘାଲ ବକ୍ସିଂରେ ଭାରତ ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୪୯ କେ.ଜି. ବର୍ଗ ପ୍ରତିଯୋଗିତାରେ ଅମିତ ଅଲିମ୍ପିକ୍ସ ତଥା ଏସିଆନ ଚାମ୍ପିୟନ ହାସାନବଏ ଡୁସମାଟୋଭଙ୍କୁ ଫାଇନାଲରେ ୩-୨ରେ ହରାଇ ଏହି ସଫଳତା ହାସଲ କରିଛନ୍ତି। ହରିୟାଣାର ଅମିତ ଏଥିସହିତ ଅଷ୍ଟମ ଭାରତୀୟ ବକ୍ସର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

ସେନବାହିନୀରେ କାର୍ଯ୍ୟ କରୁଥିବା ୨୨ ବର୍ଷୀୟ ଅମିତ୍ ଏକମାତ୍ର ଭାରତୀୟ ବକ୍ସର ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଡୁସମାଟୋଭେ ତାଙ୍କୁ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ହରାଇଥିଲେ। ଅବଶ୍ୟ ଏହି ମ୍ୟାଚ ସେତେ ବେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା।

ଏହାପୂର୍ବରୁ ବକ୍ସିଂରେ ଭାରତର ବିକାଶ କ୍ରିଷ୍ଣନ ମିଡିଲ- ୱେଟ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବକ୍ସିଂରେ ଭାରତୀୟ ପ୍ରତିଯୋଗୀମାନେ ଆଶାନୁରୂପ ସଫଳତା ଏଥର ପାଇ ନାହାନ୍ତି। ଶେଷରେ ଭାରତକୁ ମାତ୍ର ଦୁଇଟି ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି।

ଏସିଆନ ଗେମ୍ସରେ ପଦାର୍ପଣ କରିଥିବା ଅମିତ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତାଙ୍କର କୌଶଳ ବେଶ୍ ଉଚ୍ଚକୋଟୀର ଥିଲା। ତାଙ୍କର ଜବରଦସ୍ତ ଡିଫେନ୍ସ ଡୁସମାଟୋଭଙ୍କୁ କୌଣସି ସୁଯୋଗ ଦେଇ ନ ଥିଲା। ଡୁସମାଟୋଭ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବକ୍ସର ହୋଇଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲେ। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ବିଜୟ ସହ ଅମିତ୍ ବିଶ୍ୱଚାମ୍ପିୟନଶିପ୍ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି।

ଆଗରୁ ମୁଁ ତାଙ୍କଠାରୁ ପରାସ୍ତ ହୋଇଥିଲି। ତେଣୁ ମୋତେ ପ୍ରତିଶୋଧ ନେବାର ଥିଲା ବୋଲି ଅମିତ କହିଛନ୍ତି। କୋଚ୍ ନିଏଭା ସାଣ୍ଟିଆଗୋ ଓ ଅନ୍ୟ କୋଚ୍‌ମାନେ ମୋତେ ପ୍ରସ୍ତୁତି କରିବାରେ ବେଶ୍ ସହାୟ ହୋଇଥିଲେ। ସେମିଫାଇନାଲରେ ମୁଁ ପ୍ରଥମ ରାଉଣ୍ଡରେ ଭଲ ପ୍ରଦର୍ଶନ କରିପାରି ନ ଥିଲି। ତେବେ ଫାଇନାଲରେ ଏହି ତ୍ରୁଟିକୁ ମୁଁ ଦୋହରାଇ ନ ଥିଲି। ପ୍ରତିଆକ୍ରମଣ କରିବାକୁ କୋଚ୍ ମୋତେ ପରାମର୍ଶ ଦେଇଥିଲେ। ଇଂଲଣ୍ଡରେ ଟ୍ରେନିଂ ନେବା ମୋତେ ବେଶ୍ ସହାୟ ହୋଇଥିଲା ବୋଲି ଅମିତ କହିଛନ୍ତି। ଅମିତ୍‌ଙ୍କ ପ୍ରଦର୍ଶନକୁ କୋଚ୍ ସାଣ୍ଟିଆଗୋ ବେଶ୍ ପ୍ରଶଂସା କରିଛନ୍ତି। ଡୁସମାଟୋଭ ଜଣେ ଏକ୍ସପ୍ଲୋସିଭ୍ ବକ୍ସର ହୋଇଥିବାରୁ ତାଙ୍କଠାରୁ ଦୂରେଇ ରହିବାକୁ ଅମିତଙ୍କୁ ମୁଁ ପରାମର୍ଶ ଦେଇଥିଲି ବୋଲି ସେ କହିଛନ୍ତି।

ତେବେ ବକ୍ସିଂରେ ଭାରତର ମୋଟାମୋଟି ପ୍ରଦର୍ଶନ ଆଶାନୁରୂପ ହୋଇ ପାରି ନାହିଁ ବୋଲି ସାଣ୍ଟିଆଗୋ ସ୍ୱୀକାର କରିଛନ୍ତି। ଭାରତ ଆଉ ୨-୩ଟି ପଦକ ହାସଲ କରିପାରିଥାନ୍ତା। ଏହାପୂର୍ବରୁ ଅମିତ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପୁଣି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଜିତିଥିଲେ। ତେଣୁ ବକ୍ସିଂ ଅମିତଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ସେ ଇଣ୍ଡିଆ ଓପନ୍ ପ୍ରଥମ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଓ ବୁଲଗେରିଆରେ ଅନୁଷ୍ଠିତ ସମ୍ମାନଜନକ ଷ୍ଟ୍ରାଣ୍ଡଜା ମେମୋରିଆଲ ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ।

ଏହାପୂର୍ବରୁ ଏସିଆନ ଗେମ୍ସରେ ବିଜେନ୍ଦର ସିଂ ଓ ବିକାଶ କ୍ରିଷ୍ଣନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ ଏସିଆନ ଗେମ୍ସରେ ଏମ୍.ସି. ମେରିକମ୍ ପ୍ରଥମ ଭାରତୀୟ ମହିଳା ବକ୍ସର ଭାବେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲ ଜିତିଛନ୍ତି। ତେବେ ପ୍ରଥମ ଭାରତୀୟ ବକ୍ସର ଭାବେ ପଦ୍ମ ବହାଦୁର ମଲ ୧୯୬୨ରେ ଏସିଆଡ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିମ୍ବଦନ୍ତୀ ବକ୍ସର ହାୱା ସିଂ ଏକମାତ୍ର ଭାରତୀୟ ବକ୍ସର ଭାବେ ୧୯୬୬ ଓ ୧୯୭୦ ଏସିଆଡରେ କ୍ରମାଗତ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ହେଭିୱେଟ କାଟାଗୋରୀରେ ଏହି ସଫଳତା ପାଇଥିଲେ।

ଫାଇନାଲ୍‌ରେ ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ଅମିତ ପଙ୍ଘାଲ (ଡାହାଣ)।

ଉଦ୍‌ଯାପନୀରେ ତ୍ରିରଙ୍ଗା ବହନ କରିବେ ରାଣୀ

ଜାକର୍ତ୍ତା,୧।୯(ପି.ଟି): ଚଳିତ ୧୮ତମ ଏସିଆନ ଗେମ୍ସର ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ହକି ଅଧିନାୟିକା ରାଣୀ ରାମପାଲ ଭାରତୀୟ ପତାକା ତ୍ରିରଙ୍ଗା ବହନ କରିବେ। ଶନିବାର ରାଣୀଙ୍କୁ ଏଥିପାଇଁ ଚୟନ କରାଯାଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ରାଣୀ ଭାରତୀୟ ପତାକା ବହନ କରିବେ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ତଥା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଭାରତୀୟ ପତାକା ବହନ କରିଥିଲେ। ଚୋପ୍ରା ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ରାଣୀଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ପଦକ ହାସଲ କରିଛି। ୨୦ ବର୍ଷ ପରେ ଭାରତୀୟ ଦଳ ପ୍ରଥମଥର ପାଇଁ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଫାଇନାଲରେ ଜାପାନ ୨-୧ ଗୋଲରେ ଭାରତକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା। ୨୩ ବର୍ଷୀୟା ରାଣୀ ଆଘାତ ସମସ୍ୟାରୁ ପୁଙ୍କୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଇତିମଧ୍ୟରେ ୫୫୦ଜଣ ଭାରତୀୟ ଆଥଲେଟଙ୍କ ମଧ୍ୟରୁ ପ୍ରାୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ତେଣୁ ଜାକର୍ତ୍ତାରେ ଏବେ ଯେଉଁ ଖେଳାଳିମାନେ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଜଣଙ୍କୁ ପତାକା ବାହକ ରୂପେ ଚୟନ କରାଯାଇଛି।

ଭାରତୀୟ ମହିଳା ସ୍କ୍ୱାଶ୍ ଦଳକୁ ରୌପ୍ୟ

ମ୍ୟାଚ୍ ଅବସରରେ ଭାରତର ସୁନୟନା କୁରୁଭିଲା (ଧଳା ଜର୍ସି)।

ଜାକର୍ତ୍ତା,୧।୯(ପି.ଟି.): ଭାରତୀୟ ମହିଳା ସ୍କ୍ୱାଶ ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଚଳିତ ଏସିଆନ୍ ଗେମ୍ସର ୧୪ତମ ଦିବସରେ ଅନୁଷ୍ଠିତ ଫାଇନାଲରେ ହଂକଂଠାରୁ ଭାରତ ପରାଜିତ ହୋଇଛି। ସୁନୟନା କୁରୁଭିଲା ଓ ଭାରତର ନଂ.୧ ଖେଳାଳି ଜ୍ୟୋସ୍ନା ଚିନ୍ନାପା ନିଜ ନିଜ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଫଳରେ ମାତ୍ର ୩ ଦିନ ମଧ୍ୟରେ ଭାରତ ୨ୟ ଥର ଲାଗି ହଂକଂଠାରୁ ପରାଜିତ ହୋଇଛି। କ୍ରମାଗତ ଦ୍ୱିତୀୟ ଥର ରୌପ୍ୟ ପଦକ ପାଇଥିବା ଭାରତୀୟ ଦଳ ଚଳିତ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ କରିଥିଲା। ଦଳ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ମାଲେସିଆକୁ ହରାଇ ଦେଇଥିଲା। ଉଲ୍ଲେଖଥାଉ କି ସମାନ ଦଳଠାରୁ ହାରି ୨୦୧୪ ଏସିଆନ୍ ଗେମ୍ସରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଭାରତୀୟ ସ୍କ୍ୱାଶ ଦଳ ଚଳିତ ପ୍ରତିଯୋଗିତାରେ ମୋଟ ୫ ପଦକ ସହ ଅଭିଯାନ ଶେଷ କରିଛି। ଏଥିରେ ପୁରୁଷ ଦଳର ବ୍ରୋଞ୍ଜ ଓ ମହିଳା ଦଳର ରୌପ୍ୟ ପଦକ ସହ ବ୍ୟକ୍ତିଗତ ଇଭେଣ୍ଟରେ ୩ ବ୍ରୋଞ୍ଜ ପଦକ ରହିଛି। ଉଲ୍ଲେଖଥାଉ କି ନିକଟରେ ଭାରତୀୟ ଦଳ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି କରିବା ଲାଗି ଦାବି କରିଥିଲା। ଏବେ ଜାତୀୟ କୋଚ୍‌ଙ୍କ ପଦରେ ସାଇରସ ପୋଞ୍ଚା ଅଛନ୍ତି।

ପଦକ ତାଲିକା

ଦେଶ	ସ୍ୱର୍ଣ୍ଣ	ରୌପ୍ୟ	ବ୍ରୋଞ୍ଜ	ମୋଟ
ଚାଇନା	୧୩୨	୯୨	୬୫	୨୮୯
ଜାପାନ	୭୪	୫୬	୭୪	୨୦୪
ଦକ୍ଷିଣ କୋରିଆ	୪୯	୫୭	୭୦	୧୭୬
ଇଣ୍ଡୋନେସିଆ	୩୧	୨୪	୪୩	୯୮
ଉଜବେକିସ୍ତାନ	୨୧	୨୪	୨୫	୭୦
ଇରାନ	୨୦	୨୦	୨୨	୬୨
ଚାଇନିଜ୍ ତାଇପେ	୧୭	୧୯	୩୧	୬୭
ଭାରତ	୧୫	୨୪	୩୦	୬୯
କାଜାଖସ୍ତାନ	୧୫	୧୭	୪୪	୭୬
ଉତ୍ତର କୋରିଆ	୧୨	୧୨	୧୩	୩୭
ବାହାରିନ	୧୨	୭	୭	୨୬

ଶନିବାର ପୁରୁଷ ୧୦ ମିଟର ପ୍ଲାଟ୍‌ଫର୍ମ ପାରାଡାଇଭ୍ ପ୍ରତିଯୋଗିତା ଅବସରରେ ଭାରତର ସିଦ୍ଧାର୍ଥ ବଜରଙ୍ଗ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି।

ପାକିସ୍ତାନ ପରାସ୍ତ, ଭାରତକୁ ବ୍ରୋଞ୍ଜ

ଜାକର୍ତ୍ତା, ୧।୯(ପି.ଟି.)

ଚଳିତ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଗତଥରର ଚାମ୍ପିୟନ ଭାରତ ଶେଷରେ ଏଥର ଏହି ପଦକରେ ସନ୍ତୁଷ୍ଟ ହୋଇଛି। ଗ୍ରୁପ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଭାରତ କିନ୍ତୁ ସେମିଫାଇନାଲରେ ଅଳ୍ପକେ ଅପେକ୍ଷାକୃତ ମାଲେସିଆଠାରୁ ସଡନ ଡେଥରେ ପରାସ୍ତ ହୋଇ ସ୍ୱର୍ଣ୍ଣ ଓ ରୌପ ପଦକ ଦୌଡରୁ ବାଦ ପଡିଥିଲା। ସେମିଫାଇନାଲରେ ଭାରତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ତେବେ ବ୍ରୋଞ୍ଜ ପଦକ ପାଇଁ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ପାକିସ୍ତାନକୁ ହରାଇଛି। ଫଳରେ ଗତ କିଛି ବର୍ଷ ହେବ ପାକିସ୍ତାନ ଉପରେ ଭାରତ ତା'ର ଆଧିପତ୍ୟ ବଜାୟ ରଖିବାକୁ ସକ୍ଷମ ହୋଇଛି।

ମ୍ୟାଚ୍‌ର ତୃତୀୟ ମିନିଟରେ ଆକାଶଦୀପ ସିଂ ଏକ ସୁନ୍ଦର ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହା ପରେ ୫୦ତମ ମିନିଟରେ ପେନାଲ୍ଟି କର୍ନର ମାଧ୍ୟମରେ ହରମନପ୍ରୀତ ସିଂ ଆଉ ଏକ ଗୋଲ ଦେଇଥିଲେ ଓ ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ଦୁଇ ମିନିଟ ପରେ ପାକିସ୍ତାନ ଏକ ଗୋଲ

ପାକିସ୍ତାନ ବିପକ୍ଷରେ ଗୋଲ୍‌ସ୍କୋର ପରେ ଖୁସି ମନାଉଛନ୍ତି ଭାରତୀୟ ଖେଳାଳି।

ଦେବାକୁ ସକ୍ଷମ ହୋଇଥିଲା। ପାକିସ୍ତାନର ମହମ୍ମଦ ଆତିକ୍ ଏକ ଚମତ୍କାର ଗୋଲ ଦେଇ ଭାରତର ଚିନ୍ତା ବଢାଇ ଦେଇଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ମାଲେସିଆ ବିପକ୍ଷ ସେମିଫାଇନାଲ ମ୍ୟାଚର ତ୍ରୁଟିକୁ ଦୋହରାଇ ନ ଥିଲେ। ଭାରତ ମ୍ୟାଚ ଶେଷ ପର୍ଯ୍ୟନ୍ତ ତା'ର ଅଗ୍ରଣୀକୁ ବଜାୟ ରଖିଥିଲା ଓ ବିଜୟୀ ହୋଇଥିଲା।

ବିଶ୍ୱର ୫ ନମ୍ବର ଦଳ ଭାରତ ଏହି ଟୁର୍ନାମେଣ୍ଟରେ ଫେଭରାଇଟ ବିବେଚିତ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ବିଶ୍ୱର ୧୩ ନମ୍ବର ଦଳ ପାକିସ୍ତାନକୁ ଏଥିସହିତ ଭାରତ ଗତ ୩ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ପରାସ୍ତ କରିବାକୁ ସକ୍ଷମ ହୋଇଛି। ଗତ ଜୁନରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ୪-୦ରେ ପାକିସ୍ତାନକୁ ହରାଇଥିଲା।

ଶନିବାର ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚରେ ଉଭୟ ଦଳ ଏକାଧିକ ଗୋଲ ସୁଯୋଗ ହାସଲ କରିଥିଲେ। ତୃତୀୟ ମିନିଟରେ ଆକାଶଦୀପ ଲଳିତ ଉପାଧ୍ୟାୟଙ୍କଠାରୁ ଏକ ସୁନ୍ଦର ପାସ୍ ପାଇଥିଲେ ଓ ଏହାକୁ ଗୋଲ ଦେବାରେ ସଫଳ ହୋଇଥିଲେ। ପଞ୍ଚମ ମିନିଟରେ ପାକିସ୍ତାନ ଏକ ଭଲ ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଏହା ପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଯଦିଓ ପ୍ରଥମ କ୍ୱାର୍ଟରରେ ମନଦୀପ ସିଂ ଏକ ସୁଯୋଗ ହାତଛଡା କରିଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ପାକିସ୍ତାନ ଉନ୍ନତ ପ୍ରଦର୍ଶନ କରିଥିଲା। ମହମ୍ମଦ ଦିଲବର ଓ ଅଜାଜ୍ ଅହମ୍ମଦଙ୍କ ଦୁଇଟି ପ୍ରୟାସ ସଫଳ ହୋଇ ନ ଥିଲା। ପୁଣି ୨୨ତମ ମିନିଟରେ ପାକିସ୍ତାନ ଦୁଇଟି ପଛକୁପଛ ପେନାଲ୍ଟି କର୍ନର ପାଇଥିଲା ତେବେ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଭାରତ ଟ୍ରାଫି ଓ ପାସିଂରେ ଅଧିକ ସମୟ ବିତାଇଥିଲା। ଫଳରେ ପାକିସ୍ତାନ ଅଧିକ ସମୟ ବଲ ପାଖରେ ରଖିବାକୁ ସକ୍ଷମ ହୋଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଭାରତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲା। ଭାରତ ମଧ୍ୟ କେତୋଟି ସୁଯୋଗ ହାସଲ କରିଥିଲା।

ଚତୁର୍ଥ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ବାରମ୍ବାର ପାକିସ୍ତାନ ସର୍କଲରେ ପ୍ରବେଶ କରି ଗୋଲ ଦେବାକୁ ପ୍ରୟାସ କରିଥିଲେ। ଅନ୍ତିମ ତଥା ୬୦ତମ ମିନିଟରେ ମନଦୀପ ସିଂ ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ।

ସେଲିଂ: ପଦକ ବିଜେତାଙ୍କୁ ୨୦ ଲକ୍ଷ

ଚେନ୍ନାଇ,୧।୯(ପି.ଟି.)

ଯୋଗେ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ତଥା ଦେଶକୁ ଗର୍ବିତ କରିଥିବା କରିଛନ୍ତି। ଏ ଦୁହିଙ୍କୁ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ଘୋଷଣା ଅନୁଯାୟୀ ୨୦ ଲକ୍ଷ ଲେଖାଏ ଅର୍ଥ ପ୍ରଦାନ କରାଯିବ। ''ରାଜ୍ୟର ଜନସାଧାରଣ ଓ ସରକାରଙ୍କ ତରଫରୁ ଉଭୟ ଆଥ୍‌ଲେଟଙ୍କୁ ଶୁଭେଚ୍ଛା ଜଣାଉଛି। ଆଶା କରୁଛି, ଭବିଷ୍ୟତରେ ଆହୁରି ସଫଳତା ଆଣି ଦେଶକୁ ଗର୍ବିତ କର'' ବୋଲି ପାଲାନିସାମି କହିଛନ୍ତି। ସେଲିଂ ଆଥ୍‌ଲେଟଙ୍କ ବ୍ୟତୀତ ଟେବୁଲ ଟେନିସ୍ ଖେଳାଳି ଏ. ଶରଥ କମଲ ମଧ୍ୟ ସମାନ ପୁରସ୍କାର ରାଶି ପାଇବେ।

ଆୟୋଜକ ଦୌଡ଼ରେ ଜାକର୍ତ୍ତା

ଜାକର୍ତ୍ତା,୧।୯(ଏଏଫ୍‌ପି)

୨୦୩୨ ଅଲିମ୍ପିକ୍ସ

ଚଳିତ ଏସିଆନ ଗେମ୍ସକୁ ସଫଳତା ସହ ଆୟୋଜନ କରୁଥିବା ଜାକର୍ତ୍ତା ତଥା ଇଣ୍ଡୋନେସିଆ ଏବେ ୨୦୩୨ ଅଲିମ୍ପିକ୍ସ ଆୟୋଜକ ଦୌଡ଼ରେ ସାମିଲ ହେବ। ଏ ନେଇ ଶନିବାର ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ୍ ଓ ଅଲିମ୍ପିକ ଆସୋସିଏଶନ ଅଫ୍ ଏସିଆ ସଭାପତି ଶେଖ୍ ଅହମ୍ମଦ ଅଲ୍ ଫାହାଦ ଅଲ ସବାବଙ୍କ ସହ ବୈଠକ ପରେ ରାଷ୍ଟ୍ରପତି ଜୋକୋ ଏହା ସ୍ପଷ୍ଟ କରିଛ

> ଆସନ୍ତା ଏସିଆ କପ୍ ଅମ୍ବାତି ରାୟୁଡୁ ଓ ମନୀଷ ପାଣ୍ଡେଙ୍କ ଭଳି ଖେଳାଳିଙ୍କ ଲାଗି ଏକ ଅବିଶ୍ୱସନୀୟ ସୁଯୋଗ ।
>
> –ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ

> ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ଦ୍ୱିତୀୟ ଦିବସରେ ପାଣ୍ଡ୍ୟା ଓ ଅଶ୍ୱିନ ଯେପରି ଖେଳୁଥିଲେ କ୍ରିକ୍‌ରେ ଅଧିକ ସମୟ ରହିପାରିଥାନ୍ତେ ।
>
> –ସଞ୍ଜୟ ବାଙ୍ଗର, ଭାରତୀୟ ଦଳର ବ୍ୟାଟିଂ କୋଚ୍

ରୋମାଞ୍ଚକ ସ୍ଥିତିରେ ଚତୁର୍ଥ ଟେଷ୍ଟ

ସାଉଥାମ୍ପଟନ, ୧।୯ (ପି.ଟି.)

ସ୍ଥାନୀୟ ରୋଜ ବାଓଲଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୨୭ରନ ପଛରେ ଥିବା ଇଂଲଣ୍ଡର ଟପ୍ ଅର୍ଡର 'ଫ୍ଲପ୍ ଶୋ' ଯୋଗୁ ଶନିବାର ତୃତୀୟ ଦିବସ ଖେଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ଦଳ ୩ ଉଇକେଟ ବିନିମୟରେ ୯୨ ରନ କର ସଂକଟରେ ପଡ଼ିଥିଲା। ପରେ ଅଧିନାୟକ ଜୋ ରୁଟ୍ (୪୮ରନ) ଲଢୁଆ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ, କିନ୍ତୁ ସେ ଦୁର୍ଭାଗ୍ୟଜନକ ଭାବେ ମହମ୍ମଦ ଶାମିଙ୍କ ଦ୍ୱାରା ରନ୍ ଆଉଟ ହୋଇଯାଇଥିଲେ। ଖବର ନେବାବେଳକୁ ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୧୯୨ରନ କରିସାରିଥିଲା।

ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬/୦ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ଓପନର କିଟନ ଜେନିଙ୍ଗ୍ସ (୩୬) ଓ ଆଲିଷ୍ଟର କୁକ୍ (୧୨) ମନ୍ଥର ଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ। କ୍ରିକ୍‌ରେ ଅଧିକ ସମୟ ତିଷ୍ଠି ରହିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଦୁହେଁ ପ୍ରଥମ ଉଇକେଟରେ ୨୪ ରନ ଯୋଗ କରିପାରିଥିଲେ। ପ୍ରଥମ ଇନିଂସ ଭଳି ଭାରତୀୟ ପେସ୍ ବୋଲରଙ୍କ ବୋଲିଂ

ମୋଇନ ଅଲିଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

ସେତେଟା ପ୍ରଭାବୀ ନ ଥିଲା। ଏହା ସତ୍ତ୍ୱେ ୧୩ତମ ଓଭରରେ ଯଶପ୍ରୀତ ବୁମ୍‌ରା ଦଳ ପାଇଁ ବ୍ରେକ୍ ଥ୍ରୁ ଆଣିଥିଲେ। କୁକ୍‌ଙ୍କୁ ସେ ଦ୍ୱିତୀୟ ସ୍ଲିପ୍‌ରେ କେ. ଏଲ ରାହୁଲଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ମୋଇନ ଅଲି (୯) ୩ ନମ୍ବର ସ୍ଥାନକୁ ପଦୋନ୍ନତି ପାଇ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ମାତ୍ର ୯ରନ ଯୋଗ କରିପାରିଥିଲେ। ମୋଇନଙ୍କୁ ଈଶାନ୍ତ ଶର୍ମା ପ୍ୟାଭିଲିଅନକୁ ବାଟ ଦେଖାଇଥିଲେ। ୧୬ତମ ଓଭରରେ ସେ ଇଂଲଣ୍ଡ ଖେଳାଳିଙ୍କୁ ରାହୁଲଙ୍କ ଦ୍ୱାରା ସ୍ଲିପ୍‌ରେ କ୍ୟାଚ ଆଉଟ କରିଦେଇଥିଲେ। ସିରିଜର ଏହା ଥିଲା ୧୧ତମ କ୍ୟାଚ। ଇଂଲଣ୍ଡରେ ଜଣେ ଭାରତୀୟ ଫିଲ୍ଡର ଭାବେ ଏହା ଥିଲା ସର୍ବାଧିକ। ପୂର୍ବରୁ ୨୦୦୨ରେ ଏଠାରେ ୪ମ୍ୟାଚ ବିଶିଷ୍ଟ ସିରିଜରେ ରାହୁଲ ଦ୍ରାଭିଡ ୧୦ଟି କ୍ୟାଚ ନେଇ ରେକର୍ଡର ଅଧିକାରୀ ହୋଇଥିଲେ। ପରେ ଜେନିଙ୍ଗ୍ସଙ୍କ ସହିତ ୪ ନମ୍ବର ସ୍ଥାନରେ ରୁଟ୍ ବ୍ୟାଟିଂ କରିବାକୁ ଆସିଥିଲେ। ସେ ସତର୍କତାର ସହିତ ଖେଳିଥିଲେ। ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ଲାଗି ସେ କ୍ରିଜ୍‌ରେ ଜମି ରହିବା ସହ ଲୁଜ୍ ବଲ୍‌ରୁ ରନ ସଂଗ୍ରହ କରିବାରେ ଲାଗିଥିଲେ। ମହମ୍ମଦ ଶାମିଙ୍କ ବଲ୍‌ରେ ଜେନିଙ୍ଗ୍ସ ଏଲବିଡବ୍ଲ୍ୟୁ ହେବା ପୂର୍ବରୁ ଦୁଇ ଖେଳାଳି ତୃତୀୟ ଉଇକେଟରେ ୮୪ ବଲ୍‌ରୁ ୫୦ ରନ ଯୋଗ କରିସାରିଥିଲେ। ଜେନିଙ୍ଗ୍ସଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଜନି ବେୟାରଷ୍ଟୋ ବିନା କୌଣସି ରନରେ ଶାମିଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ରୁଟ୍ ରନଆଉଟ ହେବା ପୂର୍ବରୁ ବେନ୍ ଷ୍ଟୋକ୍ସଙ୍କ ସହିତ ୩୦ ରନର ପାର୍ଟନରଶିପ୍ କରିସାରିଥିଲେ। ଚା'ପାନ ସୁଦ୍ଧା ଘରୋଇ ଦଳ ୧୫୨ ରନରେ ୫ଟି ଉଇକେଟ ହରାଇ ସାରିଥିଲା।

ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬
- ଭାରତ ପ୍ରଥମ ଇନିଂସ: ୨୬୩
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨/୬ (ଜୋ ରୁଟ୍-୪୮, କିଟନ ଜେନିଙ୍ଗ୍ସ-୩୬, ବେନ ଷ୍ଟୋକ୍ସ-୩୦, ଜୋସ ବଟଲର-୪୪*; ମହମ୍ମଦ ଶାମି-୨/୪୦, ଈଶାନ୍ତ ଶର୍ମା-୧/୨୬, ଯଶପ୍ରୀତ ବୁମ୍‌ରା-୧/୪୩, ରବିଚନ୍ଦ୍ରନ ଅଶ୍ୱିନ-୧/୬୫)।

ଡୋପିଂ ମାମଲା ବିରୋଧରେ ଲଢ଼ିବେ ଲସନ



ଲସଆଞ୍ଜେଲ୍ସ, ୧।୯ (ଏଏଫ୍‌ପି)

ବିଶ୍ୱ ଚାମ୍ପିୟନ ଲଙ୍ଗଜମ୍ପ ରୌପ୍ୟ ବିଜେତା ଜାରିଅନ ଲସନ ବାସନ୍ଦ ଦଣ୍ଡକୁ ଚ୍ୟାଲେଞ୍ଜ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୩ରେ ନିଷିଦ୍ଧ ଔଷଧ ଆନାବୋଲିକ୍ ଷ୍ଟେରଏଡ୍ ଟ୍ରେନବୋଲନ୍ ଡୋପ୍ ଟେଷ୍ଟରେ ଲସନ ଧରାପଡ଼ିଥିଲେ। ଏଥିପାଇଁ ତାଙ୍କୁ ବାସନ୍ଦ ଦଣ୍ଡ ହୋଇଛି। ଗତ ବର୍ଷ ଲଣ୍ଡନରେ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଆଥଲେଟ୍ ରୌପ୍ୟ ପଦକ ଜିତିଥିଲେ। ୨୪ ବର୍ଷୀୟ ଲସନ କହିଛନ୍ତି, ସଂକ୍ରମିତ ଘୁଷୁରି ମାଂସ ସେବନ କରିଥିବାରୁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଆମେରିକାରେ ଘୁଷୁରି ପ୍ରଜନନ କ୍ଷେତ୍ରରେ ଟ୍ରେନ୍‌ବୋଲନ୍ ଷ୍ଟେରଏଡ୍ ବ୍ୟବହାର କରାଯାଇଥାଏ। ଆମେରିକା ଡୋପିଂ ଏଜେନ୍ସି (ୟୁଏସଡିଏ) ଦ୍ୱାରା ଏହା ଏକ ଅନୁମୋଦିତ ଷ୍ଟେରଏଡ୍।

ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମାରକୀ ବାସ୍କେଟବଲ ଉଦ୍‌ଯାପିତ

କଟକ ଅଫିସ, ୧।୯: କଟକ ବାସ୍କେଟବଲ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମାରକୀ ଷ୍ଟୁଇନ ସିଟି ଆନ୍ତଃମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ବିଭାଗ ଫାଇନାଲରେ ଡି.ଆର୍. ମହାବିଦ୍ୟାଳୟ ୩୩-୧୬ ପଏଣ୍ଟରେ ଇନ୍ଦିରା ଗାନ୍ଧୀ(ଆଇଜି) ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିଭଳି ବାଳକ ଫାଇନାଲ ମୁକାବିଲା ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ରଘୁନାଥଜୀଉ ମହାବିଦ୍ୟାଳୟ ୬୭-୬୫ କିଟ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସଂଘର ଅଧକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅଶୋକ କୁମାର ରାଉତରାୟ, ଅଶୋକ କୁମାର ବେହେରା, ଶରତ କୁମାର ମହାଳିକ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ଉପାଧକ୍ଷ ସତ୍ୟଜିତ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ମହେଶ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ସାହୁ, ଆବାହକ ସେକ୍ ରିଆଜ, କୁନା ବେହେରା, ମଦନ ରାଓ, ଯୁଗ୍ମ ସମ୍ପାଦକ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଫାଓ ଲିଗ୍: ଇଷ୍ଟକୋଷ୍ଟ ରେଲୱେ ବିଜୟୀ

କଟକ ଅଫିସ, ୧।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ୧-୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଛି। ରେଲୱେ ପକ୍ଷରୁ ୨୬ତମ ମିନିଟରେ ପ୍ରକାଶ ଦିଲା ଏକମାତ୍ର ଗୋଲ ସ୍କୋର କରିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଅନୁପସ୍ଥିତ ରହିବାରୁ ୟଙ୍ଗ ଉହ୍ଲଳ କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା।



ଭେନସ ଓ ସେରେନା ଓ୍ୱିଲିୟମ୍ସ।

ଭେନସଙ୍କୁ ହରାଇଲେ ସେରେନା

ନ୍ୟୁୟର୍କ, ୧।୯ (ଏଏଫ୍‌ପି)

ଚଳିତ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ବର୍ଗରେ ବଡ଼ ଭଉଣୀ ଭେନସ ଓ୍ୱିଲିୟମ୍ସଙ୍କୁ ହରାଇ ଦେଇଛନ୍ତି କିମ୍ବଦନ୍ତୀ ଖେଳାଳି ସେରେନା। ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ସେରେନା ୬-୧, ୬-୨ ସେଟ୍‌ରେ ବିଜୟୀ ହୋଇଛନ୍ତି। ବିଜୟ ଲାଗି ତାଙ୍କୁ ୭୨ ମିନିଟ୍ ଲାଗିଥିଲା। ବଡ଼ ଭଉଣୀଙ୍କ ବିପକ୍ଷରେ ଏହା ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ଖେଳାଳିଙ୍କ ୧୮ତମ ବିଜୟ। ପୂର୍ବରୁ ଉଭୟ ଭଉଣୀଙ୍କ ମଧ୍ୟରେ ୨୯ଥର ମୁକାବିଲା ହୋଇଥିଲେ ହେଁ ଭେନସ ୧୨ ଥର ଜିତା ପଟ ପାଇଛନ୍ତି। ଆଗାମୀ ମୁକାବିଲାରେ ସେ ଇଷ୍ଟୋନିଆର କାଇଆ କାନେପିଙ୍କୁ ଭେଟିବେ, ଯିଏକି ବିଶ୍ୱର ନଂ ୧ ଖେଳାଳି ସିମୋନା ହାଲେପଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

ପ୍ରି-କ୍ୱାର୍ଟରରେ ନାଡାଲ

ଶୀର୍ଷ ର୍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଚଳିତ ୟୁଏସ୍ ଓପନର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୫-୭, ୭-୫, ୭-୬ (୯/୭), ୭-୬(୭/୩) ସେଟ୍‌ରେ କାରେନ ଖାଚାନୋଭଙ୍କୁ ହରାଇ ଦେଇଛନ୍ତି। ବିଜୟ ସହ ସେ ୧୦ମ ଥର ଲାଗି ୟୁଏସ୍ ଓପନର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିମଧ୍ୟରୁ ସେ ୨୦୧୦, ୨୦୧୩ ଓ ୨୦୧୭ ସଂସ୍କରଣରେ ଟାଇଟଲ ଜିତିଛନ୍ତି। ସେହିଭଳି ୨୦୦୯ ଚାମ୍ପିୟନ ଜୁଆନ ମାର୍ଟିନ ଡେଲ ପୋଟ୍ରୋ ୭-୫, ୭-୬(୮/୬), ୬-୩ ସେଟ୍‌ରେ ଫର୍ନାଣ୍ଡୋ ଭେର୍ଡୋସ୍କୋଙ୍କୁ ହରାଇ ଅଭିଯାନ ଜାରି ରଖିଛନ୍ତି।

ବିରାଟଙ୍କୁ ବିଶ୍ରାମ, ଖଲିଲ୍ ନୂଆ ମୁହଁ

ମୁମ୍ବାଇ, ୧।୯(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚୟନ କମିଟି ଶନିବାର ଆଗାମୀ ଏସିଆ କପ୍ ଲାଗି ଭାରତ ଦଳ ଘୋଷଣା କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଧିନାୟକ ବିରାଟ କୋହଲିଙ୍କୁ ଏହି ସମ୍ମାନଜନକ ପ୍ରତିଯୋଗିତାରୁ ବିଶ୍ରାମ ଦିଆଯାଇଛି। ଅଭିଜ୍ଞ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମାଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ରାଜସ୍ଥାନ ଯୁବ ବାମହାତୀ ଦ୍ରୁତ ବୋଲର ଖଲିଲ୍ ଅହମ୍ମଦ ନୂଆ ମୁହଁ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ୨୦ ବର୍ଷୀୟ ଖଲିଲ୍ ୧୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ୨୮ଟି ଉଇକେଟ୍ ଦଖଲ କରିଛନ୍ତି।

ଏସିଆ କପ୍

ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ଚୟନ କମିଟି କୋହଲିଙ୍କ ଉପରୁ ଚାପ ହାଲକା କରିବା ପାଇଁ ଏସିଆ କପ୍‌ରୁ ବିଶ୍ରାମ ଦେଇଥିବା ଜଣାପଡ଼ିଛି। ଘୋଷିତ ୧୬ ଜଣିଆ ଦଳରେ ମନିଷ ପାଣ୍ଡେ, ଅମ୍ବାତି ରାୟୁଡୁ ଓ କେଦାର ଯାଦବଙ୍କୁ ସାମିଲ କରାଯାଇଥିବାବେଳେ ଗତ ଇଂଲଣ୍ଡ ସୀମିତ ଓଭର ସିରିଜ ଖେଳିଥିବା ସୁରେଶ ରାଇନା, ଉମେଶ ଯାଦବ ଓ ସିଦ୍ଧାର୍ଥ କାଉଲଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଚତୁଃରାଷ୍ଟ୍ରୀୟ ସିରିଜରେ ରାୟୁଡୁ ଆତ୍ମବିଶ୍ୱାସିଆ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିବାବେଳେ ଇଂଲଣ୍ଡ ବିପକ୍ଷ ସିରିଜରେ ଛାପ ଛାଡ଼ିବାରେ ବିଫଳ ହୋଇଥିବା କାରଣରୁ ଭେଟେରାନ ରାଇନାଙ୍କୁ ମୂଲ୍ୟ ଦେବାକୁ ପଡ଼ିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୧୫ରୁ ୟୁଏଇରେ ଏସିଆ କପ୍ ଆରମ୍ଭ ହେବାକୁ ଥିବାବେଳେ ୨୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଛ' ଦଳୀୟ ଏହି ପ୍ରତିଯୋଗିତାରେ ଭାରତ ବ୍ୟତୀତ ବାଂଲାଦେଶ, ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ ଓ ଯୋଗ୍ୟତା ପର୍ଯ୍ୟାୟରୁ ଗୋଟିଏ ଦଳ ଅଂଶଗ୍ରହଣ କରିବ। ଗ୍ରୁପ୍-ବି'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦଳ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୋଟିଏ ଯୋଗ୍ୟତା ଅର୍ଜନକାରୀ ଦଳ ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇନାହିଁ। ସେପ୍ଟେମ୍ବର ୧୮ରେ ଯୋଗ୍ୟତା ଅର୍ଜନକାରୀ ଦଳ ବିପକ୍ଷରେ ଖେଳି ରୋହିତ୍ ବାହିନୀ ତା'ର ଅଭିଯାନ ଆରମ୍ଭ କରିବ। ଏହାର ଠିକ୍ ପରଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଖେଳାଯିବ।

ଖଲିଲ ଅହମ୍ମଦ

ଭାରତୀୟ ଦଳ

ରୋହିତ୍ ଶର୍ମା (ଅଧିନାୟକ), ଶିଖର ଧାୱନ (ଉପଅଧିନାୟକ), ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନିଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ଦିନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ଖଲିଲ ଅହମ୍ମଦ।

ସବ୍‌ଜୁନିୟର ବାଳକ ଫୁଟ୍‌ବଲ, ଅନିଲଙ୍କୁ ନେତୃତ୍ୱ

କଟକ ଅଫିସ, ୧।୯

ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟବଲ୍ ଦଳ।

ବିହାରରେ ସେପ୍ଟେମ୍ବର ୪ରୁ ୯ ତାରିଖ ପର୍ଯ୍ୟନ୍ତ ସବ୍‌ଜୁନିୟର ବାଳକ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶନିବାର ରାଜ୍ୟ ସବ୍‌ଜୁନିୟର ଦଳ ବିହାର ଅଭିମୁଖେ ଯାତ୍ରା କରିଛି। ଘୋଷିତ ୨୦ଜଣିଆ ଦଳରେ ଅନିଲ ଟପ୍ପୋ ଅଧିନାୟକ ରହିଛନ୍ତି। **ଓଡ଼ିଶା ଦଳ–** ଇନ୍ଦ୍ର କୁଜୁର, ବିଶାଲ ଓରାମ (ଉଭୟ ଗୋଲକିପର), ବେଲାଳସେନ କହଁର, ଦେବବ୍ରତ ଓରାମ, ମନୋଜ ମିଞ୍ଜ, ଶ୍ରୀକାନ୍ତ ମଲ୍ଲିକ, ଦୀପକ ଡାଙ୍ଗ, ଜଗନ୍ନାଥ ଟୁଡୁ, ରାଜା ହରିଜନ, କ୍ଷେତ୍ର ଭାତ୍ରା (ସମସ୍ତେ ଡିଫେଣ୍ଡର), ଶଶୀକାନ୍ତ ପ୍ରଧାନ, ବିନୋଦ ମାଝି, ଏ. ଶିବ ପ୍ରସାଦ, ଅନିଲ ଟପ୍ପୋ (ଅଧିନାୟକ), ଅଜୟ ଓରାମ, ପ୍ରେମ ସାଗର ଓରାମ (ସମସ୍ତେ ମିଡ୍‌ଫିଲ୍ଡର), ଅରବିନ୍ଦ ଲାକ୍ରା, ହରି ହେମ୍ବ୍ରମ, ଝୁନୁ କୁଲଦି, ଅଜୟ ଟପ୍ପୋ(ସମସ୍ତେ ଷ୍ଟ୍ରାଇକର)। ମୁଖ୍ୟ କୋଚ୍– ନୀପେନ୍ଦ୍ର ଦାସ, ମ୍ୟାନେଜର–ଐଶ୍ୱରନ ପିଲାଇ।

ମାଲିଙ୍ଗାଙ୍କ ପ୍ରତ୍ୟାବର୍ତ୍ତନ

କଲମ୍ବୋ, ୧।୯(ଏଏଫ୍‌ପି)

ଆଗାମୀ ଏସିଆ କପ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳ ଶନିବାର ଘୋଷିତ ହୋଇଛି। ଏସିଆ ମହାଦେଶର ଏହି ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ପାଇଁ ଶ୍ରୀଲଙ୍କା କ୍ରିକେଟ ଚୟନ କମିଟି ଭେଟେରାନ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗାଙ୍କୁ ଘୋଷିତ ୧୬ ଜଣିଆ ଦଳରେ ସୁଯୋଗ ଦେଇଛନ୍ତି। ୩୫ ବର୍ଷୀୟ ମାଲିଙ୍ଗା ପାଖାପାଖି ଏକବର୍ଷର ବ୍ୟବଧାନ ପରେ ଦିନିକିଆ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ସେ ଗତବର୍ଷ ସେପ୍ଟେମ୍ବରରେ କଲମ୍ବୋରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ନିକଟରେ ଘରୋଇ ଟି୨୦ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ତାଙ୍କୁ ଜାତୀୟ ଦଳରେ ପୁଣିଥରେ ସୁଯୋଗ ମିଳିଥିବା ଶ୍ରୀଲଙ୍କା ଅଫିସିଆଲ ସୂତ୍ରରୁ ଜଣାପଡ଼ିଛି। ୨୦୦୪ରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ମାଲିଙ୍ଗା ବର୍ତ୍ତମାନ ସୁଦ୍ଧା ୮,୭୦୫ ରନ ବ୍ୟୟ କରି ୩୦୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ଟି୨୦ରେ ସେ ୯୦ଟି ଉଇକେଟ୍ ନେଇଛନ୍ତି।

ଶ୍ରୀଲଙ୍କା ଦଳ: ଆଞ୍ଜେଲୋ ମାଥ୍ୟୁସ (ଅଧିନାୟକ), କୁଶଳ ପେରେରା, କୁଶଳ ମେଣ୍ଡିସ, ଉପୁଲ ଥରଙ୍ଗା, ଦିନେଶ ଚାଣ୍ଡିମାଲ, ଦନୁଷ୍କା ଗୁଣଥିଲକ, ଥିସାରା ପେରେରା, ଦସୁନ ସନକା, ଧନଞ୍ଜୟ ଡି ସିଲ୍‌ଭା, ଦିଲରୁୱାନ ପେରେରା, ଅମିଲା ଅପୋନସୋ, କସୁନ ରାଜିଥା, ସୁରଙ୍ଗ ଲାକମଲ, ଦୁସ୍ମନ୍ତ ଚାମିରା ଓ ଲସିଥ୍ ମାଲିଙ୍ଗା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨/୨୦୧୮ Sambalpur, Sunday, September 2/ 2018

ସଂକ୍ଷେପରେ

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ପାଇକମାଳ,୧।୯(ଡି.ଏନ୍.ଏ)-ପାଇକମାଳ ଥାନା ରଣଜିତପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରଣଜିତ ବନ୍‌ଛୋର । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୩୫/୧୮) ରୁଜୁ ହୋଇଛି । ରବିବାର ଅଭିଯୁକ୍ତ ଯୁବକଙ୍କୁ ପଦ୍ମପୁରରେ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟଚାଲାଣ କରାଯିବ ଏବଂ ବରଗଡ଼ରେ ପୀଡିତାଙ୍କ ଡାକ୍ତରୀ ମାଇନା ହେବ ବୋଲି ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି । ସୂଚନା ଅନୁସାରେ, ଶୁକ୍ରବାର ଟେମରୀ ଗ୍ରାମର ରଣଜିତ ଉକ୍ତ ନାବାଳିକାଙ୍କୁ ଅପହରଣ କରିନେଇ ନିଛାଟିଆ ସ୍ଥାନରେ ତାଙ୍କୁ ବଳାତ୍କାର କରି ନିଜ ଘରକୁ ନେଇଥିଲେ। ସେପଟେ ଝିଅର ବାପା ଶନିବାର କୌଣସି ସୂତ୍ରରୁ ଖବର ପାଇ ଟେମରୀ ଗ୍ରାମକୁ ଯାଇ ଝିଅକୁ ଉଦ୍ଧାର କରିଥିଲେ ଏବଂ ପାଇକମାଳ ଥାନାରେ ଏତଲା ଦେଇଥିଲେ।

ଛୋଟ ଭୁଲ ପାଇଁ ବଡ଼ ଦଣ୍ଡ

ଗୀତ ଶୁଣିବାରୁ ହଷ୍ଟେଲ ଛାତ୍ରଙ୍କୁ ପିଟିଲେ ରୋଷେୟା

ରାଉରକେଲା ଅଫିସ,୧।୯

ସରକାରୀ ହାଇସ୍କୁଲ ଛାତ୍ରାବାସର ଘଟଣା

- ଥାନାରେ ଅଭିଯୋଗ,ପୋଲିସ ତଦନ୍ତ ଆରମ୍ଭ
- ରୋଷେୟା ଫେରାର

ଉଦିତନଗର ସରକାରୀ ହାଇସ୍କୁଲ ଛାତ୍ରାବାସ ରୋଷେୟାଙ୍କ ମାଡରେ ୩ ଛାତ୍ର ଆହତ ହୋଇଛନ୍ତି। ଏ ନେଇ ଶନିବାର ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପରିବାର ଲୋକେ ଘରକୁ ନେଇଯାଇଛନ୍ତି । ପୋଲିସ ତଦନ୍ତ ଆରମ୍ଭ କରିଛି । ଏହି ଅଭିଯୋଗ ପରେ ରୋଷେୟା ଫେରାର ଅଛନ୍ତି । ଅଭିଭାବକ ମହଲରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୩୦ ତାରିଖ ରାତି ୧୦ଟା ବେଳେ ଜଣେ ୭ମ ଶ୍ରେଣୀ ଛାତ୍ର ଓ ୨ଜଣ ୮ମ ଶ୍ରେଣୀ ଛାତ୍ର ମିଶି ମୋବାଇଲରୁ ଗୀତ ଶୁଣୁଥିଲେ। ଏତିକି ବେଳେ ହଷ୍ଟେଲ ରୋଷେୟା କୁହାଯାଉଥିବା ବିପିନ କିଶାନ ହାତରେ ଏକ ବାଡି ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ। କିଛି ନ ବୁଝି ପିଲାଙ୍କ ହାତ ଗୋଡକୁ ବାଡିରେ ନିଷ୍ଠୁର ପିଟି ଥିଲେ। ୩ ଛାତ୍ର ଯେତେ କାକୁତିମିନତି ହେଲେ ବି ବିପିନ ଶୁଣି ନ ଥିଲେ। ବରଂ ଅଧିକ ପିଟିଥିବା ଅଭିଯୋଗ ହୋଇଛି। ଏ ନେଇ ଆହତ ଛାତ୍ରମାନେ ଶନିବାର ନିଜ ପରିବାର ଓ ସମ୍ପର୍କୀୟଙ୍କୁ ଖବର ଦେବା ପରେ ସେମାନେ ଆସି ପାଟିତୁଣ୍ଡ କରିବା ସହ ନିଜ ପିଲାଙ୍କୁ ଆରଜିଏଚ୍‌ରେ ଚିକିତ୍ସା କରାଇଛନ୍ତି । ଛାତ୍ରମାନଙ୍କ ଗୋଡ ଓ ହାତରେ ଆଘାତ ଲାଗିଛି । ଏ ନେଇ ଜଣେ ଅଭିଭାବକ ରାଜକୁମାରୀ ଖାଖା(ଆମ୍ବେଡକର ବସ୍ତି)ଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା କିଶାନଙ୍କୁ ପଚାରାଯିବାରୁ ସେ କହିଛନ୍ତି, ମୁଁ ଅଭିଭାବକଙ୍କଠାରୁ ଅଭିଯୋଗ ପାଇଛି। ଘଟଣାର ତଦନ୍ତ କରାଯାଉଛି। ଯାହା ଆବଶ୍ୟକ ସେନେଇ ପଦକ୍ଷେପ ନିଆଯିବ। ତେବେ ହଷ୍ଟେଲର କେତେଜଣ ପିଲା କହିଛନ୍ତି, ବିପିନ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ପିଲାଙ୍କୁ ବାଡିରେ ମାରପିଟ କରନ୍ତି। ଏପରି କି ବିନା ଦୋଷରେ ବି ଆମକୁ ମାଡ ମାରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ଛାତ୍ରଙ୍କୁ ମାଡ ଘଟଣା ପରେ ଅନ୍ତେବାସୀମାନେ ହଷ୍ଟେଲ ବାହାରେ ବୁଲୁଛନ୍ତି।

ଅଫିସ ପରିସରରେ ଆତ୍ମହତ୍ୟା ଉଦ୍ୟମ

ରାଉରକେଲା ଅଫିସ,୧।୯

ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଛନ୍ତି। ବାସନ୍ତୀ କଲୋନୀ ଅଞ୍ଚଳର ଏହି ବ୍ୟକ୍ତି ଜଣକ ହେଲେ ଶଶାଙ୍କ ଶତପଥୀ(୫୬)। ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗଛ ଡାଳରେ ଶତପଥୀ ବେକରେ ରଶି ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ଯୁବକ ଏଭଳି ଦେଖି ଦଉଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି । ଆତ୍ମହତ୍ୟା ଉଦ୍ୟମର କାରଣ କିଛି ସ୍ପଷ୍ଟ ହୋଇ ନାହିଁ । ତେବେ କେତେଜଣ ବ୍ୟକ୍ତି ଶଶାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଆଲୋଚନା ହେଉଛି। ସେ ସୁସ୍ଥ ହୋଇ ଫେରିବା ପରେ ସତ୍ୟାସତ୍ୟ ଜଣା ପଡିବ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି।

ମାମୁଙ୍କ ଅନ୍ତ୍ୟେଷ୍ଟି ପରେ ପୋଖରୀରେ ବୁଡ଼ିଗଲେ ଭଣଜା

ଝାରସୁଗୁଡ଼ା ଅଫିସ,୧।୯

ଓଡ୍ରାଫ, ଅଗ୍ନିଶମ ବାହିନୀ ପୋଖରୀରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ମାମୁଙ୍କ ଶବ ସତ୍କାର କରିବାକୁ ଯାଇଥିବା ଭଣଜା ପୋଖରୀରେ ବୁଡିଯାଇଛନ୍ତି। ଶବ ସତ୍କାର ପରେ ଗାଧୋଇବା ପାଇଁ ପୋଖରୀକୁ ଯାଇଥିବାବେଳେ ଶନିବାର ଏହି ଘଟଣା ଘଟିଛି। ପୋଖରୀରେ ବୁଡିଯାଇଥିବା ଯୁବକ ହେଲେ ପୁରୁଣାବସ୍ତି ଶୁଖୁଆଗୋଦାମ ଅଞ୍ଚଳର ପ୍ରେମରଞ୍ଜନ ଶର୍ମା(୨୨)। ଖବରପାଇ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ଯାଏଁ ତାଙ୍କୁ ଉଦ୍ଧାର କରାଯାଇ ପାରିନାହିଁ।

ସୂଚନା ମୁତାବକ, ଶୁକ୍ରବାର ରାତିରେ ପୁରୁଣାବସ୍ତିର ରତନ ଠାକୁରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଶନିବାର ଶବ ସତ୍କାର ପାଇଁ କାଳୀମନ୍ଦିର ରୋଡ ଶ୍ମଶାନକୁ ନିଆଯାଇଥିଲା। ଶବ ସତ୍କାର ଶେଷ ହେବା ପରେ ରତନଙ୍କ ଆତ୍ମୀୟସ୍ୱଜନ ଓ ଭଣଜା ପ୍ରେମରଞ୍ଜନ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଗାଧୋଇବାକୁ ପୁରୁଣାବସ୍ତି ପୋଖରୀକୁ ଯାଇଥିଲେ। ଚଳିତବର୍ଷ ପୁରୁଣାବସ୍ତି ପୋଖରୀର ପୁନରୁଦ୍ଧାର ହୋଇଥିବାରୁ ବହୁତ ପାଣି ରହିଥିଲା। ସେ ବିଷୟରେ ଅଜ୍ଞ ଥିବା ପ୍ରେମରଞ୍ଜନ ଗାଧୋଇବାକୁ ଭିତରକୁ ଯାଇ ଆଉ ବାହାରିପାରି ନ ଥିଲେ। ଫଳରେ ସାଙ୍ଗରେ ଯାଇଥିବା ଅନ୍ୟମାନେ ଅଗ୍ନିଶମ ବିଭାଗକୁ ଫୋନକରି ସୂଚନା ଦେଇଥିଲେ। ଅଗ୍ନିଶମ ଏବଂ ଓଡ୍ରାଫ ଟମ୍ ପହଞ୍ଚି ପୋଖରୀରେ ଖୋଜାଖୋଜି ଜାରି ରଖିଛନ୍ତି।

ଅଟୋ-ଟ୍ରକ୍ ମୁହାଁମୁହିଁ ଧକ୍କା

ଜଣେ ମୃତ, ୪ ଗୁରୁତର

ମନମୁଣ୍ଡା, ୧।୯ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଏନଏଚ-୫୭ର ମହେଶ୍ୱରପିଣ୍ଡା ନିକଟରେ ଶନିବାର ଅପରାହ୍ନ ୧ଟାରେ ଟ୍ରକ୍ (ନଂ.ଓଆର୍୦୫ଏପି/୬୩୧୩) ଓ ଅଟୋ ରିକ୍ସା (ନଂ.ଓଆର୍୧୨/୫୮୪୧) ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାବୁଲି ବେହେରା (୫୦) । ଏହି ଘଟଣାରେ ମୃତକଙ୍କ ପତ୍ନୀ ରୁକ୍ମଣୀ (୪୫), ସେମାନଙ୍କ ଝିଅ ପାର୍ବତୀ (୧୫), ମୃତକଙ୍କ ବାପା ବେଶୁଧର (୬୫) ଏବଂ ଅଟୋ ଡ୍ରାଇଭର ଭରତ ଜେନା (୫୦) ବାଉଁଶୁଣୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ବୌଦ୍ଧ ଥାନା କାଳେଶ୍ୱର ଗ୍ରାମର ଗୋଟିଏ ପରିବାରର ୬ଜଣ କୌଣସି କାମରେ ସେମାନଙ୍କ ସମ୍ପର୍କୀୟ ସୁବର୍ଣ୍ଣପୁର ଜିଲା ଆପଟ ନୂଆଗଡ ମହଦାକୁ ଏକ ଅଟୋ ଯୋଗେ ଯାଉଥିଲେ । ଏହି ସମୟରେ ମହେଶ୍ୱରପିଣ୍ଡା ନିକଟ ମୋଡାଣିରେ ମନମୁଣ୍ଡା ପଟରୁ ବୌଦ୍ଧ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଅଟୋ ସହ ଧକ୍କା ହୋଇଥିଲା । ଫଳରେ ଅଟୋଟି ଚୂରମାର ହୋଇଯାଇଥିଲା ଏବଂ ସେଥିରେ ବସିଥିବା ସମସ୍ତେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ବାଉଁଶୁଣୀରୁ ଦମକଳ ବାହିନୀ ଆସି ଆହତମାନଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାବୁଲିଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ଉତ୍ତ୍ୟକ୍ତ ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଥିଲେ । ଫଳରେ ଶତାଧିକ ଯାନବାହନ ଅଟକ ରହିଥିଲା । ଆଇଆଇସି ଭାବାନନ୍ଦ ପ୍ରଧାନ ସଦଳବଳ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ ।

ପୂର୍ବ ଶତ୍ରୁତାରୁ ମଦ ଦୋକାନରେ ଭଙ୍ଗାରୁଜା

ବେତନଟୀ,୧।୯.(ଡି.ଏନ.ଏ.)

ବେତନଟୀ ଥାନା ଅଧୀନ ଆହାରି ଗ୍ରାମରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଉପରେ ଶନିବାର କେତେକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିବା ଜଣାଯାଇଛି। ଆକ୍ରମଣକାରୀମାନେ ଦୋକାନରେ ଭଙ୍ଗାରୁଜା କରିବା ସହ ସେଲ୍ସମ୍ୟାନ ଶଙ୍କର ସିଂଙ୍କୁ ଆକ୍ରମଣ କରିଛନ୍ତି । ସେମାନେ ଦୋକାନ ଭଙ୍ଗାରୁଜା କରିବା ସହ ଦୋକାନରେ ଥିବା ୫ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗରେ ଉଲ୍ଲେଖ ଅଛି । ଏନେଇ ଶନିବାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳା ଓ ଛଅ ଜଣ ପୁରୁଷ ଦୋକାନରେ ପହଞ୍ଚି ଏପରି କାଣ୍ଡ ଭିଆଇଥିବା ଅଭିଯୋଗରେ ଉଲ୍ଲେଖ ଅଛି।

ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ବିଜେପୁର, ୧।୯ (ଡି.ଏନ.ଏ)

ବିଜେପୁର ଥାନା ଅନ୍ତର୍ଗତ ଖରମୁଣ୍ଡା ଗ୍ରାମର ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଲୋକନାଥ ସାହୁ (୪୦) । ଲୋକନାଥ ନିଜ ଜମିବାଡିରେ ଚାଷ କରିବା ସହ ମୂଲମଜୁରୀ ଲାଗି ପେଟ ପୋଷୁଥିଲେ । କୌଣସି କାରଣରୁ ସେ ଶୁକ୍ରବାର ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ ତାଙ୍କୁ ବ୍ରର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି । ଏ ନେଇ ବ୍ରର୍ଲା ଫାଣ୍ଡି ପୋଲିସ ଶବ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ନଦୀ ଶଯ୍ୟାରେ ପଡ଼ି ରହିଛି ମୃତଦେହ

ସଇଁତଲା,୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଁଅସର ପଞ୍ଚାୟତ ଭେଜିପଦର ଗ୍ରାମ ନିକଟ ଦେଇ ଯାଇଥିବା ତେଲନଦୀ ଶଯ୍ୟାରେ ଶନିବାର ଏକ ମୃତଦେହ ପଡିଥିବା ଦେଖାଯାଇଛି। ଗ୍ରାମର କିଛି ଲୋକ ଏହା ଦେଖି ସଇଁତଲା ଥାନା ପୋଲିସକୁ ଖବର ଦେଇଥିଲେ। ଗତ କିଛି ଦିନ ତଳେ ନଦୀରେ ବନ୍ୟା ଆସିଥିବାବେଳେ ଜଳସ୍ରୋତରେ ଭାସି ଆସିଥିବା ଉକ୍ତ ମୃତଦେହର ଉପର ଅଂଶ ପଚି ଯାଇ ପୋକ ଲାଗିଯାଇଛି। ମୃତକଙ୍କ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ପ୍ରକାଶ କରିଛି । ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ତେଲନଦୀ ବନ୍ୟାରେ ଏଭଳି ଏକ ଅଚିହ୍ନା ମୃତଦେହ ଘୁନସର ପଞ୍ଚାୟତ ଉଲବା ଗ୍ରାମ ନିକଟରେ ପଡିଥିଲା । ଅଳ୍ପଦିନ ବ୍ୟବଧାନରେ ଦୁଇଟି ମୃତଦେହ ପଡିବା ଚର୍ଚ୍ଚାର ବିଷୟ ପାଲଟିଛି ।

ଶିକ୍ଷାଦାନରେ ବିଶୃଙ୍ଖଳା, ଶିକ୍ଷକ ନିଲମ୍ବିତ

ବରଗଡ଼ ଅଫିସ୍,୧।୯

ଶିକ୍ଷାଦାନରେ ବିଶୃଙ୍ଖଳା, ବିନାନୁମତିରେ ଛୁଟି, ଶିକ୍ଷାଦାନ ସମୟରେ ସ୍କୁଲରେ ଉପସ୍ଥିତ ରହୁ ନ ଥିବା ଅଭିଯୋଗରେ ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଭେଡ଼େନ ବ୍ଲକ ଅନ୍ତର୍ଗତ ବଡ଼ପିପିଲିପାଲି ଝୁଜିଝୁପି ସ୍କୁଲର ଶିକ୍ଷକ ଚକ୍ରଧର ମେହେରଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ନିଲମ୍ବନ ସମୟରେ ଭେଡ଼େନ ବିଇଓଙ୍କ ଅଫିସରେ ନିୟମିତ ଉପସ୍ଥାନ ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ସ୍କୁଲର ପରୀକ୍ଷାଫଳ ଭଲ ରହୁ ନ ଥିବା ଯୋଗୁ ପ୍ରଧାନଶିକ୍ଷକ ଜୟକୁମାର ବଡ଼େଇଙ୍କ ଦରମାକୁ ଡିଇଓ ବନ୍ଦ କରି ଦେଇଛନ୍ତି । ସେହିପରି ଶିକ୍ଷାଦାନରେ ବିଶୃଙ୍ଖଳିତ ଆଚରଣ ଯୋଗୁ ଅନ୍ୟ ଜଣେ ଶିକ୍ଷକ ପଦ୍ମାସୀ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଡିଇଓଙ୍କ ଏଭଳି ଅଚାନକ ପରିଦର୍ଶନ ଏବଂ କାର୍ଯ୍ୟାନୁଷ୍ଠାନ ପରେ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ଭାଳେଣି ପଡ଼ିଯାଇଛି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ସଂକ୍ଷେପରେ

କନଷ୍ଟେବଳ ପଦବୀ ପାଇଁ ଲିଖିତ ପରୀକ୍ଷା ୯ରେ

ସୋନପୁର,୧।୯(ନି.ପ୍ର.): ସିଭିଲ କନଷ୍ଟେବଳ ପଦବୀ ପାଇଁ ଆସନ୍ତା ୯ ତାରିଖ ରବିବାର ଅପରାହ୍ନ ସାଢ଼େ ୪ଟାରେ ସୋନପୁର ରାଜ ଡିଗ୍ରୀ କଲେଜରେ ଲିଖିତ ପରୀକ୍ଷା କରାଯିବ। ପୂର୍ବରୁ ହୋଇଥିବା ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରାର୍ଥୀ ମାନେ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବେ। ଏଥିପାଇଁ ଆସନ୍ତା ୮ ତାରିଖ ସକାଳ ୧୦ଟାରେ ରିଜର୍ଭ ପୋଲିସ ପଡିଆରେ ଲିଖିତ ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ବିଷୟରେ ଉପଦେଶ ଓ ପରାମର୍ଶ ଦିଆଯିବ। ତେଣୁ ପରୀକ୍ଷାର୍ଥୀମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଏସ୍‌ପି ଦେବା ପ୍ରସାଦ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଖବରଦାତାଙ୍କୁ ବରଗଡ଼ ଏସ୍‌ପିଙ୍କ ଦୁର୍ବ୍ୟବହାରକୁ ନିନ୍ଦା

ବୌଦ୍ଧ,୧।୯(ସ୍ୱ.ପ୍ର): ବରଗଡ ଏସ୍‌ପି ମୁକେଶ କୁମାର ଭାମୁ କାର୍ଯ୍ୟରତ ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କ୍ରମରେ ଶନିବାର ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଘଟଣାର ନିନ୍ଦା କରାଯାଇଛି । ଜିଲା ସଂଘ ସଭାପତି ସମ୍ବିଦ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସଂଘ ଅଫିସ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ରବିନ୍ଦ୍ର କୁମାର ରାଉତ, ମନୋରଞ୍ଜନ ଦାଶ, ହିମାଂଶୁ ଶେଖର ସାହୁ, ସୀତାକାନ୍ତ ସିଂ, ଧୃରେନ୍ଦ୍ର କୁମାର ଦାନୀ, ଦେବାଶିଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

ପାଣି ଘେରରେ ବିଦ୍ୟାଳୟ ଓ କାର୍ଯ୍ୟାଳୟ

ତଳଗାଁ,୧।୯(ଡି.ଏନ.ଏ.): ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଜଳଘେରରେ ରହିଛି । ପଞ୍ଚାୟତ ଅଫିସ୍ ସମେତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜସ୍ୱ ନିରୀକ୍ଷକ ଅଫିସ୍, ଟେଲିଫୋନ ଏକ୍ସଚେଞ୍ଜ ଅଫିସ୍ ଓ ସେବା ସମବାୟ ସମିତି ଅଫିସ୍ ଆଗରେ ଶନିବାର ସକାଳେ ପାଣି ଜମି ରହିଥିବାରୁ ଏହି ଅଞ୍ଚଳରେ ଏକ ପ୍ରକାର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । ଲଗାଣ ବର୍ଷା ହେବା ମାତ୍ରେ ବାରମ୍ବାର ଉକ୍ତ ସ୍ଥାନରେ ପାଣି ଜମା ହୋଇ ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୁରୁଣାକଟକର ପ୍ରଦୀପ କୁମାର ଅମାତ, ଶଶାକାନ୍ତ ସାହୁ, ମାନସ ରଞ୍ଜନ ମହାରଥି, ମନମୋହନ ବାରିକ, ସଦାନନ୍ଦ ସାହୁ, ସୁଦର୍ଶନ ଭୋକ୍ତା, ସଞ୍ଜୀବ ପଣ୍ଡା, ସମରେନ୍ଦ୍ର ବେହେରା, ତ୍ରିଲୋଚନ ସାହୁ, ଅମିତ୍ ସେଠ ପ୍ରମୁଖ ଅଭିଯୋଗ କରିଛନ୍ତି ।

ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମ

ଅମରପାଲି, ୧।୯ (ଡି.ଏନ.ଏ): ବାରମହାରାଜପୁର ବ୍ଲକ ମୁଣ୍ଡିଖୋ ଗ୍ରାମ ପଞ୍ଚାୟତର କର୍ତ୍ତାପାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସୁବର୍ଣ୍ଣପୁର ଓ ଜାୱାର୍ଡ ବାରମହାରାଜପୁରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଲବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଓ ନାବାର୍ଡର ସହକାରୀ ସାଧାରଣ ପରିଚାଳକ ତାପସ ରଞ୍ଜନ ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ନିଜ ବକ୍ତବ୍ୟରେ ବୃକ୍ଷମାନଙ୍କୁ ନଷ୍ଟ ନ କରି ଏହାର ସୁରକ୍ଷା କରିବା ଓ ଏହାର ଉପକାରିତା ଉପରେ ବୁଝାଇଥିଲେ। ଏପରିକି ପୂର୍ବ ଅପେକ୍ଷା ସଂପ୍ରତି ଜଳବାୟୁ ଉପରେ ସୂଚନା ପ୍ରଦାନ କରିଥିଲେ। ସ୍କୁଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ବେଲ, ଶାଗୁଆନ, ନିମ୍ବ, ଜାମୁ ଅଁଳା, ପଟାସ ଆଦି ବୃକ୍ଷରୋପଣ କରାଯାଇଥିଲା।

ବୃତ୍ତାନ୍ତ ଭୋଟର ତାଲିକା ପ୍ରସ୍ତୁତି ଆରମ୍ଭ

ବୌଦ୍ଧ,୧।୯(ସ୍ୱ.ପ୍ର)

ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି ।

ବୌଦ୍ଧ ଜିଲାରେ ବୃତ୍ତାନ୍ତ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ସେପ୍ଟେମ୍ବର ୧ ତାରିଖ ଠାରୁ ଆରମ୍ଭ ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତ ଏହି ସମ୍ମିଳନୀରେ ସୂଚନା ଦେଇ କହିଥିଲେ, ଆଗାମୀ ନିର୍ବାଚନରେ ଜଣେ ଯୋଗ୍ୟ ଭୋଟର ଯେପରି ଭୋଟଦାନ ଅଧିକାରରୁ ବଞ୍ଚିତ ନ ହେବେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସେପ୍ଟେମ୍ବର ୧ ତାରିଖରୁ ଜିଲାରେ ବୃତ୍ତାନ୍ତ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି । ତା୧ ।୯ ।୧୮ ରିଖଠାରୁ ତା୩୧ ।୧୦ ।୧୮ରିଖ ପର୍ଯ୍ୟନ୍ତ ଭୋଟର ତାଲିକା ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ । ତା୩୦ ।୧୧ ।୧୮ରିଖରେ ଏହି ଆପତ୍ତି ଅଭିଯୋଗର ଫଇସଲା କରାଯିବ ବୋଲି ସ୍ଥିର କରାଯାଇଛି। ସେହିପରି ଜାନୁୟାରୀ ୩ ତାରିଖ ମଧ୍ୟରେ ସମସ୍ତ ପ୍ରକିୟା ସମାପ୍ତ କରାଯିବା ପରେ ୨୦୧୯ ଜାନୁୟାରୀ ୪ ତାରିଖରେ ବୃତ୍ତାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବାକୁ ସ୍ଥିର ହୋଇଥିବା ଜିଲାପାଳ ରାଉତ ସୂଚନା ଦେଇଥିଲେ ।

ଏହି ସମୟ ସୀମା ମଧ୍ୟରେ ବିଶେଷ କରି କଲେଜ ଗୁଡିକୁ ଟାର୍ଗେଟ କରାଯାଇ ଯେଉଁ ଛାତ୍ରୀଛାତ୍ରମାନେ ୧୮ ବର୍ଷରେ ପଦାର୍ପଣ କରିଥିବେ ସେମାନଙ୍କ ନାମକୁ ଭୋଟର ତାଲିକାରେ ସଂଯୁକ୍ତ କରାଯିବ। ତେଣୁ କଲେଜ ଗୁଡିକରେ ଆବେଦନ ଫର୍ମ ବଣ୍ଟନ ସହିତ ସେଗୁଡିକୁ ପୂରଣ ଓ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ। ଜିଲାର ୨ଟି ନିର୍ବାଚନ ମଣ୍ଡଳୀରେ ପ୍ରାୟ ୬୦୦୦ ଭୋଟରଙ୍କ ନାମ ଦୁଇଟି ସ୍ଥାନରେ ଥିବା ଚିହ୍ନଟ କରାଯାଇଛି । ସେଗୁଡିକୁ ଠିକ୍ ଭାବେ ଯାଞ୍ଚ କରାଯିବା ପରେ ତାଲିକାରୁ ବାଦ ଦିଆଯିବ । ଏହାସହ ଅନେକ ମୃତ ଲୋକଙ୍କ ନାମ ମଧ୍ୟ ଭୋଟର ତାଲିକାରେ ରହିଛି । ଉପଯୁକ୍ତ ତଥ୍ୟ ସଂଗ୍ରହ କରାଯିବା ପରେ ସେଗୁଡିକୁ ମଧ୍ୟ ବୃତ୍ତାନ୍ତ ତାଲିକାରୁ ବାଦ୍‌ଦିଆଯିବ ବୋଲି ଜିଲାପାଳ ରାଉତ ପ୍ରକାଶ କରିଥିଲେ। ସେହିପରି ହରଭଙ୍ଗା ବ୍ଲକ ଆଡେଶୀଗଡ ପଞ୍ଚାୟତର ୧୫ଟି ପରିବାରଙ୍କ ନାମ ଭୋଟର ତାଲିକାରେ ନ ଥିବା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ ।

ସୂଚନଯୋଗ୍ୟ, ଜିଲାର କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୧୫୫୬୦୯ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ୭୯୩୩୬ ଓ ମହିଳା ଭୋଟରଙ୍କ ସଂଖ୍ୟା ୭୬୨୭୩ ରହିଛି । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୫୨୦୩୩ ଭୋଟରଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୭୮୨୯୮ ହୋଇଥିବାବେଳେ ମହିଳାଙ୍କ ସଂଖ୍ୟା ୭୩୭୩୫ ବୋଲି ସୂଚନା ଦିଆଯାଇଛି । କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ୯୯.୦୧ ପ୍ରତିଶତ ଭୋଟରଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିବାବେଳେ ୯୯.୩୬ ପ୍ରତିଶତ ଫଟୋ ସଂଯୁକ୍ତ ହୋଇପାରିଛି । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀର ୯୯.୪୯ ପ୍ରତିଶତ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବାବେଳେ ୯୯.୩୩ ପ୍ରତିଶତ ଭୋଟରଙ୍କ ଫଟୋ ସଂଯୁକ୍ତ ହୋଇପାରିଛି । ଜିଲାରେ ପୂର୍ବରୁ ୩୯୧ଟି ବୁଥରେ ଭୋଟ ଗ୍ରହଣ କରାଯାଉଥିଲା। ଆବଶ୍ୟକତାକୁ ଦେଖି ଏଥର ୨୦ଟି ନୂତନ ବୁଥ୍ ବୃଦ୍ଧି କରାଯାଇଛି। ଫଳରେ ଆଗାମୀ ନିର୍ବାଚନରେ ଉଭୟ ନିର୍ବାଚନ ମଣ୍ଡଳୀରେ ୪୧୧ଟି ବୁଥରେ ଭୋଟ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତରଣୀସେନ ନାଏକ ଓ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବୈଠକ
୧୦ରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

ବୌଦ୍ଧ,୧।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଜିଲା ସଭାପ ତି ଅରୁଣ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ୬ଦଫା ଦାବି ନେଇ ଆଲୋଚନା ହୋଇଥିଲା । ସାରା ରାଜ୍ୟରେ ଆସନ୍ତା ୧୦ ତାରିଖରୁ ରାଜ୍ୟର ମିଶନ୍ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏ ନେଇ ବୌଦ୍ଧ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା।

ସ୍ୱଚ୍ଛତା ପକ୍ଷର ଶପଥ ପାଠ

ପଲଶାଗୋରା, ୧।୯(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଳ ଓ ପରିମଳ ବିଭାଗ ସ୍ଥାନୀୟ ପଞ୍ଚାୟତର ମୁଖ୍ୟ ପ୍ରବର୍ତ୍ତକ ପୂର୍ଣ୍ଣଚରଣ ସାହୁ ଯୋଗ ଦେଇ ସ୍ୱଚ୍ଛତା ପକ୍ଷର ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ଭୁବନେଶ୍ୱର ତାରିଖ: ୦୨ ଜୁଲାଇ ୨୦୧୮

No. RDM-LAB-BOUDH-0020-2018- 23885/ R&DM-

No. XXXI-54:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ସୋରିଷନାଳି, ଥାନା- ବୌଦ୍ଧ, ନଂ.-୮୫, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ତଫସିଲମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୨୩୩୩୨, ତା୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ବୌଦ୍ଧ।

୬. ଜମିର ବିବରଣୀ:-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ବୌଦ୍ଧ	ବୌଦ୍ଧ	ସୋରିଷନାଳି	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏ.୧୭.୮୫୦	ଏ.୧୦.୦୬୦	ଏଥିସହିତ ସଂଲଗ୍ନ କରାଗଲା

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୪.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦକ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାନାଲ୍ଲକ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) ଜିମ୍ମା ବାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ ଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
୧	୩	୧୬୧	୦.୨୧୦	୦.୦୫୦	ଶାରଦ-୨	ଜମା ଭୋଇ, ସ୍ୱା- ଝଗୁଡ଼ ଭୋଇ, ବା: ଧୁମାଳ
୨	୫	୧୫୩	୦.୪୮୦	୦.୦୯୦	ଶାରଦ-୨	ଗୁପ୍ତେଶ୍ୱର ଭୋଇ, ଟଙ୍କାଧର ଭୋଇ, ପି- କୁଟାର୍ଥ ଭୋଇ, ବା- ଜାନକୀପୁର
୩	୧୦	୧୭୬	୧.୫୪୦	୦.୪୦୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୪	୧୧	୧୨୮	୨.୨୨୦	୦.୦୨୦	ଶାରଦ ଜଳ-୧	ଦେବକୀ ପ୍ରଧାନ, ସ୍ୱା- ହିମାଂଶୁ ଶେଖର ପ୍ରଧାନ, ବା- ଜାନକୀପୁର
୫	୧୪	୧୬୮	୨.୩୨୦	୦.୬୦୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା: ପିଙ୍ଗଳବେଡ଼ା
୬	୧୭	୧୫୧	୧.୦୮୦	୦.୬୩୦	ଶାରଦ ଜଳ-୨	ମଙ୍ଗୁ ବାରିକ, ପି- ଖାଡ଼ିଆ ବାରିକ, ବା- ଜାନକିପୁର
୭	୧୮	୧୬୪	୨.୧୫୦	୦.୩୧୦	ଆଟ	ମିଳନ ଛତ୍ତିଆ, ପି- ରାମ ଛତ୍ତିଆ, ବା: ପିଙ୍ଗଳବେଡ଼ା
୮	୨୧	୧୭୪	୧.୦୬୦	୦.୩୦୦	ଆଟ	ସହଦେବ ମହାଲିକ, ପି- ଅଗ୍ନି ମହାଲିକ, ବା- ପିଙ୍ଗଳବେଡ଼ା
୯	୨୨	୧୨୯	୦.୩୨୦	୦.୦୯୦	ଶାରଦ-୨	ସୀତା ମହାନନ୍ଦିଆ, ସ୍ୱା- ମୁକୁନ୍ଦ ମହାନନ୍ଦିଆ, ନବଘନ ମହାନନ୍ଦିଆ,
୧୦		୧୩୨	୦.୧୨୦	୦.୧୨୦	ଶାରଦ-୨	ଓଗିଆ ମହାନନ୍ଦିଆ, ଧନୁଶର ମହାନନ୍ଦିଆ, ପି- ହରି ମହାନନ୍ଦିଆ,
୧୧		୧୩୪	୦.୨୮୦	୦.୦୭୦	ଶାରଦ-୨	ବା: ପିଙ୍ଗଳବେଡ଼ା
୧୨	୨୩	୧୪୨	୧.୧୨୦	୦.୩୧୦	ଶାରଦ ଜଳ-୨	ଶ୍ରୀପତି ମହାକୁଡ଼, ପି: ଉତ୍କଳ ମହାକୁଡ଼, ବା: ପିଙ୍ଗଳବେଡ଼ା
୧୩		୧୪୩	୦.୮୬୦	୦.୦୧୦	ଆଟ	
୧୪	୨୫	୧୬୩	୦.୨୫୦	୦.୨୫୦	ଶାରଦ ଜଳ-୨	ସୁରେନ୍ଦ୍ର ବାରିକ, ପି- ବୃନ୍ଦାବନ ବାରିକ, ରାହାସ ବାରିକ, ମହେଶ୍ୱର ବାରିକ, ପି- ସଂକୀର୍ତ୍ତନ ବାରିକ, ବା- ଜାନକୀପୁର
୧୫	୨୬	୧୪୬	୦.୪୨୦	୦.୨୪୦	ଶାରଦ-୨	ହିମାଂଶୁ ଭୋଇ, ଶୁକ୍ଲ ଭୋଇ, ମିଥିଳା ପ୍ରଧାନ, ମଦା ପ୍ରଧାନ, ପି-
୧୬		୧୪୮	୧.୪୨୦	୦.୯୬୦	ଶାରଦ-୧	ଅନାଦି ଭୋଇ, ରେଖା ଭୋଇ, ସ୍ୱା- ଅନାଦି ଭୋଇ, ବା- ଜାନକୀପୁର
୧୭	୨୬/୧	୧୪୪/ ୨୨୫	୦.୪୨୦	୦.୨୩୦	ଆଟ	ଶୁକ୍ଲ ଭୋଇ, ପି- ଅନାଦି ଭୋଇ, ବା- ଜାନକୀପୁର
୧୮	୨୬/୨	୧୪୪	୧.୫୮୦	୦.୫୩୦	ଆଟ	ମହେଶ୍ୱର ପ୍ରଧାନ, କୃଷ୍ଣ ପ୍ରଧାନ, ପି- ସ୍ପ୍ର ପ୍ରଧାନ, ବା- ଜାନକୀପୁର
ମୋଟ			୧୭.୮୫୦	୫.୨୧୦		

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ୍ ନଂ. | ୩ ରକବା | ୪ ଅଧିଗ୍

ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।।
- ହର୍‌ବର୍ଟ ସ୍ପେନ୍‌ସର୍

ସଂକ୍ଷେପରେ

ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଶୁଭାରମ୍ଭ

ସୋନପୁର,୧।୯(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ(ଆଇପିପିବି)ର ଶୁଭାରମ୍ଭ ହୋଇଛି। ଶନିବାର ସୋନପୁର ମୁଖ୍ୟ ଡାକଘର ସମେତ ସୋନପୁର ବ୍ଲକର କଳାପଥର, ବୈଦ୍ୟନାଥ, ଖମ୍ଭେଶ୍ୱରୀପାଲି ଓ ବିଶିମୁଣ୍ଡା ଶାଖା କେନ୍ଦ୍ରରେ ଏହି ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଏହି ବ୍ୟାଙ୍କ ସେବାର ଶୁଭାରମ୍ଭ କରିଥିଲେ। ପର୍ଯ୍ୟାୟକ୍ରମେ ଜିଲାରେ ଆଉ ୯୪ଟି ଆଇପିପିବି ଖୋଲିବାର ଯୋଜନା ରହିଛି। ସାଧାରଣ ଜନତାଙ୍କ ପାଇଁ ସହଜରେ ବ୍ୟାଙ୍କ ସେବା ଉପଲବ୍ଧ, କମ ଅର୍ଥ ଓ ବିଶ୍ୱସନୀୟ ବ୍ୟାଙ୍କ ପ୍ରତିଷ୍ଠା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନାକୁ ସୁଦୂରପ୍ରସାର କରି ବ୍ୟାଙ୍କ ନ ଥିବା ଏବଂ ଜନସଂଖ୍ୟା ଅନୁପାତରେ ବ୍ୟାଙ୍କ ସଂଖ୍ୟା କମ ଥିବା ସ୍ଥାନକୁ ପହଞ୍ଚିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି । ଏହି ଉପଲକ୍ଷେ ସୋନପୁର ହାତୀଶାଳସ୍ଥିତ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇପିପିବି ଦ୍ୱାରା ଗ୍ରାମାଞ୍ଚଳର ଲୋକେ ଅତି ନିକଟରେ ଡିଜିଟାଲ ବ୍ୟାଙ୍କ ସେବା ପାଇ ପାରିବେ। ନିଜର ଆର୍ଥିକ ଆବଶ୍ୟକତାକୁ ବ୍ୟବସ୍ଥିତ କରିବାରେ ସୁବିଧା ମିଳିବା। କେନ୍ଦ୍ର ସରକାରଙ୍କର ଏହା ଏକ ଭଲ ପଦକ୍ଷେପ। ଏହାଦ୍ୱାରା ଚିଟ୍‌ଫଣ୍ଡ ଠକେଇ ଓ ସାହୁକାରଙ୍କ ଉତ୍ପାଡନ ରହିବ ନାହିଁ ବୋଲି ଅଧ୍ୟକ୍ଷା ଉଷା କୁମାରୀ କହିଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ରିଜିଓନାଲ ପୋଷ୍ଟ ଅଫିସର ସହକାରୀ ନିର୍ଦ୍ଦେଶକ ରଘୁନାଥ ସାହୁ, ସୋନପୁର ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ସୁବାସ ଷଡଙ୍ଗୀ ଓ ଶାଖା ପରିଚାଳକ କୃଷ୍ଣଚନ୍ଦ୍ର ନାଏକ ଯୋଗଦାନ କରି ଏହି ବ୍ୟାଙ୍କରେ ଆରଟିଜିଏସ, ଆଇଏମପିଏସ ଓ ଏନଇଏଫଟି ଭଳି ସେବା ମିଳିବ ବୋଲି କହିଥିଲେ। ଚୌଧୁରୀ ବିଭାର କାର୍ଯ୍ୟକ୍ରମରୁ ସଂଯୋଜନା କରିଥିଲେ। ଜିଲାର ବୁଦ୍ଧିଜୀବୀ, ଡାକ ବିଭାଗର କର୍ମଚାରୀ ଓ ଏଜେଣ୍ଟମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।

ଅବହେଳିତ ବୀରମହାରାଜପୁର ଡାକ୍ତରଖାନା

ପ୍ରତିବାଦରେ ୪ ତାରିଖରୁ ଗଣଧାରଣା

ବୀରମହାରାଜପୁର, ୧।୯(ଡି.ଏନ.ଏ.)

ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା।

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ କେନ୍ଦ୍ର କରି ସୁବର୍ଣ୍ଣପୁର ଜିଲା ବିନିକାରେ ୩ ସପ୍ତାହ ହେଲା ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ମୌଳିକ ସମସ୍ୟାକୁ ନେଇ ବୀରମହାରାଜପୁରଠାରେ ଏବେ ଆନ୍ଦୋଳନ ମୁଣ୍ଡ ଟେକିଛି । ଉପଖଣ୍ଡୀୟ ଡାକ୍ତରଖାନା ମାନ୍ୟତା ପାଇବାର ଦୀର୍ଘ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଡାକ୍ତର ଅଭାବ ଜନିତ ସମସ୍ୟା ଲାଗି ରହିଛି। ଅଞ୍ଚଳବାସୀ ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ପୁଞ୍ଜିଭୂତ ଅଶାନ୍ତିକୁ ଆଧାର କରି ଏଠାକାର ବହୁ ସକ୍ରିୟ ନାଗରିକ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଡାକ୍ତରଖାନାର ଅଭାବ, ଅସୁବିଧା ପୂରଣ ସହ ସ୍ୱାସ୍ଥ୍ୟସେବାରେ ସୁଧାର ନ ଆସିଲେ ଆସନ୍ତା ସେପ୍ଟେମ୍ବର ୪ତାରିଖରୁ ଧାରଣାରେ ବସିବା ପାଇଁ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିନିକା ପରିସ୍ଥିତିର ସମାଧାନ ଅବଶ୍ୟ ହୋଇଛି। ହେଲେ ବୀରମହାରାଜପୁରରେ ସୂତ୍ରପାତ ହୋଇଥିବା ଅନୁରୂପ ସମସ୍ୟା ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପାଇଁ ପୁଣ୍ଡବ୍ୟଥାର କାରଣ ପାଲଟିଛି ।

ବୀରମହାରାଜପୁରଠାରେ ପୂର୍ବରୁ ରହିଥିବା ୩୦ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୩ ମସିହାର ରାଜ୍ୟ ସରକାର ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ମାନ୍ୟତା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ବ୍ୟବସ୍ଥା ମତେ ଏଠାରେ ଜଣେ ଉପଖଣ୍ଡସ୍ତରୀୟ ଚିକିତ୍ସାଧିକାରୀ(ଏସଡିମଓ) ଏବଂ ବିଭିନ୍ନ ବିଭାଗରେ ୭ଜଣ ବିଶେଷଜ୍ଞଙ୍କ ସହ ୮ସହକାରୀ ସର୍ଜନ ରହିବା କଥା। ସେହିଭଳି ଷ୍ଟାଫନର୍ସ ଓ ଫାର୍ମାଶିଷ୍ଟ ସମେତ ବିଭିନ୍ନ ବୈଷୟିକ ପଦପଦବୀ ସମ୍ପ୍ରସାରିତ ହେବାର ବିଧି ରହିଛି । କିନ୍ତୁ ବର୍ତ୍ତମାନ ଏଠାରେ ଜଣେ ମାତ୍ର ବିଶେଷଜ୍ଞଙ୍କୁ ମିଶାଇ ୫ ଚିକିତ୍ସକ ଥିବାବେଳେ ୧୨ଡାକ୍ତର ପଦ ଖାଲି ପଡିଛି। ମେଡିସିନ, ସର୍ଜରୀ, ପେଡିଏଟ୍ରିକ(ଶିଶୁ ବିଭାଗ), ଅସ୍ଥିଶଲ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ, ପାଥୋଲୋଜି, ଆନାସ୍ଥେସିଆ, ଚକ୍ଷୁରୋଗ ଭଳିଗୁରୁତ୍ୱପୂର୍ଣ୍ଣବିଭାଗରେବିଶେଷଜ୍ଞ ନଥିବାରୁ ଜନସାଧାରଣ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନା ପରିସରରେ ଥିବା ରକ୍ତ ସଂରକ୍ଷଣ କେନ୍ଦ୍ରରେ ଦୀର୍ଘବର୍ଷ ହେଲା ତାଲା ଝୁଲୁଛି। ତାହାକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ତନ୍ମଧ୍ୟରେ ଥିବା ମୂଲ୍ୟବାନ ଯନ୍ତ୍ରପାତି ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି । କେବଳ ସେତିକି ନୁହେଁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ହୋଇଥିଲେ ସୁଦ୍ଧା ଏକ୍ସରେ ମେସିନ କାମ କରୁନାହିଁ। ସଂପୃକ୍ତ ଷ୍ଟାଫଙ୍କୁ ଜିଲା ଡାକ୍ତରଖାନାକୁ ଡେପୁଟେସନରେ ନିଆଯାଇଛି। କ୍ୟୁବିସି ଓ ଇସିଜି ଭଳି ଜରୁରୀ ଆବଶ୍ୟକତା ଥିବା ମେସିନ ଏଠାରେ ନାହିଁ। ଏଭଳି ସ୍ଥିତିରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଡାକ୍ତରଖାନା ଉପରେ ଆସ୍ଥା ହରାଇ ଅନ୍ୟତ୍ର ଚାଲିଯାଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଏଠାକୁ ଆସୁଥିବା ଅଧିକାଂଶ ରୋଗୀ ଉଚ୍ଚତର ଚିକିତ୍ସା ନାମରେ ବାହାରକୁ ସ୍ଥାନାନ୍ତର ହେଉଥିବା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏସବୁ ଅଭାବ, ଅସୁବିଧା ଅଞ୍ଚଳବାସୀଙ୍କ ଅଶାନ୍ତିର କାରଣ ପାଲଟିଥିବାବଳେ ବିରୋଧୀ ଦଳଙ୍କ ପାଇଁ ସମାଲୋଚନା କରିବାକୁ ଖୋରାକ ଯୋଗାଇଛି । ଏହାରି ଭିତରେ ସକ୍ରିୟ ନାଗରିକମାନଙ୍କ ସ୍ୱର ଶାଣିତ ହୋଇଛି।

ଦେଶରେ ଖବରଦାତାଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବାରୁ ଓଡିଶା ସାମ୍ବାଦିକ ସଂଘ ଜିଲା ଶାଖା ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ନୀରବ ପ୍ରତିବାଦ କରାଯାଉଛି ।

ଯୋଗ ଶିବିର ଉଦ୍‌ଯାପିତ

ସୋନପୁର,୧।୮(ନି.ପ୍ର.)

ସୁବର୍ଣ୍ଣପୁର ଲେପ୍ରା ଇଣ୍ଡିଆ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ତ୍ରିଦିବସୀୟ ଯୋଗ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁଷ୍ଠ ରୋଗମୁକ୍ତ ଅନ୍ତେବାସୀଙ୍କ ପାଇଁ ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ତରଫରୁ ଏହି ଶିବିର ଆୟୋଜିତ ହେଉଛି। ଲେପ୍ରା ଇଣ୍ଡିଆ ପ୍ରକଳ୍ପ ଅଧିକାରୀ ଏ. ଆପଲା. ନାଇଡୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ଗୋରେଖନାଥ ସାହୁ ମାର୍ଗଦର୍ଶକ ଭାବେ ଶିବିରକୁ ସଞ୍ଚାଳନ କରିଥିଲେ। ଧ୍ୟାନ ମାଧ୍ୟମରେ କିପରି ପରମାତ୍ମାଙ୍କ ସହ ଆତ୍ମାର ମିଳନ ହୋଇପାରିବ ତାର ବୈଜ୍ଞାନିକ ସୂତ୍ର ବଢାଇବା ସହ ସନ୍ତୋଷ, ଶାନ୍ତି ଓ ସୁଖ ଗୋଟିଏ ସରଳରେଖାର ତିନୋଟି ବିନ୍ଦୁ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟାହାର, ଧାରଣା ଓ ଧ୍ୟାନ କିପରି ଅଭ୍ୟାସ କରାଯାଏ ତାହାର ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହ ପ୍ରକଳ୍ପ ଅଧିକାରୀ ଉଦୟନାଥ ପଣ୍ଡାଙ୍କ ସମେତ କୋଡିଏ ଜଣ କର୍ମଚାରୀ ଓ ଅନ୍ତେବାସୀ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଜିଲା ଯୋଗ ପ୍ରଚାରକ ଉମାକାନ୍ତ ସାହୁ ଯୋଗବ୍ୟାୟାମ, ଯୋଗାସନ ପ୍ରଦର୍ଶନରେ ସହଯୋଗ କରିଥିଲେ। ଶିବିର ପରିଚାଳନାରେ ନାରାୟଣ ସାହୁ, କାହ୍ନୁଚରଣ ଡାଙ୍ଗୁଆ, ବାବୁଲି ବାଘ, ନୀଳମଣି ମେଣ୍ଢଲି, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଭୂପେଶ୍ୱର ଭୋଇ, ନୃସିଂହ ଚରଣ ମିଶ୍ର, ଲକ୍ଷ୍ମୀ ଦୀପ ଓ ସୁନା ରଣା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ବୃତାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ପ୍ରସ୍ତୁତି

ବୀରମହାରାଜପୁର, ୧।୯(ଡି.ଏନ.ଏ.)

ବୀରମହାରାଜପୁର ଉପଜିଲାପାଳଙ୍କ ଅଫିସରରେ ଭୋଟର ତାଲିକା ପ୍ରସ୍ତୁତି ନେଇ ବୈଠକ।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୃତାନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶନର ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରକ୍ରିୟା ଶେଷ ପରେ ୨୦୧୯ ଜାନୁଆରୀ ୪ତାରିଖରେ ତାହା ସାର୍ବଜନୀନ କରାଯିବ। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସଂଶୋଧିତ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ଏ ସମ୍ପର୍କିତ ଜ୍ଞାତବ୍ୟ ତଥ୍ୟ ପ୍ରଦାନ ଆଲୋଚନା ସକାଶେ ବୀରମହାରାଜପୁର ବିଧାନସଭା କ୍ଷେତ୍ରର ଇଲେକ୍‌ଟ୍ରୋଲାର ରେଜିଷ୍ଟ୍ରେସନ ଅଫିସର ତଥା ଉପଜିଲାପାଳଙ୍କ ପକ୍ଷରୁ ଏକ ବୈଠକର ଆୟୋଜନ କରାଯାଇଥିଲା । ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରଶାସନ ଦ୍ୱାରା ପ୍ରଦତ୍ତ ସୂଚନା ମତେ ୩ ବ୍ଲକ ବିଶିଷ୍ଟ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଗତ ତା୧।୧।୧୮ରିଖରେ ପ୍ରକାଶ ପାଇଥିବା ତାଲିକା ମତେ ସମୁଦାୟ ଭୋଟ ସଂଖ୍ୟା ୨ଲକ୍ଷ ୧ ହଜାର ୪୪୫ ରହିଛି। ତନ୍ମଧ୍ୟରୁ ୯୫୧୫୪ ମହିଳା, ୧୦୬୯୦ ପୁରୁଷ ଓ ଜଣେମାତ୍ର ତୃତୀୟ ଲିଙ୍ଗ ମତଦାତା । ସମଗ୍ର ମତଦାତାଙ୍କ ମଧ୍ୟରୁ ୯୯.୪୧ ପ୍ରତିଶତ ସେମାନଙ୍କର ଫଟୋ ପରିଚୟ ପତ୍ର ପାଇ ସାରିଛନ୍ତି । ଏଥର ନିର୍ବାଚନ ମଣ୍ଡଳୀରେ ବୁଥ ସଂଖ୍ୟା ୨୬୧ରୁ ବୃଦ୍ଧି ପାଇ ୨୬୭ରେ ପହଞ୍ଚିଛି । ଏହିକ୍ରମରେ ୩ଟି ଯାକ ବ୍ଲକ ଯଥା ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଅଧିକ ୨ଟି ଲେଖାଏଁ ବୁଥ ବଢିଥିବା ସୂଚନା ଦିଆଯାଇଥିଲା ।

ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଲକ୍ଷ୍ୟ ରଖାଯାଇଥିବାରୁ ମୃତକ ତଥା ସ୍ଥାନାନ୍ତର ହୋଇଥିବା ମତଦାତାଙ୍କ ବାଦ ଦିଆଯିବା ସହ ନୂତନ ଯୋଗ୍ୟ ବିବେଚିତ ଭୋଟରଙ୍କୁ ସାମିଲ କରିବା ଏବଂ ଆବଶ୍ୟକସ୍ଥଳେ ସଂଶୋଧନ କରାଯିବ ବୋଲି ଇଆରଓ ତଥା ଉପଜିଲାପାଳ ପ୍ରକାଶ କରିଥିଲେ । ଉପଖଣ୍ଡ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ବୈଠକରେ ଏ ସଂକ୍ରାନ୍ତୀୟ ତଥ୍ୟ ପ୍ରଦାନ କରିଥିଲେ । ଏଥିରେ ଭାଜପା ତରଫରୁ ଜିଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ ଏବଂ କିଶୋର ହୋତା, ବିଜୁ ଜନତା ଦଳର ରଞ୍ଜିତ କୁମାର ରଥ ଓ ନାରାୟଣ ଲୁହା ଏବଂ କଂଗ୍ରେସ ପକ୍ଷରୁ ବସନ୍ତ ମହାକୁଡ ଓ ଧର୍ମେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

OFFICE OF THE ROURKELA MUNICIPAL CORPORATION, ROURKELA

INVITATION FOR BID

No. 7693, Dated : 24.08.2018
Bid Identification No. : MC/RMC/12/18-19

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.

Sd./- Municipal Commissioner,
Rourkela Municipal Corporation

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଛାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଓଡିଶାରେ ଏହା ପ୍ରଥମ, ଭାରତରେ ଦ୍ୱିତୀୟ
ଆପଣ ଚାହୁଁଥିବା ଯେ କୌଣସି ଜିନିଷ ଏବେ ଭଡାରେ ମିଳିବ
ଭଡାରେ ମିଳୁଛି ଏସି, ଫ୍ରିଜ, ଟିଭି, ଲାପଟପ, ଫୋନ, ଫର୍ନିଚର, ଗାଡି, ଏମିତିକି ଘର ମଧ୍ୟ
ଆଜି ହିଁ ଆପଣ ମଧ୍ୟ ଆମ ସହ ଯୋଡି ହୋଇ ଆୟ କରିପାରିବେ
ଆମ ସହ ଯୋଡି ହେବାକୁ ଆଜି ହିଁ ଫୋନ କରନ୍ତୁ
9114366436726,9540938429
ଭଡାରେ ମିଳୁଛି
ଆପଣ ଭାରତରେ ଯେ କୌଣସି ସ୍ଥାନରେ ଆମ ଜିନିଷ ଭଡାରେ ପାଇପାରିବେ
ଭଡାରେ ମିଳୁଛି
ଆପଣ ଚାହୁଁଥିବା ଯେ କୌଣସି ଜିନିଷ ଏବେ ଭଡାରେ ମିଳିବ
ଭଡାରେ ମିଳୁଛି ଏସି, ଫ୍ରିଜ, ଟିଭି, ଲାପଟପ, ଫୋନ, ଫର୍ନିଚର, ଗାଡି, ଏମିତିକି ଘର ମଧ୍ୟ
ଆଜି ହିଁ ଆପଣ ମଧ୍ୟ ଆମ ସହ ଯୋଡି ହୋଇ ଆୟ କରିପାରିବେ
ଆମ ସହ ଯୋଡି ହେବାକୁ ଆଜି ହିଁ ଫୋନ କରନ୍ତୁ
9114366436726,9540938429

କେମିତି ମଦ ଛାଡିବେ
ଆପଣଙ୍କ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ ଜଳିଙ୍ଗ, ଷ୍ଟେଶନ ଗୋଲ୍‌ଚକ। ଭଦ୍ରକ: ୨ ଓ ୧୭, ହୋଟେଲ୍ ବ୍ଲୁଘାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୩, ହୋଟେଲ୍ ଜାମସେନ ପ୍ୟାଲେସ୍, ଗୋପେବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଭେଲଙ୍କ (ଲଜ୍) ବଡ଼ଗେନା କମପିଆଲ୍ କଲ୍ଲେଜ୍, ୧୯୮, ଅଶୋକ ନଗର, ଫାର୍ଟି-୩। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡି ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାହ ୮ ଓ ୨୨, ହୋଟେଲ୍ ପୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିପ୍ର ରୋଡ୍, ରେଡ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାହ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଗୋଲ୍‌ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାହ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ୍ ଉପହାର, ଗାର୍ଡ଼ି.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଡ୍ରକ୍ସ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ୍, କେନାଲ୍ ଆଲ୍ଟେ୍ୟୁ ନିକଟ। ଫୁଲବାଣୀ: ପ୍ରତିମାହ ୧୨ ତାରିଖ, ହୋଟେଲ୍ ରାଜ ଜିମଲ। ନୟାଗଡ଼: ପ୍ରତିମାହ ୧୧ ତାରିଖ, ହୋ

ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ

ସଂକ୍ଷେପରେ

ଟ୍ରକ୍ ଧକ୍କାରେ ଜଣେ ମୃତ

ସୋହେଲା,୧।୯(ଡି.ଏନ.ଏ.): ସୋହେଲା ଥାନା ଅନ୍ତର୍ଗତ ବରପାଲି-ସୋହେଲା ରାସ୍ତାର ଚିଚିଣ୍ଡା ଗ୍ରାମ ନିକଟରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଣିମୋରା ଗ୍ରାମର ଗଣେଶ ବରିହା(୫୭) । ସେ ସୋହେଲା ସାପ୍ତାହିକ ବଜାରରୁ ପରିବା କିଣି ସାଇକେଲରେ ଘରକୁ ଫେରୁଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ଘଟଣାସ୍ଥଳରେ ଗଣେଶଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି ଏବଂ ଟ୍ରକ୍‌କୁ ଜବତ କରିଛି ।

ନୂଆଁଖାଇ ଲଗ୍ନଧାର୍ଯ୍ୟ

ପାଇକମାଳ,୧।୯(ଡି.ଏନ.ଏ): ପାଇକମାଳର ନୃସିଂହନାଥ ମନ୍ଦିରରେ ନୂଆଁଖାଇ ଲଗ୍ନ ଶୁକ୍ରବାର ଧାର୍ଯ୍ୟ କରାଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥୀ ତା. ୧୪।୯।୨୦୧୮ରିଖ ଶୁକ୍ରବାର ଦିନ ୧୧ଟା ୪୭ମିନିଟ୍ ଗତେ ୧୨ଟା ୧୫ମିନିଟ୍ ମଧ୍ୟେ ବିଛାଲଗ୍ନରେ ନବାନ୍ନ ଭୋଗ ଲଗାଯିବା ପାଇଁ ସ୍ଥିର କରାଯାଇଛି । ମନ୍ଦିର କୁଳ ପୁରୋହିତ ସୁନୀଲ ପୁରୋହିତଙ୍କ ଦ୍ୱାରା ଲଗ୍ନ ଧାର୍ଯ୍ୟ କରାଯାଇଥିଲଶ । ଏହି ଅନୁସାରେ ପ୍ରଭୁ ନୃସିଂହନାଥ ଓ ପାର୍ଶ୍ୱଦେବା ଦେବୀଙ୍କଠାରେ ନବାନ୍ନ ଭୋଗ ଲଗାଯିବ ବୋଲି ସୂଚନା ଦିଆଯାଇଛି ।

■ ଗାଇସିଲେଟ ଓ ରାଜବୋଡାସମ୍ଭର ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

୨୦୩ ପ୍ରକଳ୍ପକୁ ୮.୬୯ କୋଟି ମଞ୍ଜୁର

ପଦ୍ମପୁର/ଗାଇସିଲେଟ, ୧।୯(ଡି.ଏନ.ଏ.)

ଗାଇସିଲେଟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ସରକାରୀ ଅଧିକାରୀ, ନେତୃମଣ୍ଡଳୀ ।

ରାଜବୋରାସମ୍ଭର ବ୍ଲକ ଅଞ୍ଚଳ ମହାବିଦ୍ୟାଳୟ ଖେଳପଡିଆଠାରେ ଶନିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କ ସହିତ ବାର୍ତ୍ତାଳାପ କରିବା ସହିତ ୨୨ଟି ଗ୍ରାମପଞ୍ଚାତର ୧୨୫ଟି ପ୍ରକଳ୍ପ ପାଇଁ ୪ କୋଟି ୩୬ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ ଏମ୍‌ପି ଡଃ ପ୍ରଭାସ ସିଂ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ରାଜବୋରାସମ୍ଭର ବ୍ଲକ ଅଧକ୍ଷ କୁମରମଣି ନାୟକ, ଝାରବନ୍ଧ ପଞ୍ଚାୟତ ସମିତି ଅଧକ୍ଷ ବିଜୟ କେତନ ପ୍ରଧାନ, ପାଇକମାଳ ପଞ୍ଚାୟତ ସମିତି ଅଧକ୍ଷ ଅଲତାବ ମହମ୍ମଦ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ରାଜବୋରାସମ୍ଭର ବିଡିଓ ଏଲିଜା ମିଶ୍ର, ପାଇକମାଳ ବିଡିଓ ସରୋଜିନୀ ପ୍ରସନ୍ନ କୁଲୁ, ଝାରବନ୍ଧ ବିଡିଓ ସନ୍ତୋଷ କଲେତ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ସରପଞ୍ଚ ରଜନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। **ଗାଇସିଲେଟ, (ଡି.ଏନ.ଏ.):** ଗାଇସିଲେଟ ମିନି ଷ୍ଟାଡିୟମଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା । ଗାଇସିଲେଟ ବ୍ଲକ ୧୯ଟି ପଞ୍ଚାୟତର ୭୮ଟି ପ୍ରକଳ୍ପ ପାଇଁ ମୋଟ ୪କୋଟି ୩୩ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ମଞ୍ଜୁର କରିଥିଲେ । ବ୍ଲକ ଅଧକ୍ଷା ବାସନ୍ତୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଝାରୀ, ବିଧାୟିକା ରୀତା ସାହୁ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବିଡିଓ ମଧୁଛନ୍ଦା ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁ ଓ ଲାଲ ବିକ୍ରମ ସିଂଦେଓ, ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ଦାଶ, ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ, ବିଜେପୁର ବ୍ଲକ ଅଧକ୍ଷା ମାନିନୀ ଭୋଇ, ଗାଇସିଲେଟ ବ୍ଲକ ଉପାଧକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ପୁଷ୍ପାଞ୍ଜଳି ଦାଶଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

ଜିଲାପାଳଙ୍କୁ ଆମ୍ବେଡକର ଯୁବାସଂଘ ଦେଲା ସ୍ମାରକପତ୍ର

ବରଗଡ଼ ଅଫିସ୍,୧।୯

ବରଗଡ଼ ଜିଲା ଡଃ ଆମ୍ବେଦକର ଯୁବା ସଂଘ ଗୁରୁବାର ବିଭିନ୍ନ ଦାବି ନେଇ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । ଅତିରିକ୍ତ ଜିଲାପାଳ ତପିରାମ ମାଝୀ ସ୍ମାରକପତ୍ର ଗ୍ରହଣ କରିଥିଲେ । ପଲସଦା ଚାଷୀମୃତ୍ୟୁ ପରେ ଗତ ୨୮ତାରିଖରେ ଅତାବିରା ସମେତ ବରଗଡ଼, ସୋହେଲା ଆଦି ସ୍ଥାନରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ ଚାଲିଥିଲା। ଏହି ସମୟରେ ଅତାବିରାର ପୂର୍ବତନ ବିଧାୟକ ମହାନନ୍ଦ ଏବଂ ଅତାବିରା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁ ମୁହାଁମୁହିଁ ହୋଇଥିଲେ । ପରେ ପୋଲିସ ପୂର୍ବତନ ବିଧାୟକ ମହାନନ୍ଦଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ମହାନନ୍ଦ ଅନୁସୂଚୀତ ଜାତି ଶ୍ରେଣୀର ହୋଇଥିବାରୁ ପୋଲିସ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବା ସହିତ ମାମଲା ରୁଜୁ କରିଛି ବୋଲି ଯୁବା ସଂଘ ଅଭିଯୋଗ କରିଛି । ସେହିପରି ପଲସଦା ଚାଷୀମୃତ୍ୟୁ ଘଟଣାରେ ମୃତ ଚାଷୀ ପୂର୍ବରୁ ଚାଷୀ ଆନ୍ଦୋଳନରେ ସାମିଲ ଥିଲେ । ସେତେବେଳେ ଫସଲବୀମା କ୍ଷତିପୂରଣ ପ୍ରଦାନ କରା ନ ଯାଇ ତାଙ୍କ ମୃତ୍ୟୁ ପରେ ତାହା ପ୍ରଦାନ କରାଯିବା ରହସ୍ୟଜନକ ହୋଇଥିବାରୁ ମୃତଚାଷୀଙ୍କ ପ୍ରତି ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ଏହା ସହିତ ଜଣେ ଗର୍ଭବତୀ ମହିଳାଙ୍କୁ ବଳାତ୍କାର ଅଭିଯୋଗ ନେଇ ପୋଲିସ ମାମଲା ରୁଜୁ କରିଛି । କିନ୍ତୁ ମହିଳା ଜଣକ ଅନୁସୂଚୀତ ଜାତି ବର୍ଗର ହୋଇଥିବାରୁ ଏହି ମାମଲାର ଅଭିଯୁକ୍ତଙ୍କୁ ଜାଣିଶୁଣି ପୋଲିସ ଗିରଫ କରୁନାହିଁ । ସେହିପରି ତିନିଦିନ ତଳେ ଜଣେ ବ୍ୟବସାୟୀଙ୍କଠାରୁ ପୋଲିସର ପିସିଆର ଟିମ୍ ସାଢ଼େ ୪ଲକ୍ଷ ଲୁଟ୍ ଘଟଣାରେ ୩ କନଷ୍ଟେବଳଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି । ମାତ୍ର ସେ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଖବରଦାତାଙ୍କ ପ୍ରତି ଯେଭଳି ଆଚରଣ ପ୍ରଦର୍ଶନ କଲେ, ତାହା ନିନ୍ଦନୀୟ । ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଯୁବାସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ଯୁବାସଂଘ ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି, ସମ୍ପାଦକ ଅଭୟ କୁମାର ବାଦିଙ୍କ ସମେତ ସଭ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

ବରଗଡ଼ ଜିଲା ପଦ୍ମପୁର ଏନଏସି ତରଫରୁ ୫୬ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଅତିଥିମାନେ ପଦ୍ମପୁର ଡାକ୍ତରଖାନା ଓ କୁଷ୍ଠାଶ୍ରମରେ ଫଳ ବଣ୍ଟନ କରିଛନ୍ତି ।

୮ଜଣଙ୍କୁ ପୋଲିସ ଉଠାଇନେଲା

ବରଗଡ଼ ଅଫିସ୍,୧।୯

ବରଗଡ଼ ଜିଲା ସୋହେଲା-ବରପାଲି ରାସ୍ତାର ଚିଚିଣ୍ଡା ନିକଟରେ ଶନିବାର ସଂଘଟିତ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗଣେଶ ବରିହାଙ୍କ ମୃତ୍ୟୁ ଘଟିଥିଲା । ଏହାକୁ କେନ୍ଦ୍ର କରି ବରଗଡ଼ ସଦର ଥାନା ଅନ୍ତର୍ଗତ ବନବାସପାଲି ନିକଟରେ ସ୍ଥାନୀୟ କିଛି ଲୋକ ରାସ୍ତାରୋକୋ କରିଥିଲେ । ସେଥିରେ ସାମିଲ ଥିବା ୮ଜଣଙ୍କୁ ସଦର ଥାନା ପୋଲିସ ସେଠାରୁ ଉଠାଇ ନେଇ ପ୍ରଥମେ ବିଜେପୁର ଥାନାକୁ ନେଇଥିଲା । ଏହାପରେ ଅଟକ ଲୋକଙ୍କୁ ପୁଣି ସଦର ଥାନାକୁ ଅଣାଯାଇଛି ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କିଙ୍ଗ୍ ସେବା ଉଦ୍‌ଘାଟିତ

ବରପାଲି, ୧।୯ (ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକକାଳୀନ ୬୫୦ ଶାଖାରେ ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କିଙ୍ଗ୍ ସେବା ଲୋକାର୍ପଣ ଅବସରରେ ବରପାଲି ପୋଷ୍ଟ ଅଫିସ ପରିସରରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ପୋଷ୍ଟ ମାଷ୍ଟର ପ୍ରତାପ କୁମାର ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ମୁଖ୍ୟଅତିଥି, ପଦ୍ମପୁର ଶାଖା ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ଦାଶ ସମ୍ମାନୀତ ଅତିଥି ଓ ଉପେନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ଡାକ ସେବାର ପରିବର୍ତ୍ତନ ଓ ନୂତନ ରୂପରେଖ ଉପରେ ଆଲୋକପାତ କରି ବିଭିନ୍ନ ଆକାଉଣ୍ଟର ସୁବିଧା ଉପରେ ସୂଚନା ଦିଆଯାଇଥିଲା ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କିଙ୍ଗ୍ ସେବା ଲୋକାର୍ପଣ ଅବସରରେ ମଞ୍ଚାସୀନ ଅତିଥି ।

ଆଇନ ସଚେତନତା ଶିବିର

ବରଗଡ଼ ଅଫିସ୍,୧।୯

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କାଦୋବାହାଲ ଉଚ୍ଚ ମାଧ୍ୟମିକ ସ୍କୁଲରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବାସ ଚନ୍ଦ୍ର ଧଳ, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ସୁବାସ କୁମାର ବିହାରୀ, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟକ ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସବ୍ୟସାଚୀ ପ୍ରଧାନ, ଅତାବିରା ବିଡ଼ିଓ ପ୍ରଣବ କୁମାର ବେହେରା, ଡିଏସ୍‌ଡବ୍ଲ୍ୟୁଓ ନବକୃଷ୍ଣ ସାହୁ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ, ଅତାବିରା ବ୍ଲକର ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୀୟ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଆଇନ ସମ୍ବନ୍ଧୀୟ ମାଗଣା ସହାୟତା ଉପରେ ସେମାନେ ଆଲୋକପାତ କରିଥିଲେ।

ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କର୍ମଶାଳା

ବରଗଡ଼ ଅଫିସ୍,୧।୯

ବିକାଶ ଟେକ୍ନିକାଲ କ୍ୟାମ୍ପସ ଗ୍ୟାଲେରୀ ହଲରେ ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ଦୁଇଦିନିଆଁ କର୍ମଶାଳା ଅନୁଷ୍ଠିତ ହୋଇଛି । ଆରମ୍ଭରେ ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମର ଉପାଦେୟତା ଓ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ନିଡ୍ ଅଫ୍ ଏକାଡ଼େମିକ ଅପ୍‌ଡେଶନ ଇନ ହାୟର ଏଜୁକେଶନ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ବିକାଶ କଲଚର ଫର୍ ଟିଚର୍ସ ବିଷୟବସ୍ତୁ ଉପସ୍ଥାପନ କରିଥିଲେ । ସେହିପରି ଶନିବାର ଦ୍ୱିତୀୟ ଦିବସରେ ଟିଚର ଇନ ହାୟର ଏଜୁକେଶନ ୱିଥ୍ ରେସପେକ୍ଟ ଟୁ ରେସିଡେନ୍ସିଆଲ ସେଟ୍ ଅପ୍ ବିଷୟବସ୍ତୁ ଉପରେ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜ, ଇଞ୍ଜିନିୟରିଂ କଲେଜ ଏବଂ ବିଜିନେସ ସ୍କୁଲର ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ । ବିକାଶ ସ୍କୁଲ ଅଫ ଟେକ୍ନୋଲୋଜିର କୋ ଅର୍ଡ଼ିନେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ସେସନ୍ସ କନଭେନର ଏବଂ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର କୋ ଅର୍ଡ଼ିନେଟର ଆରଏସଭି କ୍ରିଷ୍ଣା ସେସନ୍ସ ମୋଡ଼ରେଟର ଭାବେ ଦାୟିତ୍ୱ ତୁଲାଇଥିଲେ । ବିକାଶ ଗ୍ରୁପ୍ ଅଧକ୍ଷ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସମସ୍ତ ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭକାମନା ଜଣାଇଥିଲେ ।

ଖେଳକୁଦ ପ୍ରତିଯୋଗିତା

ଅତାବିରା, ୧।୯ (ଡି.ଏନ.ଏ)

ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଉଦ୍‌ଯାପନୀ ଦିବସରେ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରରେ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ଶୈଳେନ୍ଦ୍ରୀ ଡନସନା ମୁଖ୍ୟଅତିଥି, ସଙ୍କୁଳ ପ୍ରମୁଖ ଅଶ୍ୱିନୀ ଦାଶ, ଡାଲବ ଆନ୍ଧ୍ର ବ୍ୟାଙ୍କ ଶାଖା ପରିଚାଳକ ଏନ ବିଶେଶ୍ୱର ଗୁପ୍ତା, ସୁରେଶ ରଥ, ସୂର୍ଯ୍ୟନାରାୟଣ ପଣ୍ଡା, ସଦାନନ୍ଦ ମିଶ୍ର, ସଞ୍ଜୀବ କୁମାର ଡନସନା, ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସଙ୍କୁଳ ଖେଳ ପ୍ରମୁଖ ପଦ୍ମଲୋଚନ ପଟେଲଙ୍କ ତତ୍ତ୍ୱାବଧାନରେ ଖେଳକୁଦ ପରିଚାଳନା ହୋଇଥିଲା । ଶେଷରେ ଶମ୍ଭୁରାମ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଫସଲ ବୀମାରାଶି ପାଇଁ ଭିଡ

ଚାଷୀମାନେ ବୀମା ଟଙ୍କା ଉଠାଣ ପାଇଁ ବ୍ୟାଙ୍କ ଆଗରେ ନିଜ ଚପଲ ରଖି ଧାଡି ବାନ୍ଧିଛନ୍ତି ।

ପଦ୍ମପୁର, ୧।୯ (ଡି.ଏନ.ଏ)

ଫସଲ ବୀମା ରାଶି ଉଠାଣ ପାଇଁ ବରଗଡ଼ ଜିଲା ପଦ୍ମପୁର ସମବାୟ ବ୍ୟାଙ୍କରେ ଶନିବାର ଚାଷୀମାନଙ୍କ ଭିଡ ଦେଖିବାକୁ ମିଳିଛି । ଚାଷୀମାନେ ରାତି ୩ରୁ ବ୍ୟାଙ୍କ ସମ୍ମୁଖରେ ଧାଡି ବାନ୍ଧି ଅପେକ୍ଷାରେ ରହୁଛନ୍ତି । ବର୍ଷା ହେଲେ ମଧ୍ୟ ସେମାନେ ଚପଲ, ବ୍ୟାଗ, ଗାମୁଛା ପକାଇ ଧାଡିରେ ରଖୁଛନ୍ତି । ଗତ ୨୫ ତାରିଖରୁ ପ୍ରତିଦିନ ୩ଶହରୁ ୩ଶ୍ରୀ୦ଜଣ ଚାଷୀଙ୍କୁ ଫସଲ ବୀମା ଟଙ୍କା ପ୍ରଦାନ କରାଯାଉଛି । ଏଥିପାଇଁ ଦୈନିକ ୧.୫୦ରୁ ୨ କୋଟି ଟଙ୍କା ଉଠାଣ ହେଉଥିବା ସହକାରୀ ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀ କହିଛନ୍ତି । ଦୋକାନ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ୩୧ ତାରିଖ ସକାଳେ ଲୁହୁରାଚଟି ବସ୍‌ଷ୍ଟାଣ୍ଡରେ ୪ଜଣ ମହିଳା ସନ୍ଦେହଜନକ ଭାବେ ବସିଥିବା ଖବର ପାଇ ପୋଲିସ ସେଠାକୁ ଯାଇ ମହିଳାମାନଙ୍କୁ ପଚରାଉଚୁରା କରିବାରେ ସେମାନେ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ । ତନଖି କରିବାରୁ ସେମାନଙ୍କ ପାଖରୁ ଚୋରି ଯାଇଥିବା ଶାଢ଼ି ବାହାରିଥିଲା ।

ଶାଢ଼ି ଚୋରି ଅଭିଯୋଗ, ୪ ମହିଳା ଗିରଫ

ସୋହେଲା,୧।୯(ଡି.ଏନ.ଏ.)

କପଡା ଚୋରି ଅଭିଯୋଗରେ ସୋହେଲା ପୋଲିସ ୪ଜଣ ମହିଳାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଛତିଶଗଡ ରାଜ୍ୟ ଜାଞ୍ଜଗିର ଚାମ୍ପା ଜିଲା ଶିବିରି ଥାନା ଅନ୍ତର୍ଗତ ପୁରୁଣା ବସ୍ତିର ଶାନ୍ତି ବାଇ ସତନାମୀ(୫୦), ସୁନୀତା ସତନାମୀ(୨୬), ରୁକ୍ମଣୀ ସତନାମୀ(୩୨) ଏବଂ ରାଜକୁମାରୀ ସତନାମୀ ଓରଫ ହମିଦା ବେଗମ(୪୫)। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୩୧/୧୮) ରୁଜୁ ହୋଇଛି । ସୂଚନା ଅନୁସାରେ, ପଦ୍ମପୁର ରୋଡରେ ଥିବା ଆଲୋକ ଅଗ୍ରୱାଲଙ୍କ କପଡା ଦୋକାନରୁ ଗତ ୩୦ ତାରିଖ ସନ୍ଧ୍ୟା ୭ଟାରେ ଉକ୍ତ ମହିଳାମାନେ ଶାଢ଼ି କିଣିବା ବାହାନାରେ ୫ଖଣ୍ଡ ଦାମୀ ଶାଢ଼ି ଚୋରି କରିଥିଲେ । ଏ ନେଇ

ସାଇନିଂ ଷ୍ଟାର ପରୀକ୍ଷା

ଭେଡ଼େନ, ୧।୯(ଡ଼ି.ଏନ.ଏ)

ଭେଡ଼େନସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ଠାରେ ଶନିବାର ତୃତୀୟ ସାଇନିଂ ଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ମୋଟ ୪୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

ସରକାରୀ ବସ୍ କର୍ମଚାରୀଙ୍କ ଧର୍ମଘଟ

ସରକାରୀ ବସ୍ କର୍ମଚାରୀମାନେ ଧର୍ମଘଟ ଚଳାଇଛନ୍ତି ।

ପଦ୍ମପୁର, ୧।୯(ଡି.ଏନ.ଏ)

ଓଡିଶା ରାଜ୍ୟ ସଡକ ପରିବହନ ପଦ୍ମପୁର ଶାଖାର ଠିକା କର୍ମଚାରୀ ତଥା କଣ୍ଡକ୍ଟର ଥବୀର ପଣ୍ଡାଙ୍କୁ ଅନ୍ୟତ୍ର ବଦଳି ପ୍

ସଂକ୍ଷେପରେ

ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ଅଣଦେଖା

ସୋନପୁର,୧।୯(ନି.ପ୍ର.): କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗମନାଗମନକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ପୂର୍ବରୁ ନିର୍ମାଣ ହୋଇଥିବା ଛୋଟ ବସ୍‌ଷ୍ଟାଣ୍ଡ ଆବଶ୍ୟକତା ମେଣ୍ଟାଇ ପାରୁନି। ଯାତ୍ରୀଙ୍କ ପାଇଁ ଏଠାରେ ସର୍ବନିମ୍ନ ସୁବିଧା ନାହିଁ। ଶୌଚାଳୟଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ବୁରବୁରାନ୍ତରୁ ଆସୁଥିବା ଯାତ୍ରୀ ବର୍ଷାରେ ଭିଜୁଥିବା ବେଳେ ଖରାରେ ସିଝୁଛନ୍ତି। ତେବେ ଜିଲା ଗଠନର ୨୫ବର୍ଷ ବିତି ଯାଇଥିଲେ ହେଁ ଏହି ଦାବିପ୍ରତି ପ୍ରଶାସନ ଓ ଲୋକପ୍ରତିନିଧି ଅଣଦେଖା କରୁଥିବା ଅଭିଯୋଗ ହୋଇ ଆସୁଛି।

କ୍ଲଷ୍ଟରସ୍ତରୀୟ ଶିକ୍ଷକ ସମାବେଶ

ଖପ୍ରାଖୋଲ ୧।୯(ଡି.ଏନ.ଏ)

ଶିକ୍ଷକ ସମାବେଶରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ ବ୍ଲକ ଓଡିଆପାଲି ସ୍କୁଲ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ କଳାକାହ୍ନୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥିଭାବେ ଖପ୍ରାଖୋଲ ବ୍ଲକ ଶିକ୍ଷାଅଧିକାରୀ ଷଷ୍ଠୀପ୍ରସାଦ ଝାଙ୍କର ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ବଳଭଦ୍ର ଦାଶ, ସମ୍ମାନିତ ଅତିଥି ଏବିଇଓ ରମେଶ ଚନ୍ଦ୍ର ସାମଂଥ, ବୀରେନ୍ଦ୍ର କୁମାର ସାହୁ, ମିନିକେତନ ବରିହା, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ମନୋଜ ଦାସ, ପ୍ରମୁଖ ଯୋଗଦେଇଥିଲେ। ଅଭିଜ୍ଞତା, ଅଧ୍ୟବସାୟ, ଇଚ୍ଛାଶକ୍ତି, ଓ ସମୟାନୁବର୍ତ୍ତିତା, ହେଉଛି ସଫଳତାର ଚାବିକାଠି। ଶିକ୍ଷକମାନେ ଏହି ଗୁଣ ବଳରେ ସୁସ୍ଥ ସମାଜ ଗଠନ ସହିତ ସଫଳ ମଣିଷ ପ୍ରସ୍ତୁତ କରିବାରେ ସଫଳ ହୋଇ ପାରିବେ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲଷ୍ଟରରୁ ଅବସର ନେଇଥିବା ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ବ୍ରଜ ମୋହନ ନାଗଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜିତେନ୍ଦ୍ର ପଣ୍ଡା, ସିଆରସିସି ଶାନ୍ତନୁ କୁମାର ବାରିକ, ମାଧୁରି ବେହେରାଙ୍କ ସମେତ କ୍ଲଷ୍ଟର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ସୁଶୀଲ କୁମାର ପୋଢ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ମହିଳା ଗୋଷ୍ଠୀ, ଚାଷୀଙ୍କୁ ଋଣ ବଣ୍ଟନ

କଣ୍ଟାବାଞ୍ଜି, ୧।୯(ଡି.ଏନ.ଏ.)

ଋଣ ବଣ୍ଟନ ମେଳାରେ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳାମାନେ।

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କଣ୍ଟାବାଞ୍ଜି ଶାଖା ପରିସରରେ ଶନିବାର ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ରାଜ୍ୟ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ବିଧାୟକ ଅୟୁବ ଖାନ, ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ଓ ସମ୍ପାଦକ ମଞ୍ଚାସୀନ ଥିଲେ। ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ସଭାର ଅଧକ୍ଷତା କରିଥିଲେ । ଋଣ ମେଳାରେ ବିଧାୟକ ଖାନ ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକରେ ନୂତନ ଭାବେ ବ୍ୟାଙ୍କର ଶାଖା ଖୋଲିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କଣ୍ଟାବାଞ୍ଜି, ଡୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲରେ ବ୍ୟାଙ୍କର ଏଟିଏମ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ଚଳିତ ବର୍ଷ ୧୬୩ଟି ମହିଳା ଗୋଷ୍ଠୀଙ୍କୁ ୮।୧ଲକ୍ଷ ୫୪ହଜାର, ୧୪ଜଣ ଚୁଣାକାରଙ୍କୁ ୭ଲକ୍ଷ, ବ୍ୟାଙ୍କ ଅଧୀନ ୧୮ପ୍ୟାକ୍ସର ଚାଷୀଙ୍କୁ ଖରିଫ ଋଣ ବାବଦକୁ ମୋଟ ୧କୋଟି ୯୫ଲକ୍ଷ ଟଙ୍କା ଓ ଯୁଗ୍ମଦେୟ ଗୋଷ୍ଠୀ(ଜେଏଲଜି)ଚାଷୀଙ୍କୁ ୧କୋଟି ୧ଲକ୍ଷ ୬୯ହଜାର ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ ଶାଖା ପରିଚାଳକ ରବିନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ।

କୃଷକ ଉତ୍ପାଦକ ସଂଗଠନର ପ୍ରସ୍ତୁତି ବୈଠକ

ଦେଓଗାଁ,୧।୯(ଡି.ଏନ.ଏ)

ଗୁଡଭେଲା ବ୍ଲକ ତୁଷୁରା ରିହାଇ ଅନୁଷ୍ଠାନ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ସାଧାରଣ ସଭା ପାଇଁ ଶନିବାର ଦେଓଗାଁ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ନିର୍ଦ୍ଦେଶକ ରୁନୁଗୋପାଳ ସାହୁଙ୍କ ଅଧକ୍ଷତାରେ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର ସାହୁ ଉତ୍ପାଦକ ସଂଗଠନର ବିଭିନ୍ନ ଦିଗ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏ ଅବସରରେ ଦେଓଗାଁ ଓ ବଲାଙ୍ଗୀର ବ୍ଲକର ବିଭିନ୍ନ ଗ୍ରାମର ଅଂଶୀଦାର କୃଷକ ଓ ଉତ୍ପାଦକ ସଂଗଠନର ୨୦ଜଣ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ଶେଷରେ ସହଯୋଗୀ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକ କିର୍ତ୍ତନ ପଣ୍ଡା ଧନ୍ୟବାଦ ଦେଇଥିଲେ।

୪୧ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ

ମୁରିବାହାଲ, ୧।୯ (ଡି.ଏନ.ଏ.) ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକକୁ ଶନିବାର ରାଜ୍ୟ ସମବାୟ ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଗସ୍ତ କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲଖନା, ଇଛାପଡା, ମୁରିବାହାଲ ଓ ପତ୍ରାପାଲି ପ୍ରଭୃତି ଚାରି ପଞ୍ଚାୟତର ୪୧ବୃଦ୍ଧାବୃଦ୍ଧଙ୍କୁ ମନ୍ତ୍ରୀ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏମପି କଲିକେଶ ନାରାୟଣ ସିଂଦେଓ ଯୋଗଦେଇ ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକ ମରୁଡି ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ବୀମା ରାଶି ଚାଷୀମାନେ ପାଇ ନ ଥିବା ବିଷୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧକ୍ଷ ହଂସରାଜ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ବିଧାୟକ ଆୟୁବ ଖାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ବେହେରା, ଏସଇଓ ଶଙ୍କର ଚାଲାନ ସହଯୋଗ କରିଥିଲେ। ବ୍ଲକ ଉପାଧକ୍ଷ ସୁଦରମତୀ ବାଗ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ଗୋପା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ଯୋଗ ଶିବିର ଉଦ୍‌ଯାପିତ

ସୋନପୁର,୧।୯(ନି.ପ୍ର.)

ସୁବର୍ଣ୍ଣପୁର ଲେପ୍ରା ଇଣ୍ଡିଆ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ତ୍ରିଦିବସୀୟ ଯୋଗ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁଷ୍ଠ ରୋଗମୁକ୍ତ ଅନ୍ତେବାସୀଙ୍କ ପାଇଁ ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ତରଫରୁ ଏହି ଶିବିର ଆୟୋଜିତ ହେଉଛି। ଲେପ୍ରା ଇଣ୍ଡିଆ ପ୍ରକଳ୍ପ ଅଧିକାରୀ ଏ. ଆପଲା. ନାଇଡୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ଗୋରେଖନାଥ ସାହୁ ମାର୍ଗଦର୍ଶକ ଭାବେ ଶିବିରକୁ ସଞ୍ଚାଳନ କରିଥିଲେ। ଧ୍ୟାନ ମାଧ୍ୟମରେ କିପରି ପରମାତ୍ମାଙ୍କ ସହ ଆତ୍ମାର ମିଳନ ହୋଇପାରିବ ତାର ବୈଜ୍ଞାନିକ ସୂତ୍ର ବଢାଇବା ସହ ସନ୍ତୋଷ, ଶାନ୍ତି ଓ ସୁଖ ଗୋଟିଏ ସରଳରେଖାର ତିନୋଟି ବିନ୍ଦୁ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟାହାର, ଧାରଣା ଓ ଧ୍ୟାନ କିପରି ଅଭ୍ୟାସ କରାଯାଏ ତାହାର ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହ ପ୍ରକଳ୍ପ ଅଧିକାରୀ ଉଦୟନାଥ ପଣ୍ଡାଙ୍କ ସମେତ କୋଡିଏ ଜଣ କର୍ମଚାରୀ ଓ ଅନ୍ତେବାସୀ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଜିଲା ଯୋଗ ପ୍ରଚାରକ ଉମାକାନ୍ତ ସାହୁ ଯୋଗବ୍ୟାୟାମ, ଯୋଗାସନ ପ୍ରଦର୍ଶନରେ ସହଯୋଗ କରିଥିଲେ।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ଭୁବନେଶ୍ୱର ତାରିଖ: ୦୨ ଜୁଲାଇ ୨୦୧୮

No. RDM-LAB-BOUDH-0020-2018- 23885/ R&DM-

No. XXXI-54:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ସୋରିଷନାଳି, ଥାନା- ବୌଦ୍ଧ, ନଂ.-୮୫, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ତପସିଲମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପଯୁକ୍ତଧ୍ୟାୟନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୨୩୩୩୨, ତା୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ବୌଦ୍ଧ।

୬. ଜମିର ବିବରଣୀ:-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ବୌଦ୍ଧ	ବୌଦ୍ଧ	ସୋରିଷନାଳି	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏ.୧୭.୮୫୦	ଏ.୧୦.୦୬୦	ଏଥିସହିତ ସଂଲଗ୍ନ କରାଗଲା

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୪.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦକ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
୧	୩	୧୬୧	୦.୨୧୦	୦.୦୫୦	ଶାରଦ-୨	ଉମା ଭୋଇ, ସ୍ୱା- ଝଗୁଡ଼ ଭୋଇ, ବା: ଧୂମାଳ
୨	୫	୧୫୩	୦.୪୮୦	୦.୦୯୦	ଶାରଦ-୨	ଚୁପ୍ରେଶ୍ୱର ଭୋଇ, ଟଙ୍କାଧର ଭୋଇ, ପି- କୁଡାର୍ଥ ଭୋଇ, ବା- ଜାନକୀପୁର
୩	୧୦	୧୬୬	୧.୫୫୦	୦.୪୦୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୪	୧୧	୧୬୮	୨.୨୨୦	୦.୦୨୦	ଶାରଦ ଇଜ-୧	ଦେବକୀ ପ୍ରଧାନ, ସ୍ୱା- ହିମାଂଶୁ ଶେଖର ପ୍ରଧାନ, ବା- ଜାନକୀପୁର
୫	୧୪	୧୬୮	୨.୩୨୦	୦.୬୦୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା: ପିଙ୍ଗଳବେଡ଼ା
୬	୧୭	୧୫୧	୧.୦୮୦	୦.୬୩୦	ଶାରଦ ଇଜ-୨	ମଙ୍ଗୁଲୁ ବାରିକ, ପି- ଖାଡ଼ିଆ ବାରିକ, ବା- ଜାନକିପୁର
୭	୧୮	୧୬୪	୨.୧୫୦	୦.୩୧୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା: ପିଙ୍ଗଳବେଡ଼ା
୮	୨୧	୧୬୪	୧.୦୬୦	୦.୩୦୦	ଆଟ	ସହଦେବ ମହାଲିକ, ପି- ଅଗ୍ନି ମହାଲିକ, ବା- ପିଙ୍ଗଳବେଡ଼ା
୯	୨୨	୧୨୯	୦.୩୨୦	୦.୦୯୦	ଶାରଦ-୨	ସୀତା ମହାନନ୍ଦିଆ, ସ୍ୱା- ମୁକୁନ୍ଦ ମହାନନ୍ଦିଆ, ନବଘନ ମହାନନ୍ଦିଆ,
୧୦		୧୩୨	୦.୧୨୦	୦.୧୨୦	ଶାରଦ-୨	ଓଡିଆ ମହାନନ୍ଦିଆ, ଧନୁଶର ମହାନନ୍ଦିଆ, ପି- ହରି ମହାନନ୍ଦିଆ,
୧୧		୧୩୫	୦.୨୮୦	୦.୦୭୦	ଶାରଦ-୨	ବା: ପିଙ୍ଗଳବେଡ଼ା
୧୨	୨୩	୧୪୨	୧.୧୨୦	୦.୩୧୦	ଶାରଦ ଇଜ-୨	ଶ୍ରୀପତି ମହାକୁଡ଼, ପି: ଉତ୍ସବ ମହାକୁଡ଼, ବା: ପିଙ୍ଗଳବେଡ଼ା
୧୩		୧୪୩	୦.୮୬୦	୦.୦୧୦	ଆଟ	
୧୪	୨୫	୧୬୩	୦.୨୫୦	୦.୨୫୦	ଶାରଦ ଇଜ-୨	ସୁରେନ୍ଦ୍ର ବାରିକ, ପି- ବୃନ୍ଦାବନ ବାରିକ, ରାହାସ ବାରିକ, ମହେଶ୍ୱର ବାରିକ, ପି- ସଂକୀର୍ତ୍ତନ ବାରିକ, ବା- ଜାନକୀପୁର
୧୫	୨୬	୧୪୬	୦.୪୨୦	୦.୨୪୦	ଶାରଦ-୨	ହିମାଂଶୁ ଭୋଇ, ଶୁକ୍ଲୁ ଭୋଇ, ମିଥିଳା ପ୍ରଧାନ, ମଦା ପ୍ରଧାନ, ପି-
୧୬		୧୪୮	୧.୪୨୦	୦.୯୬୦	ଶାରଦ-୧	ଅନାଦି ଭୋଇ, ରେଖା ଭୋଇ, ସ୍ୱା- ଅନାଦି ଭୋଇ, ବା- ଜାନକୀପୁର
୧୭	୨୬/୧	୧୪୪/ ୨୨୫	୦.୪୨୦	୦.୨୩୦	ଆଟ	ଶୁକ୍ଲୁ ଭୋଇ, ପି- ଅନାଦି ଭୋଇ, ବା- ଜାନକୀପୁର
୧୮	୨୬/୨	୧୪୪	୧.୫୮୦	୦.୫୩୦	ଆଟ	ମହେଶ୍ୱର ପ୍ରଧାନ, କୃଷ୍ଣ ପ୍ରଧାନ, ପି- ସ୍ୱପ୍ନ ପ୍ରଧାନ, ବା- ଜାନକୀପୁର
ମୋଟ			୧୭.୮୫୦	୫.୨୧୦		

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
ବ୍ୟକ୍ତିଗତ ଜମିର ଗୋଚର ବଦଳି						
୧	୧୦	୧୬୬	୧.୫୫୦	୦.୫୩୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୨	୧୪	୧୬୮	୨.୩୨୦	୧.୬୨୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା- ପିଙ୍ଗଳବେଡ଼ା
୩	୧୮	୧୬୪	୨.୧୫୦	୧.୮୪୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା- ପୋଡ଼ିକ୍ଷଣାଳି
୪	୨୧	୧୬୪	୧.୦୬୦	୦.୬୬୦	ଆଟ	ସହଦେବ ମହାଲିକ, ପି- ଅଗ୍ନି ମହାଲିକ, ବା- ପିଙ୍ଗଳବେଡ଼ା
			ମୋଟ	୪.୮୫୦		
ଏକର. ଡେସିମାଲ						
ବ୍ୟକ୍ତିଗତ ଜମି				୫.୨୧୦		
ବ୍ୟକ୍ତିଗତ ଜମିର ଗୋଚର ବଦଳି				୪.୮୫୦		
ମୋଟ			୧୭.୮୫୦	୧୦.୦୬୦		

24001/14/0267/1819

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U

ଆଞ୍ଚଳିକ କାର୍ଯ୍ୟାଳୟ: ଚଣ୍ଡିଖୋଲ, ଆଚାର୍ଯ୍ୟ ମାର୍କେଟ କମ୍ପେକ୍ସ,
ପୋ: ସୁଙ୍ଗୁଡା, ଜିଲ୍ଲା: ଯାଜପୁର, ପିନ୍-୭୫୪୧୯୬

**ସୁନା ନିଲାମ ବି

ସଂକ୍ଷେପରେ

ଜଳବାୟୁ ସାକ୍ଷରତା ଅଭିଯାନ

ଟିକ୍ରାପଡା, ୧।୯ (ଡି.ଏନ.ଏ.): ମୁରିବାହାଲ ବ୍ଲକ ଚଲକି ଗ୍ରାମ ପଞ୍ଚାୟତ ହାଇସ୍କୁଲଠାରେ ନାବାର୍ଡ, ଜଙ୍ଗଲ ବିଭାଗ ଓ ଚକାଡୋଳା ସାମାଜିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜଳବାୟୁ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଲମ୍ବୋଦର ହାତିଖୁଜିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ଦିବ୍ୟଲୋଚନ ବୁଡେକ ମୁଖ୍ୟ ଅତିଥି ରହିଥିଲେ। ଆଶିଷ କୁମାର ଖମାରୀ ସଭା ସଂଯୋଜନା କରିଥିଲେ। ନାବାର୍ଡର ଡିଡିଏମ ତପନ କୁମାର ସାହୁ ମୁଖ୍ୟବକ୍ତା ରହିଥିଲେ। ବନରକ୍ଷୀ ଭୋଜରାଜ ଭୋଇ, ସାମାଜିକ କର୍ମୀ କୁଳମଣି ସାହୁ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଚକ୍ରାଯୁଧ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜଙ୍ଗଲ ନଷ୍ଟ ହେବା, ଯାନବାହନର ଧୂଆଁ ବୃଦ୍ଧି ଏବଂ ସହରାଞ୍ଚଳରେ କଂକ୍ରିଟ ଜଙ୍ଗଲର ସୃଷ୍ଟି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ଔଷଧିୟ ବୃକ୍ଷରୋପଣ କରାଯାଇଥିଲା ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ପାଟଣାଗଡ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ

ସ୍ୱଚ୍ଛ ସହର ଗଠନରେ ଜନସହଯୋଗ ଜରୁରୀ

ପାଟଣାଗଡ, ୧।୯(ଡି.ଏନ.ଏ.)

ସ୍ୱାୟତ୍ତ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ଏକ ସୁନ୍ଦର ଓ ସ୍ୱଚ୍ଛ ସହର ଗଠନରେ ଜନ ସହଯୋଗ ଜରୁରୀ। ପାଟଣାଗଡ ଏନଏସି ତରଫରୁ ଶୁକ୍ରବାର ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ ସଭାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଏନଏସି ପରିସରରେ ଅଧ୍ୟକ୍ଷା ମାନସ ମଞ୍ଜାରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ। ମୁଖ୍ୟବକ୍ତାଭାବେ ସ୍ଥାନୀୟ ତହସିଲଦାର ଡା. ପୁଷ୍ପାଞ୍ଜଳି ପଣ୍ଡା, ସମ୍ମାନୀତ ଅତିଥି ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲା, ଏନଏସି ନିର୍ବାହୀ ଅଧିକାରୀ କୁଳମଣି ଖଗୁଆ, ଉପନଗରପାଳ ରମାନାଥ ହୋତା ଏବଂ ସମସ୍ତ କାଉନସିଲରମାନେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ସହରାଞ୍ଚଳକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଷଦ ତରଫରୁ ଦିଆଯାଉଥିବା ବିଭିନ୍ନ ସରକାରୀ ଯୋଜନାର ଲାଭ ନେବାକୁ ଅତିଥିମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଲକ୍ଷ୍ମୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରୁ ଏନଏସି ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଏକ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ନିର୍ବାହୀ ଅଧିକାରୀ କୁଳମଣି ଖଗୁଆ ପରିଷଦ ତରଫରୁ ହୋଇଥିବା ବିଭିନ୍ନ ଯୋଜନାର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆଗାମୀ ଦିନମାନଙ୍କରେ ହେବାକୁ ଥିବା ଉନ୍ନତିମୂଳକ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏହି ଦିବସ ଉପଲକ୍ଷେ ପରିଷଦ ତରଫରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସ୍ଥାନୀୟ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ଏକ ରଙ୍ଗାରଙ୍ଗ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ମା'ଟୁଝେ ସଲାମ ପରିବେଷଣ କରାଯାଇଥିଲା। ଉପନଗରପାଳ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ପୂର୍ବରୁ ସକାଳେ ଏନଏସି କାର୍ଯ୍ୟାଳୟରେ ଅଧ୍ୟକ୍ଷା ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସ୍ଥାନୀୟ ସରକାରୀ ଡାକ୍ତରଖାନାଠାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ସଚେତନତା ହିଁ ସ୍ୱଚ୍ଛତାର ମୂଳମନ୍ତ୍ର

ବଲାଙ୍ଗୀର ଅଫିସ, ୧।୯

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି । ସ୍ଥାନୀୟ ଟାଉନ୍ ହଲଠାରେ ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ସନ୍ତୋଷିନୀ ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ ଯୋଗଦେଇ ସ୍ୱଚ୍ଛତା ଉପରେ ବକ୍ତବ୍ୟ ରଖିଥିଲେ। ଜନସାଧାରଣ ଓ ମ୍ୟୁନିସିପାଲିଟି ଉଭୟଙ୍କ ପକ୍ଷରୁ ସ୍ୱଚ୍ଛ ସହର ପାଇଁ ଉଦ୍ୟମ ହେବା ଉଚିତ୍ ବୋଲି କହିଥିଲେ। ସଚେତନତା ହିଁ ସ୍ୱଚ୍ଛତାର ମୂଳମନ୍ତ୍ର ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଲୋକକବିରାତ୍ନ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ସୁନ୍ଦର ଓ ସ୍ୱଚ୍ଛତା ଦ୍ୱାରା କିଭଳି ଉତ୍ତମ ପରିବେଶ ସୃଷ୍ଟି ହୋଇଥାଏ କହିଥିଲେ । ଏହି ଅବସରରେ ମୁଖ୍ୟଅତିଥି ସିଂଦେଓ ପଦ୍ମଶ୍ରୀ ନାଗଙ୍କୁ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚରେ ମ୍ୟୁନିସିପାଲିଟି ଉପାଧକ୍ଷା ଲିପିଶ୍ରୀ ସାଏ, ନିର୍ବାହୀ ଅଧିକାରୀ ବିପିନ ଦୀପ ମଞ୍ଚାସୀନ ହୋଇଥିଲେ । ସଭାକୁ ନାଟ୍ୟକାର ବିଜୟ କୁମାର ତ୍ରିପାଠୀ ପରିଚାଳନା କରିଥିଲେ । ସଭାପତୀୟ ଅଭିଭାଷଣରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ବେହେରା ବଲାଙ୍ଗୀର ସବୁଜ ସୁନ୍ଦର ବଲାଙ୍ଗୀର ଗଢ଼ିବା ଦିଗରେ ଲୋକଙ୍କ ସହଯୋଗ କାମନା କରିଥିଲେ । ସଭା ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ଦୀପ ସ୍ୱାଗତ ବକ୍ତବ୍ୟ, ବାର୍ଷିକ ବିବରଣୀ ପାଠ କରିବା ସହ ମ୍ୟୁନିସିପାଲିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।

■ ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଅଗ୍ରଣୀ ସହର ଭାବେ ଗଢ଼ିବାକୁ ଆହ୍ୱାନ

ଟିଟିଲାଗଡ଼, ୧।୯(ଡି.ଏନ.ଏ)

ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସରେ ମଞ୍ଚାସୀନ ଅତିଥି ।

ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଗୋବିନ୍ଦ ବାଟିକାଠାରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା । ସକାଳକୁ ପୌରାଧକ୍ଷ ଗୋବର୍ଦ୍ଧନ ନାଗ ସ୍ଥାନୀୟ ରାଜକନୱର ପାର୍କଠାରେ ଜାତୀୟ ପତକା ଉତ୍ତୋଳନ କରିଥିଲେ । ଉପାଧକ୍ଷା ଅଞ୍ଜନା ବର୍ମା, ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସମେତ ସମସ୍ତ କାଉନସିଲର, ଛାତ୍ରୀଛାତ୍ରୀ ଓ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପରେ ପୌର ପରିଷଦ ପକ୍ଷରୁ ଦେସିଲସ୍ଥିତ ବୃଦ୍ଧାଶ୍ରମଠାରେ ଫଳମୂଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ସହରାଞ୍ଚଳ ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶୀବାଦରୁ ବହୁ ପ୍ରତୀକ୍ଷିତ ରେଲବାଇ ଭୂମିତଳ ପୋଲ, ଓଭରବ୍ରିଜ, ଶିଶୁ ଓ ମାତୃ ଡାକ୍ତରଖାନା, କୁମୁଡା ପାହାଡକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା, ଡିଏଭି କଲେଜରେ ପିଜି ପାଠ୍ୟକ୍ରମ ଆରମ୍ଭ ଆଦିବହୁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ସୁଧାକର ନାୟକ, ନାଗରିକ କମିଟି ସଭାପତି ରାଧାକାନ୍ତ ପାଢୀ, ପାର୍ଥ ମହାପାତ୍ର, ମୁଖ୍ୟବକ୍ତା ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷା ବର୍ମା, ପୂର୍ବ ପୌରାଧକ୍ଷା ଯମୁନା ପାଢୀ, ପୂର୍ବ କାଉନସିଲର ସୁକାନ୍ତି ପାଢୀ, ଉମାଦେବୀ ଅଗ୍ରୱାଲ, କାଉନସିଲର ସୁନିଲ ସାହୁ, ସରିତା ବେହେରା, କୃଷ୍ଣଚନ୍ଦ୍ର ସରାଫ, ଜ୍ୟୋତି ବେହେରା, ସନ୍ତୋଷିନୀ ସୁନାନୀ, ତପସ୍ୱିନୀ ସାହୁ, ରଶ୍ମିତା ପ୍ରଧାନ, ନିତ୍ୟାନନ୍ଦ ଚନ୍ଦନ, ଗଳଦେବ ଜାଲ, ସୁମିତ୍ରା ସେଠ, ବନିତା ଜାନୀ, ଯଶୋବନ୍ତି ଛତ୍ରିଆ, ଅନିତା ଚନ୍ଦନ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷାବିତ ଉମେଶ ଚନ୍ଦ୍ର ଦାସ ଏବଂ ରୁକ୍ମିଣୀ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବ୍ୟଙ୍ଗ କବି ଟିକେଲାଲ ବେହେରା, ଯମୁନା ପାଢୀ, ଭଗବାନ ସାହୁ, ବୃନ୍ଦାବନ ପାଢୀ, ମଲ୍ଲିକାରାଣୀ ସାହୁ, ହ୍ୟୁମାନ ସାଗର, ଆଶିଷ ସାହୁ, ସଦାନନ୍ଦ ନାଏକ, ଭିକାରୀ ମିଶ୍ର, ରାମ ବେହେରା, ଈଶ୍ୱର ଢେଁକ, ଦିଲୀପ ପୁରୋହିତ, ଅଭିନ୍ନ କିଶୋର ରଥ, ବିନୁ ସାହୁ, ବାଲକ୍ରିଷ୍ଣ ଦୀପ, ସଞ୍ଜୟ ବର୍ମା, ଶରତ ମିଶ୍ର, ଅରୁଣ ମିଶ୍ର, ଜଗଦୀଶ ମହାଲିଙ୍ଗ, ଦେବ ଷଡଙ୍ଗୀ, ପ୍ରମୋଦ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସଇଁତଲା, ୧।୯(ଡି.ଏନ.ଏ.)

ସଇଁତଳା ଷ୍ଟେଶନ ପଡିଆରେ ତୁଷୁରା ସଙ୍କୁଳସ୍ତରୀୟ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଇଓ ଫ୍ଲୋରା ଗ୍ଲୋରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡିଲେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନଆଚାର୍ଯ୍ୟ ଆନନ୍ଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳ ସଂଯୋଜକ ରବିନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଦିଲୀପ କୁମାର ବଗର୍ତି ସ୍ୱଚ୍ଛ ଭାରତ ଅଭିଯାନ ଶପଥ ପାଠ କରାଇଥିଲେ। ସଙ୍କୁଳ ଶାରୀରିକ ପ୍ରମୁଖ ଗରୁଡଧ୍ୱଜ ଭାଟିଙ୍କ ସଂଯୋଜନାରେ ସଙ୍କୁଳର ୧୨ ଶାରୀରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଚାର୍ଯ୍ୟ ହେମନ୍ତ ଭୋଇ ସଭା ପରିଚାଳନା କରିଥିଲେ। ୬ଶିଶୁ ବିଦ୍ୟା ମନ୍ଦିରରୁ ୬୯ଭାଇ ଓ ୫୮ ଭଉଣୀ ୬୧କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସରପଞ୍ଚ ଭୀମସେନ ସ୍ୱାଇଁ, ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଦାସ ଓ ଶିକ୍ଷା ଉପଦେଷ୍ଟା ସରୋଜ ବୈଠାରୁ ଅତିଥିଭାବେ ଯୋଗଦେଇଥିଲେ। ଦୟାନିଧି ସାହୁ, ମନୋଜ ସାହୁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

OFFICE OF THE ROURKELA MUNICIPAL CORPORATION, ROURKELA

INVITATION FOR BID

No. 7693, Dated : 24.08.2018
Bid Identification No. : MC/RMC/12/18-19

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.

Sd./- Municipal Commissioner,
Rourkela Municipal Corporation

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଛାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଓଡ଼ିଶାରେ ଏବେ ଆଉ ଟଙ୍କା ପାଇଁ ଚିନ୍ତା ନାହିଁ ?
ଓଡ଼ିଶାରେ ପ୍ରଥମଥର ପାଇଁ ଆସିଲା ଆପଣଙ୍କ ଘର ଦୁଆରେ
ଓଡ଼ିଶାର ପ୍ରଥମ ଓ ଏକମାତ୍ର ଅନୁମୋଦିତ ଓଡ଼ିଆ ଅନଲାଇନ୍ ଋଣ ପ୍ଲାଟଫର୍ମ
ଆଉ ଓଡ଼ିଆ
9114436726, 9540938429
ଓଡ଼ିଆ ଭାରତରେ ଏବେ ଆଉ ଟଙ୍କା ପାଇଁ ଚିନ୍ତା ନାହିଁ

କେମିତି ମଦ ଛାଡ଼ିବେ
ଆପଣ୍ଡ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ ଜଳିଙ୍ଗ, ଷ୍ଟେଶନ ଗୋଲ୍‌ଚକ। ଭଦ୍ରକ: ୨ ଓ ୧୭, ହୋଟେଲ୍ ଡ୍ୟୁଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜମସେନ ପ୍ୟାଲେସ୍, ଗୋପେବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍ ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଗ୍ରାଉଣ୍ଡେଡ୍ (ଲଜ୍) ବଡ଼ଗେନା କମର୍ପିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ଫୁର୍ଜିଙ୍ଗ୍-୩। ପୁରୀ: ୬ ଓ ୨୦, ହୋଟେଲ୍ ପାନ୍ଥନିବାସ୍, ଗ୍ରାଣ୍ଡି ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମଲପୁର: ପ୍ରତିମାହ ୮ ଓ ୨୨, ହୋଟେଲ୍ ପୁଜାରୀ, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିପ୍ର ରୋଡ୍, ରେଡ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାହ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଗୋଲ୍‌ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାହ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ୍ ଉପହାର, ଗାନ୍ଧି ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ୍, କେନାଲ୍ ଆରେନ୍ଯୁ ନିକଟ। ଫୁଲବାଣୀ: ପ୍ରତିମାହ ୧୨ ତାରିଖ, ହୋଟେଲ୍ ରାଜ କମଲ୍। ନୟାଗଡ଼: ପ୍ରତିମାହ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲଥ୍ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ
ଅଷ୍ଟମ/ଦଶମ ପାସ୍
ମହିଳା / ପୁରୁଷ
ମାର୍ଜଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167 9973805993

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍

ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା

ସଂକ୍ଷେପରେ

ଗଙ୍ଗାଧର ମେହେର ଜୟନ୍ତୀ

ଗୁଡ଼ଭେଲା, ୧।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ଜୁନିୟର ମହାବିଦ୍ୟାଳୟରେ ଶନିବାର ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସିଂଦେଓଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଏଲୋରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ କବିତା, ସାହିତ୍ୟ ତଥା ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିତ୍ତିତ୍ରାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ନେତ୍ରଦାନ ପାଇଁ ସଚେତନତା ଶୋଭାଯାତ୍ରା

ଗୁଡ଼ଭେଲା, ୧।୯(ଡି.ଏନ.ଏ.): ତୁଷୁରା ମାରୱାଡି ମହିଳା ମଣ୍ଡଳ ପକ୍ଷରୁ ଶନିବାର ବଞ୍ଚିବା ପର୍ଯ୍ୟନ୍ତ ରକ୍ତଦାନ, ମୃତ୍ୟୁ ପରେ ନେତ୍ରଦାନ କରିବା ପାଇଁ ଏକ ସଚେତନା ଶୋଭାଯାତ୍ରା ସ୍ଥାନୀୟ ଗାୟତ୍ରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରି ସ୍ଥାନୀୟ ଅଗ୍ରସେନ ଭବନଠାରେ ପହଞ୍ଚିଥିଲା। ଏହାପରେ ମହିଳା ମଣ୍ଡଳ ସଭାନେତ୍ରୀ ନିର୍ମଳା ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ବିଷ୍ଣୁପ୍ରସାଦ ମିଶ୍ର ଯୋଗଦେଇ ଚକ୍ଷୁ କିପରି ଆଉ ଜଣେ ବ୍ୟକ୍ତିକୁ ନୂଆ ଆଲୋକ ଦେଇପାରେ ତାହା ବୁଝାଇଥିଲେ। ସନ୍ତୋଷ କେଡିଆ ନେତ୍ରଦାନ ଉପରେ ଆଲୋକପାତ କରିଥିଲେ। ମାରୱାଡି ସମ୍ମେଳନୀ ଅଧ୍ୟକ୍ଷ ଗିରିଧାରିଲାଲ କେଡିଆ, ଯୁବାମଞ୍ଚ ଅଧ୍ୟକ୍ଷ ସୁନୀଲ ଜୈନ, ଓମ ଶାନ୍ତି ପ୍ରମୁଖ ବାଳ କୁମାରୀ ସୁମନ, ନେତ୍ରଦାନ କନଭେନର ରେଶୁ ଜୈନ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଦିନଦୟାଲ କେଡିଆ ମଞ୍ଚ ପରିଚାଳନା କରିଥିଲେ। ମୀରା କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ସଭା, ଶୋଭାଯାତ୍ରାରେ ସ୍ୱଚ୍ଛତା ଦିବସ

କଣ୍ଟାବାଞ୍ଜି, ୧।୯(ଡି.ଏନ.ଏ.): କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଟୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀଛାତ୍ର ଗାଁ ରାସ୍ତା ସହିତ ବିଦ୍ୟାଳୟ ପରିସର ସଫାସୁତୁରା କରିଥିଲେ। ଏପରିକି ସମଗ୍ର ଗାଁ କିପରି ସ୍ୱଚ୍ଛ ପରିମଳ ରହିବ ସେ ଉପରେ ସଚେତନତା ରାଲି ପରେ ବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଲେକ ଜାଞ୍ଜାର ସେନାପତି ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନିଆଲ, ଚଟୁଅନକା ସରପଞ୍ଚ ସସ୍ମିତା ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ ପରିଚାଳନା କରିଥିଲେ। ଏହି ଅବସରରେ କବି ସମ୍ରାଟ୍ ନନ୍ଦ ସ୍ୱଚ୍ଛତା ଉପରେ ସ୍ୱରଚିତ କବିତା ଛାତ୍ରୀଛାତ୍ରଙ୍କୁ ଶୁଣାଇଥିଲେ।

■ ଜାତୀୟ ପୁଷ୍ଟି ସପ୍ତାହର ଜିଲାସ୍ତରୀୟ ଶୁଭାରମ୍ଭ

ସୁସ୍ଥ ମା, ଶିଶୁ ଦେଶର ଭବିଷ୍ୟତ

ବଲାଙ୍ଗୀର ଅଫିସ, ୧।୯

ବଲାଙ୍ଗୀର ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଶନିବାର ଜାତୀୟ ପୁଷ୍ଟି ସପ୍ତାହର ଜିଲାସ୍ତରୀୟ ଶୁଭାରମ୍ଭ ହୋଇଛି। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ ଯୋଗଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସୁଜ୍ଞାନେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପଧାନ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଡିପିଏମ୍, ମମତା ସଂଯୋଜିକା ଶିବାନୀ ଠାକୁର ଓ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। କଲେକ୍‌ଟିଭ୍ ଆକ୍ସନ୍ ଫର୍ ନିଉଟ୍ରିସନ୍ (କାନ୍),ସ୍ପ୍ରେଡ୍ ଏବଂ ଅଜିମ୍ ପ୍ରେମ୍‌ଜୀ ଫିଲାନଥ୍ରୋପିକ୍ ଇନିସିଏଟିଭର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ପୁଷ୍ଟି ସପ୍ତାହ ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ପୁଷ୍ଟିହୀନତା ଓ କୁପୋଷଣର ଦାରୁଣ ଚିତ୍ର ଉପରେ ବିଶେଷ ଆଲୋଚନା କରାଯାଇଥିଲା । ପ୍ରାରମ୍ଭିକ ବକ୍ତବ୍ୟ ରଖି କାନ୍‌ର ଜିଲା ସଂଯୋଜକ ଫକୀର ରାଉତ୍ ବଲାଙ୍ଗୀର ଜିଲାରେ ୬୧ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହେଉଥିବା ତଥ୍ୟ ପରିବେଷଣ କରିଥିଲେ । କେବଳ ୪୨ପ୍ରତିଶତ ଗର୍ଭବତୀ ମହିଳାଙ୍କଠାରେ ରକ୍ତହୀନତା ସମସ୍ୟା ଦେଖାଦେଉଥିବା ସୂଚନା ଦେଇଥିଲେ। ତେବେ ନିଜେ ଘରବାଡିରୁ ପୁଷ୍ଟିକର ଖାଦ୍ୟ ସଂଗ୍ରହ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ସିଡିଏମ୍ଓ ଡା ମିଶ୍ର ତାଙ୍କ ବକ୍ତବ୍ୟରେ ଜିଲାରେ ରକ୍ତହୀନତା ଓ ପୁଷ୍ଟିହୀନତାର ସବିଶେଷ ବିବରଣୀ ପ୍ରଦାନ କରି ପର୍ଯ୍ୟାପ୍ତ ସରକାରୀ ଯୋଜନା ଓ ସହାୟତା ସତ୍ତ୍ୱେ ଏଭଳି ସମସ୍ୟା ରହିବା ଦୁର୍ଭାଗ୍ୟଜନକ କହିଥିଲେ। ଯେଉଁ ଗର୍ଭବତୀ ମହିଳାଙ୍କୁ ୬ଟି ଅଣ୍ଡା ପ୍ରଦାନ କରାଯାଉଛି ତାକୁ ପର୍ଯ୍ୟାୟକ୍ରମେ ଖାଇବାକୁ ଦିଆ ନ ଯାଇ ପରିବାର ଲୋକେ ମିଶି ଏକା ସମୟରେ ଖାଇ ଦେଉଥିବା ସୂଚନା ଦେଇଥିଲେ । ଜଣେ ଗର୍ଭବତୀ ମହିଳାଙ୍କ ଖାଦ୍ୟ ଲୁଟ୍ କରି ଖାଇବା ଏକ ପାପ ବୋଲି ସେ କହିଥିଲେ। ଏ ଦିଗରେ ଜନସାଧାରଣ ବିଶେଷ କରି ପରିବାର ଲୋକେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ମହିଳା ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ହେଲେ ଦେଶର ଭବିଷ୍ୟତ ସୁରକ୍ଷିତ ରହିବ ବୋଲି କହିଥିଲେ। ଡିପିଏମ୍ ବିଭିନ୍ନ ସରକାରୀ ଯୋଜନା ଉପରେ କହିଥିଲେ । ମୁଖ୍ୟଅତିଥି ଜିଲାପରିଷଦ ଅଧ୍ୟକ୍ଷା ମହାନନ୍ଦ ତାଙ୍କ ବକ୍ତବ୍ୟରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ପୁଷ୍ଟିସାଧନ ଉପରେ କିଭଳି ପାରମ୍ପରିକ ଖାଦ୍ୟଦ୍ରବ୍ୟ କିଭଳି ସହାୟକ ହୋଇଥାଏ ତାହା କହିଥିଲେ । ଅନ୍ୟ ବକ୍ତାମାନେ ମଧ୍ୟ ଜିଲା କୁପୋଷଣ, ଅନାହାର ମୃତ୍ୟୁ, ଦାଦନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଉନ୍ନତ ଶିଶୁ ସ୍ୱାସ୍ଥ୍ୟ: ଶିଶୁର ପ୍ରଥମ ୧୦୦୦ ଦିନରେ ଦେଖାଯାଉଥିବା ପୁଷ୍ଟିହୀନତାର ନିରାକରଣ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡିକୁ ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଅତିଥିମାନେ ଦୁଇଟି ପୁସ୍ତିକା ସହି ପୋଷଣ-ଦେଶ ରୋଶନ୍ ଓ ସ୍ତନ୍ୟପାନ ସଚିତ୍ର ସମ୍ବାଦ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକ୍‌ରେ କିଶୋରୀମାନଙ୍କୁ ନେଇ ହୋଇଥିବା ପୋଷ୍ଟର ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ସଞ୍ଜୁକ୍ତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ଆଶାକର୍ମୀଙ୍କ ୫ଦଫା ଦାବିପତ୍ର ପ୍ରଦାନ

ଗୁଡ଼ଭେଲା, ୧।୯(ଡି.ଏନ.ଏ.)

ପାଞ୍ଚଦଫା ଦାବି ନେଇ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ଆଶା କର୍ମୀମାନେ ଶନିବାର ଏକ ଦାବିପତ୍ର ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା.ସୁରଜ ବେହେରାଙ୍କୁ ପ୍ରଦାନ କରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଶାକର୍ମୀ ଯଶୋବନ୍ତି ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ଯୋଗଦେଇ ଆଶା କର୍ମୀଙ୍କ ସମସ୍ୟାଗୁଡିକ ଯୁକ୍ତିଯୁକ୍ତ ବୋଲି କହିଥିଲେ। ଆଶାକର୍ମୀ ସଂଘ ଜିଲା ସଭାପତି ପ୍ରବୀର କଂ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ସରସ୍ୱତୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଆଶାକର୍ମୀଙ୍କ ଦରମା ଠିକ ସମୟରେ ପ୍ରଦାନ, ବକେୟା ପାଉଣା ଶୀଘ୍ର ପ୍ରଦାନ, ଡାକ୍ତରଖାନା ପରିସରରେ ଶୌଚାଳୟ ଓ ବିଶ୍ରାମଗାର ନିର୍ମାଣ ପ୍ରମୁଖ ଦାବି ମଧ୍ୟରେ ଅନ୍ୟତମ । ଆସନ୍ତା ୧୫ତାରିଖ ସୁଦ୍ଧା ଦାବିଗୁଡିକ ପୂରଣ ନହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଧାରଣା ଦିଆଯିବ ବୋଲି ସେମାନେ ଏହି ଅବସରରେ ଚେତାବନୀ ଦେଇଛନ୍ତି।

କେ.ଭି କଲେଜରେ ଖୋଲିଲା ପିଜି

କେ.ଭି. ଡିଗ୍ରୀ କଲେଜରେ ପିଜି ଶ୍ରେଣୀ ଖୋଲିବା ଅବସରରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍‌ବୋଧନ।

କଣ୍ଟାବାଞ୍ଜି, ୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଶନିବାର ରାଜ୍ୟ ସମବାୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ଟୁରେକେଲା ବ୍ଲକର ରାମୋଡ ଗାଁରେ ସର୍ବପ୍ରଥମେ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ସରକାରୀ ଉନ୍ନୀତ ହାଇସ୍କୁଲଭାବେ ସେ ଉଦ୍‌ଘାଟନ କରିଥିଲେ। ଏହା ପରେ ସ୍ଥାନୀୟ କେ.ଭି. ଡିଗ୍ରୀ କଲେଜରେ ନୂତନ ଭାବେ ଖୋଲାଯାଇ ଥିବା ପିଜି ଶ୍ରେଣୀକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ ପାତ୍ର। ବାଣିଜ୍ୟ ଓ ଓଡିଆ ବିଭାଗରେ ଖୋଲିଥିବା ପିଜି ଶ୍ରେଣୀରେ ୩୨ଟି ଲେଖାଏ ସିଟ୍ ରହିଛି। ଏଥିସହ କଲେଜ ପରିସରରେ ନୂତନ ଶ୍ରେଣୀଗୃହ ମଧ୍ୟ ଉଦ୍‌ଘାଟିତ ହୋଇଛି। ଉଚ୍ଚଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ସବୁ ଅଞ୍ଚଳକୁ ଗୁରୁତ୍ୱ ଦେଉଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ମନ୍ତ୍ରୀ ପାତ୍ର। କଲେଜ ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଯୋଗଦେଇ ଏମ୍‌ପି କଲିକେଶ ନାରାୟଣ ସିଂଦେଓ କଲେଜ ଭିତ୍ତିଭୂମିର ବିକାଶ ସହ କମ୍ପ୍ୟୁଟର ଶିକ୍ଷାର ଉନ୍ନତୀକରଣ ପାଇଁ ଅନୁଦାନର ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ବିଧାୟକ ଆୟୁବ ଖାନ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ କଲେଜରେ ଯୁକ୍ତଦୁଇ ଓ ୩ରେ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଖୋଲିଥିବାରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। କଲେଜର ଯୁକ୍ତଦୁଇ ଅଧ୍ୟକ୍ଷ ନବୀନଚନ୍ଦ୍ର ମହାନ୍ତି ଓ ଯୁକ୍ତତିନି ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ସଭାରେ ମଞ୍ଚାସୀନ ଥିଲେ । ଅଧ୍ୟାପକ ଲୋହିତାକ୍ଷ ଯୋଷୀ ମଞ୍ଚ ପରିଚାଳନା ଏବଂ ଅଧ୍ୟାପକ ଦୀନବନ୍ଧୁ କର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାଥମିକ ଶିକ୍ଷକ ସଂଘ ମିଳିତ ମଞ୍ଚର ବୈଠକ

ଲୋଇସିଂହା, ୧।୯(ଡି.ଏନ.ଏ.)

ଲୋଇସିଂହା ରାମମନ୍ଦିର ପ୍ରାଙ୍ଗଣରେ ବ୍ଲକର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର, କଳା ଶିକ୍ଷକ ଓ କ୍ରୀଡା ଶିକ୍ଷକମାନଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି କରୁଣାକର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୬ ତାରିଖ ମିଳିତ ମଞ୍ଚ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ହେବାକୁ ଥିବା ଆନ୍ଦୋଳନରେ ପୂର୍ଣ୍ଣ ସମର୍ଥନ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ସରକାରଙ୍କଦ୍ୱାରା ଶିକ୍ଷକମାନେ ପ୍ରତାରିତ ହେଉଥିବାରୁ ଏଥର ଏହି ଆନ୍ଦୋଳନରେ ଦୃଢ଼ ଜବାବ ଦିଆଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ୨୮ଶହ ଗ୍ରେଡ ପେ ପ୍ରଦାନ, ନୂତନ ଭାବେ ନିଯୁକ୍ତ ଏକ୍ସ କ୍ୟାଡର ଉଚ୍ଛେଦ ଓ ଟ୍ରେଜରି ମାଧ୍ୟମରେ ଦରମା ପ୍ରଦାନ, କନିଷ୍ଠ ଶିକ୍ଷକମାନଙ୍କର ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁସାରେ ୨୫ପ୍ରତିଶତ ଦରମା ବୃଦ୍ଧି ଇତ୍ୟାଦି ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରଖିବାକୁ ମଞ୍ଚ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ପଟେଲ ଜଣାଇଛନ୍ତି। ନୂତନ ଭାବେ ଯୋଗଦାନ କରିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଦୀର୍ଘ ବର୍ଷ ପରେ ମାସର ପ୍ରଥମ ଦିନରେ ଶିକ୍ଷକଙ୍କୁ ଦରମା ପ୍ରଦାନ କରିଥିବାରୁ ମିଳିତ ମଞ୍ଚ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଶିକ୍ଷକ ପର୍ଶୁରାମ ସୁନା, କରୁଣାକର ବିଶ୍ୱାଳ, ସୁମିତାରାଣୀ ମିଶ୍ର, ସୁମିତା କରଙ୍କ ସମେତ ଶତାଧିକ ଉପସ୍ଥିତ ଥିଲେ।

କୁନିକୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

ଜନ୍ମାଷ୍ଟମୀ ପାଇଁ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

କଣ୍ଟାବାଞ୍ଜି, ୧।୯(ଡି.ଏନ.ଏ.)

କଣ୍ଟାବାଞ୍ଜିସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଜନ୍ମାଷ୍ଟମୀ ପାଇଁ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣବେଶ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରପ୍ରସାଦ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ରୋହିତ କୁମାର ଅଗ୍ରୱାଲଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ଦହି ହାଣ୍ଡି ଭଙ୍ଗାଇବା କାର୍ଯ୍ୟକ୍ରମ ବିଦ୍ୟାଳୟରେ ପରିସରରେ ଅନୁଷ୍ଠିତ ହୋଇଥିଲା।

୪୬ଶହ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ

ଲୋଇସିଂହା, ୧।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ବ୍ଲକର ୪ହଜାର ୬ଶହ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଆଗଲପୁର ବ୍ଲକ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଆନୁଷ୍ଠିତ ସଭାରେ ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟଅତିଥି, ବିଜେଡି ରାଜ୍ୟଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା, ଗ୍ରାମୀଣ ଶ୍ରମ ନିରୀକ୍ଷକ ନିରଞ୍ଜନ ଭୂୟାଁ ଏବଂ ଦେବିପ୍ରସାଦ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରିବା ସହ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ତରଫରୁ ରହିଥିବା ସୁବିଧା ସୁଯୋଗ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳ ସଂଯୋଜକ ବସନ୍ତ ମହାଲିଙ୍ଗଙ୍କ ସମେତ ବିଧାୟକ ପ୍ରତିନିଧି, ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୁଭାଷ ବୋଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୧।୯

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ବଲାଙ୍ଗୀର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଉନ୍ମୋଚନ କରାଯାଇଛି। ଏମପି କଲିକେଶ ନାରାୟଣ ସିଂଦେଓ ଓ ପୌରାଧକ୍ଷା ସନ୍ତୋଷିନୀ ବେହେରା ଏହି ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ପୌରୋହିତ୍ୟରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିଶୁ ଉଦ୍ୟାନ ଛକକୁ ପ୍ରଶାସନିକ ଏବଂ ବେସରକାରୀ ସ୍ତରରେ ସୁଭାଷ ଛକ ଭାବେ ନାମିତ କରିବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁଟିଆ, ସନାତନ ଠାକୁର, ଅଖିଳ ଚନ୍ଦ୍ର ହୋତା, ରାଜେନ୍ଦ୍ର ଶର୍ମା, ପରିଷଦ ସମ୍ପାଦକ ସଞ୍ଜୟ ଦାଶ, ଶଶୀଭୂଷଣ ପୁରୋହିତ, ପରିଷଦ ଆବାହକ ବୀରେନ୍ଦ୍ର ବନଛୋର, ଓଁକାର ନାୟକ, ଡ. ଶ୍ରୀକର ମିଶ୍ର, ଗୋପାଳ ଚନ୍ଦ୍ର ହୋତା, ସଞ୍ଜୟ ଭୋଇ, ଜଗନ୍ନାଥ ମାହାନା, ଅଶ୍ୱିନୀ ପଟେଲ, ରଘୁ ନନ୍ଦନ ସିଂ, କମଳ ଚକ୍ରବର୍ତ୍ତି ପ୍ରମୁଖଙ୍କ ସହ ସଂଗ୍ରାମୀ ପରିଷଦର କର୍ମକର୍ତ୍ତା ଏବଂ ବହୁ ବୁଦ୍ଧିଜୀବୀ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବଲାଙ୍ଗୀରରେ ନେତାଜୀଙ୍କ ପ୍ରତିମୂ

ସଂକ୍ଷେପରେ

ଜେଲ ଗଲେ ଆଦର୍ଶ କୋ-ଅପରେଟିଭ୍ ସୋସାଇଟି ସେକ୍ରେଟାରୀ

ଭୁବନେଶ୍ୱର,୧।୯(ବ୍ୟୁରୋ)- ଟଙ୍କା ଦ୍ୱିଗୁଣା କରାଇଦେବାକୁ କହି ଜମାକାରୀଙ୍କୁ ନାନା ଲୋଭ ଦେଖାଇ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିଲା ଆଦର୍ଶ କଞ୍ଜ୍ୟୁମର କୋ-ଅପରେଟିଭ୍ ସୋସାଇଟି। ଏହି ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଉକ୍ତ ସଂସ୍ଥାର ତତ୍କାଳୀନ ସେକ୍ରେଟାରୀ ଶରତ କୁମାର ସେନାପତି (୫୬)ଙ୍କୁ ଗିରଫ କରିଛି। ଇଓଡବ୍ଲ୍ୟୁ କେସ୍ ନଂ-୧୧ରେ ଦଫା ୪୨୦, ୪୦୬, ଆର/ଡବ୍ଲ୍ୟୁ ୬ ଲଗାଇ ତାଙ୍କୁ ସମ୍ବଲପୁର ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ତେବେ ଜାମିନ ନ ମିଳିବାରୁ ଶରତଙ୍କୁ ସମ୍ବଲପୁର ଜେଲ୍‌କୁ ପଠାଇ ଦିଆଯାଇଛି। ୧୯୯୬ରେ ରାଉରକେଲାର କୋଏଲ ନଗର କ୍ୱାର୍ଟର୍ସ ନଂ-ଡି/୧୨୫ରେ ଆଦର୍ଶ କଞ୍ଜ୍ୟୁମର କୋ-ଅପରେଟିଭ୍ ସୋସାଇଟି ଖୋଲିଥିଲା। ସଭାପତି ଭାବେ ବିଜୟ୍ କୁମାର ପାଢ଼ା ଓ ସେକ୍ରେଟାରୀ ଥିଲେ ଶରତ କୁମାର ସେନାପତି। ସେତେବେଳେ ଏହି ସଂସ୍ଥା ଅନ୍ୟ ଜାତୀୟକରଣ ବ୍ୟାଙ୍କ ଅପେକ୍ଷା ଅଧିକ ସୁଧ ଦେବ ବୋଲି ଜମାକାରୀଙ୍କୁ ଲୋଭ ଦେଖାଇଥିଲା। ଏପରିକି ସଂସ୍ଥା ଜାଲ୍ କାଗଜପତ୍ର ଦେଖାଇ ଲୋକଙ୍କ ବିଶ୍ୱାସ ଜନ୍ମାଇବା ସହ ଜମାକାରୀଙ୍କଠାରୁ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରିଥିଲା। ବିଶେଷକରି ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଟାର୍ଗେଟ କରାଯାଇଥିଲା।

ବ୍ୟାଙ୍କ ଅଫ୍ ଇଣ୍ଡିଆର ଡିଜିଟାଲ ଗ୍ରାମ ଉଦ୍‌ଘାଟିତ

କୁଆଁରମୁଣ୍ଡା,୧।୯(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପକ୍ଷରୁ ତେଲିପୋଷ ଗ୍ରାମକୁ ଶନିବାର ଡିଜିଟାଲ ଗ୍ରାମଭାବେ ଘୋଷଣା କରାଯାଇଛି। ଏହି ଗ୍ରାମର ସମସ୍ତ ପରିବାର କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଆକାଉଣ୍ଟ ଖୋଲିଥିବା ବେଳେ ସେମାନଙ୍କୁ ବ୍ୟାଙ୍କିଂ ସୁବିଧା ବିଷୟରେ ବ୍ୟାଙ୍କ ଏକ୍ସପର୍ଟଙ୍କ ଜରିଆରେ ସମସ୍ତ ପ୍ରକାରର ପରାମର୍ଶ ଦିଆଯିବ ବୋଲି ଶାଖା ପରିଚାଳକ ଦେଓନାଥ କୁଜୁର ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ବିଡିଓ ପୀଯୁଷ ଲୋହାର, ସମ୍ମାନୀୟ ଅତିଥିଭାବେ କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ସହ ଶାଖା ପରିଚାଳକ ଗୌରବ ମିଶ୍ର, ପିଇଓ ଦେବବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହି ଡିଜିଟାଲ ଗ୍ରାମ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ସ୍ୱତନ୍ତ୍ର ସହାୟକ ଆନନ୍ଦ ଦୀପ, ଅନୁପମ କୁଜୁର, ବିଜଲା ଟପ୍ପୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଥିଲେ।

ସାପ କାମୁଡ଼ାରେ ମହିଳା ମୃତ

ଠାକୁରମୁଣ୍ଡା,୧।୯(ଡି.ଏନ.ଏ)- ଠାକୁରମୁଣ୍ଡା ବ୍ଲକ ପଣସଢ଼ିଆ ଗ୍ରାମରେ ଶୁକ୍ରବାର ରାତିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସାବିତ୍ରୀ ସାହୁ। ସେ ଘର ପିଣ୍ଡାରେ ଶୁଖାଇ ଥିବା ମାଟିର ଦୀପଗୁଡିକୁ ଘରକୁ ଆଣୁଥିବା ସମୟରେ ଏକ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବିଷ ପିଇ ଆତ୍ମହତ୍ୟା

ତିହିଡ଼,୧।୯(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ସାଇକେଲ ଦୋକାନୀ ଜୟନ୍ତ କୁମାର ନାୟକ(୫୫) ଶନିବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର କୋହ୍ନ ପଞ୍ଚାୟତ ଅମରପୁର ଗ୍ରାମରେ। ସେ ବିଷ ପିଇ ଦେବାରୁ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଘଟଣା

ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋରଦାର

ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଜେଡି ନେତା ଓ ଗ୍ରାମବାସୀ।

ରାଉରକେଲା ଅଫିସ, ୧।୯

- ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଭେଟିଲେ ପରିବାର ଲୋକେ
- ଗ୍ରାମବାସୀ,ବିଜେଡି ନେତା ବି ସାମିଲ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବାରେ ବିଫଳ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଦୋଷୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବା ସହ ପୀଡିତାଙ୍କୁ କ୍ଷତି ପୂରଣ ପ୍ରଦାନ ଦାବିରେ ଶନିବାର ମଧ୍ୟାହ୍ନରେ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର, ସମ୍ପର୍କୀୟ ଓ ଗାଁ ଲୋକେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁଆଁରମୁଣ୍ଡା ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀ ଗତ ୨୪ ତାରିଖରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ମଧ୍ୟ ଝିଅର ସନ୍ଧାନ ନ ମିଳିବାରୁ ଏ ନେଇ ସ୍ଥାନୀୟ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା। ଗତ ୨୯ରେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ବାଗଡେଗା ନିକଟ କାଦୋବାହାଲ କୁଦାପଡା ଚାଷ ଜମିରୁ ପୋତା ଯାଇଥିବା ଅବସ୍ଥାରେ ସଂପୃକ୍ତା ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସଠାରୁ ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଛାତ୍ରୀଙ୍କୁ ସୁଚିନ୍ତିତ ଉପାୟରେ ରାଉରକେଲାରୁ ନିଆଯାଇ ସେଠାରେ ଗଣବଳାତ୍କାର କରାଯିବା ପରେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ କାଦୋବାହାଲ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟମାନଙ୍କୁ କାହିଁକି ପୋଲିସ ଗିରଫ କରୁନି ବୋଲି ପୀଡିତାଙ୍କ ପରିବାର ଓ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜଣଙ୍କ ଦ୍ୱାରା ଏଭଳି ଅମାନୁଷିକ କାର୍ଯ୍ୟ ସମ୍ଭବ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ବିଜେଡି ନେତାମାନେ ବି ସନ୍ଦେହ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମବାସୀଙ୍କ ସହ ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ବୀରମିତ୍ରପୁରର ପୂର୍ବତନ ବିଧାୟକ ନିହାର ସୁରିନ, ଶ୍ୟାମା ସାହୁ, ମଖଲୁ ଏକ୍କା, ଗଜେନ୍ଦ୍ର ସାହୁ, ରାଜେନ୍ଦ୍ର କୁଜୁର, ଗୋରେଟି କିଡୋ ଓ ରାଜେଶ ହାଁସଦା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କୁ ଡିଆଇଜି ଜଲାନ କହିଛନ୍ତି, ମୁଁ ଏ ନେଇ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛି। କୌଣସି ପରିସ୍ଥିତିରେ ଦୋଷୀଙ୍କୁ ଛଡା ଯିବ ନାହିଁ। ପୀଡିତାଙ୍କ ପରିବାରକୁ ସରକାରୀ ନୀତି ନିୟମ ଅନୁଯାୟୀ ଯଥା ସମ୍ଭବ କ୍ଷତି ପୂରଣ ପ୍ରଦାନ ନେଇ ବ୍ୟବସ୍ଥା କରାଯିବ।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ଭୁବନେଶ୍ୱର ତାରିଖ: ୦୨ ଜୁଲାଇ ୨୦୧୮

No. RDM-LAB-BOUDH-0020-2018- 23885/ R&DM-

No. XXXI-54:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ସୋରିଷନାଳି, ଥାନା- ବୌଦ୍ଧ, ନଂ.-୮୫, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ତପସିଲମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ତାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୨୩୩୩୨, ତା୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ବୌଦ୍ଧ।

୬. ଜମିର ବିବରଣୀ:-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ବୌଦ୍ଧ	ବୌଦ୍ଧ	ସୋରିଷନାଳି	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏ.୧୭.୮୫୦	ଏ.୧୦.୦୬୦	ଏଥିସହିତ ସଂଲଗ୍ନ କରାଗଲା

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୪.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦକ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
୧	୩	୧୬୧	୦.୨୧୦	୦.୦୫୦	ଶାରଦ-୨	ଜମା ଭୋଇ, ସ୍ୱା- ଝଗୁଡ଼ ଭୋଇ, ବା: ଧୁମାଳ
୨	୫	୧୫୩	୦.୪୮୦	୦.୦୯୦	ଶାରଦ-୨	ଗୁପ୍ତେଶ୍ୱର ଭୋଇ, ଚଙ୍କାଧର ଭୋଇ, ପି- କୁଣ୍ଡାଅଁ ଭୋଇ, ବା- ଜାନକୀପୁର
୩	୧୦	୧୬୬	୧.୫୫୦	୦.୪୦୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୪	୧୧	୧୨୮	୨.୨୨୦	୦.୦୨୦	ଶାରଦ ଇଜ-୧	ଦେବକୀ ପ୍ରଧାନ, ସ୍ୱା- ହିମାଂଶୁ ଶେଖର ପ୍ରଧାନ, ବା- ଜାନକୀପୁର
୫	୧୪	୧୬୮	୨.୩୨୦	୦.୬୦୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା: ପିଙ୍ଗଳବେଡ଼ା
୬	୧୭	୧୫୧	୧.୦୮୦	୦.୬୩୦	ଶାରଦ ଇଜ-୨	ମଙ୍ଗୁଲୁ ବାରିକ, ପି- ଖାଡ଼ିଆ ବାରିକ, ବା- ଜାନକିପୁର
୭	୧୮	୧୬୪	୨.୧୫୦	୦.୩୧୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା: ପିଙ୍ଗଳବେଡ଼ା
୮	୨୧	୧୬୪	୧.୦୬୦	୦.୩୦୦	ଆଟ	ସହଦେବ ମହାଳିକ, ପି- ଅଗ୍ନି ମହାଳିକ, ବା- ପିଙ୍ଗଳବେଡ଼ା
୯	୨୨	୧୨୯	୦.୩୨୦	୦.୦୯୦	ଶାରଦ-୨	ସୀତା ମହାନଦିଆ, ସ୍ୱା- ମୁକୁନ୍ଦ ମହାନଦିଆ, ନବଘନ ମହାନଦିଆ,
୧୦		୧୩୨	୦.୧୨୦	୦.୧୨୦	ଶାରଦ-୨	ଝରିଆ ମହାନଦିଆ, ଧନୁଶର ମହାନଦିଆ, ପି- ହରି ମହାନଦିଆ,
୧୧		୧୩୫	୦.୨୮୦	୦.୦୭୦	ଶାରଦ-୨	ବା: ପିଙ୍ଗଳବେଡ଼ା
୧୨	୨୩	୧୪୨	୧.୧୨୦	୦.୩୧୦	ଶାରଦ ଇଜ-୨	ଶ୍ରୀପତି ମହାକୁଡ଼, ପି: ଉତ୍କଳ ମହାକୁଡ଼, ବା: ପିଙ୍ଗଳବେଡ଼ା
୧୩		୧୪୩	୦.୮୬୦	୦.୦୧୦	ଆଟ	
୧୪	୨୫	୧୬୩	୦.୨୫୦	୦.୨୫୦	ଶାରଦ ଇଜ-୨	ସୁରେନ୍ଦ୍ର ବାରିକ, ପି- ବୃନ୍ଦାବନ ବାରିକ, ରାହାସ ବାରିକ, ମହେଶ୍ୱର ବାରିକ, ପି- ସଂକୀର୍ତ୍ତନ ବାରିକ, ବା- ଜାନକୀପୁର
୧୫	୨୬	୧୪୬	୦.୪୨୦	୦.୨୪୦	ଶାରଦ-୨	ହିମାଂଶୁ ଭୋଇ, ଶୁକ୍ଲ ଭୋଇ, ମିଥିଳା ପ୍ରଧାନ, ମଦା ପ୍ରଧାନ, ପି-
୧୬		୧୪୮	୧.୪୨୦	୦.୯୬୦	ଶାରଦ-୧	ଅନାଦି ଭୋଇ, ରେଖା ଭୋଇ, ସ୍ୱା- ଅନାଦି ଭୋଇ, ବା- ଜାନକୀପୁର
୧୭	୨୬/୧	୧୪୪/ ୨୨୫	୦.୪୨୦	୦.୨୩୦	ଆଟ	ଶୁକ୍ଲ ଭୋଇ, ପି- ଅନାଦି ଭୋଇ, ବା- ଜାନକୀପୁର
୧୮	୨୬/୨	୧୪୪	୧.୫୮୦	୦.୫୩୦	ଆଟ	ମହେଶ୍ୱର ପ୍ରଧାନ, କୃଷ୍ଣ ପ୍ରଧାନ, ପି- ସ୍ୱପ୍ନ ପ୍ରଧାନ, ବା- ଜାନକୀପୁର
ମୋଟ			୧୭.୮୫୦	୫.୨୧୦		

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
ବ୍ୟକ୍ତିଗତ ଜମିର ଗୋଚର ବଦଳି						
୧	୧୦	୧୬୬	୧.୫୪୦	୦.୫୩୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୨	୧୪	୧୬୮	୨.୩୨୦	୧.୬୨୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା- ପିଙ୍ଗଳବେଡ଼ା
୩	୧୮	୧୬୪	୨.୧୫୦	୧.୮୪୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା- ପୋରିକ୍ଷନାଳି
୪	୨୧	୧୬୪	୧.୦୬୦	୦.୬୬୦	ଆଟ	ସହଦେବ ମହାଳିକ, ପି- ଅଗ୍ନି ମହାଳିକ, ବା- ପିଙ୍ଗଳବେଡ଼ା
ମୋଟ				୪.୮୫୦		
ଏକର. ଡେସିମାଲ						
ବ୍ୟକ୍ତିଗତ ଜମି				୫.୨୧୦		
ବ୍ୟକ୍ତିଗତ ଜମିର ଗୋଚର ବଦଳି				୪.୮୫୦		
ମୋଟ			୧୭.୮୫୦	୧୦.୦୬୦		

24001/14/0267/1819

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଚଣ୍ଡିଖୋଲ, ଆଚାର୍ଯ୍ୟ ମାର୍କେଟ କମ୍ପେକ୍ସ,
ପୋ: ସୁଙ୍ଗୁଡା, ଜିଲ୍ଲା: ଯାଜପୁର, ପିନ୍-୭୫୪୧୯୬

ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରୟାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ବକେୟା ଋଣ ପରିଶୋଧର ଅନ୍ତିମ **ତା୧୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ଆସନ୍ତା **ତା୧୮.୦୯.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା** ସମୟରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ଠାରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ।

| କ୍ରି. ନଂ.

ସଂକ୍ଷେପରେ

ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

ରାଉରକେଲା ଅଫିସ,୧। ୯- ଓଡିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଏହାର ନିଜସ୍ୱ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ରାଉରକେଲା ସରକାରୀ ଡାକ୍ତରଖାନାର ଡାଇରେକ୍ଟର ହରିହର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମେଡିକାଲର ସୁପରିଟେଣ୍ଡେଣ୍ଟ ଉଦୟଭାନୁ ଦାସ ସମ୍ମାନିତ ଅତିଥି, ଡେପୁଟି ସୁପରିଟେଣ୍ଡେଣ୍ଟ ଶଶାଙ୍କ କବି ଶତପଥୀ , ଦିନବନ୍ଧୁ ପଣ୍ଡା, ଆଶା କର୍ମୀ ସମ୍ପାଦକ ହୃଦାନନ୍ଦ ଯାଦବ, ରାଉରକେଲା ମଜଦୁର ସଭା ଉପସାଧାରଣ ସମ୍ପାଦକ ପ୍ରମୋଦ ଦାସ, ମେଡିକାଲ କର୍ମଚାରୀ ସଂଘ ସୁନ୍ଦରଗଡ ସମ୍ପାଦକ ପରମେଶ୍ୱର କଂସାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସର କର୍ମଚାରୀ ବିପିନ ପଟେଲ, ନିତ୍ୟାନନ୍ଦ ସାଗର, ଶମ୍ଭୁ ସାହୁଙ୍କୁ ମଞ୍ଚାସୀନ ଅତିଥି ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ବାବୁଲି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

ମୋଦି ସରକାରଙ୍କ ବିଫଳତା

ସିପିଆଇର ଆଇନ ଅମାନ୍ୟ ଆନ୍ଦୋଳନ ଡାକରା

ରାଉରକେଲା ଅଫିସ,୧।୯

ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି । ଏଥିସହିତ ସୁନ୍ଦରଗଡ଼ ଜିଲା ପ୍ରତି ଅବହେଳା ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୧୫ରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ଡାକରା ଦିଆଯାଇଛି। ପାର୍ଟିର ଆଞ୍ଚଳିକ କମିଟି ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ। ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ସୁପର ସ୍ପେଶାଆଲିଟି ହସ୍ପିଟାଲ ପ୍ରତିଷ୍ଠା କରନ୍ତୁ, ବନ୍ଦ ପଡିଥିବା କଳ କାରଖାନା ତୁରନ୍ତ ଚାଲୁ କରାଯାଉ। ବେକାରଙ୍କ ନିଯୁକ୍ତି ନେଇ ସରକାର ପଦକ୍ଷେପ ନିଅନ୍ତୁ, ସରକାରୀ ଜମିରୁ ଜବର ଦଖଲ ହଟାଯାଉ ବୋଲି ସିପିଆଇ ନେତା କହିଛନ୍ତି। ଉଠା ଦୋକାନୀଙ୍କୁ ଥଇଥାନ କରାଯିବା ସହ ଆଇଜିଏଚରେ ଖାଲି ପଡିଥିବା ଡାକ୍ତର ଓ କର୍ମଚାରୀ ପଦ ପୂରଣ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ଉନ୍ନତି ନେଇ ସଙ୍ଗଠନ ଦାବି କରିଛି। ସରକାରୀ ଯୋଜନାରେ ବାସ୍ତବ ଅଧିକାରୀଙ୍କୁ ସୁଯୋଗ ଦିଆ ନ ଯାଇ ଚଞ୍ଚକତା କରାଯାଉଛି। ଏହାର ନିରାକରଣ ସହ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ପାର୍ଟି ଦାବି କରିଛି। ପାର୍ଟି କାର୍ଯ୍ୟାଳୟରେ ଏନେଇ ଅନୁଷ୍ଠିତ ବୈଠକରେ ଅକ୍ଷୟ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ରାଜ୍ୟ ଯୁବ ସଂଘ ସଭାପତି ସଦାନନ୍ଦ ସାହୁ, ସନ୍ତୋଷ ଦାସ ଓ ପଞ୍ଚାନନ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ର ସରକାରଙ୍କୁ ଟାର୍ଗେଟ

- ଦ୍ୱିତୀୟ ବ୍ରାହ୍ମଣୀସେତୁ କଥା ଉଠାଇଲେ
- ବନ୍ଦ ପଡିଥିବା କଳକାରଖାନା ଚାଲୁ କରାଯାଉ
- ବେକାରଙ୍କୁ ନିଯୁକ୍ତି ପ୍ରଦାନ ଉପରେ ଗୁରୁତ୍ୱ
- ସରକାରୀ ଜମିରୁ ଜବରଦଖଲ ହଟୁ



ଜନ୍ମାଷ୍ଟମୀ ପାଇଁ ବ୍ୟାପକ ପ୍ରସ୍ତୁତି

ରାଉରକେଲା ଅଫିସ,୧। ୯

ଜନ୍ମାଷ୍ଟମୀ ଉପଲକ୍ଷେ ଇସ୍କନ ପକ୍ଷରୁ କୋଏଲନଗରରେ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ, ପ୍ରତିବର୍ଷ ପରି ଚଳିତ ବର୍ଷ ଇସ୍କନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କୋଏଲନଗର କଲ୍ୟାଣ ମଣ୍ଡପ ପରିସରରେ ରବିବାରଠାରୁ ଆୟୋଜିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରଥମ ଥର ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ପ୍ରଭୁ ଶ୍ରୀକୃଷ୍ଣଙ୍କ ନାମାମୃତ ପରିବେଷଣ କରାଯିବ। ଏହି ଆଧାତ୍ମିକ କାର୍ଯ୍ୟରେ ବହୁ ଶ୍ରଦ୍ଧାଳୁ ଯୋଗ ଦେବେ। ଏନେଇ ଆୟୋଜକ କମିଟି ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ ନିର୍ଦ୍ଦେଶକ ପି.କେ. ସ୍ୱାଇଁ, ସାଧାରଣ ସମ୍ପାଦକ ପି.କେ. ରାଉତ, ଜେନେରାଲ ମ୍ୟାନେଜର ଏମ୍. ମହାଦେବ ଦାସ ଓ ପଶ୍ଚିମ ସଂସ୍ଥାଗ ସାଧାରଣ ସମ୍ପାଦକ ଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି

ରାଉରକେଲା ଅଫିସ,୧।୯

ହାଇକୋର୍ଟ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ଆକ୍ରମଣ ପ୍ରତିବାଦରେ ରାଉରକେଲା ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ଏନେଇ ସଂଘ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଘଟଣାକୁ କଡା ନିନ୍ଦା କରାଯାଇଛି। ଆସନ୍ତା ୩ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିଷ୍ପତ୍ତି ନିଆଯାଇଛି। ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଗିରଫ ଦାବି କରି ମୁଖ୍ୟ ରାସ୍ତାରେ ପିକେଟିଂ କରାଯାଇଥିଲା। ଏଥିରେ ସଂଘ ଉପସଭାପତି ସୁଶାନ୍ତ ଦାସ, ସମ୍ପାଦକ ଅକ୍ଷୟ ସାହୁ, ସହ ସମ୍ପାଦକ ମାନସ ପଣ୍ଡା, ସୁଶାନ୍ତ ଦାସ, ଶ୍ରୀନିବାସ ପଣ୍ଡା, ଡି.ଏନ. ପଣ୍ଡା, ଗିରିଶ ମହାପାତ୍ର, ରମେଶ ବଳ, ଚତୁର୍ଭୁଜ ନାୟକ, ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଓକିଲମାନଙ୍କ ପ୍ରତିବାଦ ଶୋଭାଯାତ୍ରା।

ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ମାସିକ ଆସର

ରାଉରକେଲା ଅଫିସ,୧।୯

ଷ୍ଟିଲ ସିଟି ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ମାସିକ ଅଗଷ୍ଟ ଆସର ଶେଷ ହୋଇଛି। ଏନେଇ ସେକ୍ଟର-୫ ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତ ଧଳ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଗୁରୁ ଗୋକୁଳାନନ୍ଦ ଦାସ ଓ ପଣ୍ଡିତ ଅଜୟ ପାଣି ଉପସ୍ଥିତ ସଙ୍ଗୀତ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମନିଷାମଞ୍ଜରୀ ଓଡିଶୀ ଓ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିଥିବା ବେଳେ ସ୍ୱାଗତିକା ଗୋଛାୟତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିଥିଲେ। ଗୁରୁ ଗୋଲକ ମଲ୍ଲିକ, ଗୁରୁ ଗୌରାଙ୍ଗ ମଲ୍ଲିକ, ଆଶିଷ ଶର୍ମା ଓ ସାର୍ଥକ ସାହୁ ପ୍ରମୁଖ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ଜଗନ୍ନାଥ ଦାସ, ଶୁଭମ ବଡାଇକ, ପୁଲକ ମଲ୍ଲିକଙ୍କ ସମେତ ପ୍ରଫୁଲ୍ଲ ମଙ୍ଗଳ, ବସନ୍ତ ସାହୁ, ନୃସିଂହ ପାଣିଗ୍ରାହୀ ଓ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମଶାଳା

ରାଉରକେଲା ଅଫିସ, ୧।୯

ସୁନ୍ଦରଗଡ଼ ଜିଲାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ କିପରି ସ୍ୱାବଲମ୍ବୀ କରାଯିବ ସେହି ଉଦ୍ଦେଶ୍ୟରେ ଶନିବାର ହନୁମାନ ବାଟିକାରେ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଥିଲା। ସବିତା ଖାଡୁନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ସାମାଜିକ କର୍ମୀ ହରି ରାଉତରାୟ ଓ ପୂର୍ବତନ ନଗରପାଳ ରମେଶ ବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମହିଳାମାନଙ୍କ ସଶକ୍ତୀକରଣ ନେଇ ଅକ୍ଟୋବର ୨ରେ ଜିଲାର ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ରାଉରକେଲା ବିଧାୟକ ଦିଲ୍ଲୀପ ରାୟଙ୍କ ସହମତି ଓ ସହଯୋଗ ପ୍ରତିଶ୍ରୁତି ପରେ ଏଭଳି ଏକ ବୈଠକ ଆୟୋଜନ କରାଯାଇଛି ବୋଲି କୁହାଯାଇଥିଲା। ମହିଳାମାନଙ୍କ ଦକ୍ଷତା ବୃଦ୍ଧି ନେଇ ରାଉରକେଲାରେ ସ୍ୱତନ୍ତ୍ର ତାଲିମ କେନ୍ଦ୍ର ନ ଥିବାରୁ ଏନେଇ ଜିଲା ଶିଳ୍ପ କେନ୍ଦ୍ର ଗୃହ ନିର୍ମାଣ ନେଇ ବିଧାୟକ ରାୟଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨ ଅକ୍ଟୋବରରୁ ରାଜ୍ୟ ସରକାର ପ୍ଲାଷ୍ଟିକ୍ ବର୍ଜନ ନିଷ୍ପତ୍ତି ନେଇଥିବାରୁ ଏହାର ବିକଳ୍ପ କାଗଜ ଓ କପଡା ବ୍ୟାଗ ପ୍ରସ୍ତୁତି ଦିଗରେ ଏସ୍ଏଚ୍ଜି ଗ୍ରୁପ ମନୋନିବେଶ କରିବାକୁ ଉପସ୍ଥିତ ଅତିଥି ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ କାଉନସିଲର ସ୍ମିତା ନାୟକ, ସରସ୍ୱତୀ ଭୂମିଜ, ତାରା କ୍ରିଷ୍ଟା, ଚିନ୍ତା ସାହୁ, ପ୍ରଣତି ବେହେରା, ପୁଷ୍ପାଞ୍ଜଳି ଡାକୁଆ, ସାଲୋନୀ ଟପୋ, ଆଶ୍ରିତା ରାଓ, ଲକ୍ଷ୍ମୀ ଭୂମିଜ ଓ ପୂର୍ଣ୍ଣିମା ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ।

କର୍ମଶାଳାରେ ଅତିଥିଙ୍କ ଗହଣରେ ଏସ୍ଏସ୍ଜିର କର୍ମକର୍ତ୍ତା।

OFFICE OF THE ROURKELA MUNICIPAL CORPORATION, ROURKELA

INVITATION FOR BID

No. 7693, Dated : 24.08.2018
Bid Identification No. : MC/RMC/12/18-19

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.

Sd./- Municipal Commissioner,
Rourkela Municipal Corporation

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଇର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକାମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଜିନ୍ଦଗୀରେ ଆଉ କେବେ ଦାରୁ ପିଇବି ନାହିଁ
ଓଡ଼ିଶାରେ ପ୍ରଥମ ଥର
ଦାରୁ ଛାଡ଼ିବା ପାଇଁ ଔଷଧ
9911436726, 9540938429
ଦାରୁ ଛାଡ଼ିବା ଔଷଧ
ଦାରୁ ଭାରତରେ ଏବେ ଏକ ବଡ଼ ସମସ୍ୟା ହୋଇଛି
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇବାକୁ ଇଚ୍ଛା ହେବ ନାହିଁ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ବାନ୍ତି ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ମୁଣ୍ଡ ବୁଲିବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଶରୀର ଦୁର୍ବଳ ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଲିଭର ଖରାପ ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଅଲସର ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଅଣ୍ଡିରା ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଜଣ୍ଡିସ ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଲିଭର ଫେଲ ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ମୃତ୍ୟୁ ହେବ
ଦାରୁ ଛାଡ଼ିବା ଔଷଧ ଖାଇଲେ ଦାରୁ ପିଇଲେ ଜୀବନ ଯି

ସଂକ୍ଷେପରେ

କୃଷି ବୀମା ପ୍ରଦାନ ଦାବିରେ ଆମରଣ ଅନଶନ

ବଡଗାଁ,୧।୯ (ଡି.ଏନ୍.ଏ.)– ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ୨୦୧୭ରେ ସ୍ୱଳ୍প ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଆଶ୍ଚର୍ଯ୍ୟର କଥା ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ହୋଇଥିଲେ ମଧ୍ୟ ବଡଗାଁ ଲ୍ୟାମ୍ପର ୯ ପଞ୍ଚାୟତରୁ ବଡଗାଁ, ଦାଣ୍ଡଜମିରା ଏବଂ ଚିକିଲିପଡ଼ା ପଞ୍ଚାୟତର ୪୬ଚାଷୀ ଓ ସାହାଜବାହାଲ ଲ୍ୟାମ୍ପସର ପାମରା ପଞ୍ଚାୟତର କେତେଜଣ ଚାଷୀଙ୍କୁ କୃଷି ବୀମା ରାଶି ଦେବାକୁ ନିର୍ଦ୍ଦେଶ ହୋଇଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଭୋଇପାଲି ଗ୍ରାମର ଜୟ ଯବାନ ଜୟ କିଷାନ କୃଷକ ବଜାର କମିଟିର କର୍ମକର୍ତ୍ତାମାନେ ପୂର୍ବରୁ କୃଷୀ ବିମାରାଶି ପ୍ରଦାନ ନେଇ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ । ହେଲେ ଏଥିରେ କୌଣସି ସୁଫଳ ନ ମିଳିବାରୁ ପୂର୍ବ ଘୋଷଣା ମୁତାବକ ଶନିବାର ବ୍ଲକ ଅଫିସ ସମ୍ମୁଖରେ ବଜାର କମିଟି ସଭାପତି ରବୀନ୍ଦ୍ର କୁମାର ପଟେଲଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କୃଷୀ ବୀମା ରାଶି ପ୍ରଦାନ ଦାବି କରି ଆମରଣ ଅନଶନରେ ବସିଛନ୍ତି । ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥୀ ପାଣ୍ଡେ, ବଡଗାଁ ଲ୍ୟାମ୍ପ ସଭାନେତ୍ରୀ ଅହଲ୍ୟା ଲାକ୍ରା, ସମିତି ସଭ୍ୟ ପଞ୍ଚାନନ ନାଏକ, ଟିମନା ସମିତି ସଭ୍ୟ ସରିତା ଲାକ୍ରା, ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣୀ ସାହୁ, ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ବାଗଙ୍କ ସହ ଅଞ୍ଚଳର ସମସ୍ତ ଜନପ୍ରତିନିଧି ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ଅନଶନକାରୀ ପଟେଲ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନୁଯାୟୀ ୩୫ ପ୍ରତିଶତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂପୂର୍ଣ୍ଣ ବୀମା ରାଶି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ଚାଷୀଙ୍କୁ ଛଳନା କରି ଚାଲିଥିବା ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୧୦ରେ ମଧ୍ୟ ମରୁଡି କ୍ଷତିଗ୍ରସ୍ତଙ୍କୁ ବୀମା ଦିଆ ନ ଯିବାରୁ ଆନ୍ଦୋଳନ ହୋଇଥିଲା ।

ପୋକଲିନ୍ ଓଲଟି ଡ୍ରାଇଭର ମୃତ

ହେମଗିର,୧।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଏମ୍ସିଏଲ୍ ଗର୍ଜନବାହାଲ କୋଇଲା ଖଣିରେ ଶନିବାର ଏକ ପୋକଲିନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ପୋକ୍ଲିନ ଡ୍ରାଇଭର ବାଙ୍କୀବାହାଲ ଗ୍ରାମର ଗୋକୁଳାନନ୍ଦ ଖଟୁଆ (୪୫)ଙ୍କ ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ମିଳିଥିବା ସୂଚନା ମୁତାବକ, ପ୍ରତିଦିନ ଭଳି ଶୁକ୍ରବାର ରାତିରେ

ଏମ୍ସିଏଲ୍ କୋଇଲାରେ ଅଘଟଣ
- କ୍ଷତିପୂରଣ ଦାବିରେ ଉତ୍ତେଜନା
- ପୋଲିସ ଫୋର୍ସ ମୁତୟନ

ଖାଦାନରେ ଓଲଟି ପଡ଼ିଥିବା ପ୍ରୋକଲିନ୍ ।

ପୋକଲିନ୍ ଡ୍ରାଇଭର ଗୋକୁଳାନନ୍ଦଙ୍କ ନାଇଟ ସିପ୍ଟ ଥିବାରୁ ସେ ଖଣିକୁ କାମ କରିବାକୁ ଯାଇଥିଲେ । ଶନିବାର ସକାଳେ କାମ ଶେଷ ହୋଇଥିବା ବେଳେ ତାଙ୍କୁ ଓଭରଡ୍ୟୁଟି କରିବାକୁ କୁହାଯାଇଥିଲା । ଏନେଇ ପୁଣି ସେ କାମରେ ଲାଗିଥିଲେ । ସେତିକିବେଳେ ପୋକ୍ଲିନଟି ଭାରସାମ୍ୟ ହରାଇ ଖଣି ଭିତରେ ଥିବା ପାଣିରେ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଘଟଣାସ୍ଥଳରେ ଗୋକୁଳାନନ୍ଦଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଖଣିରୁ ମୃତଦେହ ଉଦ୍ଧାର କରିଥିଲେ । ଏପରି କି ଗ୍ରାମବାସୀଙ୍କ ସହ ଖଣିରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ମୃତକଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ଚାକିରି ଦେବାକୁ ଦାବି କରି ଖଣି ଆଗରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଉଠିବ ନାହିଁ ବୋଲି ଜିଦ୍ ଧରି ବସିଥିଲେ । ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ତହସିଲଦାର ପ୍ରଦୀପ ଡାଙ୍ଗ, ଏସ୍ପିଡିଓ ବଳଭଦ୍ର ଦୀପ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । କ୍ଷତିପୂରଣ ରାଶି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ନୀଳଚକ୍ର ରାଜଗାଙ୍ଗପୁର ଶାଖାର ନୂତନ କମିଟି ଗଠିତ

ରାଜଗାଙ୍ଗପୁର,୧।୯ (ଡି.ଏନ.ଏ.)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ନୀଳଚକ୍ର ରାଜଗାଙ୍ଗପୁର ଶାଖାର ନୂତନ କମିଟି ଗଠିତ ହୋଇଯାଇଛି । ବୈଠକରେ ସର୍ବସମ୍ମତିକ୍ରମେ ରାଜଗାଙ୍ଗପୁର ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର କୁମାର ଲେଙ୍କାଙ୍କୁ ଶାଖାର ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଅନ୍ୟତମ ବରିଷ୍ଠ ଓକିଲ ମୁରଲୀ ଧର ଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଭାପତି ଭାବେ ଶଶୀରେଖା ସାମଲ ମନୋନିତ ହୋଇଛନ୍ତି । ଏତଦ୍ ବ୍ୟତୀତ ୫ଜଣ ଉପସଭାପତି ଭାବେ ସର୍ବଶ୍ରୀ ଛବି ନାରାୟଣ ଜେନା, ଭୁବନାନନ୍ଦ ସାହୁ, ମଧୁସୂଦନ ସାମଲ, ରାଜେନ୍ଦ୍ର ଜେନା, ଅଜୟ ସାହୁ ମନୋନିତ ହୋଇଛନ୍ତି । ସହ ସମ୍ପାଦକ ଭାବେ ରାଜକିଶୋର ବିଶ୍ୱାଳ, ସଂଗଠନ ସମ୍ପାଦକ ଭାବେ ବିଶ୍ୱଜିତ ନାୟକ, ସହ ସଂଗଠନ ସମ୍ପାଦକ ଅମର ପାତ୍ର, ସାଂସ୍କୃତିକ ସମ୍ପାଦକ ବଟକୃଷ୍ଣ ମଲ୍ଲିକ, ସହ ସାଂସ୍କୃତିକ ସମ୍ପାଦକ ପ୍ରକାଶ ରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ଉମେଶ ଚନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଛି । ଶାଖାର ସଦସ୍ୟମାନଙ୍କ ମଧ୍ୟରୁ ୨୧ଜଣଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବଛା ଯାଇଥିବାବେଳେ ୭ଜଣ ବରିଷ୍ଠ ସଦସ୍ୟଙ୍କୁ ନୂତନ କମିଟିର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ନୂତନ କମିଟିର କର୍ମକର୍ତ୍ତାମାନଙ୍କ ପ୍ରଚେଷ୍ଟାରେ ଶାଖାର ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ସମସ୍ତ ସଦସ୍ୟ ଆଶା ପ୍ରକଟ କରିଛନ୍ତି । ଶାଖାର ନବ ଗଠିତ କମିଟି କେନ୍ଦ୍ରର ସଭାନେତ୍ରି ନମିତା ପଣ୍ଡାଙ୍କ ପତ୍ର ସଂଖ୍ୟା ତା୧୬।୮।୨୦୧୮ ମୁତାବକ ଅନୁମୋଦନ ଲାଭ କରିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ଶ୍ରୀଧର ସ୍ୱାଇଁଙ୍କ ସମେତ ରବି ନାରାୟଣ, ବିନୋଦ, ତୁଷାର ସାହୁ, ନନ୍ଦ କିଶୋର, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦୁପତ୍ର ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଲେଫ୍ରିପଡ଼ା,୧।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନ ହୁର୍ମେଇ ପଞ୍ଚାୟତ ମଗରକୁଣ୍ଡା କ୍ଲବ ଘରେ କେନ୍ଦୁପତ୍ର ବିଭାଗ ରେଞ୍ଜର ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସିଏଫ୍ ପବିତ୍ର କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଶିବିରରେ କିରକେଲା ରେଞ୍ଜ ଅଧୀନ ହୁର୍ମେଇ, ଦାଣ୍ଡପାନି, ଭୁର୍ଷିଦାଣ୍ଡ, ହଲମା, ବାନୁଯୋର, ମଗରକୁଣ୍ଡା ଆଦି ଗ୍ରାମର କେନ୍ଦୁପତ୍ର ତୋଳାଳିଙ୍କ ସହ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏପରି କି ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଗୁଣ୍ଡଆଡ଼ିହି ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଡାକ୍ତର ଫ୍ରାଙ୍କଲିନ କୁଜୁର ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରିଥିବା ବେଳେ ସ୍ୱାସ୍ଥ୍ୟକର୍ମୀ ରାଜେଶ ବାବୁ ସହାୟତା କରିଥିଲେ । ଏଥିରେ କେନ୍ଦୁପତ୍ର ବିଭାଗର ଫରେଷ୍ଟର ଚନ୍ଦ୍ରକାନ୍ତ ବେହେରା, ଫରେଷ୍ଟଗାର୍ଡ ଜଗଦୀଶ ମାହାନ୍ତ, ଭାରତୀ ମହାନନ୍ଦିଆ ପ୍ରମୁଖ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରମିକ ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ବଜ୍ରପାତରେ ମହିଳା ଗୁରୁତର

ବଡଗାଁ, ୧।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ଏକମା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ବିଶ୍ୱାସୀ ଏକ୍କା (୪୧) । ମିଳିଥିବା ସୂଚନା ମୁତାବକ, ବିଶ୍ୱାସୀ ଅଳିଆ ପକାଇବାକୁ ଘରୁ ବାହାରକୁ ଯାଇଥିବାବେଳେ ବଜ୍ରପାତ ଘଟିଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି କୁତ୍ରା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ସୁନ୍ଦରଗଡ଼ ଏକ ନର୍ସିଂହୋମକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳିତ

ରାଜଗାଙ୍ଗପୁର,୩୧।୮ (ଡି.ଏନ.ଏ.)

ରାଜଗାଙ୍ଗପୁର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମଙ୍ଗଳା କିଷାନ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଓସିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ କ୍ଷୀରୋଦ ମିଶ୍ର, ପୌରକାର୍ଯ୍ୟ ନିର୍ବାହୀ ଅଧିକ୍ଷକ ଲଲାଟ ଲୁହା, ରହି ସହଯୋଗ କରିଥିଲେ । ପୌରାଧକ୍ଷା ଶୁଶ୍ରୀତା ପାଇକରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅପରାହ୍ନରେ ପୌର କାର୍ଯ୍ୟାଳୟ ନିକଟରେ ନୂତନ ଭାବେ ନିର୍ମିତ ଶୌଚାଳୟ ଓ ବାବତଲାବର ସୌନ୍ଦର୍ଯ୍ୟକରଣ ଏବଂ ଇନ୍ଦିରାଗାନ୍ଧୀ ପାର୍କକୁ ସର୍ବସାଧାରଣଙ୍କ ପାଇଁ ମୁଖ୍ୟଅତିଥି ମଙ୍ଗଳା କିଷାନ ଲୋକାର୍ପିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅମ୍ରେସ ପଣ୍ଡା, କୃଷ୍ଣଚନ୍ଦ୍ର ଜେନା, ଜିତୁ ଦାଶଙ୍କ ସମେତ ପୌରପରିଷଦର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ସଭାକାର୍ଯ୍ୟ ପରେ ପୌରପରିଷଦ ପକ୍ଷରୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରାଜଗାଙ୍ଗପୁର ସୁଭାଷ ଛକଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ପରେ ବସଷ୍ଟାଣ୍ଡସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ନୂତନ ଭାବେ ତିଆରି କରାଯାଇଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଥିଲା ।

ହେମଗିର ପଞ୍ଚାୟତ ସମିତି ବୈଠକ

ହେମଗିର,୧।୯ (ଡି.ଏନ.ଏ.)

ହେମଗିର ପଞ୍ଚାୟତ ସମିତି ସଭାଗୃହରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ ସଭାପତିତ୍ୱ ରିଥିଲେ । ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକରୀ ପ୍ରଦୀପ ଡାଙ୍ଗ, ଜିଲା ପରିଷଦ ଉପାଧକ୍ଷ କାଶୀନାଥ ରାଉତ, ବିଧାୟକଙ୍କ ପ୍ରତିନିଧି ସୁନୀଲ ପାଟ୍ଟଯୋଶୀ, ମନ୍ତ୍ରୀଙ୍କ ପ୍ରତିନିଧି ବିଶିକେଶନ ସା, ବ୍ଲକ ଉପାଧକ୍ଷ ସୁରଥ ପ୍ରଧାନ ପ୍ରମୁଖଙ୍କ ସହ ପ୍ରତ୍ୟେକ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବୈଠରେ ଶିକ୍ଷା, ବିଜୁଳି, ଜଳପରିମଳ, ପଶୁ ସମ୍ପଦ, ମତ୍ସ୍ୟ, ସମନ୍ୱିତ ଶିଶୁ ବିକାଶ ତଥା ଅନ୍ୟାନ୍ୟ ବିଭାଗର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆରଡବ୍ଲୁଏସ୍ଏସ୍ ପକ୍ଷରୁ ହେମଗିର ବ୍ଲକର ପ୍ରତ୍ୟେକ ଗ୍ରାମରେ ଜଳସେଚନ ପାଇଁ ଯୋଜନା ପ୍ରସ୍ତୁତ ଶେଷ ହୋଇଥିବା ବୈଠରେ କୁହାଯାଇଥିଲା । ଏପରି କି ଜିଲା ଖଣିଜ ସଂସ୍ଥାନର ପାଣ୍ଠି ଉପରେ ଆଲୋଚନା କରାଯାଇଥିଲା । ବ୍ଲକ ଅଧକ୍ଷା ରାଉତିଆ ଖଣିଜ ସଂସ୍ଥାନ(ଡିଏମ୍ଏଫ)କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିବା ପ୍ରକାଶ କରିଥିଲେ । ଏଥିରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

ମନ୍ତ୍ରୀ ଜୁଏଲ ଓରାମ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଉଦ୍‌ଘାଟନ କରୁଛନ୍ତି ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଉଦ୍‌ଘାଟିତ

ସୁନ୍ଦରଗଡ଼,୧।୯(ଡି.ଏନ୍.ଏ.)

ଭାରତୀୟ ଡାକସେବା ବିଭାଗ ପକ୍ଷରୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଶନିବାର ଦେଶରେ ଆରମ୍ଭ ହୋଇଛି । ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡାକ ବିଭାଗର ଏହି ବ୍ୟାଙ୍କ ସେବାକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଡାକ ବିଭାଗର ଏହି ଆଇପିପି ବ୍ୟାଙ୍କ ସୁନ୍ଦରଗଡ଼ ଶାଖାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି । ସୁନ୍ଦରଗଡ ଜିଲା ମୁଖ୍ୟ ଡାକଘରେ ଏହି ଅବସରରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଓରାମ ଜନସାଧାରଣଙ୍କ ଏକ ମାତ୍ର ବିଶ୍ୱସନୀୟ ବିଭାଗ ଭାରତୀୟ ଡାକ ବିଭାଗକୁ କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ବ୍ୟାଙ୍କ ସେବା ଏଣିକି ଗ୍ରାମୀଣ ଇଲାକାରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେଇଛନ୍ତି । ଫଳରେ ଗାଁରେ ଥିବା ଲୋକଟି ବ୍ୟାଙ୍କକୁ ନ ଆସି ଗ୍ରାମୀଣ ଡାକସେବକଙ୍କ ଦ୍ୱାରା ଘରେ ବସି ବ୍ୟାଙ୍କ ସେବା ପାଇପାରିବ । ବାୟୋମେଟ୍ରିକାଲ ଯନ୍ତ୍ର ମାଧ୍ୟମରେ ଟିପଚିହ୍ନରେ ଟଙ୍କା ନେଣଦେଣ ନିରାପଦରେ କରିପାରିବେ ବୋଲି କହିଥିଲେ । ସୁନ୍ଦରଗଡ଼ ଜିଲାରେ ମୋଟ ୪୦୧ ଡାକଘରେ ଏହି ବ୍ୟାଙ୍କ ସୁବିଧା ଉପଲବ୍ଧ ହେବ ବୋଲି କହିଥିଲେ । ସମ୍ବଲପୁର ଡାକମଣ୍ଡଳର ପୋଷ୍ଟ ମାଷ୍ଟର ଜେନେରାଲ ଲଲିତେନ୍ଦୁ ପ୍ରଧାନ ସଭାରେ ପୌରୋହିତ୍ୟ କରି ଆଇପିପି ବ୍ୟାଙ୍କର ଆଭିମୁଖ୍ୟ ଓ ସେବା ସମ୍ପର୍କରେ ସୂଚନା ଦେଇଥିଲେ । ଏନ୍‌ଟିପିସି ଦର୍ଲିପାଲି ବୃହତ ବିଦ୍ୟୁତ ତାପଜ ପ୍ରକଳ୍ପର ଜେନେରାଲ ମ୍ୟାନେଜର କେଦାର ରଂଜନ ପାଣ୍ଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡାକ ବିଭାଗର ୧୬୪ ବର୍ଷ ଧରି ନିରନ୍ତର ସେବାକୁ ପୁଣି ପୁର୍ନଜୀବିତ କରିବାରେ ଏହି ଆଇପିପି ବ୍ୟାଙ୍କ ଏକ ବଳିଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସୁଜନ୍ୟା ଯୋଜନାର ହିତାଧିକାରୀମାନଙ୍କୁ ପାସବୁକ ବଣ୍ଟନ କରିଥିଲେ । ସୁନ୍ଦରଗଡ଼ ମଣ୍ଡଳର ଅଧକ୍ଷକ ମନୋଜ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ସମାରୋହରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦିଷ୍ଟ ସ୍ଥାନରେ ଦଳୀୟ କର୍ମୀମାନେ ବସି ରହିଥିବାରୁ ଖବର ସଂଗ୍ରହ ପାଇଁ ଯାଇଥିବା ପ୍ରତିନିଧିମାନେ କିଛି ସମୟ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା ।

ଟ୍ରକ ଧକ୍କାରେ ଜଣେ ଗୁରୁତର

ବଡଗାଁ, ୧।୯ (ଡି.ଏନ.ଏ)

ବଡଗାଁ ଥାନା ଅଧୀନ ଚିକିଲିପଡ଼ାସ୍ଥିତ ଏସ୍ଏଚ୍-୧୦ ଫ୍ଲାଇଓଭରଠାରେ ଶନିବାର ଅପରାହ୍ନ ସାଢେ ୨ଟାରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସେ ହଲେ ସାଲବିରା ଗ୍ରାମର ସୁରେଶ ଚାମ୍ପିଆ(୨୯) । ମିଳିଥିବା ସୂଚନା ମୁତାବକ, ସୁନ୍ଦରଗଡରୁ ରାଉରକେଲା ଯାଉଥିବା ଏକ ଟ୍ରକ (ନଂ.ଓଡି୦୫ଏଏଫ- ୩୬୫୭) ଚିକିଲିପଡ଼ା ଫ୍ଲାଇଓଭରଠାରେ ଭାରସାମ୍ୟ ହରାଇ ଏକ ବାଇକ୍(ନଂ.ଓଡି୧୫ଡି-୩୬୨୭)କୁ ଧକ୍କା ଦେଇଥିଲା ।

ରାଫେଲ ଯୁଦ୍ଧ ବିମାନ କିଣାରେ ଦୁର୍ନୀତି ଅଭିଯୋଗ କଲା କଂଗ୍ରେସ

ସୁନ୍ଦରଗଡ଼,୧।୯ (ଡି.ଏନ୍.ଏ)

ଦେଶର ସୁରକ୍ଷା ନାଁରେ କେନ୍ଦ୍ରର ମୋଦି ସରକାର ଯୁଦ୍ଧ ବିମାନ ରାଫେଲ କିଣା ପାଇଁ ହୋଇଥିବା ରାଜିନାମାରେ ମହାଦୁର୍ନୀତି ହୋଇଛି । ଏହା ବିରୋଧରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଏଆଇସିସି ସମ୍ପାଦକ ଶେଖ ମସ୍ତାନ୍ ଭ

ସଂକ୍ଷେପରେ

ବିଭିନ୍ନ ସ୍ଥାନରେ ବନ୍ଦ ପ୍ରଭାବ

ଖଡିଆଳ, ୧।୯(ଡି.ଏନ.ଏ.)
ଏଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସକାଳ ୭ରୁ ଦିବା ୧ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ଭାଜପା କର୍ମୀମାନେ ଖଡିଆଳ ସହରର ଥାନା ଛକଠାରୁ ୩୫୩ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବରଗାଁ ଛକ ଓ ତୁକଲା ଓ ଡୁଆଁରଠାରେ ରାସ୍ତା ଅବରୋଧ କରାଯାଇଥିଲା। ଉକ୍ତ ବନ୍ଦ ପାଳନକୁ ସଫଳ କରିବାରେ ନଗର ଭାଜପା ସଭାପତି ବିକାଶ ସିଙ୍ଗଲ, କୃଷକ ମୋର୍ଚ୍ଚା ସଭାପତି, ସଞ୍ଜୟ ତିୱାରୀ, ଜିଲା ଉପସଭାପତି ପୃଥୀରାଜ ମହାନ୍ତି, ନିମାଇଁଚରଣ ତାଣ୍ଡି, ଅଜିତ କୁମାର ଚଳାନ ପ୍ରମୁଖ ନେତୃତ୍ୱ ନେଇଥିଲେ।
ସିନାପାଲି, ୧।୯ (ଡି.ଏନ.ଏ)
ଭାଜପା ସିନାପାଲି ଶାଖା ତରଫରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୭ରୁ ଭାଜପା କର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇ ବିଭିନ୍ନ ଦୋକାନ ବଜାର ବନ୍ଦ କରିବା ସହ ବ୍ୟାଙ୍କ ପ୍ରତିଷ୍ଠାନ, ସ୍କୁଲ, କଲେଜ ଓ ବିଭିନ୍ନ ସରକାରୀ ଅଫିସ ଗୁଡିକ ବନ୍ଦ କରିଥିଲେ। ସିନାପାଲି ବ୍ଲକ ଭାଜପା ସଭାପତି ଅରଗଞ୍ଜନ ଯୋଷୀଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ, ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାରଙ୍କୁ ନେଇ ଅପରାହ୍ନ ୪ଟାରେ ପହଞ୍ଚିଥିଲେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରିବାକୁ। ଗାଁ ଲୋକଙ୍କୁ ଜିଲା ସାଧାରଣ ସମ୍ପାଦକ ନିଆଲ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରିବା ସହ ସପ୍ତାହ ମଧ୍ୟରେ ପଞ୍ଚାୟତର ଯେ କୌଣସି ସମସ୍ୟାର ସମାଧାନ ହେବ ବୋଲି କହିବାରୁ ଉଦ୍ୟକ୍ତ ଗାଁ ଲୋକେ ଏତେ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଲା କ୍ଷମତାରେ ଅଛ ଆଉ ଲୋକଙ୍କୁ ଭୁଆଁ ବୁଲାଉଥିବା କହି ଗାଁ ଲୋକେ ବିରୋଧ କରିବାରୁ କାର୍ଯ୍ୟକ୍ରମ ଛାଡି ପଳାଇ ଯାଇଥିବା ଜଣାପଡିଛି।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବିରୋଧ

ଖଡିଆଳ, ୧।୯ (ଡି.ଏନ.ଏ)
ନୂଆପଡା ଜିଲାର ୫ଟି ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଶେଷ ହୋଇଥିବାବେଳେ ବର୍ତ୍ତମାନ ପଞ୍ଚାୟତ ସ୍ତରରେ ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି କାର୍ଯ୍ୟକ୍ରମକୁ ଖଡିଆଳ ବ୍ଲକ ବଡଦୋହେଲ ଗାଁରେ ବିରୋଧ କରାଯାଇଛି। ପୂର୍ବରୁ ଗାଁ ଲୋକଙ୍କୁ ନଜଣାଇ ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ, ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାରଙ୍କୁ ନେଇ ଅପରାହ୍ନ ୪ଟାରେ ପହଞ୍ଚିଥିଲେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରିବାକୁ। ଗାଁ ଲୋକଙ୍କୁ ଜିଲା ସାଧାରଣ ସମ୍ପାଦକ ନିଆଲ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରିବା ସହ ସପ୍ତାହ ମଧ୍ୟରେ ପଞ୍ଚାୟତର ଯେ କୌଣସି ସମସ୍ୟାର ସମାଧାନ ହେବ ବୋଲି କହିବାରୁ ଉଦ୍ୟକ୍ତ ଗାଁ ଲୋକେ ଏତେ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଲା କ୍ଷମତାରେ ଅଛ ଆଉ ଲୋକଙ୍କୁ ଭୁଆଁ ବୁଲାଉଥିବା କହି ଗାଁ ଲୋକେ ବିରୋଧ କରିବାରୁ କାର୍ଯ୍ୟକ୍ରମ ଛାଡି ପଳାଇ ଯାଇଥିବା ଜଣାପଡିଛି।

ନିଃଶୁଳ୍କ ଅମିନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୂଆପଡା ଅଫିସ,୧।୯
ଏହି ଜିଲା କୋମନା ବ୍ଲକ କାଣ୍ଡେତରା ଗ୍ରାମପଞ୍ଚାୟତ ସଦର ଗାଁରେ କେଜିଏନଟି ଜରିଆରେ ଏକ ୩ ମାସିଆ ନିଃଶୁଳ୍କ ଅମିନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଏହା ଦୀର୍ଘ ୩ମାସ ଧରି ଚାଲିଥିଲା। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ବହୁ ଯୁବତୀଯୁବକ ଯୋଗଦେଇ ତାଲିମ ନେଇଥିଲେ। ଏଥିରେ ପ୍ରଶିକ୍ଷକ ଭାବରେ ବୁଦ୍ଧିକୋମନାର ପୂର୍ବତନ ରାଜସ୍ୱ ନିରୀକ୍ଷକ ମହେଶ୍ୱର ରାଉତ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶେଷରେ ଉଦ୍‌ଯାପନୀ ଉତ୍ସବରେ କେଜିଏନଟିର ନିର୍ଦ୍ଦେଶକ ଜୟନାରାୟଣ ଘୋଷ ସଭାପତିତ୍ୱ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ନରେଶ ଶର୍ମା ମୁଖ୍ୟ ଅତିଥି, ବୈଷ୍ଣବ ଆଡବଙ୍କ, ମୁକେଶ କୁମାର ଦତ୍ତସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏଠାରୁ ତାଲିମ ଗ୍ରହଣ କରିଥିବା ବିଷୟକୁ କାର୍ଯ୍ୟକ୍ଷେତ୍ରରେ ସଦୁପଯୋଗ କରିବାକୁ ଅତିଥିମାନେ ପରାମର୍ଶ କରିଥିଲେ।

୬ଘଣ୍ଟିଆ ନୂଆପଡା ବନ୍ଦ

ନୂଆପଡା ଅଫିସ,୧।୯

ନୂଆପଡା ଏକତା ଛକ ନିକଟରେ ଭାଜପା ନେତାମାନେ ରାଜପଥ ଅବରୋଧ କରିଛନ୍ତି।

ନୂଆପଡା ଏକ କୃଷି ପ୍ରଧାନ ଜିଲା। ଚାଷ ଏଠିକାର ଲୋକଙ୍କ ମୁଖ୍ୟ ବେଉଷା। ହେଲେ ବାରମ୍ବାର ମରୁଡି ଏଠିକାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ଲାଗ ଲାଗ ତିନି ବର୍ଷ ମରୁଡିର ଶିକାର ହୋଇଥିବା ଚାଷୀଙ୍କ କୃଷି ବୀମା ଦେବାରେ ସରକାର ବାରମ୍ବାର ଅବହେଳା କରୁଥିବାରୁ ଜିଲାବ୍ୟାପି ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ନୂଆପଡା ଜିଲା ଶାଖା ତରଫରୁ ୬ଘଣ୍ଟିଆ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ସମଗ୍ର ନୂଆପଡା ଜିଲା ସକାଳ ୭ଟାରୁ ଅପରାହ୍ନ ଗୋଟାଏ ଯାଏଁ ବନ୍ଦ ରହିଥିଲା। ଏଥିରେ ଚାଷୀକୁଳ ପୂର୍ଣ୍ଣ ସମର୍ଥନ କରିଥିବାବେଳେ ଜିଲାର ୫ଟିଯାକ ବ୍ଲକରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ଗତବର୍ଷ ପ୍ରଥମ କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ଆସବାବପତ୍ର ବିକ୍ରି କରି ପ୍ରିମିୟମ ରାଶି ଜମା କରିଥିଲେ। ସରକାର ମରୁଡି ଘୋଷଣା କରିଥିଲେ। ସେହିଦିନ ଠାରୁ ଚାଷୀ କିଛି ସହାୟତା ରାଶି ମିଳିବ ବୋଲି ଆଶା ବାନ୍ଧି ଜଗି ରହିଥିଲେ। ଶେଷରେ ରିପୋର୍ଟ ଆସିଲାବେଳକୁ ଏଥିରେ ପାତରଅନ୍ତର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ଯେଉଁ ଗାଁମାନଙ୍କୁ ନିଜେ ରାଜସ୍ୱ କମିଶନର ଯାଇ ତଦନ୍ତ କରି ଶତପ୍ରତିଶତ ମରୁଡି ହୋଇଥିବା ରିପୋର୍ଟ କରିଥିଲେ। ସେହି ଗାଁ ବର୍ତ୍ତମାନ ମରୁଡି ସହାୟତା ପାଇବାରୁ ବଞ୍ଚିତ ରହିଥିବା ଜଣାପଡିଛି। ଅନ୍ୟପଟେ ବୀମା କମ୍ପାନୀ ଜିଲାକୁ ବହୁ ଦିନତଳେ ମରୁଡି ସହୟତା ରାଶି ଦେଇଥିଲେ ମଧ୍ୟ ଜିଲା ପ୍ରଶାସନ ଚାଷୀଙ୍କୁ ଏଯାବତ ପ୍ରଦାନ କରିନାହାଁନ୍ତି। ଏହା ଉପରେ ଭାଜପା ତରଫରୁ ବାରମ୍ବାର ଦାବି କରାଯିବା ପରେ ଶେଷରେ ଶନିବାର ନୂଆପଡା ବନ୍ଦ ଡାକରା ଦେଇଥିଲେ। ନୂଆପଡାରେ ଜିଲା ଭାଜପା ସଭାପତି ଶିବପ୍ରସାଦ ମୁଣ୍ଡ, ଯଦୁମଣି ପାଣିଗ୍ରାହୀ, ଖାମସିଂ ମାଝିଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମନିଜର ସୁନା, ଦୃଷ୍ଟି ଚନ୍ଦ୍ର ମାଝି, ମୁନା ମହାପାତ୍ର, ମଳୟ ମଣ୍ଡଳ, ତୁଳସ ପଟେଲ, ଅଭିନନ୍ଦନ ପଣ୍ଡା ପ୍ରମୁଖ ସାମିଲ ଥିଲେ। ୩୫୩ନଂ. ଜାତୀୟ ରାଜପଥର ଏକତା ଛକ ନିକଟରେ ଅବରୋଧ କରି ଯାନବାହନ ଚଳାଚଳ ବନ୍ଦ କରିଥିଲେ। ଏହା ସହ ସବୁ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା। ସକାଳ ୭ଟାରୁ ଅପରାହ୍ନ ଗୋଟାଏ ଯାଏଁ ଦୋକାନ, ବଜାର, ଗାଡି ଚଳାଚଳ, ବ୍ୟାଙ୍କ ଆଦି ପ୍ରତିଷ୍ଠାନ ବନ୍ଦ ରହିଥିଲା। ନୂଆପଡା ସହର ୬ଘଣ୍ଟା ଧରି ଶୂନ୍‌ଶାନ ହୋଇପଡିଥିଲା। ଏହିଭଳି ଜିଲାର ତରବୋଡରେ ଭାଜପା ନେତା ଅର୍ଜୁନ ଜଗତଙ୍କ ନେତୃତ୍ୱରେ ବହୁ କର୍ମୀ ବନ୍ଦ ପାଳନ କରିଥିଲେ। ବୋଡେନରେ ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଥବିରାମ ପାଣ୍ଡେ, କୀର୍ତ୍ତନ ବାଗଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ବନ୍ଦରେ ସାମିଲ ରହି ସଫଳ କରିଥିଲେ। ବୋଡେନ ବ୍ଲକ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହିଭଳି କୋମନା, ଉଦ୍ୟାନବନ୍ଧ, କାଣ୍ଡେତରା, ଖରିଆର ରୋଡରେ ମଧ୍ୟ ବନ୍ଦର ପୁରା ପ୍ରଭାବ ଦେଖାଯାଇଥିଲା। ଦୀର୍ଘ ସମୟ ଧରି ଗାଡି ଚଳାଚଳ ବନ୍ଦ ରହିଥିବାରୁ ଗମନାଗମନ ବ୍ୟବସ୍ଥା ବନ୍ଦ ହୋଇପଡିଥିଲା।

କୃଷିବୀମା ଦାବି
- ଭାଜପାର ବନ୍ଦ ପାଳନ
- ୫ଟି ବ୍ଲକ ପ୍ରଭାବିତ
- ଚାଷୀଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

ଭୁବନେଶ୍ୱର ତାରିଖ: ୦୨ ଜୁଲାଇ ୨୦୧୮
No. RDM-LAB-BOUDH-0020-2018- 23885/ R&DM-

No. XXXI-54:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ସୋରିଷନାଳି, ଥାନା- ବୌଦ୍ଧ, ନଂ.-୮୫, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ତପସିଲମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୨୩୩୩୨, ତା୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ:-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ବୌଦ୍ଧ	ବୌଦ୍ଧ	ସୋରିଷନାଳି	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏ.୧୭.୮୫୦	ଏ.୧୦.୦୬୦	ଏଥିସହିତ ସଂଲଗ୍ନ କରାଗଲା

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୪.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ ଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
୧	୩	୧୬୧	୦.୨୧୦	୦.୦୫୦	ଶାରଦ-୨	ଜମା ଭୋଇ, ସ୍ୱା- ଝଗୁଡ଼ ଭୋଇ, ବା: ଧୁମାଳ
୨	୫	୧୫୩	୦.୪୮୦	୦.୦୯୦	ଶାରଦ-୨	ଗୁପ୍ତେଶ୍ୱର ଭୋଇ, ଟଙ୍କାଧର ଭୋଇ, ପି- କୁଣ୍ଡାଅଁ ଭୋଇ, ବା- ଜାନକୀପୁର
୩	୧୦	୧୬୬	୧.୫୫୦	୦.୪୦୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୪	୧୧	୧୨୮	୨.୨୨୦	୦.୦୨୦	ଶାରଦ ଇଜ-୧	ଦେବକୀ ପ୍ରଧାନ, ସ୍ୱା- ହିମାଂଶୁ ଶେଖର ପ୍ରଧାନ, ବା- ଜାନକୀପୁର
୫	୧୪	୧୬୮	୨.୩୨୦	୦.୬୦୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା: ପିଙ୍ଗଳବେଡ଼ା
୬	୧୭	୧୫୧	୧.୦୮୦	୦.୬୩୦	ଶାରଦ ଇଜ-୨	ମଙ୍ଗୁଲୁ ବାରିକ, ପି- ଖାଡ଼ିଆ ବାରିକ, ବା- ଜାନକିପୁର
୭	୧୮	୧୬୪	୨.୧୫୦	୦.୩୧୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା: ପିଙ୍ଗଳବେଡ଼ା
୮	୨୧	୧୭୪	୧.୦୬୦	୦.୩୦୦	ଆଟ	ସହଦେବ ମହାଳିକ, ପି- ଅଗ୍ନି ମହାଳିକ, ବା- ପିଙ୍ଗଳବେଡ଼ା
୯	୨୨	୧୨୯	୦.୩୨୦	୦.୦୯୦	ଶାରଦ-୨	ସୀତା ମହାନଦିଆ, ସ୍ୱା- ମୁକୁନ୍ଦ ମହାନଦିଆ, ନବଘନ ମହାନଦିଆ,
୧୦		୧୩୨	୦.୧୨୦	୦.୧୨୦	ଶାରଦ-୨	ଝରିଆ ମହାନଦିଆ, ଧନୁଶର ମହାନଦିଆ, ପି- ହରି ମହାନଦିଆ,
୧୧		୧୩୫	୦.୨୮୦	୦.୦୭୦	ଶାରଦ-୨	ବା: ପିଙ୍ଗଳବେଡ଼ା
୧୨	୨୩	୧୪୨	୧.୧୨୦	୦.୩୧୦	ଶାରଦ ଇଜ-୨	ଶ୍ରୀପତି ମହାକୁଡ଼, ପି: ଉତ୍ତରୁ ମହାକୁଡ଼, ବା: ପିଙ୍ଗଳବେଡ଼ା
୧୩		୧୪୩	୦.୮୬୦	୦.୦୧୦	ଆଟ	
୧୪	୨୫	୧୬୩	୦.୨୫୦	୦.୨୫୦	ଶାରଦ ଇଜ-୨	ସୁରେନ୍ଦ୍ର ବାରିକ, ପି- ବୃନ୍ଦାବନ ବାରିକ, ରାହାସ ବାରିକ, ମହେଶ୍ୱର ବାରିକ, ପି- ସଂକୀର୍ତ୍ତନ ବାରିକ, ବା- ଜାନକୀପୁର
୧୫	୨୬	୧୪୬	୦.୪୨୦	୦.୨୪୦	ଶାରଦ-୨	ହିମାଂଶୁ ଭୋଇ, ଶୁକ୍ଲ ଭୋଇ, ମିଥିଳା ପ୍ରଧାନ, ମଦା ପ୍ରଧାନ, ପି-
୧୬		୧୪୮	୧.୪୨୦	୦.୯୬୦	ଶାରଦ-୧	ଅନାଦି ଭୋଇ, ରେଖା ଭୋଇ, ସ୍ୱା- ଅନାଦି ଭୋଇ, ବା- ଜାନକୀପୁର
୧୭	୨୬/୧	୧୪୪/ ୨୨୫	୦.୪୨୦	୦.୨୩୦	ଆଟ	ଶୁକ୍ଲ ଭୋଇ, ପି- ଅନାଦି ଭୋଇ, ବା- ଜାନକୀପୁର
୧୮	୨୬/୨	୧୪୪	୧.୫୮୦	୦.୫୩୦	ଆଟ	ମହେଶ୍ୱର ପ୍ରଧାନ, କୃଷ୍ଣ ପ୍ରଧାନ, ପି- ସ୍ୱପ୍ନ ପ୍ରଧାନ, ବା- ଜାନକୀପୁର
ମୋଟ			୧୭.୮୫୦	୫.୨୧୦		

ଜମିର ତାଲିକା
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ୍ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତ ନାମ
ବ୍ୟକ୍ତିଗତ ଜମିର ଗୋଚର ବଦଳି						
୧	୧୦	୧୬୬	୧.୫୪୦	୦.୫୩୦	ଆଟ	ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର
୨	୧୪	୧୬୮	୨.୩୨୦	୧.୬୨୦	ଆଟ	ବିରଞ୍ଚି ନାଏକ, ପି- ଜର୍ମି ନାଏକ, ବା- ପିଙ୍ଗଳବେଡ଼ା
୩	୧୮	୧୬୪	୨.୧୫୦	୧.୮୪୦	ଆଟ	ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା- ପିଙ୍ଗଳବେଡ଼ା
୪	୨୧	୧୭୪	୧.୦୬୦	୦.୬୬୦	ଆଟ	ସହଦେବ ମହାଳିକ, ପି- ଅଗ୍ନି ମହାଳିକ, ବା- ପିଙ୍ଗଳବେଡ଼ା
			ମୋଟ	୪.୮୫୦		
ଏକର. ଡେସିମାଲ						
ବ୍ୟକ୍ତିଗତ ଜମି				୫.୨୧୦		
ବ୍ୟକ୍ତିଗତ ଜମିର ଗୋଚର ବଦଳି				୪.୮୫୦		
ମୋଟ			୧୭.୮୫୦	୧୦.୦୬୦		

24001/14/0267/1819

DHARITRI Career appointment Every Wednesday and Saturday

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଚଣ୍ଡିଖୋଲ, ଆଚାର୍ଯ୍ୟ ମାର୍କେଟ କମ୍ପେକ୍ସ,
ପୋ: ସୁଙ୍ଗୁଡା, ଜିଲ୍ଲା: ଯାଜପୁର, ପିନ୍-୭୫୪୧୯୬
ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ବ

ସଂକ୍ଷେପରେ

ଇଣ୍ଟିପେଣ୍ଡେଣ୍ଟ କପ ଫୁଟବଲ
ବୋର୍ଡା-ପାଟଣାଗଡ ଫାଇନାଲ ଆଜି

ତରବୋଡ, ୧।୯ (ଡି.ଏନ୍.ଏ)
ତରବୋଡ ରାଜୀବ ଗାନ୍ଧୀ ମିନିଷ୍ଟାଡିୟମରେ ଚାଲିଥିବା ଏକାଦଶ ଆନ୍ତଃଜିଲା ଇଣ୍ଟିପେଣ୍ଡେଣ୍ଟ କପ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ବୋର୍ଡା ଓ ପାଟଣାଗଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ତରବୋଡ ଫୁଟବଲ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଶନିବାର ବୋଡେନ ଓ ବୋର୍ଡା ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ବୋର୍ଡା ଦଳ ବୋଡେନକୁ ୨-୧ ଗୋଲରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସାଂସଦ ପ୍ରତିନିଧି କ୍ଷମାସିଂ ନିଆଲ, କୋମନା ବ୍ଲକ ବିଜେଡି ଯୁବ ସଭାପତି ମୁରଲୀଧର ଭୋଇ, ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ, ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ତରବୋଡ ସମିତି ସଭ୍ୟା ଦମୟନ୍ତୀ ପ୍ରଧାନ, କନକ କୁମାର ଭସାଣୀ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ଦୁଃଖଭଞ୍ଜନ ନାୟକ, ସମ୍ପାଦକ ଦୟାଲାଲ ଅହିର, ଉପସଭାପତି ଅଜୟ ଅହିର, ଉପଦେଷ୍ଟା କମିଟି ସଦସ୍ୟ ସଞ୍ଜୀବ କୁମାର ପାଣିଗ୍ରାହୀ, ପୂର୍ଣଚନ୍ଦ୍ର ପରିଡା, ପଞ୍ଚୁ ପ୍ରଧାନୀ, କୁମୁଦ ବନଛୋର, ସୁକୁ ଭୋଇ, ଅକ୍ଷୟ ଗହିର, ସୌଭାଗ୍ୟ ସହଯୋଗ କରିଥିଲେ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ

ତରବୋଡ, ୧।୯ (ଡି.ଏନ୍.ଏ)
କୋମନା ବ୍ଲକର ଜଟଗଡ, ଲାଖନା ଓ କୁରୁମପୁରୀଠାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଜଟଗଡଠାରେ ସ୍ଥାନୀୟ ସରପଞ୍ଚ ଦିବ୍ୟକାନ୍ତା ହରିଜନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଯଦୁମଣୀ ପାଣିଗ୍ରାହୀ, ସ୍ଥାନୀୟ ସମିତି ସଭ୍ୟ ରାଜକୁମାର ଜଗତ, ପୂର୍ବତନ ସରପଞ୍ଚ ଧନୁ ପ୍ରଧାନ, ଅର୍ଜୁନ ଜଗତ, ନାଏବ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ତରବୋଡ ବିପିଏମ୍ ମହାଦେବ ଅହିର, ସିଆଲଲଟି, ଦର୍ଲିପଡା ବିପିଏମ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିପିଏମ୍ ପବିତ୍ର ପ୍ରଧାନ ଓ ଶିକ୍ଷକ ଜିତେନ୍ଦ୍ର ରଣା ସଭା ପରିଚାଳନା କରିଥିଲେ।

ନିଜ ଅଞ୍ଚଳକୁ ସଫା କଲେ ଶବର ପଡ଼ାବାସୀ

ନୂଆପଡା ଅଫିସ, ୧।୯



ସରକାର ଲୋକଙ୍କ ଭିତରେ ସ୍ୱଚ୍ଛ ଭାରତ ଅଭିଯାନ ନାଁରେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସରକାରୀ ସ୍ତରରେ ଏହାର ସୁଫଳ ସେତେଟା ଦୃଷ୍ଟି ଗୋଚର ହେଉ ନ ଥିବାବେଳେ ବର୍ତ୍ତମାନ ଏହାର ପ୍ରଭାବ ସାଧାରଣରେ ପଡିଥିବା ପରିଲକ୍ଷିତ ହୋଇଛି। ଠିକ ଏହିଭଳି ଏକ ଉଦାହରଣ ନୂଆପଡା ଜିଲା କୋମନା ବ୍ଲକ କାଣ୍ଡେତରା ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ଶବରପଡା ବାସିନ୍ଦା ଯେଉଁ ଲୋକଙ୍କର ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନୁହେଁ, ସେମାନେ ନିଜ ଉଦ୍ୟମରେ ଶ୍ରମ ଦାନ କରି ନିଜ ପଡାର ସଫେଇ କାମ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଜିଲାର ବଡଗାଁ ଭାବେ ପରିଚିତ କୋମନା ବ୍ଲକର କାଣ୍ଡେତରା ଗାଁର ସବୁଆଡେ ମଇଳା କୁଡକୁଚ ଥିବାବେଳେ ଏଠାରେ ପରିମଳ ବ୍ୟବସ୍ଥା ଭୁଷୁଡି ପଡିଥିବା ପରିଲକ୍ଷିତ ହୋଇଛି। ଆଗକୁ କୃଷ୍ଣଜନ୍ମାଷ୍ଟମୀ ଏବଂ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆସୁଛି ବୋଲି ଲୋକଙ୍କ ମୁଣ୍ଡରେ ଚିନ୍ତା ପଶିଲାଣି। କାଣ୍ଡେତରା ବସ୍ତିର ଶବର ପଡା ବାସିନ୍ଦା ଏହାକୁ ନେଇ ଏକ ବୈଠକ କରିଥିଲେ। ଏଥିରେ ଗାଁର ପରିମଳ ସହ ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା ହୋଇଥିଲା। ଶନିବାର ସମସ୍ତ ପରିବାର ଲୋକ ନିଜର କାମଧନ୍ଦା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ସକାଳ ୭ଟାବେଳେ ସମସ୍ତେ ପଡାର ମୁଖ୍ୟ ଛକରେ ଠୁଳ ହୋଇଥିଲେ। ସମସ୍ତଙ୍କ ହାତରେ କୋଦାଳ ଏବଂ ଅନ୍ୟାନ୍ୟ ଅସ୍ତ୍ର ରହିଥିଲା। ସ୍ୱଚ୍ଛ ଭାରତର ନାରା ଦେଇ ସଫେଇ କାମରେ ମାତିଯାଇଥିଲେ। ଦୀର୍ଘ ୭ଘଣ୍ଟା ଧରି କାମରେ ଲାଗିଥିଲେ। ଏହି ପଡାରୁ ସ୍ଥାନୀୟ ମୁଖ୍ୟ ପୋଖରୀ ଘିମୁଣ୍ଡି ଡୁଠ ଯାଏଁ ସଫେଇ କରିଥିଲେ। ଏଥିରେ ପଡାର ୫୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ରହିଥିଲେ। ଏଥିରେ ପୂର୍ବତନ ସମିତି ସଭ୍ୟ ସୁରେଶ କୁମାର ଦଣ୍ଡସେନା, ମୂରଲୀ ଶବର, ଟିକେରାମ, କୈଳାସ, ତରୁଣ, ଗୋକୁଳ, ହେମନ୍ତ, ତନତରାମ ଶବର ପ୍ରମୁଖ ସାମିଲ ରହିଥିଲେ। ଏହି ଅବସରରେ ପୂର୍ବତନ ସମିତି ସଭ୍ୟ ଦଣ୍ଡସେନା ସରକାରୀ ଯୋଜନା ସକାଶେ ଆସୁଥିବା ପାଣ୍ଠିବାବଦକୁ ସେମାନଙ୍କ ନିକଟକୁ କୌଣସି ହିସାବ ଆସୁନାହିଁ। ଆମେ ନିଜେ ବିଗତ ବର୍ଷମାନଙ୍କରେ ମଧ୍ୟ ସଫେଇ କାମ କରିଆସୁଛୁ। ଏହା କଲେ ଆମକୁ ଆନନ୍ଦ ମିଳିଥାଏ। ଏହା ଆମର ତଳ ପିଢିକୁ ମଧ୍ୟ ଶିକ୍ଷା ଦେଇଥାଏ ବୋଲି କହିଛନ୍ତି। ଆଗକୁ ସମସ୍ତେ ଏହିଭଳି ସମାଜ ସଂସ୍କାର କାମରେ ନିୟୋଜିତ କରନ୍ତୁ ବୋଲି ବାର୍ତ୍ତା ଦେଇଛନ୍ତି।

କୋମନା ବ୍ଲକ
- କାଣ୍ଡେତରା ଶବରପଡା
- ଜନ୍ମାଷ୍ଟମୀ ଉପଲକ୍ଷେ ସଫେଇ
- ସବୁ ପରିବାର ଲୋକେ ସାମିଲ

ପୁତ୍ରର ମଙ ଳ କାମନା କଲେ ମା'

- ଖରିଆରରୋଡରେ ହଲଷଷ୍ଠୀ ପୂଜା
- ସାହୁ ସମାଜ ହଲରେ କାର୍ଯ୍ୟକ୍ରମ

ନୂଆପଡା ଅଫିସ/ ଖରିଆରରୋଡ, ୧।୯

ଭାଦ୍ରବ ମାସ ଷଷ୍ଠୀ ତିଥିରେ ବଳରାମଙ୍କ ସ୍ମୃତିରେ ମାଆମାନେ ହଳ ଷଷ୍ଠୀ ପୂଜା କରିବା ସହ ନିଜର ପୁତ୍ରମାନଙ୍କର ମଙ୍ଗଳକାମନା କରିଥାନ୍ତି। ଠିକ୍ ଏହିଭଳି ରୀତି ନୀତିରେ ସ୍ଥାନୀୟ ଖରିଆରରୋଡ ସହରରେ ସାହୁ ସମାଜ ତରଫରୁ ଧୂମଧାମରେ ଏହି ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ମାଆମାନେ ସକାଳୁ ଉପବାସ କରିଥିଲେ । ସନ୍ଧ୍ୟାରେ ସାହୁ ଭବନରେ ପୂଜା କରିବା ସହ ପୁରାଣ ପାଠ ହୋଇଥିଲା । ଏଥିରେ ସହର ତଥା ଆଖପାଖ ଅଞ୍ଚଳର ବହୁ ମହିଳା, ମହିଳା ମଣ୍ଡଳ ସଦସ୍ୟାମାନେ ଯୁଣ୍ଡ ହୋଇ ବିଧି ମୁତାବକ ପୂଜାପାଠ କରିଥିଲେ। ସନ୍ଧ୍ୟାରେ ପୂଜାର ଉଦ୍‌ଯାପନ ହେବାପରେ ମାଆମାନେ ଭୋଜନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶେଷ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ମହିଳା ମଣ୍ଡଳ ଅଧ୍ୟକ୍ଷା ରାଜେଶ୍ୱରୀ ସାହୁ, କେଶରୀ ସାହୁ, ଗୋଦାବରୀ ସାହୁ, ବନ୍ଦନା ସାହୁ, ଶକୁନ୍ତଳା ସାହୁ, ସନ୍ଧ୍ୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ହଳ ଷଷ୍ଠୀ ପୂଜାରେ ଯୋଗ ଦେଇଥିବା ମହିଳା।

ଚିକିତ୍ସା ପାଇଁ ଗାଁରେ ପହଞ୍ଚିଲେ ଡାକ୍ତର

ଖଡିଆଳ, ୧।୯ (ଡି.ଏନ.ଏ)

ପାଇଖାନା ଭିତରେ ବିତୁଛି ଅଭିଶପ୍ତ ଜୀବନ

ନୂଆପଡା ଜିଲା ଖଡିଆଳ ବ୍ଲକ ଡୁକଲା ଗାଁ କଲୋନୀ ପଡାର ପରାକ୍ଷିତ ମାଝୀ ଓ ସୋମବାରୀ ମାଝୀଙ୍କ ୨୦ ବର୍ଷର ଝିଅ ରତ୍ନା ୧୪ବର୍ଷ ହେଲା ମାନସିକ ରୋଗୀ ପରି ଚୁପ ରହି ଘରର ଏକ କୋଣରେ ରହି ଆସୁଥିବା ବେଳେ ଗତ ୨ ବର୍ଷ ହେଲା ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମିଳିଥିବା ପାଇଖାନା ଘରେ ଅଭିଶପ୍ତ ଜୀବନ ବିତାଉଛନ୍ତି। ଏନେଇ ଗତ ଅଗଷ୍ଟ ୨୬ ତାରିଖ ଧରିତ୍ରୀରେ ସ୍ୱତନ୍ତ୍ର ଖବର ପ୍ରସାରଣ ହେବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଖଡିଆଳ ସରକାରୀ ଡାକ୍ତରଖାନାରୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପି. ଚନ୍ଦ୍ର ଆଚାରୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଡୁକଲା ଗାଁ କଲୋନୀପଡାରେ ପହଞ୍ଚି ରତ୍ନାଙ୍କ ବାପା ପରାକ୍ଷିତ ଓ ମାଆ ସୋମବାରୀଙ୍କୁ ରତ୍ନା ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହ ରତ୍ନାଙ୍କୁ ଦେଖି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଔଷଧ ଦେଇ ଚିକିତ୍ସା ଆରମ୍ଭ କରିଛନ୍ତି। ପ୍ରତିମାସ ୧ରୁ ୪ ତାରିଖ ମଧ୍ୟରେ କୋରାପୁଟ ମେଡିକାଲ କଲେଜରୁ ମାନସିକ ବିଶେଷଜ୍ଞ ଡାକ୍ତର ନୂଆପଡା ମୁଖ୍ୟଡାକ୍ତରଖାନା ଆସିଥାନ୍ତି। ଏଣୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ନେବା ସହ ଚିକିତ୍ସା କରି ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଡାକ୍ତର ଆଚାରୀ ଧରିତ୍ରୀକୁ କହିଛନ୍ତି। ପ୍ରକାଶ ଯେ, ଡୁକଲା ଗାଁ କଲୋନୀପଡାର ପରାକ୍ଷିତ ଓ ସୋମବାରୀଙ୍କ ୩ପୁଅ ଓ ୩ ଝିଅ ମଧ୍ୟରେ ୨ନମ୍ବର ଝିଅ ରତ୍ନା। ବର୍ତ୍ତମାନ ୩ ପୁଅ ଓ ୩ ଝିଅ ମଧ୍ୟରୁ ରତ୍ନା ଏବଂ ଛୋଟ ଭଉଣୀକୁ ଛାଡି ଦେଲେ ଅନ୍ୟ ସବୁ ବାହା ହୋଇ ଘର ସଂସାର କରିଲେଣି । ରତ୍ନା କିନ୍ତୁ ସେ ସବୁରୁ ଦୂରରେ। ମାଆ ସୋମବାରୀଙ୍କୁ ଛାଡିଦେଲେ ଘରର ଆଉ କାହା ସହ କଥା ହୁଅନ୍ତିନି ରତ୍ନା। କେତେବେଳେ କେମିତି ମାଆ ସୋମବାରୀକୁ ଖାଇବା ପାଇଁ ମାଗିଥାନ୍ତି ତ କେତେବେଳେ ନାହିଁ। ଫଳରେ ରତ୍ନାର ଦୁଃଖରେ ଭାଙ୍ଗି ପଡିଛନ୍ତି ବାପା ଓ ମାଆ। ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତରଫରୁ ସହାୟତାର ହାତ ବଢ଼ାଇଛି ସ୍ୱାସ୍ଥ୍ୟ ବିଭାଗ । ଏପରିସ୍ଥିତିରେ ବାପା ପରାକ୍ଷିତ ଓ ମାଆ ସୋମବାରୀ ରତ୍ନା ଆରୋଗ୍ୟ ହେବ ଆଶା ସଞ୍ଚାର କରିଥିବା ବେଳେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ହେବ ସେ ଉପରେ ସମସ୍ତଙ୍କ ନଜର।

OFFICE OF THE ROURKELA MUNICIPAL CORPORATION, ROURKELA
INVITATION FOR BID
No. 7693, Dated : 24.08.2018
Bid Identification No. : MC/RMC/12/18-19
The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.
1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.
Sd./- Municipal Commissioner, Rourkela Municipal Corporation

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଇର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକାମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଆପଣ ଭାରତର ଯେ କୌଣସି ସ୍ଥାନକୁ ଟଙ୍କା ପଠାଇବାକୁ ଚାହୁଁଛନ୍ତି କି ?
ଆମ ସହିତ ଯୋଗାଯୋଗ କରନ୍ତୁ
ଓଡିଶାରେ ଆମର ୫୦୦ରୁ ଅଧିକ ଶାଖା ଅଛି
ଆମ ମାଧ୍ୟମରେ ଟଙ୍କା ପଠାଇବା ଅତି ସହଜ ଓ ସୁରକ୍ଷିତ
ଆମ ଶାଖାରେ ଯାଇ ଟଙ୍କା ଦିଅନ୍ତୁ ଏବଂ ଆପଣଙ୍କ ପରିବାର ଲୋକଙ୍କୁ ଟଙ୍କା ନେବାକୁ କହନ୍ତୁ
ଆମ ଶାଖାରେ ଟଙ୍କା ଦେଇ ଆପଣଙ୍କ ପରିବାର ଲୋକଙ୍କୁ ଟଙ୍କା ନେବାକୁ କହ



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

ସଂକ୍ଷେପରେ

ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ

ଝୁଣ୍ଟୁଲା, ୧।୯(ଡି.ଏନ.ଏ)
କେସିଙ୍গା ବ୍ଲକ ହାତୀଖୋଜ ପଞ୍ଚାୟତ ଅଧୀନ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୁ ଯୁବ ବାହିନୀର ସଭାପତି ଦାମୋଦର ରଣାଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର କରାଯାଇଛି । ଏହି ଅବସରରେ ହାତୀଖୋଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମକରଧ୍ୱଜ ନାଗ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ବିଜୁ ଯୁବ ବାହିନୀର ସଂପାଦକ ପରେଶ କୁମାର ସାହୁ ଓ କୋଷାଧ୍ୟକ୍ଷ ରାଜେଶ ସାହୁ, ବିଜୁ ଯୁବ ବାହିନୀର ସମସ୍ତ ସଭ୍ୟ, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

ଜୁନାଗଡ, (ଡି.ଏନ୍.ଏ)
ଜୁନାଗଡ ବ୍ଲକ ହାବସପୁର କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏଥିରେ ଛାତ୍ରୀଛାତ୍ର, ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଜୁ ଯୁବବାହିନୀର ସଦସ୍ୟମାନେ ସାମିଲ ହୋଇଥିଲେ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଗଛ ସ୍କୁଲ ପଡିଆରେ ଲଗାଯାଇଥିଲା। ବିଜେଡି ବ୍ଲକ ସଭାନେତ୍ରୀ ମନିଷା ସାହୁଙ୍କ ନେତୃତ୍ୱରେ ଜୁନାଗଡ ଏନଏସି ଅଧକ୍ଷା ବିଜୟାଲକ୍ଷ୍ମୀ କନ୍ଦପାନ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ହାବସପୁର ନାଏବ ସରପଞ୍ଚ ସାମୁକା କୁମାର, ସୁନିତା ନାଏକ, ଯଶୋବନ୍ତୀ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

ସ୍କୁଲ ପାଲଟିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ, ଥାନାରେ ଏତଲା

ଜୁନାଗଡ, ୧।୯(ଡି.ଏନ୍.ଏ.)
ଜୁନାଗଡ ବ୍ଲକ ବୁଡିପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫାଟକ ନାହିଁ। ଏଣୁ ସ୍କୁଲ ଛୁଟି ପରେ ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଏବେ ଏହା ଆଡ୍ଡାସ୍ଥଳ ପାଲଟିଛି। ଏହି ଅସାମାଜିକ ବ୍ୟକ୍ତିମାନେ ସ୍କୁଲ ଛୁଟି ପରେ ବିଦ୍ୟାଳୟ ବାରଣ୍ଡାରେ ଆସି ଜୁଆ ଖେଳିବା, ମଦ୍ୟପ ପାନ କରିବା, ଖରାପ ସାମଗ୍ରୀ ଫିଙ୍ଗିବା ସହ ଶୌଚ କରୁଛନ୍ତି। ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ଏଥିରେ ଅତିଷ୍ଠ ହୋଇପଡିଛନ୍ତି। ଶନିବାର ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଜୁନାଗଡ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ନିକଟସ୍ଥ ଭଡ୍ରାଗୁଡା ଗ୍ରାମର କିଛି ଅସମାଜିକ ବ୍ୟକ୍ତି ଏଭଳି କାମ ଗୁଡକି କରୁଥିବା ଅଭିଯୋଗରେ ଦର୍ଶା ଯାଇଛି। ତରୁନ୍ତ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାନାମ୍ବର ମେହେର,ସଦସ୍ୟ ଅକ୍ଷୟ କୁମାର ମେହେର, ହିମାଂଶୁଶେଖର ନାଏକ, ଦୁର୍ଗା ପ୍ରସାଦ ଦଣ୍ଡସେନା, ରବୀନ୍ଦ୍ର କୁମାର ଦଣ୍ଡସେନା, ଅଖିଳଚନ୍ଦ୍ର ମେହେର ପ୍ରମୁଖ ଦାବି କରିଛନ୍ତି। ତେବେ ଏହି ବିଦ୍ୟାଳୟଟି ଜୁନାଗଡ-କଲମପୁର ପିଡବ୍ଲୁଡି ରାସ୍ତା କଡରେ ରହିଛି। ନିକଟରେ ଏକ ମଦ କୋଠି ରହିଥିବାରୁ ଅସାମାଜିକ ଲୋକଙ୍କ ପାଇଁ ଏହା ଆଡ୍ଡା ସ୍ଥଳ ପାଲଟିଛି। ତେବେ ଜୁନାଗଡ ଥାନା ଆଇଆଇସି ରାଜେନ୍ଦ୍ର ଦେହରୀ କହିଛନ୍ତି ଯେ, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

ବର୍ଷା ହେଲେ ସ୍କୁଲ ଛୁଟି

ଭବାନୀପାଟଣା,୧।୯(ଡି.ଏନ.ଏ)- ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ବରଫା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ବସିବାକୁ ଶ୍ରେଣୀ ଗୃହ ସମସ୍ୟା ସାଜିଛି। ବର୍ଷା ହେଲେ ସ୍କୁଲ ଘରୁ ପାଣି ଝରୁଛି। ବିପଦପୂର୍ଣ୍ଣ ଭାବେ କୋଠରିଗୁଡିକ ରହିଛି। ଏଣୁ ଭୟରେ ଛାତ୍ରୀଛାତ୍ର ବିଦ୍ୟାଳୟ ଆସୁ ନାହାନ୍ତି। ଅବଶ୍ୟ ବିଭାଗୀୟ ଚାପରେ ବାଧବାଧକତାରେ ମଧ୍ୟାହ୍ନ ଭୋଜନ ଚାଲିଛି। ଏଣୁ ଯେଉଁଦିନ ବର୍ଷା ହେଉଛି ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପରେ ଛୁଟି କରି ଦିଆଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ କହିଛନ୍ତି। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅନେକ ଥର ଜଣାଇଥିଲେ ହେଁ ସୁଫଳ ମିଳିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ କହିଛନ୍ତି ଯେ, ଶ୍ରେଣୀଗୃହ ମରାମତି ପାଇଁ ଖୁବ୍ ଶୀଘ୍ର ପଞ୍ଚାୟତକୁ ଅର୍ଥ ଯୋଗାଇ ଦିଆଯିବ। ଅପରପକ୍ଷରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲେ ହେଁ ଅର୍ଥ ଯୋଗାଇ ଦିଆଯାଉ ନ ଥିବା ସରପଞ୍ଚ ସଞ୍ଜୀବ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ତେବେ ସମସ୍ୟା ସମାଧାନ କରିବାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିହାରୀଲାଲ ସାହୁ, ଲୋକନାଥ ସାହୁ, ରାଏଫଲ ମାଝି, ସନ୍ତରା ସାହୁ, ଦେଶିଲା ମହାନନ୍ଦ ଦାବି କରିଛନ୍ତି।

କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟ (ବାମ) ଏବଂ ଜୁନାଗଡ ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଶୋଭାଯାତ୍ରାରେ।

ଆମେ ଚାହୁଁ ପ୍ଲାଷ୍ଟିକ ମୁକ୍ତ ପରିବେଶ

କଲମପୁର, ୧।୯ (ଡି.ଏନ୍.ଏ.)

କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ପକ୍ଷରୁ ଶନିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବାଞ୍ଛାନିଧି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ପ୍ରଥମେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ପ୍ଲାଷ୍ଟିକ ମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଶପଥ ପାଠ କରି ପରେ ବିଦ୍ୟାଳୟ ପରିସରକୁ ସଫା କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି ନଗର ପରିକ୍ରମା କରିଥିଲେ। ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ପାଇଁ ଜନ ସାଧାରଣଙ୍କୁ ସଚେତନ କରିଥିଲେ।

ଜୁନାଗଡ, (ଡି.ଏନ୍.ଏ)

ଜୁନାଗଡ ସହର ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ଅଭିଯାନର ଶୁଭାରମ୍ଭ ହୋଇଛି। ଇକୋ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ଉପରେ ଏକ ଶପଥ ପାଠ କରାଯାଇଥିଲା। ପରେ ଏକ ରାଲି ସହର ପରିକ୍ରମା କରି ଲୋକଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ଉପରେ ସଚେତନ କରିଥିଲା। ଏହାସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କମଲିନୀ ମୁଣ୍ଡ, ଶିକ୍ଷାବିତ ତ୍ରିଲୋଚନ ସିଂହ ବେଲଦାର, କାଉନସିଲର ମୁକେଶ ଅଗ୍ରୱାଲ, ଶିକ୍ଷକ ରାଜେଶ କୁମାର ମାଝି, ଚମରୁ ପାଢୀ, ଫକୀର ମେହେର, ଶିକ୍ଷୟିତ୍ରୀ ତଳୋଉମା ମିଶ୍ର, ପ୍ରତିଭା ମାନା, ଜ୍ୟୋସ୍ନା ସାହୁ, ସୁଦେଷ୍ଣା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଦାବି ପୂରଣ ନ କଲେ ଆନ୍ଦୋଳନ କରିବୁ

ଭବାନୀପାଟଣା,୧।୯(ଡି.ଏନ.ଏ.)

ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ କଳାହାଣ୍ଡି ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏକ ୬ ଦଫା ସମ୍ବଳିତ ଦାବିପତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏଥିରେ ସଂଘର କର୍ମକର୍ତ୍ତା ଇନ୍ଦ୍ରଜିତ ମହାକୁଡ, ସୁଢଳଦେବ ମୁଣ୍ଡ, ଶେଷଦେବ ମିଶ୍ର, ବିଶ୍ୱଜିତ ବେହେରା, ଆବାହକ ସତ୍ୟବାନ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଠାକୁର, ଚିତ୍ତରଞ୍ଜନ ପଣ୍ଡା, ମନୋଜ ପଣ୍ଡା, ଲଳିତ ନାଏକ, ଶିବରାମ ସୁନାନି, ନନ୍ଦକିଶୋର ନାଏକ, ମଳୟ ବେହେରା, ଅକ୍ଷୟ କୁମାର ରଥ, ବୈକୁଣ୍ଠ ବେମାଲ, ଅଜିତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ତେବେ ଏହି ୬ଟି ଦାବିକୁ ସରକାର ଗୁରୁଦିବସ ଭିତରେ ଘୋଷଣା ନ କଲେ ବିଧାନସଭା ଅଧିବେଶନ ବେଳେ ଘେରାଉ କରାଯିବ। ସତ୍ୟବାନ ପାଣିଗ୍ରାହୀ, ସୁବ୍ରତ ଉତ୍ତସେନା, ପ୍ରଦୀପ କୁମାର ପଟେଲ ଏହି ଚେତାବନୀ ଦେଇଛନ୍ତି।

ଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଛନ୍ତି।

ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସିଲେଇ ତାଲିମ

ସିଲେଇ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲା ପରିଷଦ ଉପାଧକ୍ଷ ଓ ତାଲିମାର୍ଥୀମାନେ।

ଜୁନାଗଡ,୧।୯(ସ୍ୱ.ପ୍ର.)

ଜୁନାଗଡ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ଠାରେ ମହିଳା ସଶକ୍ତୀକରଣକୁ ଉତ୍ସାହିତ କରିବା ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏକ ସିଲେଇ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ସହାୟତାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଦ୍ୱାରା ଏହି ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ଛାତ୍ରୀଙ୍କୁ ୨ ଜଣ ପ୍ରଶିକ୍ଷକ ୩ ମାସ ଧରି ତାଲିମ ପ୍ରଦାନ କରିବେ। ଏଥିରେ ଅଞ୍ଚଳର ୭ ଖଣ୍ଡ ଗ୍ରାମର ମହିଳା ଓ ଝିଅ ସାମିଲ ହୋଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଉଦ୍ଦେଶ୍ୟ ରହିଛି। ତେବେ ଏହାକୁ ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଚିନ୍ମୟ ବେହେରା, ଯୁବ ମୋର୍ଚ୍ଚା ସାଧାରଣ ସଂପାଦକ ପ୍ରତାପ ବାଗ, ଜିଲା ପରିଷଦ ସଦସ୍ୟ ବିଜୟ ସାହୁ, ବିଶିଷ୍ଟ ଶିକ୍ଷାବିତ ବସନ୍ତ ନାଏକ, ପ୍ରତିଷ୍ଠାତା ସଭାପତି ଲିଙ୍ଗରାଜ ମିଶ୍ର, ଖବରଦାତା ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ସଭାପତି ବିମଳ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ପାଦକ ଅବିନାଶ ମୁଣ୍ଡ ମଞ୍ଚ ପରିଚାଳାନା କରିଥିଲେ।

ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, ୧।୯ (ଡି.ଏନ.ଏ)

ଭବାନୀପାଟଣାସ୍ଥିତ ଷ୍ଟାଟ୍ୟୁ ଛକରେ ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ଫେଡେରେସନ କଳାହାଣ୍ଡି ଶାଖା ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆ ଯାଇଛି। ଗୌରହରି ନାଏକ, ସୁଶୀଲ କୁମାର ପ୍ରଧାନ, ପ୍ରଦୀପ୍ତ କୁମାର ସାହୁ, ଧନଞ୍ଜୟ ସାହୁ, ଭୁକୁଟି ଗୌଡ, ବିରେନ କୁମାର ପଣ୍ଡା, ଏମ୍. ନାଗେଶ୍ୱର ରାଓ ଦୋରା, ଶିବପ୍ରସାଦ ନାଏକ, ଭାରତ ଭୂଷଣ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ହରେକୃଷ୍ଣ ମହାକୁଡ, ଚନ୍ଦ୍ର ମହାନନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ବାଜପେୟୀଙ୍କ ସରଳ ଜୀବନ, ରାଜନୈତିକ ସମୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ସମସ୍ତେ ନିରବ ପ୍ରାର୍ଥନା କରିଥିଲେ।

ବିଦ୍ୟାଳୟ ଉପସ୍ଥାନ ଅଭିଯାନର ଶୁଭାରମ୍ଭ

ଜୁନାଗଡ,୧।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଦ୍ୟାଳୟ ଉପସ୍ଥାନ ଅଭିଯାନ 'ସବୁ ଦିନ ଯିବା ସ୍କୁଲ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି।ଏଥିରେ ବ୍ଲକର ସମସ୍ତ ବର୍ଗର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ ଓ ସିଆରସିସିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନାଗଡ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀ ଆୟୋଜନ କରିଥିବାବେଳେ ବିଆରସିସି ନବକିଶୋର ପାଢୀ, ଏବିଇଓ ନାରାୟଣ ମେହେର ଓ ପରିକ୍ଷିତ ମେହେର ସହଯୋଗ କରିଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପିମଣି ଜାନି ମଞ୍ଚାସୀନ ଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ନିମନ୍ତେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନ୍ୟପକ୍ଷରେ ଶନିବାର ଏହି କାର୍ଯ୍ୟକ୍ରମ ବ୍ଲକର ସନ୍ୟାସୀ କୁଣ୍ଡାମାଲ ଅପଗ୍ରେଡ ହାଇସ୍କୁଲରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ନିକଟସ୍ଥ ୫ଟି କ୍ଲଷ୍ଟରର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ସିଆରସିସିମାନେ ଯୋଗ ଦେଇଥିଲେ। ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାହାସ କାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

ବ୍ଲକସ୍ତରୀୟ ବିଦ୍ୟାଳୟ ଉପସ୍ଥାନ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅତିଥିମାନେ।

ସମ୍ବିଧାନ ପ୍ରତୀକ ପୋଡାଜଳା ଗ୍ରହଣୀୟ ନୁହେଁ

ସମ୍ବିଧାନ ପୋଡାଜଳାର ବିରୋଧ କରି ବାହାରିଥିବା ଶୋଭାଯାତ୍ରା।

ଭବାନୀପାଟଣା,୧।୯(ଡି.ଏନ.ଏ.)

ଦିଲ୍ଲୀରେ ଭାରତୀୟ ସମ୍ବିଧାନର ପ୍ରତୀକକୁ କେତେକ ବ୍ୟକ୍ତି ପୋଡାଜଳା କରିବା ନିନ୍ଦନୀୟ। ଏହାର ପ୍ରତିବାଦରେ ଶନିବାର ଭବାନୀପାଟଣାରେ ଜିଲାର ଏସଟି, ଏସସି, ଓବିସି ଓ ଆରଏମ୍ ସଂଗଠନ ପକ୍ଷରୁ ଏକ ବିଶାଳ ରାଲି କରାଯାଇଛି। କଲେଜ ଛକଠାରୁ ଏହି ବାହାରି ଟାଉନ ଥାନାରେ ପହଞ୍ଚି ଥିଲା। ସେଠାରେ ଏକ ଲିଖିତ ଏତଲା ଦିଆଯାଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସତ୍ୟବାଦୀ ନାଏକ, ଜତିନ୍ଦ୍ର କର, ସଂଗ୍ରାମ ମାଝି ପ୍ରମୁଖ ପ୍ରତିବାଦ ସଭାରେ କେନ୍ଦ୍ରସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଯେଉଁମାନେ ଭାରତୀୟ ସମ୍ବିଧାନର ପ୍ରତୀକକୁ ଜାଳି ଦେଇଥିଲେ ତାଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ।

ସଂସ୍କୃତ ପଢିଲେ ହେବନି, କହିବା ଆବଶ୍ୟକ

କଲମପୁର, ୧।୯ (ଡି.ଏନ୍.ଏ.)

କଲମପୁର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ସଂସ୍କୃତ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଦୀପୁନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋହନ ସୁନ୍ଦର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଧର୍ମଗଡ ଓଡିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ମାନସ ରଂଜନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କେବଳ ସଂସ୍କୃତ ପଢିଲେ ହେବ ନାହିଁ ସଂସ୍କୃତକୁ ଆମ ଦୈନନ୍ଦିନ ଜୀବନରେ କହିଲେ ଆମର ପୂର୍ବ ସଂସ୍କୃତି ଫେରି ଆସିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂସ୍କୃତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଗଡତିଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଛାତ୍ରୀ ଜ୍ୟୋସ୍ନାରାଣୀ ବାଗ ମଞ୍ଚ ପରିଚାଳନା କରିଥିଲେ। ହେମନ୍ତ ଚଣ୍ଡି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଦ୍ୱୈତ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

ଆଡିବନ୍ଧ କର, ଆମକୁ ଫସଲ କ୍ଷୟକ୍ଷତିର ଭରଣା ଦିଅ

କେସିଙ୍ଗା, ୧।୯(ଡି.ଏନ.ଏ.)

ଗର୍ଜିମୁଣ୍ଡା ନିକଟସ୍ଥ ତେଲ ନଦୀ କୂଳରେ ଗ୍ରାମବାସୀ ଏକାଠି ହୋଇଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ପଞ୍ଚାୟତ ଗର୍ଜିମୁଣ୍ଡା ଗ୍ରାମ ନିକଟସ୍ଥ ତେଲ ନଦୀ କୂଳରେ ଆଡିବନ୍ଧ ନିର୍ମାଣ କରାଯାଉ। ନିକଟରେ ହୋଇଥିବା ବନ୍ୟା ଯୋଗୁ ଫସଲ କ୍ଷୟକ୍ଷତିର ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। ଏହି ଦାବି ନେଇ ଦୟାନିଧି ସୁନାନୀଙ୍କ ନେତୃତ୍ୱରେ ତେଲ ନଦୀ କୂଳର ଗ୍ରାମର ଚାଷୀମାନେ ଶନିବାର ଆନ୍ଦୋଳନ କରିଛନ୍ତି।

ନିକଟରେ ୩ ଦିନ ବ୍ୟାପୀ ବ



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ।
- ପ୍ଲାଟୋ

ଥମୁନି ଫାଟୁଆ ରୋଗ

କୋଲାବିରା,୧।୯(ଡି.ଏନ.ଏ.):
ଫାଟୁଆ ରୋଗର ପ୍ରତିଷେଧକ ପାଇଁ ଆଗୁଆ ଗୋରୁ, ଛେଳି, ମେଣ୍ଢାଙ୍କୁ ଟୀକାକରଣ କରାଯାଇଛି। ହେଲେ ଏହି ଟୀକା କାମ କରି ନ ଥିବା ଅଭିଯୋଗ ହେଉଛି। ଝାରସୁଗୁଡ଼ା କୋଲାବିରା ବ୍ଲକର ସନ୍ୟାସିପାଲି ଏବଂ ପଙ୍କାପଡା, ତରେଇକେଲା ଅଞ୍ଚଳରେ ଫାଟୁଆ ରୋଗର ପ୍ରଭାବ ଜୋର ଧରିଛି। ସନ୍ୟାସିପାଲି ଗ୍ରାମରେ ଫାଟୁଆ ରୋଗ ବ୍ୟାପି ଗାଈ, ବଳଦ ଚାଲିଯାରୁ ନାହାଁନ୍ତି। ପାଟିରେ ଘା ଯୋଗୁ କିଛି ଖାଇ ପାରୁନାହାଁନ୍ତି। ସରକାର ଗୋ-ସମ୍ପଦର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ କୋଲାବିରା ଅଞ୍ଚଳରେ ଏହା ପ୍ରହସନରେ ପରିଣତ ହୋଇଛି। ସ୍ଥାୟୀ ପ୍ରାଣୀ ଚିକିତ୍ସକ ରହୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହ ୩-୪ମାସ ପୂର୍ବରୁ ଫାଟୁଆ ରୋଗର ପ୍ରତିଷେଧକ ପାଇଁ ଟୀକାକରଣ କରାଯାଇଥିଲେ ହେଁ ରୋଗ ବ୍ୟାପୁଥିବାରୁ ଟୀକାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୋଲାବିରା ପ୍ରାଣୀଧନ ଚିକିତ୍ସକ ଡାକ୍ତର ସାଲିନୀ ସେଠାଙ୍କୁ ପଚାରିବାରୁ ଫାଟୁଆ ରୋଗର ନିରାକରଣ ପାଇଁ ଚେଷ୍ଟା ଚାଲିଥିଲେ ମଧ୍ୟ ଥମୁନାହିଁ ବୋଲି ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ହାତୀ ଉପଦ୍ରବ: ୩ ଘର ଭାଙ୍ଗିଲା

କୋଲାବିରା,୧।୯(ଡି.ଏନ.ଏ.)

ଦୁଇଟି ଦନ୍ତାହାତୀ ପୁଣି ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳରେ ଉପଦ୍ରବ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କୋଲାବିରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ୩ଜଣଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଛନ୍ତି। ଆସବାବପତ୍ର ନଷ୍ଟ କରିଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। କୋଲାବିରା ବନ ବିଭାଗର କର୍ମଚାରୀ ରାତିସାରା ହାତୀ ଘଉଡାଇବାରେ ନାକେଦମ ହୋଇପଡିଥିଲେ। ତେବେ ଭୋର ବେଳକୁ ଗ୍ରାମବାସୀଙ୍କ ସହିତ ମିଳିତ ଭାବରେ ଦନ୍ତା ହାତୀ ଦୁଇଟିକୁ କୋଲାବିରା ନିକଟସ୍ଥ ମହୁଲମୁଣ୍ଡା ଜଙ୍ଗଲକୁ ଘଉଡାଇବାକୁ ସକ୍ଷମ ହୋଇଥିଲେ। ସୂଚନା ମତେ ଶୁକ୍ରବାର ରାତିରେ ଦୁଇଟି ଦନ୍ତା ହାତୀ ମହୁଲମୁଣ୍ଡା ଜଙ୍ଗଲରୁ ବାହାରି ପ୍ରଥମେ କୋଲାବିରା ଖଡିଆପଡାକୁ ପଶି ଆସି ନକୁଳ ବାଗ୍‌ଙ୍କ ଘର କାନ୍ଥ ଭାଙ୍ଗି ଘର ଭିତରୁ ଧାନ ଖାଇବା ପରେ ସେଠୁ ଘଉଡାଖାଇ ନିକଟସ୍ଥ ଚନ୍ଦନିମାଳ ଗ୍ରାମକୁ



ହାତୀ ଭାଙ୍ଗି ଦେଇଥିବା ନକୁଳ ବାଗ୍ (ବାମ) ଓ ନୃସିଂହ ଖଡିଆଙ୍କ ଘର।

ହାତୀ ଦୁଇଟି ପଶି ଶିବ ଖଡିଆ ଏବଂ ନୃସିଂହ ଖଡିଆଙ୍କ ଘରକାନ୍ଥ ଭାଙ୍ଗି ଘରେ ଥିବା ଧାନ ଚାଉଳ ଖାଇଦେଇଥିଲେ। ଗ୍ରାମବାସୀ ଏବଂ ବନବିଭାଗ କର୍ମଚାରୀ କୋଲାବିରାଠାରୁ ହାତୀଙ୍କୁ ପିଛାକରି ଘଉଡାଇ ନେବା ସମୟରେ ଚନ୍ଦନିମାଳ ଗ୍ରାମରେ ଏମାନଙ୍କ ଘର ଭାଙ୍ଗିଦେଇଥିଲେ। ସାରାରାତି ବନବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ମିଳିତ ଭାବରେ ଘଉଡାଇବାକୁ ଚେଷ୍ଟା କରିଥିଲେ। ମାତ୍ର ରାତି ଅନ୍ଧାରର ସୁଯୋଗ ନେଇ ହାତୀ ଦ୍ୱୟ ଏମାନଙ୍କଠାରୁ ଲୁଚିଛପି ଏପଟସେପଟ ହେଉଥିଲେ। ପରିଶେଷରେ ଭୋରରୁ ଗ୍ରାମରୁ ବାହାରି ଦନ୍ତା ହାତୀ ଦୁଇଟି କୋଲାବିରା ନିକଟକୁ ଲାଗି ରହିଥିବା ମହୁଲମୁଣ୍ଡା ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଜନବସତି ଭିତରେ ହାତୀଙ୍କ ଅବାଧ ବିଚରଣ ଜନସାଧାରଙ୍କ ପାଇଁ ବିପଦର କାରଣ ହୋଇଛି। ଲୋକେ ସନ୍ଧ୍ୟା ନଇଲା ପରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। କାରଣ ହାତୀ କେତେବେଳେ ଆଉ କେଉଁଠାରେ ଆର୍ବିଭାବ ହେବ ତାହା ଜାଣିବା ମୁସ୍କିଲ ହୋଇପଡୁଛି। କେବଳ ଯେ ଘରକାନ୍ଥ ଭାଙ୍ଗିବ ତାହା ନୁହେଁ, ଶୋଇଥିବା ଅବସ୍ଥାରେ ଯଦି କାନ୍ଥ ପଡେ ତେବେ ଜନଜୀବନ ହାନୀ ହେବାର ଆଶଙ୍କା ରହୁଛି। ତେଣୁ ଯଥା ସମ୍ଭବ ହାତୀଙ୍କୁ ଦୂର ଜଙ୍ଗଲକୁ ସ୍ଥାୟୀ ଭାବରେ ଘଉଡାଇ ଦିଆଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ବନବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି।

କୋଲାବିରା ଅଞ୍ଚଳ

- ଧାନ ଚାଉଳ ଖାଇଲେ
- ଆସବାବପତ୍ର ନଷ୍ଟ କଲେ
- ଆତଙ୍କିତ ଅବସ୍ଥାରେ ଲୋକେ

ଗଙ୍ଗାଧର ମେହେରଙ୍କ ଜୟନ୍ତୀସଭା

ଲଖନପୁର,୧।୯(ଡି.ଏନ୍.ଏ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବଞ୍ଜାରୀ ସରକାରୀ ହାଇସ୍କୁଲରେ ଶନିବାର କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଜୟକୃଷ୍ଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୁରେଶଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଅବସରପ୍ରାପ୍ତ ଶିକ୍ଷକ ଦିବାକର ମାଝି ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ୍ ପ୍ରଧାନ ଶିକ୍ଷକ ବନବିହାରୀ ମିଶ୍ର ଅଧକ୍ଷତା କରିଥିବା ବେଳେ ଶିକ୍ଷକ ଗୌରୀଶଙ୍କର ବିଶି ପରିଚାଳନା କରିଥିଲେ। ଶିକ୍ଷକ ଜୀବର୍ଦ୍ଧନ ରାଉତ, ପୁରୁଷୋତମ ନାୟକ, ସରୋଜିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଉପେନ୍ଦ୍ର ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

ଅତିଥିମାନେ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରୁଛନ୍ତି।

ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋଲାବିରା,୧।୯(ଡି.ଏନ.ଏ)

କୋଲାବିରା ବ୍ଲକ ଅନ୍ତର୍ଗତ ଝିଲ୍ଲାପାଲି ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷାତିଚନ୍ଦ୍ର ନାଏକ ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କୋଲାବିରା ବ୍ଲକର ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ତରଫରୁ ପରିଚାଳିତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ଝିଲ୍ଲାପାଲି ସ୍ଥିତ ବିଦ୍ୟାଳୟଠାରେ ଶନିବାର ଅପରାହ୍ନରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକର ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର କୁମାର ସେଟ ଯୋଗଦେଇ ପ୍ରଧାନ ଶିକ୍ଷକ ନାଏକଙ୍କୁ ପୁଷ୍ପ ଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଲ୍ୟାଣ ବିଭାଗ ପ୍ରାଥମିକ ସଂଘର ସଭାପତି ପ୍ରେମସାଗର ଦାସ, ବରିଷ୍ଠ ଶିକ୍ଷକ ଦୁର୍ଜୟ ମରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ତରେଇକେଲା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝିଲ୍ଲାପାଲି ସେବାଶ୍ରମ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ।

ପୁଣି କଲେଜ ଛାତ୍ରୀ, ଛାତ୍ରଙ୍କୁ ଅସଦାଚରଣ ଭିଡିଓ ଭାଇରାଲ

ଝାରସୁଗୁଡା ଅଫିସ, ୧।୯

ଝାରସୁଗୁଡା ଜିଲାରେ ଘୁରିବୁଲୁଛି ଜଣେ କଲେଜ ଛାତ୍ରୀ ଓ ଛାତ୍ରଙ୍କ ଭାଇରାଲ ଭିଡିଓ। ଭିଡିଓରେ ଉଭୟଙ୍କୁ କେତେକ ମୁଖାଧାରୀ ଯୁବକ ଅସଦ୍‌ବ୍ୟବହାର କରୁଥିବା ଦେଖାଯାଇଛି। ଉଭୟ ଛାତ୍ରୀ ଓ ଛାତ୍ର ଏକ ନିଛାଟିଆ ସ୍ଥାନକୁ ଯାଇଥିବା ବେଳେ ସେଠାରେ ତାଙ୍କୁ କିଛି ଅସାମାଜିକ ଯୁବକ ଘେରିଯାଇଥିଲେ। ଏହା ପରେ ଜଣେ ଯୁବକ ଭିଡିଓ ସୁଟିଂ କରୁଥିଲେ। ଅନ୍ୟମାନେ ଉଭୟଙ୍କୁ ଗାଳିଗୁଲଜ କରୁଥିଲେ। ଏପରିକି ଉଭୟଙ୍କ ବ୍ୟାଗ୍, ମନିପର୍ସ, ମୋବାଇଲ ଯାଞ୍ଚ ମଧ୍ୟ କରିଥିଲେ। ଛାତ୍ରୀ ଜଣକ ଭିଡିଓ ସୁଟିଂ ନ କରିବାକୁ ନିବେଦନ କରୁଥିଲେ। ହେଲେ ଉକ୍ତ ଅସାମାଜିକ ଯୁବକଙ୍କ ମଧ୍ୟରୁ ଜଣେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରୁଥିଲେ। ଭିଡିଓର ପ୍ରଥମାର୍ଦ୍ଧରେ ହିନ୍ଦି ଭାଷାରେ କଥାବାର୍ତ୍ତା ହେଉଥିବାବେଳେ ପରେ ପରେ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା ଏବଂ ଗାଳିଗୁଲଜ କରୁଥିବା ଦେଖାଯାଇଥିଲା। ଛାତ୍ରୀ ଓ ଛାତ୍ର ଝାରସୁଗୁଡା ଜିଲାର ଦୁଇଟି ପ୍ରମୁଖ କଲେଜର ହୋଇଥିବା ଅନୁମାନ କରାଯାଉଛି। ତେଣୁ ପୋଲିସ ମାମଲାକୁ ଗୁରୁତ୍ୱର ସହ ବିଚାର କରି ଯାଞ୍ଚ କରିବାକୁ ଲୋକେ ଦାବି କରିଛନ୍ତି। ଏ ବାବଦରେ ଜିଲା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଗତ କିଛିମାସ ପୂର୍ବରୁ ବରଗଡ ଜିଲାରେ ସମାନ ଧରଣର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ ଏଥିରେ ଜଡିତ ୮ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଥିଲା।

ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଜିଲା ଫୁଟବଲ ଲିଗ୍

ତାଲମାଲ, ସରବାହାଲ ବିଜୟୀ

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡା ଓଏମ୍‌ପି ସ୍ଥିତ ପଡିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ଶନିବାର ପ୍ରଥମ ମ୍ୟାଚ୍ ତାଲମାଲ ଏବଂ ଏକାତାଲି ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚକୁ ତାଲମାଲ ଦଳ ୪-୨ ଗୋଲରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ ସରବେର୍ଣ୍ଣା ଓ ସରବାହାଲ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସରବାହାଲ ଦଳ ୩-୦ ଗୋଲରେ ସରବେର୍ଣ୍ଣାକୁ ପରାସ୍ତ କରିଥିଲା। ଅତିଥି ଭାବେ ତାପସ ରାୟ ଚୌଧୁରୀ, ଗଣେଷ ନାୟକ, ଭିକାରୀ ମୁଣ୍ଡା, ଶଙ୍କର ପଟେଲ, ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁଜିତ କୁଜୁର, ଦଶରଥ ମୁଣ୍ଡା, ଅଜିତ କୁଜୁର, ସଞ୍ଜୟ କୁଜୁର, ମାନସ ଆଚାର୍ଯ୍ୟ, ପି. ରାଜେଶ୍ୱର ରାଓ, ଅମିରା ପ୍ରଧାନ, ଶିତଳ ଗୁଡୁମ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

OFFICE OF THE ROURKELA MUNICIPAL CORPORATION, ROURKELA

INVITATION FOR BID

No. 7693, Dated : 24.08.2018
Bid Identification No. : MC/RMC/12/18-19

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.

Sd./- Municipal Commissioner,
Rourkela Municipal Corporation

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇନ୍ଟରନ୍ୟାସନାଲ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଆପଣ ଭାରତରେ ଯେକୌଣସି ସ୍ଥାନକୁ ଟଙ୍କା ପଠାଇବାକୁ ଚାହୁଁଛନ୍ତି କି ?
ଆମ ସହିତ ଯୋଗାଯୋଗ କରନ୍ତୁ ।
ଆମେ ଆପଣଙ୍କୁ ଦେଉଛୁ ଅତି କମ୍ ଚାର୍ଜରେ ଏବଂ ଅତି ଶୀଘ୍ର ସେବା ।
ଆମ ସହିତ ଯୋଗାଯୋଗ କରିବା ପାଇଁ ଆମ ଅଫିସକୁ ଆସନ୍ତୁ ।
ଓଡିଶାରେ ଆମର ୧୫ ଟି ଶାଖା ଅଛି ।
ଆମ ଶାଖାଗୁଡିକ ହେଉଛି ଭୁବନେଶ୍ୱର, ଜଟଣୀ, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ଭଦ୍ରକ, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, ଜାଜପୁର ରୋଡ଼, ଚାନ୍ଦବାଲି ଏବଂ ବାରିପଦା ।
ଆମ ସେବା ଗୁଡିକ ହେଉଛି ଟଙ୍କା ପଠାଇବା, ଟଙ୍କା ଆଣିବା, ଟଙ୍କା ଜମା କରିବା ଏବଂ ଟଙ୍କା ଉଠାଇ

କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ

ସଂକ୍ଷେପରେ

ପାଣି ଟାଙ୍କି ପାଇଁ ଜମିଦାନ

ବ୍ରଜରାଜନଗର, ୧।୯(ଡି.ଏନ.ଏ.)- ସ୍ଥାନୀୟ ବଡାରା ଛକଠାରେ ଦୀପକ ଭୋଇଙ୍କ ଜମିରେ ସରକାରୀ ଅର୍ଥରେ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ସାମାନ୍ୟ ବାଦ ବିବାଦରେ ପାଣି ଟାଙ୍କି କାମ ତିନିମାସ ହେବ ବନ୍ଦ ପଡିଥିଲା। ଫଳରେ ଶନିବାର ଠିକାଦାର ତାର ସାମଗ୍ରୀକୁ ନେଇଥିଲାବେଳେ ସ୍ଥାନୀୟ ଅଧିବାସୀ ତାଙ୍କୁ ନ ଦେଇ ପାଣି ଟାଙ୍କି କାମ ପୁରା କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ତହସିଲଦାର ଗୋଲକ ବିହାରୀ ମଙ୍ଗରାଜ,ଏସଡିପିଓ , ଆଇଆଇସି, ସରପଞ୍ଚ ଓ ସମିତି ସଭ୍ୟ ଗଣେଶରାମ ବାଗ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା । ଜମି ମାଲିକ ତାଙ୍କ ଜମିକୁ ଦାନ କରିଥିଲେ। ଫଳରେ ପାଣି ଟାଙ୍କି କାମ ପୁଣି ଆଗେଇବ।

ଲଇକେରା, କିର୍ମିରାକୁ ନେଇ ଆଇଟିଡିଏ ସ୍ଥାପନ

ମତ ବଦଳାଇଲେ କେନ୍ଦ୍ରମନ୍ତ୍ରୀ ଜୁଏଲ

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡା ଜିଲା ଲଇକେରା ଏବଂ କିର୍ମିରା ବ୍ଲକକୁ ନେଇ ଆଇଟିଡିଏ ସ୍ଥାପନ କରିବା ପ୍ରସଙ୍ଗରେ କେନ୍ଦ୍ର ଆଦିବାସୀ ବ୍ୟାପାର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ ଓରାମ ୟୁ-ଟର୍ଣ୍ଣ ମାରିଛନ୍ତି। ଏହି ମାମଲାକୁ ନେଇ ବରଗଡ ଏମ୍ପି ଡା. ପ୍ରଭାସ ସିଂ, ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଏବଂ ଆଦିବାସୀ ନେତାଙ୍କ ଜୋରଦାର ପ୍ରତିକ୍ରିୟା ପରେ କେନ୍ଦ୍ରମନ୍ତ୍ରୀ ଓରାମ ମତ ବଦଳାଇଛନ୍ତି। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଓରାମ ଝାରସୁଗୁଡା ଗସ୍ତରେ ଆସିଥିବା ବେଳେ ଆଇଟିଡିଏ ସ୍ଥାପନ ପ୍ରସଙ୍ଗରେ ନେଇ ବିଧିବଦ୍ଧ ପ୍ରସ୍ତାବ ମିଳିଥିବା ପରୋକ୍ଷରେ ସ୍ୱୀକାର କରିବା ସହ ଏବଂ ତାର ବୈଷୟିକ ଦିଗପ୍ରତି ତର୍ଜମା କରାଯାଉଛି। ଖୁବଶୀଘ୍ର ଏହି ଦୁଇଟି ବ୍ଲକକୁ ଟ୍ରାଇବାଲ ସବପ୍ଲାନରେ ସାମିଲ କରିବା ସହ ଝାରସୁଗୁଡା ଠାରେ ଆଇଟିଡିଏ ସ୍ଥାପନ କରାଯିବ ବୋଲି କହିଥିଲେ।

ଅଗଷ୍ଟ ୨୩ ତାରିଖରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଓରାମ ଝାରସୁଗୁଡା ଜିଲା ଗସ୍ତରେ ଆସିଥିବା ବେଳେ ଆଇଟିଡିଏ ସ୍ଥାପନ ମାମଲାକୁ ରାଜ୍ୟ ସରକାରଙ୍କ ଉପରକୁ ଗଡାଇ ଦେଇଥିଲେ। ଆଇଟିଡିଏ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତାବ ମିଳିନାହିଁ। କେବଳ ବିଭିନ୍ନ ଆଦିବାସୀ ସଙ୍ଗଠନ ତରଫରୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟକୁ ସ୍ମାରକପତ୍ର ପାଇଛି। ସ୍ମାରକପତ୍ର ପାଇବା ପରେ ସୁଚିନ୍ତିତ ମତାମତ ଏବଂ ପ୍ରସ୍ତାବ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି ବୋଲି କହିଥିଲେ। ଏନେଇ ୨୪ ତାରିଖରେ ଧରିତ୍ରୀରେ ତଥ୍ୟ ଭିତ୍ତିକୁ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ଜିଲା ଆଦିବାସୀ ସଂଘର ସଭାପତି ବୁନ୍ଦେ ଧୁରୁଆ ପ୍ରତିକ୍ରିୟା ପ୍ରକାଶ କରି କହିଲେ, ଆଇଟିଡିଏ ସ୍ଥାପନ କୌଣସି ରାଜନୈତିକ ଦଳର ଅନୁକମ୍ପା ନୁହେଁ। ନିୟମ ମୁତାବକ ଏହା ଆଦିବାସୀଙ୍କ ହକ୍, ଯଦି ନ ମିଳେ ତେବେ ଆସନ୍ତା ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି ସେ କହିଥିଲେ। ବରଗଡ ଏମ୍ପି ଡା. ସିଂ କହିଲେ ଲଇକେରା ଏବଂ କିର୍ମିରାକୁ ଟ୍ରାଇବାଲ ସବ-ପ୍ଲାନରେ ସାମିଲ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇ ସାରିଛନ୍ତି। ତୁରନ୍ତ ଅନୁମୋଦନ ପାଇଁ କେନ୍ଦ୍ର ପାଖରେ ଦାବି କରିବେ ବୋଲି କହିଥିଲେ। ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ସେହି ଅବସରରେ ଆଇଟିଡିଏ ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ କହିବି ବୋଲି ଝାରସୁଗୁଡା ବିଧାୟକ ନବ ଦାସ କହିଛନ୍ତି।

ଦେଶର ମୋଟ ୬୪୦ଟି ଜିଲା ମଧ୍ୟରୁ ୨୫୦ଟି ଜିଲାକୁ ପଛୁଆ ଜିଲା ଭାବେ ଚିହ୍ନଟ କରାଯାଇଥିଲା। ସେଥିରେ ଝାରସୁଗୁଡା ଜିଲାର କିର୍ମିରା ଏବଂ ଲଇକେରା ବ୍ଲକ ସ୍ଥାନିତ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ୍ ନିର୍ଦ୍ଦେଶାଳୟ(ଏସ୍ସିଏସ୍ଟିଆରଟିଆଇ) ତରଫରୁ ଜିଲାର ଲଇକେରା, କିର୍ମିରା ବ୍ଲକରେ ବେସ୍ ଲାଇନ୍ ସର୍ଭେ କରାଯାଇଥିଲା। ଏହି ସର୍ଭେ ମୁତାବକ ୪୨୮୯୭ ଜନସଂଖ୍ୟା ବିଶିଷ୍ଟ କିର୍ମିରା ବ୍ଲକରେ ଅନୁସୂଚିତ ଜନଜାତି ଲୋକସଂଖ୍ୟା ୫୨.୬୯% ଏବଂ ୪୯୯୯୨ ଲୋକସଂଖ୍ୟା ବିଶିଷ୍ଟ ଲଇକେରା ବ୍ଲକରେ ୫୧.୬୮% ଜନଜାତି ଥିବା ଜଣାପଡିଥିଲା। ନିୟମ ଅନୁସାରେ ଆଇଟିଡିଏ ସ୍ଥାପନ ନେଇ ରାଜ୍ୟ ସରକାର ତରଫରୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟକୁ ବିଧିବଦ୍ଧ ପ୍ରସ୍ତାବ ଦିଆଯିବା ପରେ ଏହା ଜାତୀୟ ଅନୁସୂଚିତ ଜନତାଜି ଆୟୋଗକୁ ତର୍ଜମା ପାଇଁ ପଠାଯାଇଥାଏ। ଆୟୋଗର ଅନୁମୋଦନ ପରେ ଏହାକୁ କେନ୍ଦ୍ର କ୍ୟାବିନେଟ୍ର ଅନୁମୋଦନ ପାଇଁ ପଠାଯାଏ। ପୂର୍ଣ୍ଣାଙ୍ଗ ଅନୁମୋଦନ ପରେ କେନ୍ଦ୍ର ସରକାରଙ୍କ ତରଫରୁ ଗେଜେଟ୍ ନୋଟିଫିକେସନ୍ ପ୍ରକାଶ ପାଇଥାଏ। ତେବେ ଦୀର୍ଘଦିନ ଧରି ଅପେକ୍ଷାରେ ଥିବା ଆଇଟିଡିଏ ସ୍ଥାପନ ପ୍ରସଙ୍ଗ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅନୁମୋଦନ ପାଇବ କି ଆହୁରି ବିଳମ୍ବିତ ହେବ ତାହା ସମୟ କହିବ।

ୟୁ-ଟର୍ଣ୍ଣ ମାରିଛନ୍ତି

- ବିଧିବଦ୍ଧ ପ୍ରସ୍ତାବ ମିଳିଥିବା ପରୋକ୍ଷରେ ସ୍ୱୀକାର
- ବୈଷୟିକ ଦିଗପ୍ରତି ତର୍ଜମା କରାଯାଉଛି
- ଖୁବଶୀଘ୍ର ଦୁଇ ବ୍ଲକ ଟ୍ରାଇବାଲ ସବପ୍ଲାନରେ ସାମିଲ
- ଝାରସୁଗୁଡାରେ ଆଇଟିଡିଏ ସ୍ଥାପନ
- ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅନୁମୋଦନ ପାଇବ କି ଆହୁରି ବିଳମ୍ବିତ ହେବ ତାହା ସମୟ କହିବ।

ଝାରସୁଗୁଡ଼ା ଡାକଘରେ ଆଇପିପିବି ସେବା ଆରମ୍ଭ

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡା ମୁଖ୍ୟ ଡାକଘରେ ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ(ଆଇପିପିବି) ସେବା ଆରମ୍ଭ ହୋଇଛି। ସର୍ବଭାରତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସେବାକୁ ଲୋକାର୍ପଣ କରିଥିଲେ। ଶନିବାର ଝାରସୁଗୁଡା ବିଧାୟକ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଡାକ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ସେବା ବ୍ୟାଙ୍କ ଭଳି ଏହାର ଗ୍ରାହକଙ୍କୁ ସେବା ପ୍ରଦାନ କରିବ। କ୍ରେଡିଟ୍ କାର୍ଡ ପ୍ରଦାନ ଏବଂ ଋଣ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସେବା ଯେପରିକି ଟଙ୍କା ଜମା, ଉଠାଣ, ଅନଲାଇନ ସେବା, ନେଟ୍ ବ୍ୟାଙ୍କିଙ୍ଗ୍ ସେବା, ଡୋର ଟୁ ଡୋର ବ୍ୟାଙ୍କିଙ୍ଗ୍ ସର୍ଭିସ ପ୍ରଦାନ କରାଯିବ ବୋଲି ଡାକ ବିଭାଗ ଅଧିକାରୀ କହିଛନ୍ତି। ଏହି ଉଦ୍ୟମ ଡାକ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହି କାର୍ଯ୍ୟକ୍ରମରେ ଡାକ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଡାକ ବିଭାଗ ଅଧିକାରୀ ମଧୁ ମିର୍ଦ୍ଧା, କୋଶଲ ମାହାଲି, ସାର୍ଥକ ମିଶ୍ର, ଜନେଶ୍ୱର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆଇନଜୀବୀଙ୍କୁ ମାଡ଼ ଘଟଣା

ପ୍ରତିବାଦରେ ଝାରସୁଗୁଡ଼ାରେ କୋର୍ଟ ବର୍ଜନ

ଝାରସୁଗୁଡା ଅଫିସ,୧।୯

କଟକରେ ଜଣେ ଆଇନଜୀବୀଙ୍କୁ ପୋଲିସ ନିର୍ମମ ମାଡ ମାରିବା ଘଟଣାରେ ଝାରସୁଗୁଡା ଆଇନଜୀବୀ ସଂଘ ପ୍ରତିବାଦ କରିଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଶନିବାର ଆଇନଜୀବୀମାନେ କୋର୍ଟ କାର୍ଯ୍ୟ ବର୍ଜନ କରିଛନ୍ତି। ଫଳରେ ଶନିବାର କୋର୍ଟ କାମ ବାଧାପ୍ରାପ୍ତ ହୋଇଥିଲା। ପୂର୍ବାହ୍ନରେ ଆଇନଜୀବୀମାନେ କୋର୍ଟ ସମ୍ମୁଖରେ ପ୍ରତିବାଦ କରିଥିଲେ। ପୋଲିସ ଦ୍ୱାରା କଟକର ସମ୍ପୃକ୍ତ ଆଇନଜୀବୀଙ୍କ ପ୍ରତି ଅତ୍ୟାଚାର ହୋଇଛି। ତେଣୁ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ଏହି ପ୍ରତିବାଦରେ ବାର ସଭାପତି ରଘୁମଣି ପଟେଲ, ସମ୍ପାଦକ ପଦ୍ମନାଭ ମାଳି, ବସନ୍ତ ସାହୁ, ନରେଶ ନାୟକ, ବିଜୟ ଷଡଙ୍ଗୀ, ସୁଶିଲ ପଟେଲ, ବିରାଜ ବରେଇ, ସଞ୍ଜୟ ପ୍ରଧାନ, କବିତା ରାୟ ସମେତ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ।

ବିଦ୍ୟାଳୟ ଶ୍ରେଣୀଗୃହ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

କୁର୍ମିପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ : ଶ୍ରେଣୀଗୃହ ଉଦ୍‌ଘାଟିତ

ବେଲପାହାଡ଼,୧।୯ (ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ କୁର୍ମିପଡ଼ା ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟରେ ଏକ ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ୩ ନମ୍ବର ୱାର୍ଡ଼ କାଉନସିଲର ବାସୁଦେବ କୁର୍ମି ଓ ପୂର୍ବତନ କାଉନସିଲର ରବୀନ୍ଦ୍ର ଗୌଡ଼ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ପୂଜା ସ୍ଥାନରେ ନଡ଼ିଆ ଫଟେଇ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ନବନିର୍ମିତ ଶ୍ରେଣୀଗୃହ ପୌରପରିଷଦ ପକ୍ଷରୁ ନିର୍ମାଣ କରାଯାଇଛି। ଏଥିପାଇଁ ପଞ୍ଚୁଆ ଅଞ୍ଚଳ ଅନୁମୋଦିତ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ହେମକାନ୍ତି ଦେହୁରୀ ଓ ସହକାରୀ ଶିକ୍ଷକ ବିଜୟ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

ରାସ୍ତା ଉପରେ ଗୋରୁ: ପୋଲିସ ପକ୍ଷରୁ ଚେତାବନୀ

କୋଲାବିରା,୧।୯(ଡି.ଏନ.ଏ.)

ରାସ୍ତାକୁ ଆଶ୍ରୟସ୍ଥଳ କରିଥିବା ଗୋରୁକୁ ନିଜ ଅଭିଆରରେ ରଖିବାକୁ ପୋଲିସ ପକ୍ଷରୁ ସାବଧାନ କରାଯାଇଛି। ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଲୋକେ ନିଜ ବଦଳଗାଈଙ୍କୁ ଘରେ ନ ବାନ୍ଧି ଛାଡି ଦେଉଥିବାରୁ ଶୁଖିଲା ସ୍ଥାନ ଭାବରେ ମୁଖ୍ୟ ରାସ୍ତାକୁ ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପଥଚାରୀ, ଯାନବାହାନ ଚାଳକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସଂକ୍ରାନ୍ତରେ ଅନେକ ବାର ଅଭିଯୋଗ ହେଉଥିଲେ ମଧ୍ୟ ଗ୍ରାମ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଶୁକ୍ରବାର ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ କୋଲାବିରା ଥାନା ଅନ୍ତର୍ଗତ ବିଭିନ୍ନ ଛକ, ଜନବସତି ତଥା ଅନ୍ୟାନ୍ୟ ସ୍ଥାନରେ ଗୋରୁ ରାସ୍ତା ଉପରେ ନ ଛାଡି ଗୁହାଳରେ ବାନ୍ଧି ରଖନ୍ତୁ ଏବଂ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସହଯୋଗ କରନ୍ତୁ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ଗ୍ରେଡ ପେ ବୃଦ୍ଧି ପାଇଁ ଶିକ୍ଷକ ସଂଘର ଦାବି

ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡା ଜିଲା ମିଳିତ ମଞ୍ଚ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏକାଧିକ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଶନିବାର ପ୍ରଦାନ କରାଯାଇଛି। ଗ୍ରେଡ୍ ପେ ୨୮୦୦କୁ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଦାବି ଏଥିରେ ଉଲ୍ଲେଖ କରାଯାଇଛି। ଏହା ସହ ଆଗାମୀ ସେପ୍ଟେମ୍ବର ୬ ତାରିଖରେ ଭୁବନେଶ୍ୱର ଠାରେ ହେବାକୁ ଥିବା ଶିକ୍ଷକଙ୍କ ବିଶାଳ ଶୋଭାଯାତ୍ରାରେ ଜିଲାର ଶିକ୍ଷକ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଦାବିପତ୍ର ପ୍ରଦାନ ଅବସରରେ ଜିଲା ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ରାଜକିଶୋର ଜେନା, ସୁରେଶ ପଧାନ, ଚାନ୍ଦୁରାମ ଭୋଇ, ହେମସାଗର ଚୌଧୁରୀ, ଅଶୋକ ମହାପାତ୍ର, ଲଲିନ୍ଦ୍ର ଗୋଖରା, ଦୟାସାଗର ବାଦି, ଚୂଳଦେବ ସା, ପ୍ରଣତି ପଣ୍ଡା ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ।

ଶିକ୍ଷକ ସଂଘ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଚର୍ଚ୍ଚରୁ ଦାନହୁଣ୍ଡି ଚୋରି

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡାରେ ଗତ କିଛିଦିନ ହେବ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି। ରାତି ଦିନ କିଛି ମାନୁନାହାନ୍ତି। ଲୋକଙ୍କ ନିଦ ହଜାଇ ଦେଲେଣି। ଶୁକ୍ରବାର ବିଳମ୍ବିତ ରାତିରେ କବରିସ୍ଥାନପଡାର ଏକ ଚର୍ଚ୍ଚରୁ ଚୋରି କରି ନେଇଛନ୍ତି। ଚର୍ଚ୍ଚରେ ଥିବା ଦାନବାକ୍ସ, ଗୋଟିଏ ଆଲମିରା, ମାଇକ୍ରୋଫୋନ ସମେତ ଆହୁରି କେତେକ ଛୋଟ ବଡ ସାମଗ୍ରୀ ଚୋରି କରି ନେଇଛନ୍ତି। ଚର୍ଚ୍ଚ କର୍ତ୍ତୃପକ୍ଷଙ୍କ ଏତଲା ପରେ ଏ ବାବଦରେ ଝାରସୁଗୁଡା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ବେଲପାହାଡ଼ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ

ଗୋଷ୍ଠୀ ଶୌଚାଳୟ, ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ବେଲପାହାଡ଼, ୧।୯ (ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ପକ୍ଷରୁ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ବ୍ୟାପକ ଉତ୍ସାହ ସହିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସକାଳେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ଉପାଧ୍ୟକ୍ଷା ଅନୁପମା ଭଇଁଷା, ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ଓ ସମସ୍ତ କାଉନସିଲର ବିଭିନ୍ନ ପ୍ରତିମୂର୍ତ୍ତି ସ୍ଥଳୀକୁ ଯାଇ ମହାପୁରୁଷ ତଥା ପୂଜ୍ୟପୂଜାମାନଙ୍କୁ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନରେ ପୌର କାର୍ଯ୍ୟାଳୟରେ ପୌରାଧ୍ୟକ୍ଷ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ସାଧାରଣ ସଭା ଆରମ୍ଭ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷ ଉଦ୍‌ବୋଧନ ଦେଇ ଅଞ୍ଚଳବାସୀ ଓ ପରିଷଦ ସଭ୍ୟସଭ୍ୟାମାନଙ୍କ ସହଯୋଗ ଯୋଗୁ ଅନେକ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ସମ୍ଭବ ହୋଇପାରିଛି ଏବଂ ଆଗାମୀ ଦିନରେ କାର୍ଯ୍ୟ ଆରମ୍ଭ ହୋଇଥିବା ଅନେକ ଯୋଜନା ଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାଉନସିଲର କୈଳାସ ଚନ୍ଦ୍ର ନାୟକ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ସଭାରେ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ସାମାଜିକ ନିରାପତ୍ତା ପାଇଁ ଆରମ୍ଭ ହୋଇଥିବା କାର୍ଯ୍ୟକାରୀ ହେଲା ପରେ ସହରର ବସ୍ତିବାସିନ୍ଦା ତଥା ଗରିବ ଶ୍ରେଣୀ ଲୋକ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ପୃଥୀରାଜ ସିଂହଦେଓ, ଉପାଧ୍ୟକ୍ଷା ଅନୁପମା ଭଇଁଷା, ନାଗରିକ ମଞ୍ଚର ସଭାପତି ଶ୍ୟାମସୁନ୍ଦର ସତପଥୀ, ବିଜେଡ଼ି ଟାଉନ ସଭାପତି ରାଜେଶ ଶମ୍ଭୁ ମହାନ୍ତି ଉଦ୍‌ବୋଧନ ଦେଇ ପୌରାଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପୌର କର୍ମଚାରୀ ଗୁରୁଦେବ ପ୍ରଧାନ ସଭା ସଞ୍ଚାଳନ ଓ କାଉନସିଲର ନିଳବେଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବେଲପାହାଡ଼ ଗୁଞ୍ଜନ ମ୍ୟୁଜିକାଲ ଗ୍ରୁପର କଳାକାର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପ୍ରୀତି ପ୍ରୀୟଦର୍ଶିନୀ ସାହୁ ଜଗନ୍ନାଥ ଭଜନ ଉପରେ ଏକ ନୃତ୍ୟ ପରିବେଷଣ, କଳାକାର ଲକ୍ଷ୍ମଣ ସୁନା ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ସଭା ଶେଷ ହେଲା ପରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ପୌର କାର୍ଯ୍ୟାଳୟରେ ନବନିର୍ମିତ ସମ୍ମିଳନୀ କକ୍ଷ, ଅଭିଯୋଗ ପ୍ରକୋଷ୍ଠ, ୧୮ ନମ୍ବର ୱାର୍ଡ଼ ସ୍ଥିତ ବୁଧବାର ସାପ୍ତାହିକ ବଜାରରେ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଏଥିସହିତ ୩ ନମ୍ବର ୱାର୍ଡ଼ରେ ନିର୍ମାଣ ହେବାକୁ ଥିବା ସ୍ୱର୍ଗଦ୍ୱାର ପାଇଁ ଏବଂ ୧୧ ନମ୍ବର ୱାର୍ଡ଼ରେ ନିର୍ମାଣ ହେବାକୁ ଥିବା ନୂତନ ବଜାର ପାଇଁ ନଡ଼ିଆ ଫଟେଇ ଶୁଭ ଦେଇଥିଲେ।

ଗୁଞ୍ଜନ ଗ୍ରୁପର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

ଜୀବନଜ୍ୟୋତି ଭବନରେ ବୀମା ସପ୍ତାହ ଶୁଭାରମ୍ଭ

ଝାରସୁଗୁଡା ଅଫିସ,୧।୯

ଝାରସୁଗୁଡା ବେହେରାମାଲ ସ୍ଥିତ ଏଲ୍ଆଇସି ଅଫିସ ଜୀବନ ଜ୍ୟୋତି ଭବନରେ ଶନିବାର ୬୨ ତମ ବୀମା ସପ୍ତାହ ପାଳନ ଆରମ୍ଭ ହୋଇଛି। ଏକସପ୍ତାହ ଧରି ଚାଲିବାକୁ ଥିବା ବୀମ